# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୫/୨୦୨୫ (୧୬ ପୃଷ୍ଠା) | Bhubaneswar, Friday, September 5/2025 | Page 16 | ₹ 7.00

୫୧ଶ ଭାଗ ୨୮୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 281 | ମୂଲ୍ୟ ₹୭/-



DSPL - 249





**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ରାଜ୍ୟସ୍ତରୀୟ ଗୁରୁ ଦିବସ ଉତ୍ସବ
## ଏବଂ
# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ

ଶିକ୍ଷା ହିଁ ପ୍ରଗତି । ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶର ଦାୟିତ୍ୱ ଶିକ୍ଷକମାନଙ୍କର । ସେଥିପାଇଁ ସେମାନଙ୍କୁ ଗୁରୁ ଭାବରେ ସମ୍ମାନିତ କରାଯାଏ । ଏହି ଦାୟିତ୍ୱକୁ ଠିକ୍ ଭାବରେ ସମ୍ପାଦନ କରି ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଶିକ୍ଷକମାନେ ଉଦ୍ୟମ ଅବ୍ୟାହତ ରଖିବେ ବୋଲି ମୋର ଆଶା ଓ ବିଶ୍ୱାସ ।

(ମୋହନ ଚରଣ ମାଝୀ)

**ମୁଖ୍ୟ ଅତିଥି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ସମ୍ମାନିତ ଅତିଥି**

**ଶ୍ରୀ ନିତ୍ୟାନନ୍ଦ ଗଣ୍ଡ**
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

**ଶ୍ରୀ ସୂର୍ଯ୍ୟବଂଶୀ ସୁରଜ**
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି

**୦୫ ସେପ୍ଟେମ୍ବର ୨୦୨୫**
**କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ**

OIPR-27068/13/0056/2526

**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର**

ଦିଲ୍ଲୀରେ ଆଜି




ଯମୁନା ନଦୀର ଉଚ୍ଛୁଳା ପାଣିରେ ଉତ୍ତର ଦିଲ୍ଲୀସ୍ଥିତ କଶ୍ମୀରୀ ଗେଟ୍ ପୋଲିସ ଷ୍ଟେଶନ ଜଳମଗ୍ନ ହୋଇରହିଛି। (ଫଟୋ-ଚମନ ଗୌତମ)

# ଦିଲ୍ଲୀକୁ ଡର ଯମୁନା ଜଳସ୍ତର

- ଶ୍ରୀନଗରରେ ୨୦୦ ପରିବାର ସୁରକ୍ଷିତ ସ୍ଥାନାକୁ ସ୍ଥାନାନ୍ତର
- ପଞ୍ଜାବରେ ବନ୍ୟାସ୍ଥିତି ଅନୁଧ୍ୟାନକଲେ କେନ୍ଦ୍ର କୃଷିମନ୍ତ୍ରୀ

ନୂଆଦିଲ୍ଲୀ/ଶ୍ରୀନଗର/ଚଣ୍ଡିଗଡ଼, ୪।୯ (ପି.ଟି.)

ଦିଲ୍ଲୀରେ ଯମୁନା ନଦୀର ଜଳସ୍ତର ଲଗାତର ବଢ଼ିବାରେ ଲାଗିଛି। ଗୁରୁବାର ସକାଳ ୭ଟାରେ ପୁରୁଣା ରେଲୱେ ବ୍ରିଜ୍‌ଠାରେ ଯମୁନା ନଦୀର ଜଳସ୍ତର ୨୦୭.୪୬ ମିଟର ରେକର୍ଡ ହୋଇଛି। ଏହାର ପ୍ରଭାବରେ ଗୁରୁବାର ଦିଲ୍ଲୀର ତଳିଆ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିଛି। ରାଷ୍ଟ୍ରୀୟ ରାଜଧାନୀର ଯମୁନା ବଜାର, ଯମୁନା ଖାଦର, ଗୀତା କଲୋନୀ, କଶ୍ମୀରୀ ଗେଟ୍, ମୟୂର ବିହାର ଭଳି ଅଞ୍ଚଳରେ ବନ୍ୟାସ୍ଥିତି ସୃଷ୍ଟି ହୋଇଛି। ସେହିପରି ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ମନ୍ତ୍ରୀମାନଙ୍କ କାର୍ଯ୍ୟାଳୟ ଥିବା ଦିଲ୍ଲୀ ସଚିବାଳୟ ନିକଟସ୍ଥ ଅଞ୍ଚଳ ମଧ୍ୟ ଜଳମଗ୍ନ ହୋଇଯାଇଛି। ଗୁରୁବାର ସୁଦ୍ଧା ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଏବଂ ଜିଲା ପ୍ରଶାସନ ଦ୍ୱାରା ୧୪ ହଜାରରୁ ଅଧିକ ଲୋକଙ୍କୁ ବନ୍ୟା ପ୍ରଭାବିତ ଅଞ୍ଚଳରୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବନ୍ୟା ପ୍ରଭାବିତ ଲୋକଙ୍କ ପାଇଁ ଆଇଟିଓ, ଗୀତା କଲୋନି, ମୟୂର ବିହାର ଫେଜ୍-୧ ଆଦି ସ୍ଥାନରେ ରିଲିଫ୍ ଶିବିର ସ୍ଥାପନ କରାଯାଇଛି।

ଅନ୍ୟପକ୍ଷେ ଜମ୍ମୁ-କଶ୍ମୀରରେ ଝେଲମ ନଦୀର ଉଚ୍ଛୁଳା ପାଣିରେ ବଡ଼ଗାମ୍ ଜିଲାର ଅନେକ ସ୍ଥାନ ଜଳମଗ୍ନ ହୋଇଯାଇଛି। ସ୍ଥିତିକୁ ଦୃଷ୍ଟିରେ ରଖି ଶ୍ରୀନଗରର ତଳି ଅଞ୍ଚଳରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଗୁରୁବାର ଶ୍ରୀନଗର ଜିଲାର ବନ୍ୟା ପ୍ରଭାବିତ ଅଞ୍ଚଳରୁ ପ୍ରାୟ ୨୦୦ ପରିବାରକୁ ପୋଲିସ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଲଗାଣ ବର୍ଷା ଯୋଗୁ ଭୂସ୍ଖଳନ ଘଟି ଜମ୍ମୁ-କଶ୍ମୀରର କିସ୍ତୱାର ଜିଲାରେ ଥିବା ରାଟଲେ ବିଦ୍ୟୁତ୍ ପ୍ରକଳ୍ପର ଏକ ଅସ୍ଥାୟୀ ଶେଡ୍ ଭୁଶୁଡ଼ିପଡ଼ିଛି। ଏହାତଳୁ ୫ ଲୋକଙ୍କୁ ଉଦ୍ଧାର କରାଯାଇ ଡୋଡାସ୍ଥିତ ଜିଏମ୍‌ସି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁବାର କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ୍‌ସିଂ ଚୌହାନ ପଞ୍ଜାବର ଅମୃତସର ଓ ଗୁରୁଦାସପୁର ଜିଲାର ବନ୍ୟା ପ୍ରଭାବିତ ଅଞ୍ଚଳକୁ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ଇଟାଲୀୟ ଫେଶନ ମୋଗଲ ଜିଓର୍ଜିଓ ଅର୍ମାନୀଙ୍କ ପରଲୋକ

ରୋମ୍,୪।୯

ଫେଶନକୁ ୧୦ ବିଲିୟନ ଡଲାର ସାମ୍ରାଜ୍ୟରେ ପରିଣତ କରିଥିବା ଇଟାଲୀର ଖ୍ୟାତନାମା ଫେଶନ ଡିଜାଇନର ଜିଓର୍ଜିଓ ଅର୍ମାନୀଙ୍କର ୯୧ ବର୍ଷ ବୟସରେ ପରଲୋକ ହୋଇଯାଇଛି।



ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ ବୋଲି ତାଙ୍କ କମ୍ପାନୀ ପକ୍ଷରୁ କୁହାଯାଇଛି। ୬ ଓ ୭ରେ ମିଲନଠାରେ ତାଙ୍କ ଫନେରାଲ ଚାମ୍ବର ସ୍ଥାପନ ହେବା ପରେ ଶେଷକୃତ୍ୟ ଅନୁଷ୍ଠିତ ହେବ। ବିଶ୍ୱ ଫେଶନ ଶିଳ୍ପରେ ଅର୍ମାନୀ ସବୁଠୁ ପରିଚିତ ନାମ। ସେ ଫେଶନ ଦୁନିଆରେ ବିପ୍ଳବ ଆଣିଥିଲେ। ତେବେ ସ୍ୱାସ୍ଥ୍ୟଗତ କାରଣରୁ ସେ ଜୁନ୍‌ରେ ଅନୁଷ୍ଠିତ ମିଲନର ମେନ୍ସ ଫେଶନ ୱିକ୍‌ରେ ପ୍ରଥମ ଥର ପାଇଁ ଯୋଗଦେଇ ପାରି ନ ଥିଲେ।

# ଥାନା ସିସିଟିଭି ଅକାମୀ

## ପିଆଇଏଲ୍ କଲେ ସୁପ୍ରିମକୋର୍ଟ

ଦେଶର ଥାନାଗୁଡ଼ିକରେ ମାନବ ଅଧିକାର ଉଲ୍ଲଂଘନ ହେଉଥିବା ନେଇ ବାରମ୍ବାର ଅଭିଯୋଗ ଆସୁଥିବାରୁ ଏଥିରେ ରୋକ ଲଗାଇବା ପାଇଁ ୨୦୧୮ରେ ସୁପ୍ରିମକୋର୍ଟ ସିସିଟିଭି ସଂଲଗ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଶୀର୍ଷ ଅଦାଲତଙ୍କ ଏହି ନିର୍ଦ୍ଦେଶନାମାର ଉପଯୁକ୍ତ ଅନୁପାଳନ ହେଉ ନ ଥିବାରୁ ହାଜତରେ ପୋଲିସର ଅତ୍ୟାଚାର ଓ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନଜନିତ ମୃତ୍ୟୁସଂଖ୍ୟା ବଢ଼ିଚାଲିଛି। ରାଜସ୍ଥାନ ପୋଲିସ ଏଭଳି ଏକ ହାଜତ ମୃତ୍ୟୁ ମାମଲାରେ ସିସିଟିଭି ଫୁଟେଜ୍ ଦେବାକୁ ମନା କରିଥିବା ନେଇ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ସୁପ୍ରିମକୋର୍ଟ ଗୁରୁବାର ଏହାକୁ ସଂଜ୍ଞାନକୁ ନେଇ ନିଜ ଆଡ଼ୁ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ରୁଜୁ କରିଛନ୍ତି। ଉକ୍ତ ପିଆଇଏଲ୍‌ର ଶୀର୍ଷକ 'ଲେକ୍ ଅଫ୍ ଫଙ୍କଶନାଲ୍ ସିସିଟିଭି ଇନ୍ ପୋଲିସ ଷ୍ଟେଶନ୍ସ' ରଖାଯାଇଛି।



ନୂଆଦିଲ୍ଲୀ,୪।୯

ହିନ୍ଦୀ ଖବରକାଗଜ 'ଦୈନିକ ଭାରତ'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଗତ ୮ ମାସ ମଧ୍ୟରେ ପୋଲିସ ହାଜତରେ ୧୧ ଜଣଙ୍କ ମୃତ୍ୟୁ ଘଟିଛି। କିନ୍ତୁ ଥାନାରେ ଲାଗିଥିବା ସିସିଟିଭି କ୍ୟାମେରାଗୁଡ଼ିକ ତ୍ରୁଟିପୂର୍ଣ୍ଣ ଥିବା ଦର୍ଶାଇ ଏବଂ ବେଳେବେଳେ ଗୋପନୀୟତାକୁ ଆଳକରି ପୋଲିସ ଫୁଟେଜ୍ ଦେଉନାହିଁ। ସୁପ୍ରିମକୋର୍ଟ ଉକ୍ତ ରିପୋର୍ଟ ଆଧାରରେ ନିଜ ଆଡ଼ୁ ଏକ ପିଆଇଏଲ୍‌ର ଶୁଣାଣି କରିବାକୁ ଯାଉଛନ୍ତି।

୨୦୨୦ ଡିସେମ୍ବର ୨ରେ ସୁପ୍ରିମକୋର୍ଟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ସମସ୍ତ ଥାନାରେ ସିସିଟିଭି କ୍ୟାମେରା ସଂଲଗ୍ନକୁ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କେବଳ ଲଗାଇଦେଲେ ହେବନାହିଁ, ସିସିଟିଭି କ୍ୟାମେରାଗୁଡ଼ିକ କାର୍ଯ୍ୟକ୍ଷମ ରହିବା ଜରୁରୀ। କ୍ୟାମେରାରେ କଏଦ୍ ହେଉଥିବା ତଦନ୍ତ ବେଳ ଦୃଶ୍ୟର ରେକର୍ଡିଂକୁ ଅନ୍ୟୂନ ୧ ବର୍ଷ ପର୍ଯ୍ୟନ୍ତ ଷ୍ଟୋର କରି ରଖିବାକୁ ପଡ଼ିବ। ଥାନାର ପ୍ରତ୍ୟେକ ପ୍ରବେଶ ଓ ପ୍ରସ୍ଥାନ ପଥ, ମୁଖ୍ୟ ଫାଟକ, ଲକ୍‌ଅପ୍, କରିଡର, ଲବି ଓ ରିସେପ୍ସନରେ ମଧ୍ୟ ସିସିଟିଭି କ୍ୟାମେରା ଲଗାଯିବ। ଥାନାର କୌଣସି ସ୍ଥାନ କ୍ୟାମେରା ନଜର ବାହାରେ ରହିବ ନାହିଁ ବୋଲି ସେତେବେଳେ ସୁପ୍ରିମକୋର୍ଟ କହିଥିଲେ। ୩ ଜଣିଆ ଖଣ୍ଡପୀଠଙ୍କ ଏହି ନିର୍ଦ୍ଦେଶନାମା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ), ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଓ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଭଳି ଏଜେନ୍ସିଗୁଡ଼ିକ ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ ବୋଲି ନିର୍ଦ୍ଦେଶ ରହିଥିଲା। ଆଲୋଚ୍ୟ ରାୟ ପରମବୀର ସିଂ ସାଇନିଙ୍କ ଆବେଦନର ଶୁଣାଣି ପରେ ଆସିଥିଲା। ପରମବୀର ସାକ୍ଷୀମାନଙ୍କ ବୟାନର ଦୃଶ୍ୟଶ୍ରାବ୍ୟ ରେକର୍ଡିଂ ଏବଂ ଥାନାଗୁଡ଼ିକରେ ସିସିଟିଭି ସଂଲଗ୍ନ ପ୍ରସଙ୍ଗ ଉଠାଇଥିଲେ। ଏହା ପୂର୍ବରୁ ୨୦୧୫ରେ ମଧ୍ୟ ଡି.କେ. ବସୁ ବନାମ ପଶ୍ଚିମବଙ୍ଗ ସରକାର ମାମଲାରେ ସୁପ୍ରିମକୋର୍ଟ ଥାନାଗୁଡ଼ିକରେ ମାନବାଧିକାର ହନନ ରୋକିବା ପାଇଁ ସିସିଟିଭି ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷେ ସୁପ୍ରିମକୋର୍ଟ ଯେତେବେଳେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଏହା ଉପରେ ଷ୍ଟାଟସ୍ ରିପୋର୍ଟ ମାଗିଲେ, ସେତେବେଳେ ମାତ୍ର ୧୪ ରାଜ୍ୟ ଓ ୨ କେନ୍ଦ୍ରଶାସିତ ଅଞ୍ଚଳ ରିପୋର୍ଟ ଦାଖଲ କରିଥିଲେ। ଅଧିକାଂଶ ଥାନାରେ ସିସିଟିଭି ସଂଯୋଗ ଓ ସେଗୁଡ଼ିକର କାର୍ଯ୍ୟକାରିତା ନେଇ ପ୍ରଦାନ କରାଯାଇଥିବା ବିବରଣୀ ଠିକ୍ ନ ଥିବା ଜଣାପଡ଼ିଥିଲା।

# ୟୁକ୍ରେନ୍ ଯୁଦ୍ଧ ରୋକିବା ପାଇଁ ଭାରତ ଉପରେ ଟାରିଫ୍ ଯଥାର୍ଥ

## ସଂଘୀୟ କୋର୍ଟ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କଲେ ଟ୍ରମ୍ପ୍

ୱାଶିଂଟନ୍,୪।୯

ବିଦେଶୀ ସାମଗ୍ରୀ ଉପରେ ଅତ୍ୟଧିକ ଟାରିଫ୍ ଲଗାଇବା କ୍ଷମତା ଆମେରିକା ରାଷ୍ଟ୍ରପତିଙ୍କର ନାହିଁ ବୋଲି ସଂଘୀୟ କୋର୍ଟ ରାୟ ଦେଇଥିବାବେଳେ ଏହାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗୁରୁବାର ଆମେରିକା ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଟ୍ରମ୍ପ୍ ଅପିଲ୍‌ରେ ଭାରତ ଉପରେ ଟାରିଫ୍ ଲଗାଇବା ଯଥାର୍ଥ ବୋଲି ଦର୍ଶାଇଛନ୍ତି। ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ରୋକିବା ପାଇଁ ଏହା ତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଟ୍ରମ୍ପ୍ କହିଛନ୍ତି। ରୁଷିଆରୁ ତୈଳ କିଣୁଥିବାରୁ ଭାରତ ଉପରେ ଟ୍ରମ୍ପ୍ ଅନ୍ତର୍ଜାତୀୟ ଜରୁରୀ ଆର୍ଥିକ କ୍ଷମତା ଆଇନ (ଆଇଇଇପିଏ)ରେ ଟାରିଫ୍ ଲଗାଇଛନ୍ତି। ଏଭଳି ସଙ୍କଟ ଜାତୀୟ ସୁରକ୍ଷା, ବିଦେଶ ନୀତି କିମ୍ବା ଆମେରିକା ଅର୍ଥନୀତି ପ୍ରତି ଅସାଧାରଣ ବିପଦ ସୃଷ୍ଟି କରିଥିବାବେଳେ ଆଇଇଇପିଏରେ ରାଷ୍ଟ୍ରପତି ଜରୁରୀ କ୍ଷମତା ପ୍ରୟୋଗ କରିବା ପାଇଁ ଯଥେଷ୍ଟ କି ନୁହେଁ ସେନେଇ ସଂଘୀୟ କୋର୍ଟ ପ୍ରଶ୍ନ କରି ନ ଥିବା ଟ୍ରମ୍ପ୍ ଦର୍ଶାଇଛନ୍ତି। ସଂଘୀୟ ଅଦାଲତଙ୍କ ରାୟ ଯୋଗୁ ରାଷ୍ଟ୍ରପତି ଗତ ୫ ମାସ ମଧ୍ୟରେ ଟାରିଫ୍ ଜରିଆରେ ଚଳାଇଥିବା ବୈଦେଶିକ ବୁଝାମଣାରେ ଅନିଶ୍ଚିତତା ସୃଷ୍ଟି ହେବା ସହ ଡିଲ୍‌କୁ ଅସୁବିଧାରେ ପକାଇଥିବା ଅପିଲ୍‌ରେ କୁହାଯାଇଛି। ମାମଲାରେ ହାରିଲେ ୟୁରୋପୀୟ ସଂଘ, ଓ ଅନ୍ୟ ଦେଶ ସହ ହୋଇଥିବା ବାଣିଜ୍ୟ ଚୁକ୍ତିନାମାକୁ ଖୋଲା ରଖିବାକୁ ପଡ଼ିବ, ଯାହାକି ଆମେରିକା ପାଇଁ ବଡ଼ ଆର୍ଥିକ କ୍ଷତି ଆଣିଦେଇପାରେ ବୋଲି ଟ୍ରମ୍ପ୍ କହିଛନ୍ତି।



# ପଶ୍ଚିମବଙ୍ଗ ବିଧାନସଭାରେ ମାର୍‌ପିଟ: ଭାଜପା ମୁଖ୍ୟ ସଚେତକ ଆହତ

କୋଲକାତା, ୪।୯

ପଶ୍ଚିମବଙ୍ଗ ବିଧାନସଭାରେ ଗୁରୁବାର ଉତ୍ତେଜନା ଦେଖାଦେଇଛି। ବଙ୍ଗାଳୀ ପ୍ରବାସୀମାନଙ୍କ ଉପରେ ଅତ୍ୟାଚାର ସମ୍ପର୍କିତ ଏକ ସରକାରୀ ପ୍ରସ୍ତାବ ଉପରେ ବିଧାନସଭା ଗୃହକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମ୍ବୋଧନ କରୁଥିବା ବେଳେ ଭାଜପାର ବିଧାୟକମାନେ ଜୋରଦାର ହଟ୍ଟଗୋଳ କରିଥିଲେ। ଫଳରେ ବାଚସ୍ପତି ବିମାନ ବାନାର୍ଜୀ ୫ ଭାଜପା ବିଧାୟକଙ୍କୁ ଗୃହରୁ ନିଲମ୍ବନ କରିଥିଲେ। ନିଲମ୍ବନକୁ କେନ୍ଦ୍ର କରି ଗୃହ ମଧ୍ୟରେ ଭାଜପା ଓ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବିଧାୟକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଧୀରେ ଧୀରେ ୨ ପକ୍ଷ ପରସ୍ପର ବିରୋଧରେ ମାର୍‌ପିଟରେ ଲାଗି ପଡ଼ିଥିଲେ। ମାର୍‌ପିଟ ମଧ୍ୟରେ ଭାଜପା ବିଧାୟକ ଦଳ ମୁଖ୍ୟ ସଚେତକ ଶଙ୍କର ଘୋଷଙ୍କ ଚଷମା ଭାଙ୍ଗିଯାଇଥିଲା ଓ ସେ ଆହତ ହୋଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବିଧାନସଭାରୁ ହସ୍ପିଟାଲକୁ ନିଆଯାଇଛି।

# ମୋଦିଙ୍କ ମଣିପୁର ଗସ୍ତ ପୂର୍ବରୁ କୁକି-ଜୁ ସମ୍ପ୍ରଦାୟ ସହ କେନ୍ଦ୍ରର ଶାନ୍ତି ଚୁକ୍ତି

ନୂଆଦିଲ୍ଲୀ,୪।୯

୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଜାତିଆଣ ହିଂସାରେ ଜର୍ଜରିତ ମଣିପୁରରେ ସ୍ଥାୟୀ ଶାନ୍ତି ଓ ସ୍ଥିରତା ଫେରାଇ ଆଣିବା ପାଇଁ କେନ୍ଦ୍ର ସରକାର ଚଳାଇଥିବା ଉଦ୍ୟମ ପାଦେ ଆଗେଇଛି। ମଣିପୁରର ଦୁଇ ପ୍ରମୁଖ କୁକି-ଜୁ ସମ୍ପ୍ରଦାୟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସହ ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ତଦନୁସାରେ ହିଂସା ପ୍ରଭାବିତ ଅଞ୍ଚଳରୁ ଶିବିରଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ। ଏହାଦ୍ୱାରା ଉତ୍ତର-ପୂର୍ବ ରାଜ୍ୟର କ୍ଷେତ୍ରୀୟ ଅଖଣ୍ଡତା ବଜାୟ ରହିବ ବୋଲି ଆଶା କରାଯାଇଛି।

ସସ୍‌ପେନ୍ସନ ଅଫ୍ ଅପରେଶନ୍ସ ଚୁକ୍ତିରେ କୁକି ନ୍ୟାଶନାଲ ଅର୍ଗାନାଇଜେଶନ୍ (କେଏନ୍‌ଓ) ଏବଂ ୟୁନାଇଟେଡ୍ ପିପୁଲ୍ସ ଫ୍ରଣ୍ଟ (ୟୁପିଏଫ୍) ସ୍ୱାକ୍ଷର କରିବା ସହ ମଣିପୁର ଉପରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି କହିଛନ୍ତି। ସେହିପରି ସିଭିଲ ସୋସାଇଟି ଗ୍ରୁପ୍ କୁକି-ଜୁ କାଉନ୍ସିଲ (କେଜେଡ୍‌ସି) ମଣିପୁର ଦେଇ ଯାଇଥିବା ଏନ୍‌ଏଚ୍ ନଂ.୨କୁ ଲୋକଙ୍କ ଯାତାୟାତ ଓ ସାମଗ୍ରୀ ପରିବହନ ପାଇଁ ଖୋଲା ରଖିବାକୁ ନିଷ୍ପତ୍ତି ନେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ସପ୍ତାହରେ ମଣିପୁର ଯିବାକୁ ଥିବାବେଳେ ଏହି ପଦକ୍ଷେପ ନିଆଯାଇଛି। ପ୍ରକାଶ ଯେ, ୨୦୨୩ ମେ' ୩ରୁ ମେଇତି ଓ କୁକିଙ୍କ ମଧ୍ୟରେ ଜାତିଆଣ ହିଂସା ଘଟି ବହୁ ଧନଜୀବନ ହାନି ହେଲାଣି।

DADLS-47







OIPR-15001/13/0991/2526

ଧରିତ୍ରୀ
DHARITRI
ଧରିତ୍ରୀ 51 Years



# ବେଆଇନ ଗଛକଟାରୁ ଭୂସ୍ଖଳନ, ବନ୍ୟା

## କେନ୍ଦ୍ର, ପ୍ରଭାବିତ ରାଜ୍ୟକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ସମ୍ପ୍ରତି ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ ଓ ଜମ୍ମୁ-କଶ୍ମୀର ଭଳି ରାଜ୍ୟଗୁଡ଼ିକରେ ଘାତକ ଭୂସ୍ଖଳନ ଓ ପ୍ରଳୟଙ୍କରୀ ବନ୍ୟାକୁ ନେଇ ଗୁରୁବାର ସୁପ୍ରିମକୋର୍ଟ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ବିକାଶ ଏବଂ ପରିବେଶ ସୁରକ୍ଷା ମଧ୍ୟରେ ନିଶ୍ଚିତ ଭାବେ ସନ୍ତୁଳନ ଆବଶ୍ୟକ ବୋଲି ସିଜେଆଇ ବି.ଆର୍. ଗବଇ କହିଛନ୍ତି। ରାଜ୍ୟଗୁଡ଼ିକରେ ବିକାଶ ନାମରେ ଅବାଧରେ ଗଛକଟା ହେଉଥିବାରୁ ଏଭଳି ଅଭୂତପୂର୍ବ ସ୍ଥିତି ଉପୁଜିଥିବା ଦର୍ଶାଇ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସମେତ ପ୍ରଭାବିତ ୪ ରାଜ୍ୟର ସରକାରମାନଙ୍କୁ ୨ ସପ୍ତାହ ମଧ୍ୟରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।**



ନୂଆଦିଲ୍ଲୀ,୪।୯(ପି.ଟି.)

ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ ଭଳି ରାଜ୍ୟଗୁଡ଼ିକରେ ଅଭୂତପୂର୍ବ ଭୂସ୍ଖଳନ ଏବଂ ବନ୍ୟା ପାଇଁ ବେଆଇନ ଗଛକଟା ଦାୟୀ। ଅବାଧରେ ଗଛକଟା ଜାରି ରହିଥିବାରୁ ଏଭଳି ବିପର୍ଯ୍ୟୟ ଆସିଥିବା କହି ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ର ସରକାର, ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ଓ ପ୍ରଭାବିତ ରାଜ୍ୟଗୁଡ଼ିକ ଜବାବ ମାଗିଛନ୍ତି।

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗବଇଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ସମେତ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଜମ୍ମୁ-କଶ୍ମୀର ଓ ପଞ୍ଜାବ ସରକାରଙ୍କୁ ଏନେଇ ନୋଟିସ ଜାରି କରିଛନ୍ତି। ସିଜେଆଇ ଗବଇ କହିଛନ୍ତି, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ ପଞ୍ଜାବରେ ଆମେ ଅଭୂତପୂର୍ବ ଭୂସ୍ଖଳନ ଏବଂ ବନ୍ୟା ଦେଖୁଛୁ। ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି ଯେ, ବହୁ ସଂଖ୍ୟକ ଗଛ କଟାଯାଇଛି। ପ୍ରଥମ ଦୃଷ୍ଟିରୁ ଦେଖିଲେ ଏହା ବେଆଇନ ଗଛକଟା ବୋଲି ଜାଣିହେଉଛି।

ଆବେଦନକାରୀ ଅନାମିକା ରାଣାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଆକାଶ ବଶିଷ୍ଠ ଓ ଶୁଭମ୍ ଉପାଧ୍ୟାୟଙ୍କୁ ଖଣ୍ଡପୀଠ କେନ୍ଦ୍ରୀୟ ଏଜେନ୍ସିକୁ ନୋଟିସ ତଥା ପିଟିଶନ୍ କପି ଦେବାକୁ ଅନୁମତି ପ୍ରଦାନ କରିଛନ୍ତି। ଅନ୍ୟ ଏକ ମାମଲାରେ କୋର୍ଟରୁମ୍‌ରେ ଉପସ୍ଥିତ ଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ସିଜେଆଇ କହିଛନ୍ତି, ବନ୍ୟା ଓ ଭୂସ୍ଖଳନର ଗମ୍ଭୀର ସ୍ଥିତିକୁ ଅନୁଧ୍ୟାନ କରି ପ୍ରତିକାରମୂଳକ ପଦକ୍ଷେପ ନେବାକୁ ନିଶ୍ଚିତ କରନ୍ତୁ। ଏହା ଏକ ଗମ୍ଭୀର ପ୍ରସଙ୍ଗ। ବହୁ ସଂଖ୍ୟକ ଗଛକୁ ବେଆଇନ ଭାବେ କଟାଯାଉଛି। ପଞ୍ଜାବର ଚିତ୍ର ଦେଖିଲେ ଚାରିଆଡ଼େ ବନ୍ୟାଜଳରେ ଚାଷଜମି ଓ ଫସଲ ବୁଡ଼ିଯାଇଛି। ବିକାଶକୁ ପ୍ରତିକାର ପଦକ୍ଷେପ ସହ ସନ୍ତୁଳିତ କରିବାକୁ ପଡ଼ିବ ବୋଲି ସିଜେଆଇ କହିଛନ୍ତି। ମେହେଟ୍ଟା କହିଛନ୍ତି, ପ୍ରକୃତି ଉପରେ ଆମେ ଏତେ ହସ୍ତକ୍ଷେପ କରିଛୁ ଯେ, ପ୍ରକୃତି ଏବେ ନିଜ କୋପ ଦେଖାଇବା ଆରମ୍ଭ କରିଛି। ଏନେଇ ସେ ପରିବେଶ ମନ୍ତ୍ରଣାଳୟ ସଚିବଙ୍କ ସହ ଆଲୋଚନା କରିବେ। ପରିବେଶ ମନ୍ତ୍ରଣାଳୟ ସଚିବ ରାଜ୍ୟଗୁଡ଼ିକର ମୁଖ୍ୟ ଶାସନ ସଚିବମାନଙ୍କ ସହ କଥାହେବେ। ଏଭଳି ସ୍ଥିତି ବଜାୟ ରହିବାକୁ ଦିଆଯାଇପାରିବ ନାହିଁ। ଏହା ଶୁଣିବା ପରେ ଆବେଦନକାରୀଙ୍କ ଓକିଲ କହିଥିଲେ, ଟନେଲଗୁଡ଼ିକରେ ଲୋକେ ଫସିରହି ମୃତ୍ୟୁ ସ୍ଥିତିର ନିକଟତର ହୋଇଥିବାର ଅନେକ ଦୃଷ୍ଟାନ୍ତ ରହିଛି। ସିଜେଆଇ କହିଥିଲେ, ଏହି ପ୍ରସଙ୍ଗର ଗମ୍ଭୀରତାକୁ ସେ ଦେଖିଛନ୍ତି। ୨ ସପ୍ତାହ ପରେ ଏହାର ପରବର୍ତ୍ତୀ ଶୁଣାଣି କରାଯିବ।

ଉଲ୍ଲେଖଯୋଗ୍ୟ, ଭୂସ୍ଖଳନ ଓ ବନ୍ୟାର କାରଣ ଖୋଜିବା ସହ ଏଭଳି ବିପର୍ଯ୍ୟୟକୁ ଏଡ଼ାଇବା ପାଇଁ ପଦକ୍ଷେପ ନେବା ସକାଶେ କାର୍ଯ୍ୟ ଯୋଜନା ପ୍ରସ୍ତୁତି ସାଙ୍ଗକୁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରାଯାଉ ବୋଲି ଆଇନଜୀବୀ ଆକାଶ ବଶିଷ୍ଠଙ୍କ ଜରିଆରେ ଆବେଦନକାରୀ ସୁପ୍ରିମକୋର୍ଟଙ୍କୁ ନିବେଦନ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକର ବିପର୍ଯ୍ୟୟ କର୍ତ୍ତୃପକ୍ଷ ଥିବା ସତ୍ତ୍ୱେ ସେମାନେ ଏଭଳି ବିପର୍ଯ୍ୟୟଜନିତ କ୍ଷୟକ୍ଷତି ରୋକିବା ପାଇଁ କୌଣସି ଯୋଜନା କରି ନ ଥିବା ସେ ଉକ୍ତ ପିଟିଶନରେ ଦର୍ଶାଇଛନ୍ତି। ବୃହତ୍‌ସ୍ୱାର୍ଥ ଦୃଷ୍ଟିରୁ ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁସାରେ ଜୀବନଧାରଣ ଅଧିକାରକୁ ସୁନିଶ୍ଚିତ କରି ହିମାଳୟ ପାଦଦେଶରେ ଅବସ୍ଥିତ ରାଜ୍ୟଗୁଡ଼ିକର ବାସିନ୍ଦାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଏଥିରେ ନିବେଦନ କରାଯାଇଛି।



# ଟ୍ରେନ୍ ଧକ୍କାରେ ହାତୀ ମୃତ

ସୁନ୍ଦରଗଡ଼/ରାଜଗାଙ୍ଗପୁର,୪।୯ (ଜୟ ନାରାୟଣ ମେଣ୍ଢୁଲି/ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଦେଇ ଯାଇଥିବା ମୁମ୍ବାଇ-ହାୱଡ଼ା ରେଳପଥର ସୋନାଖାନ-ସାଗରା ରେଳଷ୍ଟେଶନ ମଧ୍ୟରେ ଗୁରୁବାର ଭୋର ପ୍ରାୟ ୫ଟା୧୫ରେ ଟ୍ରେନ ଧକ୍କାରେ ଏକ ହାତୀର ମୃତ୍ୟୁ ଘଟିଛି। ହାତୀର ବୟସ ପ୍ରାୟ ୪୦ରୁ ୪୫ବର୍ଷ ଏବଂ ମାଖନା ବୋଲି ରାଜଗାଙ୍ଗପୁର ବନାଞ୍ଚଳ ଅଧିକାରୀ ଗୁରୁଚରଣ ମଣ୍ଡଳ ସୂଚନା ଦେଇଛନ୍ତି। ସନ୍ଧ୍ୟାରେ ମୃତଦେହ ବ୍ୟବଚ୍ଛେଦ ପରେ ମାଟିରେ ପୋତି ଦିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ଗରିବ ରଥ ଏକ୍ସପ୍ରେସ୍ ଆସୁଥିବାବେଳେ ଏହି ସମୟରେ ହାତୀଟି ରେଳପଥ ଅତିକ୍ରମ କରୁଥିଲା। ଟ୍ରେନ୍ ଧକ୍କାରେ ହାତୀ ଗୁରୁତର ହୋଇଥିଲା। ଖବରପାଇ ରାଉରକେଲା ବନ ସଂରକ୍ଷକ ପି.ରାମ ସ୍ୱାମୀ, ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, ରାଜଗାଙ୍ଗପୁର ବନାଞ୍ଚଳ ଅଧିକାରୀ ଗୁରୁଚରଣ ମଣ୍ଡଳ, ରାଜଗାଙ୍ଗପୁର ପ୍ରାଣୀଧନ ଚିକିତ୍ସାଧିକାରୀ ଓ ବନ୍ୟପ୍ରାଣୀ ବିଭାଗର ସ୍ୱତନ୍ତ୍ର ସ୍କ୍ୱାଡ୍ ପହଞ୍ଚି ଗୁରୁତର ହାତୀକୁ କ୍ରେନ ସାହାଯ୍ୟରେ ଉଦ୍ଧାର କରି ସାଗରା ନେଇ ତା'ର ଚିକିତ୍ସା କରିଥିଲେ। ମାତ୍ର ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ହାତୀର ମୃତ୍ୟୁ ଘଟିଥିଲା। ହାତୀ ସମ୍ପର୍କରେ କୌଣସି ସତର୍କ ସୂଚନା ପାଇ ନ ଥିବାରୁ ଲୋକୋପାଇଲଟ ଟ୍ରେନ୍ ଗତି କମାଇବା ସମ୍ଭବପର ନ ଥିଲା। ଆଗକୁ ଯେଉଁଭଳି ଏଭଳି ଅଘଟଣ ନ ଘଟେ ସେଥିପ୍ରତି ଉଭୟ ରେଳ ଓ ବନ ବିଭାଗ ସଜାଗ ରହିବାର ଆବଶ୍ୟକତା ରହିଛି ବୋଲି ବନ୍ୟପ୍ରାଣୀପ୍ରେମୀଙ୍କ ମଧ୍ୟରେ ଦାବି ହୋଇଛି।

## ପାରିବାରିକ କଳହରୁ ମହିଳାଙ୍କ ଆତ୍ମାହୁତି

ସାଲେପୁର,୪।୮ (ଅରବିନ୍ଦ ଭୂୟାଁ)

ପାରିବାରିକ କଳହରୁ ଜଣେ ମହିଳା ଆତ୍ମାହୁତି ଦେଇଛନ୍ତି। ସେ ହେଲେ କଟକ ଜିଲା ସାଲେପୁର ଥାନା ଜପକୁଦ ଫାଣ୍ଡି ଅନ୍ତର୍ଗତ କଙ୍କରାଇଲୋ ଗାଁର ଅଜୟ କୁମାର ରାଉତଙ୍କ ସ୍ତ୍ରୀ ତିଳୋତ୍ତମା। ଗତ ୨ ତାରିଖରେ ତିଳୋତ୍ତମା ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇଦେଇଥିଲେ। ତାଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ମୃତ୍ୟୁ ସହ ପ୍ରାୟ ୩୬ ଘଣ୍ଟା ଧରି ସଂଗ୍ରାମ କରି ଗୁରୁବାର ଆଖି ବୁଜିଛନ୍ତି। ତାଙ୍କ ଶରୀରର ୬୦ଭାଗରୁ ଊର୍ଦ୍ଧ୍ୱ ଜଳିଯାଇଥିଲା। ଘଟଣାରେ ତିଳୋତ୍ତମାଙ୍କ ସ୍ୱାମୀ ଅଜୟଙ୍କୁ ଗିରଫ ସାଙ୍ଗକୁ କୋର୍ଟଚାଲାଣ କରାଯାଇଥିବା ସାଲେପୁର ଆଇଆଇସି ଅନିତା ସାହୁ କହିଛନ୍ତି। ଏ ନେଇ ଥାନାରେ ମାମଲା (ନଂ. ୪୧୯/୨୫) ରୁଜୁ ହୋଇଛି।

## ଶ୍ରୀଜଗନ୍ନାଥଙ୍କ ୫୮ ହଜାର ଏକର ଜମି ଫେରାଇ ଅଣାଯିବ: ମନ୍ତ୍ରୀ ହରିଚନ୍ଦନ

ଭୁବନେଶ୍ୱର,୪।୯ (ସୁନିତ୍ ମିଶ୍ର)

ରାଜ୍ୟ ଭିତରେ ଏବଂ ଓଡ଼ିଶା ବାହାରେ ରହିଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂସମ୍ପତ୍ତି ଫେରାଇ ଅଣାଯିବ। ଏନେଇ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭକରି ଦେଇଥିବା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୁରୁବାର ସୂଚନା ପ୍ରଦାନ କରିଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପୃଥ୍ୱୀରାଜ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୮ ହଜାର ଏକର ଜମି ରାଜ୍ୟ ଭିତରେ ଏବଂ ଓଡ଼ିଶା ବାହାରେ ବିଭିନ୍ନ ସ୍ଥାନରେ ରହିଛି। ପ୍ରାୟ ୩୭ ହଜାର ଏକର ଜମିର କାଗଜ ପ୍ରସ୍ତୁତ ହୋଇସାରିଛି। ବାକିଗୁଡ଼ିକର କାଗଜ ପ୍ରସ୍ତୁତ କରାଯାଉଛି। ସରକାର ଏ ଦିଗରେ ତ୍ୱରିତ ପଦକ୍ଷେପ ନେଉଛନ୍ତି। ମହାପ୍ରଭୁଙ୍କର ଯେଉଁଠି ଭୂସମ୍ପତ୍ତି ଅଛି ତା'ର ଠିକ୍ ଆକଳନ କିପରି ହୋଇପାରିବ ସେନେଇ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। ରାଜ୍ୟ ଭିତରେ ☞ପୃଷ୍ଠା-୨

## ଉଚିତ ମୂଲ୍ୟ ପାଇବେ କେନ୍ଦୁପତ୍ର ତୋଳାଳି: ମୁଖ୍ୟମନ୍ତ୍ରୀ

### ଜିଏସ୍‌ଟି ସଂସ୍କାରକୁ କଲେ ପ୍ରଶଂସା

ଭୁବନେଶ୍ୱର,୪।୯ (ସୁନିତ୍ ମିଶ୍ର)



କେନ୍ଦୁପତ୍ର ଉପରୁ ଜିଏସ୍‌ଟି ହାର ୧୮ରୁ ୫%କୁ ହ୍ରାସ କରାଯିବା ଦ୍ୱାରା ଓଡ଼ିଶା ତଥା ଦେଶର ଅନେକ ଲକ୍ଷ କେନ୍ଦୁପତ୍ର ତୋଳାଳି ଉଚିତ ମୂଲ୍ୟ ପାଇବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ନୂଆଦିଲ୍ଲୀଠାରେ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଏଭଳି ନିଷ୍ପତ୍ତି ଯୋଗୁ କେନ୍ଦୁପତ୍ରର ବିକ୍ରି ବୃଦ୍ଧି ପାଇବା ସହ ତୋଳାଳିଙ୍କ ଉପାର୍ଜନ ବଢ଼ିବ। ଏହାଦ୍ୱାରା ରାଜ୍ୟର ଅଣସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା କେନ୍ଦୁପତ୍ର ତୋଳାଳିମାନେ, କେନ୍ଦୁପତ୍ର କିଣୁଥିବା ସରକାରୀ ସଂସ୍ଥାଗୁଡ଼ିକ ପାଖରୁ ଠିକ୍ ସମୟରେ ଠିକ୍ ମୂଲ୍ୟ ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହିତ ଜିଏସ୍‌ଟିରେ ନିଆଯାଇଥିବା ସଂସ୍କାରକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ବିଭିନ୍ନ କୃଷି ପ୍ରକରଣ ଯଥା କୀଟନାଶକ ସିଞ୍ଚନକାରୀ ଯନ୍ତ୍ର, ରୋଲର, ଯନ୍ତ୍ରପାତି, ଟ୍ରାକ୍ଟର ଓ ଏହାର ଅମଳ କାମରେ ଲାଗୁଥିବା ଯନ୍ତ୍ର, ଟାୟାର ତଥା ସାର ପାଇଁ ବ୍ୟବହୃତ କଞ୍ଚାମାଲ ଉପରୁ ଜିଏସ୍‌ଟି ହ୍ରାସ ନିମନ୍ତେ ପଦକ୍ଷେପ ନିଆଯିବା ଦ୍ୱାରା କୃଷକମାନଙ୍କ ଆର୍ଥିକ ବୋଝକୁ କମାଇବା ସହ କୃଷି ଉତ୍ପାଦନ ଲାଗି ହେଉଥିବା ଖର୍ଚ୍ଚ କମିବ। ଏହା ଗ୍ରାମୀଣ ଲୋକଙ୍କ ଆୟ ବଢ଼ାଇବ ଓ ଜାତୀୟ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବ। ସେହିପରି ଅନେକ ଜୀବନ ରକ୍ଷାକାରୀ ଔଷଧ ଉପରେ କର ହ୍ରାସ ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରମାନଙ୍କ ଉପଯୁକ୍ତ ଚିକିତ୍ସାରେ ସହାୟକ ହେବ। ଔଷଧ, ଦୁଗ୍ଧଜାତ ଦ୍ରବ୍ୟ, ପ୍ରକ୍ରିୟାକୃତ ଖାଦ୍ୟ ସହ ସାଧାରଣ ଲୋକ ବ୍ୟବହାର କରୁଥିବା ଅନ୍ୟ ପ୍ରାୟ ୧୫୦ରୁ ଅଧିକ ସାମଗ୍ରୀ ଉପରୁ କର ହ୍ରାସ ହୋଇଛି। ଏହା ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରର ☞ପୃଷ୍ଠା-୨

## ମୋଦିଙ୍କ ଜନ୍ମଦିନରେ ବଣ୍ଟାଯିବ ୫୦ ହଜାର ଘର କାର୍ଯ୍ୟାଦେଶ

ଭୁବନେଶ୍ୱର,୪।୯ (ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ଆସନ୍ତା ୧୭ ତାରିଖରେ ପଡୁଛି। ଏହିଦିନକୁ ବହୁ ଧୁମଧାମରେ ପାଳନକରିବା ପାଇଁ ରାଜ୍ୟ ସରକାର ଚିନ୍ତା କରିଛନ୍ତି। ସେହି ଗୋଟିଏ ଦିନରେ ରାଜ୍ୟରେ ୭୫ ଲକ୍ଷ ଚାରାରୋପଣ କରିବା ପାଇଁ ସରକାର ଯୋଜନା କରି କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ଅବସରରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦ ହଜାର ହିତାଧିକାରୀଙ୍କୁ ସରକାର କାର୍ଯ୍ୟାଦେଶ ବାଣ୍ଟିବେ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ☞ପୃଷ୍ଠା-୨

ଆଜିର ସମ୍ପାଦକୀୟ
ଜିନ୍‌ପିଙ୍ଗ୍-ପୁଟିନ ସହଭାଗିତା

# ଓଡ଼ିଶାର ୬୦% ମନ୍ତ୍ରୀଙ୍କ ନାଁରେ ଆପରାଧିକ ମାମଲା

- ଦେଶରେ ୪୭% ମନ୍ତ୍ରୀ ଅଭିଯୁକ୍ତ
- ମନ୍ତ୍ରୀଙ୍କ ହାରାହାରି ସମ୍ପତ୍ତି ୩୭.୨୧ କୋଟି ଟଙ୍କା

ନୂଆଦିଲ୍ଲୀ,୪।୯(ପି.ଟି.)

ଦେଶର ୪୭% ମନ୍ତ୍ରୀ ସେମାନଙ୍କ ନାମରେ ଆପରାଧିକ ମାମଲା ରହିଥିବା ଘୋଷଣା କରିଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କ ନାମରେ ହତ୍ୟା, ଅପହରଣ, ମହିଳା ବିରୋଧୀ ଅପରାଧ ଭଳି ଗମ୍ଭୀର ମାମଲା ରହିଥିବା ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍)ର ବିଶ୍ଳେଷଣରୁ ଜଣାପଡ଼ିଛି। ଓଡ଼ିଶା ସମେତ ୧୧ଟି ରାଜ୍ୟ ବିଧାନସଭାର ୬୦%ରୁ ଊର୍ଦ୍ଧ୍ୱ ମନ୍ତ୍ରୀଙ୍କ ନାମରେ ଆପରାଧିକ ମାମଲା ରହିଛି। ଜାତୀୟ ସ୍ତରର ହାରକୁ ଦେଖିଲେ ଓଡ଼ିଶାରେ ଅଧିକ ମନ୍ତ୍ରୀଙ୍କ ନାମରେ ଆପରାଧିକ ମାମଲା ଥିବା ଜଣାପଡ଼ିଛି। ଅଧିକ ଆପରାଧିକ ମାମଲା ଥିବା ଅନ୍ୟ ରାଜ୍ୟଗୁଡ଼ିକ ହେଲେ ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ବିହାର, ମହାରାଷ୍ଟ୍ର, କର୍ଣ୍ଣାଟକ, ପଞ୍ଜାବ, ତେଲଙ୍ଗାନା, ହିମାଚଳପ୍ରଦେଶ, ଦିଲ୍ଲୀ ଏବଂ ପଣ୍ଡିଚେରୀ। ଅନ୍ୟପକ୍ଷରେ ହରିୟାଣା, ଜମ୍ମୁ-କଶ୍ମୀର, ନାଗାଲାଣ୍ଡ ଏବଂ ଉତ୍ତରାଖଣ୍ଡରେ କୌଣସି ମନ୍ତ୍ରୀଙ୍କ ନାମରେ ଆପରାଧିକ ମାମଲା ନ ଥିବା ରିପୋର୍ଟରୁ ଜଣାପଡ଼ିଛି।

ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନେ ଗମ୍ଭୀର ଆପରାଧିକ ମାମଲାରେ ଗିରଫ ହୋଇ ୩୦ ଦିନ ଜେଲରେ ରହିଲେ ସେମାନେ ନିଜ ପଦରୁ ଇସ୍ତଫା ଦେବେ ନଚେତ୍ ସେମାନଙ୍କୁ ବହିଷ୍କାର କରାଯିବ। କେନ୍ଦ୍ର ସରକାର ପାର୍ଲାମେଣ୍ଟର ଗତ ମୌସୁମୀ ଅଧିବେଶନରେ ଏନେଇ ୩ଟି ବିଲ୍ ଆଣିଥିବାବେଳେ ଏଡିଆର୍ ପକ୍ଷରୁ ଏଭଳି ରିପୋର୍ଟ ଗୁରୁତ୍ୱ ବହନ କରୁଛି। ୨୭ ରାଜ୍ୟ, ୩ କେନ୍ଦ୍ରଶାସିତ ଅଞ୍ଚଳର ୬୪୩ ମନ୍ତ୍ରୀଙ୍କ ☞ପୃଷ୍ଠା-୨






# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ଗୁରୁପୂଜନ ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ନିଖିଳ ଓଡ଼ିଶା ପାଇକ ମହାସଂଘ ପକ୍ଷରୁ 'ପାଇକ ଆଖଡ଼ା' ପୁସ୍ତକ ଲୋକାର୍ପଣ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ପୂର୍ବାହ୍ନ ୧୧ ଟା।
- ରାଜ୍ୟସ୍ତରୀୟ ଗୁରୁ ଦିବସ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ, ସ୍ଥାନ:ଲୋକସେବା ଭବନ ସମ୍ମେଳନ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ଆମ ପାଠଶାଳା ଡିଜିଟାଲ୍ ଲର୍ନିଂ ସେଣ୍ଟର ଉଦ୍‌ଘାଟନ, ସ୍ଥାନ: ପ୍ଲଟ୍ ନଂ, ୮୩୯, ମହାବୀର ନଗର, ଝାରପଡ଼ା, ସମୟ: ମଧାହ୍ନ ୧୨ଟା।
- ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ରାଲି, ସ୍ଥାନ: କଂଗ୍ରେସ ଭବନ, ସମୟ: ଅପରାହ୍ନ ୧ଟା।
- ଏଓଏସିସିଇଏ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଗୋଦାବରୀଶ ସାହିତ୍ୟ ସଂସଦ, ସମୟ: ଅପରାହ୍ନ ୨ଟା ୩୦।
- ଓଡିଆଇ ସୋସିଆଲ୍ ପକ୍ଷରୁ କ୍ୟୁରେଟେଡ୍ ଶପିଂ ଅଭିଜ୍ଞତା, ସ୍ଥାନ: ପ୍ଲଟ୍ ୩୬୧, ରୂପାଲୀ ଛକ, ସମୟ: ଅପରାହ୍ନ ୪ଟା।
- ଗୁରୁ କେଳୁ ଚରଣ ମହାପାତ୍ର ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ଇଣ୍ଟରନ୍ୟାଶନାଲ୍ ଥିଏଟର ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'ଶକୁନ୍ତଳା', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଜେମାଦେଇପୁର ନୂଆପାଟଣାରେ ଅବସରପ୍ରାପ୍ତ ଗୁରୁଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ବିଦ୍ୟାମନ୍ଦିର ପରିସର. ତିଗିରିଆ, ସମୟ: ସକାଳ ୭ଟା ୩୦।
- ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ (ୟୁଟିଆ) ପକ୍ଷରୁ ଗୁରୁଦିବସ ସମାରୋହ, ସ୍ଥାନ: ଗାନ୍ଧୀ ଭବନ, ବାଖରାବାଦ, ସମୟ: ସକାଳ ୯ଟା।
- ହୀରାଖଣ୍ଡ ସଂସ୍କୃତି ସମାଜ, କଟକ ପକ୍ଷରୁ ନୂଆଖାଇ ଭେଟ୍‌ଘାଟ୍, ସ୍ଥାନ: ସାରଳା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟା ବିକାଶ ପରିଷଦ ପକ୍ଷରୁ ରାଜ୍ୟସ୍ତରୀୟ ଆଦର୍ଶ ଗୁରୁ ସମ୍ମାନ, ସ୍ଥାନ: ବିଜୟଗୋବିନ୍ଦ ଭବନ, ବାବାସାଗର ଦାସ ବିଦ୍ୟାପୀଠ, ଦୋଲମୁଣ୍ଡାଇ, ସମୟ: ଅପରାହ୍ନ ୩ଟା।
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଖପୁରିଆ ଗୁରୁଭ୍ରାତାଙ୍କ ପକ୍ଷରୁ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତସଙ୍ଗ, ସ୍ଥାନ: ପ୍ରେମ ଭଣ୍ଡାର, ପ୍ରେସ୍ କଲୋନୀ, ସମୟ: ସନ୍ଧ୍ୟା ୭ଟା ୩୦।

## ଖୋର୍ଦ୍ଧା
- ସରସ୍ୱତୀ ଶିଶୁମନ୍ଦିରରେ ଗୁରୁଦିବସ ପାଳନ, ସ୍ଥାନ: ଗୁରୁଜଙ୍ଗ, ସମୟ: ସକାଳ ୭ଟା।
- ସରସ୍ୱତୀ ଶିଶୁମନ୍ଦିରରେ ଗୁରୁଦିବସ ପାଳନ, ସ୍ଥାନ: ଖୋର୍ଦ୍ଧା, ସମୟ: ସକାଳ ୮ଟା ୩୦।
- ଜିଲାସ୍ତରୀୟ ଗୁରୁଦିବସ ପାଳନ, ସ୍ଥାନ: ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।

## ପୁରୀ
- ନିମାପଡ଼ା ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ ଗୁରୁପୂଜନ ଉତ୍ସବ, ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ନିମାପଡ଼ା ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର କାର୍ଯ୍ୟକ୍ରମ, ସ୍ଥାନ: ପୁରୀ ସଦ୍‌ଭାବନା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁ ବନ୍ଦନା କାର୍ଯ୍ୟକ୍ରମ, ସ୍ଥାନ: ତୋରଣ, ବ୍ରହ୍ମଗିରି, ସମୟ: ପୂର୍ବାହ୍ନ ୧୦ଟା।
- ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ରାଷ୍ଟ୍ରୀୟ ଜଳବାୟୁ ପରିବର୍ତ୍ତନ ଓ ଯୁବ ସମାଜ ସମ୍ପର୍କିତ କର୍ମଶାଳା, ସ୍ଥାନ: ଗାନ୍ଧୀ ଶ୍ରମ ପ୍ରତିଷ୍ଠାନ, ବଳିଆପଣ୍ଡା, ସମୟ: ପୂର୍ବାହ୍ନ ୧୧ଟା।
- ଗୁରୁ ସମ୍ମାନ ଉତ୍ସବ, ସ୍ଥାନ: ସଂସ୍କୃତି ପ୍ରଚାର ସମିତି, ପଥୁରିଆ ସାହି, ସମୟ: ଅପରାହ୍ନ ୩ଟା ୩୦।
- ପ୍ରଗତି ପ୍ରତିଷ୍ଠାନ ପକ୍ଷରୁ ଗୁରୁ ଦିବସ ସମାରୋହ, ସ୍ଥାନ: ହୋଟେଲ ଗଜପତି, ବଳିଆପଣ୍ଡା, ସମୟ: ସନ୍ଧ୍ୟା ୬ଟା।
- ଛାତ୍ର ଶିକ୍ଷକ ଅଭିଭାବକ ସମନ୍ୱୟ ସମିତି ପକ୍ଷରୁ ବୈଠକ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀକଳାନିକେତନ ପକ୍ଷରୁ ନୃତ୍ୟ ଭିତ୍ତିକ କାର୍ଯ୍ୟକ୍ରମ, ସ୍ଥାନ: ମଣିରାମ ମଠ, ସମୟ: ସନ୍ଧ୍ୟା ୭ଟା।
- ସାରସ୍ୱତ ବିଦ୍ୟାନିକେତନ ପକ୍ଷରୁ ଗୁରୁଦିବସ ଉତ୍ସବ, ସ୍ଥାନ: ନେବଳ ଦାସ ମଠ, ସମୟ: ସକାଳ ୭ଟା ୩୦।

## ବାଲେଶ୍ୱର
- ଦୁଇ ଦିନିଆ ପଦାର୍ଥ ବିଜ୍ଞାନର ଜାତୀୟ ସେମିନାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଆର୍‌ଆଇଏଚ୍‌ଏସ୍ ମହାବିଦ୍ୟାଳୟ, ଭୋଗରାଇ, ସମୟ: ସକାଳ ୯ଟା ୩୦।
- ଗୁରୁଦିବସ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ, ସ୍ଥାନ: ପିଣ୍ଡାବଣିଆ ବୈଦିକ ଗୁରୁକୁଳ ଆଶ୍ରମ, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମହମ୍ମଦ ଜୟନ୍ତୀ ଅବସରରେ ବାଇକ୍ ଶୋଭାଯାତ୍ରା, ସ୍ଥାନ: ଜୁମାମସଜିଦ ସମ୍ମୁଖ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର-୨୦୨୫ ସମାରୋହ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଇନଟାକ୍ ବାଲେଶ୍ୱର ଚାପ୍ଟରର ୧୬ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଉଦ୍ୟୋଗ ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଏନ୍‌ଏନ୍ ହାଇସ୍କୁଲ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଓ ୧୯୮୪ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ, ସ୍ଥାନ: ଗୌରହରି ମହାନ୍ତିଙ୍କ ଗୁରୁ ନିବାସ, ଥାନାଛକ, ଉଦପଦା, ଭୋଗରାଇ, ସମୟ: ପୂର୍ବାହ୍ନ ୧୧ଟା।
- ଅବସରପ୍ରାପ୍ତ ଶିକ୍ଷିକାଶିକ୍ଷକଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଏନ୍‌ପିଏସ୍ ସଂଘ ଶିକ୍ଷକ ଭବନ, ଜଳେଶ୍ୱରପୁର, ଭୋଗରାଇ, ସମୟ: ଅପରାହ୍ନ ୪ଟା।

## ଭଦ୍ରକ
- ଗୁରୁପୂଜନ ଉତ୍ସବ ଓ ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଭୂମିପୂଜା, ସ୍ଥାନ: ସୁଗୋ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସର, ବାସୁଦେବପୁର, ସମୟ: ସକାଳ ୯ଟା।
- ସୁପ୍ରଭାତ ସଙ୍ଗଠନ ପକ୍ଷରୁ ଗୁରୁଦିବସ ପାଳନ, ସ୍ଥାନ: ହରେକୃଷ୍ଣ ସଦ୍‌ଭାବନା କକ୍ଷ, ଭଦ୍ରକ ବାଇପାସ୍, ସମୟ: ସକାଳ ୯ଟା।
- ଗୁରୁପୂଜନ ସମାରୋହ, ସ୍ଥାନ: ମନ୍ଦାରୀ କଲେଜ ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଗତିଶୀଳ ସାହିତ୍ୟ ମଞ୍ଚ ପକ୍ଷରୁ ଗୁରୁପୂଜନ ଓ କବିତା ପାଠୋତ୍ସବ, ସ୍ଥାନ: ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଆଗରପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଗୁରୁଦିବସ ପାଳନ, ସ୍ଥାନ: ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ୧୫ତମ ଶିକ୍ଷକ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ବିଜୁ ସ୍ମୃତି ଭବନ, ଚାନ୍ଦବାଲି, ସମୟ: ଅପରାହ୍ନ ୩ଟା।
- ମହମ୍ମଦ ଜୟନ୍ତୀ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ଚୌଖଣ୍ଡି, ପୁରୁଣାବଜାର, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ଗୁରୁ ସମ୍ମାନ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ ସମାରୋହ, ସ୍ଥାନ: ଡିଏନ୍ ହାଇସ୍କୁଲ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା।
- ଏଲିମେଣ୍ଟାରୀ ଶିକ୍ଷକ ସଂଘ ତରଫରୁ ଗୁରୁପୂଜନ, ସ୍ଥାନ: ନୀଳକଣ୍ଠେଶ୍ୱର ହାଇସ୍କୁଲ, ଢେଙ୍କିକୋଟ୍, ସମୟ: ଅପରାହ୍ନ ୨ଟା।

## ମୟୂରଭଞ୍ଜ
- ଜିଲାସ୍ତରୀୟ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ,ସ୍ଥାନ: ଶିକ୍ଷକ ଭବନ, ଲାଲବଜାର, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- କରମପୂଜାର ଶେଷ ଦିବସ, ସ୍ଥାନ: ଚିତ୍ରଡ଼ା ମାର୍କେଟସାହି, ମୋରଡ଼ା, ସମୟ:ସନ୍ଧ୍ୟା ୭ଟା।

## ବ୍ରହ୍ମପୁର
- ପ୍ରଫେଟ ମହମ୍ମଦଙ୍କ ଜୟନ୍ତୀ ପାଳନ,ସ୍ଥାନ: ଜାମିଆ ମସଜିଦ, ଭାପୁର ବଜାର, ସମୟ: ସକାଳ ୮ଟା୩୦।
- ଗୁରୁ ଦିବସ ପାଳନ, ସ୍ଥାନ: ଗୁରୁକୁଳ ଇଣ୍ଟରନ୍ୟାଶନାଲ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଗୁରୁ ପୂଜନ ଉତ୍ସବ, ସ୍ଥାନ: ପ୍ରକାଶମ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଗଞ୍ଜାମ ଜିଲା ବରିଷ୍ଠ କଳାକାର ମହାସଂଘର ଗୁରୁପୂଜନ ଉତ୍ସବ,ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ଉତ୍କଳ ଆଶ୍ରମ ଭାଷା ଭବନ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୩୦।
- କୁକୁଡାଖଣ୍ଡି ବ୍ଲକ ସ୍ତରୀୟ ଗୁରୁ ପୂଜନ ଉତ୍ସବ, ସ୍ଥାନ: ଜେବି ପ୍ରାଙ୍ଗଣ,ସମୟ: ଅପରାହ୍ନ ୩ଟା।
- ଜାତୀୟ ନିର୍ମାତା ପୁରସ୍କାର ବିତରଣ, ରୋଟାରୀ ଇଷ୍ଟ କମ୍ୟୁନିଟି ହଲ୍, ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ
- ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଗୁରୁ ଦିବସ ପାଳନ, ସ୍ଥାନ: ବୁଗୁଡ଼ା, ବୁଦ୍ଧଖୋଲ,ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁ ଦିବସପାଳନ କାର୍ଯ୍ୟକ୍ରମ, ସ୍ଥାନ: ଅନୁସ୍ଲୋ ପଡ଼ିଆ ଛତ୍ରପୁର, ସମୟ: ପୂର୍ବାହ୍ନ୧୦ ଟା।
- ଗୁରୁ ଦିବସ ପାଳନ ଉତ୍ସବ,ସ୍ଥାନ: ବୁଗୁଡ଼ା ପ୍ରାଥମିକ ଶିକ୍ଷକ ଭବନ,ସମୟ: ପୂର୍ବାହ୍ନ ୧୦ଟା।
- ଆସିକା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁପୂଜନ, ସ୍ଥାନ: ଆସିକା ଏକ୍ସବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।
- ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁପୂଜନ ଉତ୍ସବ, ସ୍ଥାନ: ଆସିକା ହରିହର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଂଗ୍ରେସର ସଂଗଠନ ସୃଜନ ଅଭିଯାନ, ସ୍ଥାନ: ଛତ୍ରପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- କଂଗ୍ରେସର ସଂଗଠନ ସୃଜନ ଅଭିଯାନ, ସ୍ଥାନ: ରମ୍ଭା ଗାୟତ୍ରୀ ମଣ୍ଡପ, ସମୟ: ଅପରାହ୍ନ ୪ଟା।

## କନ୍ଧମାଳ
- ଆଇଟିଡିଏର ପିଏଲ୍‌ସି ବୈଠକ, ସ୍ଥାନ: ଫୁଲବାଣୀ ସ୍ଥିତ ଆଇଟିଡିଏ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଗୁରୁ ପୂଜନ ଉତ୍ସବ, ସ୍ଥାନ: ରାଣୀଦୁର୍ଗା କଲ୍ୟାଣ ମଣ୍ଡପ ଦାରିଙ୍ଗବାଡି, ସମୟ: ପୂର୍ବାହ୍ନ ୧୧ ଟା।
- ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ବ୍ଲକ୍ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନୂଆଗାଁ, ସମୟ: ପୂର୍ବାହ୍ନ୧୧ଟା।
- ଜିଲାସ୍ତରୀୟ ଗୁରୁ ଦିବସ ପାଳନ, ସ୍ଥାନ: ପଞ୍ଚାୟତ ଭବନ ସଭାଗୃହ ଫୁଲବାଣୀ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ
- ଜିଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଗାନ୍ଧୀ ମନ୍ଦିର, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ବଜାର ଲକ୍ଷ୍ମୀପୂଜା କମିଟି ବୈଠକ, ସ୍ଥାନ: ସୂର୍ଯ୍ୟ ମଣ୍ଡପ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ
- ଗୁରୁଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ : ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ସକାଳ ୭ଟା।
- ଗୁରୁଦିବସ ପାଳନ, ସ୍ଥାନ : ଆଠମଲ୍ଲିକ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ : ସକାଳ ୭ଟା ୩୦।

## ଜଗତ୍‌ସିଂହପୁର
- ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ଜାମା ମସ୍‌ଜିଦ ପକ୍ଷରୁ ଶାନ୍ତି ଶୋଭାଯାତ୍ରା ଓ ସମୂହ ପ୍ରାର୍ଥନା, ସ୍ଥାନ: ଜାମା ମସ୍‌ଜିଦ, ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୮ଟା।
- ଛାତ୍ରୀମାନଙ୍କୁ ନେଇ ଗୁରୁଦିବସ କାର୍ଯ୍ୟକ୍ରମ, ସ୍ଥାନ: ଗଣପତି ଶିଶୁ ବିଦ୍ୟାମନ୍ଦିର, ବାଲିଝରା, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଶିକ୍ଷକ ଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ସଙ୍ଗଠନର ସୃଜନ କାର୍ଯ୍ୟକ୍ରମ, ସ୍ଥାନ: ତିର୍ତ୍ତୋଲ, ବୀଣାପାଣି ମଣ୍ଡପ,ସମୟ: ଶୁକ୍ରବାର ଅପରାହ୍ନ: ୩ଟା।
- ପୂଜ୍ୟପୂଜା ସଂସଦ ପକ୍ଷରୁ ଗୁରୁ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ପୌର ସମ୍ମିଳନୀ କକ୍ଷ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ଗୁର ଦିବସ ପାଳନ, ସ୍ଥାନ: କେପିଏସ, ଉଦୟନଗର, ଡେରାବିଶ, ସମୟ: ସକାଳ ୯ଟା।
- ସତୀର୍ଥ ଅନୁଷ୍ଠାନ ପକ୍ଷରୁ ନବାହ୍ନ ପର୍ବ ଓ ଆଲୋଚନାଚକ୍ର କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀ ଜଗନ୍ନାଥ ମନ୍ଦିର ପରିସର, କୋରୋ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା
- ମା' ପାଇଁ ଗଛଟିଏ, ସ୍ଥାନ: ପାଣ୍ଡିରି, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପୁର୍ନବାସ ଶିକ୍ଷାଶ୍ରୀ ସମ୍ମାନ ପ୍ରଦାନ ଉତ୍ସବ, ସ୍ଥାନ: ପୁର୍ନବାସ, ମାଧପୁର, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଧାନମନ୍ତ୍ରୀ ଆଦର୍ଶ ବିଦ୍ୟାଳୟ ଉଦଘାଟନ ଉତ୍ସବ, ସ୍ଥାନ: ପରକଣା, ଗରଦପୁର, ସମୟ: ଅପରାହ୍ନ ୩ଟା।

## ଯାଜପୁର
- ଶ୍ୟାମସୁନ୍ଦର ହାଇସ୍କୁଲ ୧୯୮୫ ମାଟ୍ରିକ୍ ବ୍ୟାଚ୍ ତରଫରୁ ଗୁରୁପୂଜନ ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକର ଶ୍ୟାମସୁନ୍ଦର ଜୀଉ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ସ୍ୱର୍ଗତ କନ୍ଧମାଳ ଏମପି ହେମେନ୍ଦ୍ର ଚନ୍ଦ୍ର ସିଂଙ୍କ ୧୧ତମ ଶ୍ରାଦ୍ଧବାର୍ଷିକୀରେ ରକ୍ତଦାନ ଶିବିର, ସ୍ଥାନ:ପୁରୁଣା ରାଜବାଟି, ସମୟ: ସକାଳ ୯ଟା।
- ଗୁରୁ ଦିବସ, ସ୍ଥାନ: ନୟାଗଡ଼ ପଠାଣି ସାମନ୍ତ ଜିଲା ସଂସ୍କୃତି ଭବନ, ସମୟ: ସକାଳ ୯ ଟା
- ଗୁରୁ ଦିବସ, ସ୍ଥାନ: ଜିଲାର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ସମୟ: ପୂର୍ବାହ୍ନ ୧୧ଟା। ରାୟଗଡ଼ା
- ମହମ୍ମଦ ଜୟନ୍ତୀ ପାଳନ ଶୋଭାଯାତ୍ରା, ସ୍ଥାନ: ମୁନିଗୁଡା ଧୋବାସାହି ଆମ୍ବତୋଟାରୁ ମସ୍‌ଜିଦ, ସମୟ: ସକାଳ ୯ଟା।
- ଏଆଇସିଟିଇ ପକ୍ଷରୁ ୨ ଦିନିଆ କର୍ମଶାଳା, ସ୍ଥାନ: ଆଡମିନ୍ ଅଡ଼ିଟୋରିୟମ, ଜିଆଇଇଟି,ଗୁଣୁପୁର, ସମୟ: ସକାଳ ୯ ଟା।
- ଜିଲାସ୍ତରୀୟ ଗୁରୁ ଦିବସ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା।
- ମୁନିଗୁଡା କଂଗ୍ରେସର ସୃଜନ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: କମ୍ୟୁନିଟି ହଲ ପରିସର, ମୁନିଗୁଡା, ସମୟ: ଅପରାହ୍ନ ୩ ଟା।

## ନବରଙ୍ଗପୁର
- ବ୍ଲକସ୍ତରୀୟ ଗୁରୁ ଦିବସ ପାଳନ, ସ୍ଥାନ: ପିଏମ୍‌ଶ୍ରୀ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ,ତେନ୍ତୁଲିଖୁଣ୍ଟି, ସମୟ: ସକାଳ ୯ଟା।
- ବ୍ଲକ୍‌ର ସମସ୍ତ ବିଦ୍ୟାଳୟରେ ଗୁରୁଦିବସ ପାଳନ, ସ୍ଥାନ: ବ୍ଲକ ଅଧୀନ ସମସ୍ତ ବିଦ୍ୟାଳୟ, ଡାବୁଗାଁ, ସମୟ: ସକାଳ ୯ଟା।
- ପ୍ରୋଫେଟ ହଜରତ ମହମ୍ମଦଙ୍କ ଜୟନ୍ତୀ ପାଳନ, ସ୍ଥାନ: ଉମରକୋଟ, ସମୟ: ପୂର୍ବାହତ ୧୦ଟା।
- ଜିଲାସ୍ତରୀୟ ରକ୍ତଦାନ ଶିବିର, ସ୍ଥାନ: ଆରସିଡ଼ି ହାଇସ୍କୁଲ ପରିସର, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ଦୁର୍ଗାପୂଜା ପାଇଁ ଶୁଭ ଖୁଣ୍ଟି ସ୍ଥାପନ, ସ୍ଥାନ: ଧର୍ମଶାଳା, ଉମରକୋଟ, ସମୟ: ଅପରାହ୍ନ ୪ଟା।

## କୋରାପୁଟ
- ମହମ୍ମଦଙ୍କ ଜୟନ୍ତୀ ପାଳନ, ସ୍ଥାନ: ଥୁବା ଓ ପାତ୍ରପଣ୍ଡି, ସମୟ: ସକାଳ ୯ଟା।
- ଗୁରୁ ଦିବସ ପାଳନ, ସ୍ଥାନ: ସେମିଲିଗୁଡ଼ା ମହାବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ଗୁରୁଦିବସ ପାଳନ, ସ୍ଥାନ: ଜୟ ପ୍ରକାଶ ଉଚ୍ଚ ବିଦ୍ୟାଳୟ ପରିସର, ମାନିଆ, ସେମିଲିଗୁଡ଼ା, ସମୟ: ସକାଳ ୯ଟା ୩୦।
- ମୁଖ୍ୟମନ୍ତ୍ରୀ ଶିକ୍ଷକ ପୁରସ୍କାର, ଜିଲାସ୍ତରୀୟ ଗୁରୁଦିବସ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଗୁରୁ ଦିବସ, ସ୍ଥାନ: କଲେଜ ପରିସର, ସୁନାବେଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁ ଦିବସରେ ପୁସ୍ତକ ଲୋକାର୍ପଣ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।
- ଗୁରୁ ଦିବସ ପାଳନ, ସ୍ଥାନ: ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁଦିବସ ପାଳନ, ସ୍ଥାନ: ଶିକ୍ଷକ ଭବନ, କୁନ୍ଦୁରା ବ୍ଲକ୍, ସାଗରଗୁଡ଼ା, ସମୟ: ମଧାହ୍ନ ୧୨ଟା।

## ମାଲକାନଗିରି
- ୩ ଦିନିଆ ଆଦି କର୍ମଯୋଗୀ ପ୍ରଶିକ୍ଷଣ ଶିବିରର ଶୁଭାରମ୍ଭ, ସ୍ଥାନ:ଜିଲାପାଳଙ୍କ ଏଫ୍‌ଏଲ୍‌ସି ହଲ୍ ସମୟ:ପୂର୍ବାହ୍ନ ୧୦ ଟା।
- ବ୍ଲକସ୍ତରୀୟ ଗୁରୁ ଦିବସ ପାଳନ, ସ୍ଥାନ: କାଲିମେଳା ସରସ୍ୱତୀ ଶିଶୁ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ବାଲିମେଳା ଶିକ୍ଷକ ପରିବାରର ଗୁରୁ ଦିବସ ପାଳନ, ସ୍ଥାନ: ବାଲିମେଳା ଟାଉନହଲ, ସମୟ: ସନ୍ଧ୍ୟା ୭ ଟା।

## ସମ୍ବଲପୁର
- ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ, ସ୍ଥାନ: ଧନୁପାଲିସ୍ଥିତ ଆଦିତ୍ୟ କଲ୍ୟାଣ ମଣ୍ଡପ ପରିସର, ସମୟ : ସକାଳ ୯ଟା।
- ପଶ୍ଚିମାଞ୍ଚଳ ନାରୀଶକ୍ତି ପକ୍ଷରୁ ଗୁରୁପୂଜନ କାର୍ଯ୍ୟକ୍ରମ, ସ୍ଥାନ: ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଜଳ ସେବକ ସମ୍ମାନ ସମାରୋହ, ସ୍ଥାନ : ପାଛନିବାର୍ସ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ଉସୁ ଆସୋସିଏଶନ ପକ୍ଷରୁ ପ୍ରଶିକ୍ଷଣ, ସ୍ଥାନ: ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା, ସମୟ: ଅପରାହ୍ନ ୪ଟା।
- ମହମ୍ମଦ ଜୟନ୍ତୀ ଉତ୍ସବ, ସ୍ଥାନ: ପଲଟନ ମସଜିଦ, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର
- ଧର୍ମଗୁରୁ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ଶାନ୍ତି ସଦ୍‌ଭାବନା ଶୋଭାଯାତ୍ରା ସ୍ଥାନ: ସୁନ୍ନି ସଦର ମସ୍‌ଜିଦ, ଖଦାଲପଡା, ବଲାଙ୍ଗୀର,ସମୟ: ସକାଳ ୯ଟା।
- ଜିଲା କଂଗ୍ରେସ ପକ୍ଷରୁ ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ଅର୍ଥନୈତିକ ଅନ୍ତର୍ଭୁକ୍ତିକରଣ କ୍ୟାମ୍ପ,ସ୍ଥାନ: ମାଧିଆପାଲି, ବଲାଙ୍ଗୀର ଓ ବଥର୍ଲା, ପାଟଣାଗଡ, ସମୟ: ପୂର୍ବାହ୍ନ ୧୦ଟା।
- ଆଦି କର୍ମଯୋଗୀ ଅଭିଯାନ, ସ୍ଥାନ: ଜିଲା ପଞ୍ଚାୟତ ସାଧନ କେନ୍ଦ୍ର କୋଠା, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୪ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷ, ବଲାଙ୍ଗୀର ସମୟ: ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା
- କରମା ପୂଜା, ସ୍ଥାନ: ଜଗଦା, ସମୟ: ସକାଳ ୬ଟା।
- ରାଜୀ କରମା ପାଡ୍‌ହା ପକ୍ଷରୁ କରମା ଉତ୍ସବ, ସ୍ଥାନ: ଉଦିତନଗର, ସମୟ: ସକାଳ ୬ଟା।
- ଗୁରୁ ଦିବସ ପାଳନ, ସ୍ଥାନ: ସେକ୍ଟର-୧, ସମୟ: ପୂର୍ବାହ୍ନ ୧୧ଟା।
- ଅନନ୍ତ ବ୍ରତ ଉତ୍ସବ, ସ୍ଥାନ: ସେକ୍ଟର ୧୯, ସମୟ: ଅପରାହ୍ନ ୧ଟା।

## ସୁନ୍ଦରଗଡ଼
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ମାନ ସମାରୋହ, ସ୍ଥାନ: ସଂସ୍କୃତିଭବନ, ସୁନ୍ଦରଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ଗୁରୁଦିବସ ପାଳନ, ସ୍ଥାନ: ଲୁଆବାହାଲ ସେକେଣ୍ଡାରୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବରଗଡ଼
- ଗୁରୁ ଦିବସ ପାଳନ,ସ୍ଥାନ:ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବରଗଡ଼,ସମୟ: ସକାଳ ୯ଟା।
- କୃଷକ ସଙ୍ଗଠନର ନୂଆଖାଇ ଭେଟ୍‌ଘାଟ, ସ୍ଥାନ: ଚକୁଳି ଫାର୍ମ, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ:ସରସ୍ୱତୀ ମଣ୍ଡପ, ଅତାବିରା, ସମୟ:ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଗୁରୁ ଦିବସର ସୁବର୍ଣ୍ଣ ଜୟନ୍ତୀ, ସ୍ଥାନ: ସରସ୍ୱତୀ ମଣ୍ଡପ, ଅତାବିରା, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି
- ଜିଲା ପ୍ରାଥମିକ ସିଟି ସଂଘ ପକ୍ଷରୁ ଜିଲାସ୍ତରୀୟ ଗୁରୁ ଦିବସ ପାଳନ, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଯୁବ ସଂସ୍କାର କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ନବ ନିର୍ବାଚିତ ଜିଲା ବିଜେଡି ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ ଓ ଗୁରୁ ଦିବସ ପାଳନ, ସ୍ଥାନ: ଟାଉନ ହଲ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।
- ଗୁରୁ ବନ୍ଦନା ଉତ୍ସବ ଓ କବିତା ପାଠୋତ୍ସବ, ସ୍ଥାନ: ପାରିଜାତ ପ୍ୟାଲେସ ବୌଦ୍ଧ, ସମୟ: ଅପରାହ୍ନ ୩ଟା।

## ଦେବଗଡ଼
- ଗୁରୁ ଦିବସ ପାଳନ, ସ୍ଥାନ: ଦେବଗଡ଼ ବରିଷ୍ଠ ନାଗରିକ ଫୋରମ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରର ଜିଲାସ୍ତରୀୟ ସୁବିଧା ସମାରୋହ, ସ୍ଥାନ: ଦେବଗଡ଼ ଟାଉନ୍ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସାର୍ବଜନୀନ ଗଣେଶ ମେଳାର ବିସର୍ଜନ ଶୋଭାଯାତ୍ରା, ସ୍ଥାନ: ପୂଜା ମଣ୍ଡପରୁ ନଗର ପରିକ୍ରମା, ସମୟ: ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର
- ତରଭା ଫକୀର ବାବା ମସଜିଦ୍‌ରେ ମହମ୍ମଦ ଜୟନ୍ତୀ ପାଳନ ଉତ୍ସବ, ସ୍ଥାନ: ମସଜିଦ୍ ପରିସର, ସମୟ: ସକାଳ ୭ଟା।
- ଦିବ୍ୟ ଉର୍ଜା ଯୋଗ ସମିତିର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ସ୍ମାର୍ଟ ପାର୍କ, ସମୟ: ସକାଳ ୮ଟା।
- ରାଜ୍ୟସ୍ତରୀୟ ଗୁରୁ ପୂଜନୋତ୍ସବ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁଦିବସ ପାଳିତ, ସ୍ଥାନ: ବୀରମହାରାଜପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ବିନିକା ବ୍ଲକ ପ୍ରାଥମିକ ସଂଘ ପକ୍ଷରୁ ଗୁରୁ ପୂଜନ ଓ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ବିନିକା ସହର ସ୍ଥିତ ପାପକ୍ଷୟ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୁବର୍ଣ୍ଣପୁର କୋସଲ ଆବାସିକ ବିଦ୍ୟାଳୟ ପକ୍ଷରୁ ଗୁରୁ ପୂଜନ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।

## ନୂଆପଡ଼ା
- ଜିଲାସ୍ତରୀୟ ଗୁରୁ ଦିବସ ପାଳନ, ସ୍ଥାନ: ଜିଲା ତାଲିମ ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ନୂଆପଡା, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ଗୁରୁ ପୂଜନୋତ୍ସବ, ସ୍ଥାନ: ଅଗ୍ରେସନ ଭବନ ଖଡିଆଳ, ସମୟ: ଅପରାହ୍ନ ୩ଟା ୧୫।
- ସଙ୍ଗଠନ ସୃଜନ ଅଭିଯାନକୁ ନେଇ କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ଆନନ୍ଦ ଭବନ ସିନାପାଲି, ସମୟ: ପୂର୍ବାହ୍ନ ୧୧ଟା ୩୦।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଡ଼ି ପୋକଶୁଙ୍ଘା ମଲା ଦି' ସଉତୁଣୀ କଜିଆ କଲେ ମନ ଗଲୁ ମନେ ମଲା।**
ଦୁଇ ସଉତୁଣୀ ମଧ୍ୟରେ ଅହିନକୁଳ ସମ୍ପର୍କ ରହିଥାଏ। କେହି କାହାରିକୁ ଦେଖିସହି ପାରି ନ ଥାନ୍ତି। ସେମାନଙ୍କ ମଧ୍ୟରେ ସର୍ବଦା ମନୋମାଳିନ୍ୟ ଦେଖା ଦେଉଥିବାବେଳେ ପରିବାର ମଧ୍ୟରେ ଝଡ଼ ସୃଷ୍ଟି ହୋଇଥାଏ। ଯାଉଣୁ ଆସୁଣୁ ଦେଖେଇ ଶିଖେଇ କଳି କରିବା ନିତିଦିନିଆ ଘଟଣା ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବଡ଼ ବଡ଼ ଗଲେ ଫସର ଫାଟି ସାନ ସାନ ଅଇଲେ ବେସର ବାଟି।**
ବେଳେ ବେଳେ ଉଚ୍ଚ ପଦପଦବୀ ବ୍ୟକ୍ତି କୌଣସି ଏକ କାର୍ଯ୍ୟକୁ କରିବାପାଇଁ ଚେଷ୍ଟାକରି ସେଥିରେ ସଫଳ ହୋଇପାରୁ ନ ଥିବା ବେଳେ ଏହା ସେମାନଙ୍କ ନିକଟରେ ଅସାଧ ହୋଇପଡୁଥିବାର ଜଣାଯାଇଥାଏ। ସେହିପରି କାର୍ଯ୍ୟକୁ ଜଣେ ସୀମିତ ଶକ୍ତି ଥିବା ସାଧାରଣ କ୍ଷମତାଧାରୀ ବ୍ୟକ୍ତି ବାହାଦୁରି ନେବା ଉଦ୍ଦେଶ୍ୟରେ କରିବାକୁ ଆଗଭର ହେଉଥିବା ଦେଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଶ୍ରୀଜଗନ୍ନାଥଙ୍କ ୫୮ ହଜାର...
ଏବଂ ବାହାରେ ଯେଉଁଠି ମହାପ୍ରଭୁଙ୍କ ସମ୍ପତ୍ତି ଅଛି ସେସବୁ ମହାପ୍ରଭୁଙ୍କ କାମରେ କିପରି ବିନିଯୋଗ ହୋଇପାରିବ ସେନେଇ ସରକାର ପଦକ୍ଷେପ ନେଉଛନ୍ତି ବୋଲି ଆଇନ ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ଭିତରେ ମଧ୍ୟ ମହାପ୍ରଭୁଙ୍କ ନାଁରେ ବହୁ ଜମି ରହିଛି। ସେଥିମଧ୍ୟରୁ ଅନେକ ଜାଗାକୁ ବହୁ ଜଣ ମାଡ଼ି ବସିଛନ୍ତି। ସେଗୁଡିକ ଫେରାଇ ଆଣିବା ଲାଗି ପୂର୍ବ ସରକାର ସମୟରୁ ତତ୍କାଳୀନ ସମୟରେ ଯେଉଁମାନେ ମନ୍ତ୍ରୀ ରହି ଆସିଛନ୍ତି ବାରମ୍ବାର ପ୍ରତିଶ୍ରୁତି ଦେଇଥିବା ସତ୍ତ୍ୱେ ତାକୁ ବାସ୍ତବରୂପ ଦେବାରେ ଅସଫଳ ହୋଇଛନ୍ତି। ତେଣୁ ଏବେ ସରକାର କରିଥିବା ଘୋଷଣା କେତେ ପୂରଣ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ଉଚିତ ମୂଲ୍ୟ ପାଇବେ...
ଖର୍ଚ୍ଚ ହ୍ରାସ କରିବାରେ ସହାୟକ ହେବ ଓ ସେମାନଙ୍କର ଜୀବନ ଧାରଣର ମାନରେ ଉନ୍ନତି ଘଟିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ଷ୍ଟାର୍ଟଅପ୍ ବ୍ୟବସାୟୀଙ୍କ ଲାଗି ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସରଳ ଓ ସହଜ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଟିକସ ହ୍ରାସ ୨୨ ସେପ୍ଟେମ୍ବର ୨୦୨୫ ନବରାତ୍ରିର ପ୍ରଥମ ଦିନରୁ ଲାଗୁ କରାଯିବ। ଏକ ବିକଶିତ ଭାରତ ଗଠନ ଲାଗି ଉଦ୍ଦିଷ୍ଟ ଉକ୍ତ ସଂସ୍କାର ପ୍ରକ୍ରିୟାକୁ ରାଜ୍ୟବାସୀ ପୂର୍ଣ୍ଣ ସମର୍ଥନ ଜଣାଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ମୋଦିଙ୍କ ଜନ୍ମଦିନରେ...
ନାଏକ କହିଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେନ୍ଦ୍ରର ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ହୋଇଛି। ଆସନ୍ତା ନଭେମ୍ବରରୁ କାର୍ଯ୍ୟାଦେଶ ଦିଆଯିବ। ନଭେମ୍ବର ପର୍ଯ୍ୟନ୍ତ ସବୁ ପ୍ରକ୍ରିୟା ଶେଷ ହେବ। ନୂଆ ସର୍ଭେ ଅନୁସାରେ ୩୫ ଲକ୍ଷ ଆବେଦନ ସରକାରଙ୍କ ନିକଟକୁ ଆସିଛି। ଏହିସବୁ ଆବେଦନ ଅନ୍‌ଲାଇନରେ ଆସିଛି। ସବୁ ଆବେଦନ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ଚିହ୍ନଟ ହୋଇଛି। ଏହିସବୁକୁ ସ୍କ୍ରୁଟିନି ମଧ୍ୟ କରାଯାଇ ଠିକ୍ ସମୟରେ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ ନାଏକ କହିଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ରାଜ୍ୟ ସରକାର ୧ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରିଛନ୍ତି। ଅନେକ ହିତାଧିକାରୀ କାର୍ଯ୍ୟାଦେଶ ପାଇସାରିଥିବା ବେଳେ ପ୍ରଥମ ପର୍ଯ୍ୟାୟ ଟଙ୍କା ପାଇଛନ୍ତି। ଅନେକ ହିତାଧିକାରୀ କାର୍ଯ୍ୟାଦେଶ ପାଇବା ସହ ଘର ନିର୍ମାଣ କରିସାରିଥିଲେ ସୁଦ୍ଧା ପ୍ରଥମ କିସ୍ତି ପରେ ଅନ୍ୟ କିସ୍ତିଗୁଡିକ ପାଇନାହାନ୍ତି।

## ଓଡ଼ିଶାର ୬୦% ମନ୍ତ୍ରୀଙ୍କ...
ସମେତ କେନ୍ଦ୍ର ମନ୍ତ୍ରୀମାନଙ୍କ ସତ୍ୟପାଠକୁ ଏଡିଆର୍ ଅନୁଧ୍ୟାନ କରିବା ପରେ ୩୦୨ ଜଣ ବା ମୋଟ ମନ୍ତ୍ରୀ ସଂଖ୍ୟାର ୪୭ ପ୍ରତିଶତଙ୍କ ନାମରେ ଆପରାଧିକ ମାମଲା ଥିବା ଜଣାପଡ଼ିଥିଲା। ସେମାନଙ୍କ ମଧ୍ୟରୁ ୧୭୪ ଜଣଙ୍କ ନାମରେ ଗମ୍ଭୀର ଆପରାଧିକ ମାମଲା ରହିଛି। ଭାଜପାର ମୋଟ ୩୩୬ ମନ୍ତ୍ରୀଙ୍କ ମଧ୍ୟରୁ ୧୩୬ ଜଣ ବା ୪୦%ଙ୍କ ନାମରେ ଆପରାଧିକ ମାମଲା ଏବଂ ୮୮ ଜଣ (୨୬%)ଙ୍କ ନାଁରେ ଗମ୍ଭୀର ମାମଲା ରହିଥିବା ସେମାନେ ଘୋଷଣା କରିଛନ୍ତି। ସେହିପରି ୪ ରାଜ୍ୟରେ କ୍ଷମତାରେ ଥିବା କଂଗ୍ରେସର ମୋଟ ୪୫ ମନ୍ତ୍ରୀ (୭୪%)ଙ୍କ ନାମରେ ଆପରାଧିକ ମାମଲା ଏବଂ ୧୮ ଜଣ (୩୦%)ଙ୍କ ନାଁରେ ଗମ୍ଭୀର ଆପରାଧିକ ମାମଲା ରହିଛି। ଡିଏମ୍‌କେର ୩୧ ମନ୍ତ୍ରୀଙ୍କ ମଧ୍ୟରୁ ୨୭ ଜଣ (୮୭%)ଙ୍କ ନାମରେ ଆପରାଧିକ ମାମଲା ଏବଂ ୧୪ ଜଣ (୪୫%)ଙ୍କ ନାଁରେ ଗମ୍ଭୀର ମାମଲା ରହିଛି। ଟିଏମ୍‌ସିର ୪୦ ମନ୍ତ୍ରୀଙ୍କ ମଧ୍ୟରୁ ୧୪ ଜଣ (୩୩%)ଙ୍କ ନାମରେ ଆପରାଧିକ ମାମଲା ଏବଂ ୮ ଜଣ (୨୦%)ଙ୍କ ନାମରେ ଗମ୍ଭୀର ମାମଲା ରହିଛି। ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)ର ୨୩ ମନ୍ତ୍ରୀଙ୍କ ମଧ୍ୟରୁ ୨୨ ଜଣ (୯୬%)ଙ୍କ ନାମରେ ଆପରାଧିକ ମାମଲା ଏବଂ ୧୩ ଜଣ (୫୭%)ଙ୍କ ନାମରେ ଗମ୍ଭୀର ମାମଲା ରହିଛି। ଆପ୍‌ର ୧୬ ମନ୍ତ୍ରୀଙ୍କ ମଧ୍ୟରୁ ୧୧ (୬୯%)ଙ୍କ ନାଁରେ ଆପରାଧିକ ମାମଲା ଏବଂ ୫ ଜଣ (୩୧%)ଙ୍କ ନାମରେ ଗମ୍ଭୀର ମାମଲା ରହିଛି। ଜାତୀୟ ସ୍ତରରେ ୭୨ କେନ୍ଦ୍ରମନ୍ତ୍ରୀଙ୍କ ମଧ୍ୟରୁ ୨୯ ଜଣ (୪୦%)ଙ୍କ ନାମରେ ଆପରାଧିକ ମାମଲା ଥିବା ସେମାନେ ସତ୍ୟପାଠରେ ଦର୍ଶାଇଛନ୍ତି। ରିପୋର୍ଟ ଅନୁଯାୟୀ, ୬୪୩ ମନ୍ତ୍ରୀଙ୍କ ମୋଟ ସମ୍ପତ୍ତି ପରିମାଣ ୨୩,୯୨୯ କୋଟି ଟଙ୍କା ହୋଇଥିବାବେଳେ ହାରାହାରି ସମ୍ପତ୍ତି ୩୭.୨୧ କୋଟି ଟଙ୍କା। ୩୦ ବିଧାନସଭା ମଧ୍ୟରୁ ୧୧ଟିରେ ବିଲିୟନେୟାର (୧୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ଥିବା) ମନ୍ତ୍ରୀ ରହିଛନ୍ତି। କର୍ଣ୍ଣାଟକରେ ସର୍ବାଧିକ ୮ ବିଲିୟନେୟାର ମନ୍ତ୍ରୀ ଥିବାବେଳେ ଆନ୍ଧ୍ରପ୍ରଦେଶରେ ୬ ଏବଂ ମହାରାଷ୍ଟ୍ରରେ ୪ ଜଣ ବିଲିୟନେୟାର ମନ୍ତ୍ରୀ ରହିଛନ୍ତି। ଅରୁଣାଚଳପ୍ରଦେଶ, ଦିଲ୍ଲୀ, ହରିୟାଣା ଓ ତେଲଙ୍ଗାନାରେ ୨ ଜଣ ଲେଖାଏ, ଗୁଜରାଟ, ହିମାଚଳପ୍ରଦେଶ, ମଧ୍ୟପ୍ରଦେଶ ଓ ପଞ୍ଜାବରେ ଜଣେ ଲେଖାଏ ବିଲିୟନେୟାର ମନ୍ତ୍ରୀ ହୋଇଥିବାବେଳେ କେନ୍ଦ୍ରରେ ୬ ଜଣ (୮%) ବିଲିୟନେୟାର ମନ୍ତ୍ରୀ ଅଛନ୍ତି। ଦଳ ଅନୁଯାୟୀ ଦେଖିଲେ ଭାଜପାରୁ ସର୍ବାଧିକ ୧୪ ଜଣ (୪%), କଂଗ୍ରେସରୁ ୧୧ଜଣ (୧୮%) ଏବଂ ଟିଡିପିରୁ ୬ ଜଣ (୨୬%) ମନ୍ତ୍ରୀ ବିଲିୟନେୟାର। କେନ୍ଦ୍ରରେ ମନ୍ତ୍ରୀ ଥିବା ଟିଡିପିର ଡ. ଚନ୍ଦ୍ରଶେଖର ପେମାସାନି ସବୁଠୁ ଧନୀ। ତାଙ୍କ ସମ୍ପତ୍ତି ପରିମାଣ ୫,୭୦୫ କୋଟି ଟଙ୍କା ବୋଲି ସେ ସତ୍ୟପାଠରେ ଦର୍ଶାଇଛନ୍ତି। ତାଙ୍କ ପଛକୁ ୧,୪୧୩ କୋଟି ଟଙ୍କାର ସମ୍ପତ୍ତି ସହ କର୍ଣ୍ଣାଟକ କଂଗ୍ରେସ ନେତା ତଥା ମନ୍ତ୍ରୀ ଡି.କେ. ଶିବକୁମାର ଦ୍ୱିତୀୟ ସ୍ଥାନରେ ଥିବାବେଳେ ୯୩୧ କୋଟି ଟଙ୍କାର ସମ୍ପତ୍ତି ସହ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ତ୍ରିପୁରା ଇଣ୍ଡିଜେନିଅସ୍ ପିପୁଲ୍ସ ଫ୍ରଣ୍ଟରୁ ମନ୍ତ୍ରୀ ଥିବା ଶୁକ୍ଲାଚରଣ ନୋଏଟିଆଙ୍କ ସମ୍ପତ୍ତି ମାତ୍ର ୨ ଲକ୍ଷ ଟଙ୍କା ହୋଇଥିବାବେଳେ ପଶ୍ଚିମବଙ୍ଗ ମନ୍ତ୍ରୀ ବୀରବାହ ହାଁସଦାଙ୍କ ସମ୍ପତ୍ତି ୩ ଲକ୍ଷ ଟଙ୍କାରୁ ସାମାନ୍ୟ ଅଧିକ। ମନ୍ତ୍ରୀମାନେ ୨୦୨୦ରୁ ୨୦୨୫ ମଧ୍ୟରେ ଦାଖଲ କରିଥିବା ସତ୍ୟପାଠରୁ ଆପରାଧିକ ମାମଲାର ସ୍ଥିତି ରିପୋର୍ଟରେ ପ୍ରକାଶ ପାଇଥିବାବେଳେ ବର୍ତ୍ତମାନ ସ୍ଥିତିରେ ପରିବର୍ତ୍ତନ ହୋଇଥାଇପାରେ ବୋଲି ଏଡିଆର୍ କହିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କୃତ୍ତିକା ନକ୍ଷତ୍ର ସକାଶେ ସମସ୍ୟାବହୁଳ ସାମାଜିକ ସ୍ଥିତି ଦେଖାଦେଇପାରେ। କିନ୍ତୁ ବନ୍ଧୁଙ୍କ ମନ ବୁଝିଲା ଭଳି କଥା କହି ବିବାଦୀୟ ପରିସ୍ଥିତିକୁ ସୁଧାରି ନେବେ। ଆକସ୍ମିକ ଭାବରେ ବନ୍ଧୁଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବାକୁ ପଡ଼ିପାରେ। ସାହିତ୍ୟ, ସାମ୍ବାଦିକତା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** ଆଜିର କାମଗୁଡ଼ିକ ରୋହିଣୀ ନକ୍ଷତ୍ର ସକାଶେ ବନ୍ଧୁଙ୍କ ସାହାଯ୍ୟ, ସହଯୋଗରୁ ସହଜରେ ସମ୍ପନ୍ନ ହେବ। ଆନୁଷ୍ଠାନିକ କାମରେ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ କାର୍ଯ୍ୟାରମ୍ଭ କରିପାରନ୍ତି। ସଭାସମିତି, ରାଜନୀତି, ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ଭୁଲ୍ ବୁଝାମଣାରୁ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ।

**ମିଥୁନ** ଆଜିର କର୍ମକ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ରହିବାରୁ ମାନସିକ ଅସ୍ଥିରତା ସୃଷ୍ଟି ହେବ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ ନ କଲେ ସମସ୍ୟା ଭୋଗିବେ। ସହକର୍ମୀ ସ୍ୱାର୍ଥସାଧନ ପାଇଁ ଆପଣଙ୍କ କାର୍ଯ୍ୟରେ ସାହାଯ୍ୟ କରିବେ ନାହିଁ। ପୁନର୍ବସୁ ନକ୍ଷତ୍ର ପରିବାର ପାଇଁ ନିଜ ମନପସନ୍ଦର ଜିନିଷ କିଣିବା ସକାଶେ ମନ ବଳାଇବେ।

**କର୍କଟ** ପୁଷ୍ୟା ନକ୍ଷତ୍ର କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବା କାରଣରୁ ଚିନ୍ତିତ ରହିପାରନ୍ତି। ଶିକ୍ଷା, ପରୀକ୍ଷା, ଲେଖାପଢା, ଆଲୋଚନା ତଥା ଚୁକ୍ତିପତ୍ର ସମ୍ପାଦନାରେ ସଫଳତା ହାସଲ କରିବେ। ଆଜି ଯାତ୍ରା ସମୟରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ସୃଷ୍ଟି ହୋଇପାରେ।

**ସିଂହ** ମଘା ନକ୍ଷତ୍ର କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିଙ୍କ ଦ୍ୱାରା ସହଯୋଗ ପାଇବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନସ୍ତାପ ବଢିଯାଇପାରେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ। ବ୍ୟବସାୟ ଓ ପରିବହନରେ ହଠାତ୍ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କନ୍ୟା** ପୂର୍ବାଫାଲଗୁନୀ ନକ୍ଷତ୍ର ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଦେଖାଦେବ। ବନ୍ଧୁ ଓ ସହକର୍ମୀଙ୍କ ସାହାଯ୍ୟ କର୍ମକ୍ଷେତ୍ରକୁ ଋଦ୍ଧିମନ୍ତ କରିବ। ସାମାଜିକ କ୍ଷେତ୍ରରେ ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରିବା ଭଲ। ଘର ଲୋକଙ୍କୁ ଉପେକ୍ଷା କରି ପରକଥାରେ ଭୁଲ ମାର୍ଗର ଅନୁସରଣ କରି ଅନୁତାପ କରିବାକୁ ପଡିପାରେ।

**ତୁଳା** ବିଶାଖା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ ହେତୁ ମାନସିକ ସ୍ଥିତି ଭଲ ରହିବ। ଉପର ଅଧିକାରୀଙ୍କୁ ମନକଥା କହିବାରେ ପଛେଇ ଯିବେ। ପାରିବାରିକ ଅଶାନ୍ତି ହେତୁକ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** ଭୁଲ୍ ବୁଝାମଣା ହେତୁ ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ପରିଲକ୍ଷିତ ହେବ। ସାମାଜିକ ସ୍ତରରେ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। ଜ୍ୟେଷ୍ଠା ନକ୍ଷତ୍ର ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି ଚଳାଇ ନେବେ। କଳା,ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ଆଜି ପୂର୍ବାଷାଢା ନକ୍ଷତ୍ର ଦୀର୍ଘଦିନରୁ ଆଶା କରିଥିବା ଜିନିଷଟି ପାଇ ଖୁସି ହେବେ। ପାରିବାରିକ, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇପାରନ୍ତି। ପରିବାରରେ ଭୁଲ୍ ବୁଝାମଣାବଶତଃ ନିଜ ନିଜ ମଧ୍ୟରେ କଳହ ଦେଖାଦେବ। ମାଲିମକଦ୍ଦମାରେ ଆପୋସ ସମାଧାନ ଘଟିବାର ଆଶା ରହିଛି।

**ମକର** କାର୍ଯ୍ୟହାନି କାରଣରୁ ଶ୍ରବଣା ନକ୍ଷତ୍ରର ମାନସିକ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ରାଜନୈତିକ ସ୍ତରରେ କିମ୍ବା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। କେତେକ କ୍ଷେତ୍ରରେ ବୁଝାମଣା ଅଭାବରୁ କାରଣ ନ ଥାଇ ମଧ୍ୟ ଦୋଷୀ ସାବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** ଧନିଷ୍ଠା ନକ୍ଷତ୍ର ସକାଶେ ଆଜିର ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ରପ୍ତାନି ବାଣିଜ୍ୟ, ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଦୀର୍ଘ ଦିନରୁ ପଡି ରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପାରିବାରିକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

**ମୀନ** ସୁବିଧାରେ ରହିବା ପାଇଁ ଯେତେ ଚେଷ୍ଟା କଲେ ମଧ୍ୟ ନିଜ ଲୋକଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ପରିବାରରେ ମତାନୈକ୍ୟ ଘଟିପାରେ। କେତେକ କ୍ଷେତ୍ରରେ ଜିଦ୍‌ଖୋର କାରଣରୁ ହଇରାଣ ହୋଇପାରନ୍ତି। ଉତ୍ତରଭାଦ୍ର ନକ୍ଷତ୍ର ଗୁରୁଜନଙ୍କ ସ୍ୱାସ୍ଥ୍ୟହାନି କାରଣରୁ ଚିନ୍ତିତ ରହିପାରନ୍ତି।

ଆଜି ସେପ୍ଟେମ୍ବର ୫ ତାରିଖ, ଗୁରୁଦିବସ, ଶ୍ରୀମନ୍ଦିରରେ ବଳିବାମନ ବେଶ, ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୟନ୍ତୀ, ବିଦ୍ୟାବାଚସ୍ପତି ପ୍ରଫେସର ଗୌରୀକୁମାର ବ୍ରହ୍ମାଙ୍କ ଜୟନ୍ତୀ, ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ (ମିଲଦ-ଉନ୍-ନବି), ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ ଶୁକ୍ରବାର। ରାଶିନକ୍ଷତ୍ର-ଶ୍ରବଣା/ମକର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୩୫ ଗତେ, ଘ.୦୬।୨୪ ମଧ୍ୟେ,ଘ.୦୭।୧୪ଗତେ,ଘ.୦୮।୪୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ. ୧୦।୧୨ ଗତେ, ଘ.୧୧।୪୫ ମଧ୍ୟେ ରାହୁକାଳ।

# ‘ସୁଭଦ୍ରା’ ଯାଞ୍ଚ ଜୋର୍‌ଦାର

## ୩ ବିଭାଗଠାରୁ ଲୋଡ଼ାଗଲା ରିପୋର୍ଟ

ଭୁବନେଶ୍ୱର,୪ା୯ (ରବିନାରାୟଣ ଜେନା)

ରାଜ୍ୟରେ ‘ସୁଭଦ୍ରା’ ଯୋଜନା ନେଇ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଖୋଳତାଡ ଆରମ୍ଭ ହୋଇଛି। ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ହୋଇଥିବା ଏକ ବୈଠକର ନିର୍ଯ୍ୟାସକୁ ନେଇ ୩ଟି ବିଭାଗଠାରୁ ‘ସୁଭଦ୍ରା’ର ବିସ୍ତୃତ ତଥ୍ୟ ଲୋଡ଼ାଯାଇଛି। ମଙ୍ଗଳବାର ଏନେଇ ବାଣିଜ୍ୟ ଓ ପରିବହନ ବିଭାଗ ଅତିରିକ୍ତ ସଚିବ ବିଧାନ ଚନ୍ଦ୍ର ରାୟ ରାଜ୍ୟ ପରିବହନ ଆୟୁକ୍ତଙ୍କୁ ଏକ ପତ୍ର ଲେଖିଛନ୍ତି। ସେ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି, ‘ସୁଭଦ୍ରା’ ଆବଦେନକାରୀଙ୍କ ପରିବାରରେ ଯଦି କାହା ନାମରେ ଚାରିଚକିଆ ଯାନ ଅଛି, ତାହାକୁ ବାହନ ଡାଟାବେସ୍ ସହିତ ମେଳ କରି ବିଭାଗକୁ ତୁରନ୍ତ ଜଣାଅ। କେଉଁ କାରଣ ଯୋଗୁ ଆବେଦନପତ୍ର ନାକଚ କରାଯାଇଛି ତାହା ଅବଗତ କରାଇବାକୁ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ ‘ସୁଭଦ୍ରା’ ହିତାଧିକାରୀଙ୍କ ସମ୍ପର୍କରେ ମଣ୍ଡିରେ ପ୍ରଦାନ କରାଯାଇଥିବା ଧାନ ତଥ୍ୟ ସହିତ ଓକାକ୍ ତଥ୍ୟକୁ ମେଳ କରି ଅବଗତ କରାଇବାକୁ କୁହାଯାଇଛି। ଏହାସହିତ ସମ୍ପୃକ୍ତ ଆବେଦନକାରୀଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ପି–ପାସ୍ ଦିଆଯାଇଥିଲା କି ନାହିଁ, ଯଦି ଦିଆଯାଇଥିଲା ସେଥିରେ କେତେ ଧାନ ବିକ୍ରି ହୋଇଛି ତା’ର ଟିକିନିଖି ତଥ୍ୟ ଓକାକ୍ ସହିତ ମେଳ କରି ପ୍ରଦାନ କରିବାକୁ କୁହାଯାଇଛି। ଏହାସହିତ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ମୃତ ‘ସୁଭଦ୍ରା’ ହିତାଧିକାରୀଙ୍କ ତଥ୍ୟ ଲୋଡ଼ାଯାଇଛି। ସୂଚନାଯୋଗ୍ୟ, ଏନେଇ ଅଗଷ୍ଟ ୧୩ରେ ଲୋକସେବା ଭବନରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ନିର୍ଦ୍ଦେଶକ(ଆଇସିଡିଏସ୍ ଓ ଏସ୍‌ଡବ୍ଲୁ) ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗ ସ୍ୱତନ୍ତ୍ର ସଚିବ ଡି.ଏସ୍. ଜେନା, ମହିଳା ଓ ଶିଶୁ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ କୃତିବାସ ରାଉତ, ସ୍ୱାସ୍ଥ୍ୟବିଭାଗର ଅତିରିକ୍ତ ସଚିବ ସୁମିତ୍ରା ସେନାପତି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଉପସଚିବ ଟିମୋ କହଁର ଏବଂ ସୁଭଦ୍ରା ଓଏସ୍‌ଡି ଦିବ୍ୟଜ୍ୟୋତି ଦେବଦର୍ଶିନୀ ପ୍ରମୁଖ ସାମିଲ ଥିଲେ। ଏହି ଅବସରରେ ‘ସୁଭଦ୍ରା’ ହିତାଧିକାରୀଙ୍କ ଆବେଦନ ନାକଚ ଓ ଏହାର କାରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ଉପରୋକ୍ତ ତିନୋଟି ବିଭାଗଠାରୁ ତଥ୍ୟ ଲୋଡ଼ାଯାଇଛି।

# ୩୫୦୦ ଟଙ୍କା ଭତ୍ତା ପାଇବାକୁ ବୟସ ବଢ଼ାଉଛନ୍ତି ଆବେଦନକାରୀ

## ଯାଞ୍ଚ ପାଇଁ ସବୁ ଜିଲାପାଳଙ୍କୁ ସଚିବଙ୍କ ଚିଠି

ଭୁବନେଶ୍ୱର, ୪ା୯(ସୁନିତ୍ ମିଶ୍ର)

ରାଜ୍ୟ ସରକାର ୮୦ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ବ୍ୟକ୍ତିଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବାବଦକୁ ୩୫୦୦ ଟଙ୍କା ଲେଖା ପ୍ରଦାନ କରୁଛନ୍ତି। ଏହାଠାରୁ କମ୍ ବୟସର ଲୋକମାନଙ୍କୁ ସରକାର ମଧୁବାବୁ ପେନ୍‌ସନ ଯୋଜନାରେ ୧୦୦୦ ଟଙ୍କା ଲେଖା ଦେଉଛନ୍ତି। ହେଲେ ଅଧିକ ଟଙ୍କାର ବାର୍ଦ୍ଧକ୍ୟ ଭତ୍ତା ପାଇବା ପାଇଁ ଲୋକମାନେ ନିଜ ବୟସ ବଢ଼ାଉଥିବା ଲକ୍ଷ୍ୟ କରାଯାଉଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ସବୁ ଜିଲାପାଳଙ୍କୁ ବିଭାଗୀୟ ସଚିବ ଆର୍.ଏସ୍. ଗୋପାଳନ ବୁଧବାର ଚିଠି ଜାରି କରିଛନ୍ତି। ସବୁ ଜିଲାପାଳଙ୍କୁ ଭୋଟର ପରିଚୟ ପତ୍ର ଯାଞ୍ଚ କରିବା ଲାଗି ବିଭାଗୀୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ନୂଆ ଆବେଦନକାରୀ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆବେଦନ କରିଛନ୍ତି। ସେମାନେ ତାଙ୍କ ଭୋଟର କାର୍ଡ ପ୍ରଦାନ ମଧ୍ୟ କରିଛନ୍ତି, ଯେଉଁଥିରେ ସେମାନଙ୍କ ବୟସ ବଦଳାଇ ଦିଆଯାଇଛି। ସମସ୍ତେ ଜାଣନ୍ତି ୮୦ ପ୍ରତିଶତ ଭିନ୍ନକ୍ଷମ ବ୍ୟକ୍ତି କିମ୍ବା ୮୦ ବର୍ଷରୁ ଅଧିକ ବୟସର ଲୋକମାନଙ୍କୁ ସରକାର ଏହି ଯୋଜନାରେ ୩୫୦୦ ଟଙ୍କା ଲେଖା ପ୍ରଦାନ କରୁଛନ୍ତି। ତେଣୁ ଯେଉଁ ନୂଆ ବ୍ୟକ୍ତିମାନେ ଏହି ଯୋଜନାରେ ଆବେଦନ କରିଛନ୍ତି ସେମାନଙ୍କ ଭୋଟର ପରିଚୟ ପତ୍ର ମାଗି ସେମାନଙ୍କ ବାସ୍ତବ ବୟସ ଯାଞ୍ଚ କରାଯାଉ। ଏହା ଅତ୍ୟନ୍ତ ଜରୁରୀ ବୋଲି ସଚିବ ଦେଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ନୂଆଦିଲ୍ଲୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ୍ କରି ଓଡ଼ିଶାର ବିକାଶ ପରିଯୋଜନା, ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ରାଜ୍ୟ ସରକାରଙ୍କ ଦୃଷ୍ଟିକୋଣ ଇତ୍ୟାଦି ବିଷୟରେ ଆଲୋଚନା କରିଛନ୍ତି।



ନୂଆଦିଲ୍ଲୀରେ ଗୁରୁବାର କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ସେ ରାଜ୍ୟରେ ରେଳ ଭିତ୍ତିଭୂମିର ବିକାଶ, ସେମିକଣ୍ଡକ୍ଟର ଶିଳ୍ପ ଏବଂ ଆଇଟି କ୍ଷେତ୍ରର ପ୍ରସାର ଆଦି ବିଷୟରେ ଆଲୋଚନା କରିଛନ୍ତି।

# ଏନ୍‌ଆଇଆର୍‌ଏଫ୍ ୨୦୨୫: ଶୀର୍ଷରେ ଆଇଆଇଟି ମାଡ୍ରାସ୍

## ଆଇଆଇଏସ୍‌ସି ବେଙ୍ଗାଲୁରୁ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ

ନୂଆଦିଲ୍ଲୀ,୪ା୯(ପି.ଟି.)

ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନାଲ ର୍‌ୟାଙ୍କିଙ୍ଗ୍ ଫ୍ରେମ୍‌ୱର୍କ (ଏନ୍‌ଆଇଆର୍‌ଏଫ୍) ୨୦୨୫ ଅନୁଯାୟୀ, ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ମାଡ୍ରାସ୍ ସପ୍ତମ ଥର ପାଇଁ ସାମଗ୍ରିକ ବର୍ଗରେ ଶୀର୍ଷ ସ୍ଥାନ ହାସଲ କରିଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ଏନ୍‌ଆଇଆର୍‌ଏଫ୍‌ର ଦଶମ ସଂସ୍କରଣ ଘୋଷଣା କରିଛନ୍ତି। ଏହି ର୍‌ୟାଙ୍କିଙ୍ଗ୍ ଅନୁଯାୟୀ, ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ (ଆଇଆଇଏସ୍‌ସି) ବେଙ୍ଗାଲୁରୁ ଲଗାତର ୧୦ମ ବର୍ଷ ପାଇଁ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭାବେ ନିଜ ସ୍ଥାନକୁ ବଜାୟ ରଖିଛି। ସାମଗ୍ରିକ ବର୍ଗରେ ଆଇଆଇଏସ୍‌ସି, ବେଙ୍ଗାଲୁରୁ ୨ୟ ସ୍ଥାନରେ ଥିବାବେଳେ ଏହାପଛକୁ ଆଇଆଇଟି ବମ୍ବେ ଓ ଆଇଆଇଟି ଦିଲ୍ଲୀ ରହିଛନ୍ତି। ବିଶ୍ୱବିଦ୍ୟାଳୟ ବର୍ଗରେ ଦିଲ୍ଲୀ ଜେଏନ୍‌ୟୁ ୨ୟ ସ୍ଥାନରେ ରହିଛି। ଏହି ତାଲିକାରେ କର୍ନାଟକର ମଣିପାଲ ଏକାଡେମୀ ଅଫ୍ ହାୟର ଏଜୁକେଶନ୍ ୩ୟ ସ୍ଥାନରେ ରହିଛି। ବିଶ୍ୱବିଦ୍ୟାଳୟ ବର୍ଗରେ ଦିଲ୍ଲୀର ପ୍ରତିଷ୍ଠିତ ଜାମିଆମିଲିଆ ଇସ୍‌ଲାମିଆ ପାଦେ ତଳକୁ ଖସି ଚତୁର୍ଥ ସ୍ଥାନରେ ରହିଛି। ଏନ୍‌ଆଇଆର୍‌ଏଫ୍ ୨୦୨୫ର ମହାବିଦ୍ୟାଳୟ ବର୍ଗରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନ ହିନ୍ଦୁ କଲେଜ ଓ ମିରାନ୍ଦା ହାଉସ୍ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଏନ୍‌ଆଇଆର୍‌ଏଫ୍ ୨୦୨୫ ଅନୁଯାୟୀ, ଦେଶର ଶ୍ରେଷ୍ଠ ୧୦ ଇଞ୍ଜିନିୟରିଂ କଲେଜ ମଧ୍ୟରେ ୯ ଆଇଆଇଟି ରହିଛି। ଏହି ତାଲିକାରେ ଲଗାତର ୧୦ମ ବର୍ଷ ପାଇଁ ଆଇଆଇଟି ମାଡ୍ରାସ୍ ଶୀର୍ଷ ସ୍ଥାନରେ ରହିଛି। ୨ୟ ଓ ୩ୟ ସ୍ଥାନରେ ଯଥାକ୍ରମେ ଆଇଆଇଟି ଦିଲ୍ଲୀ ଓ ଆଇଆଇଟି ବମ୍ବେ ରହିଛି। ମ୍ୟାନେଜମେଣ୍ଟ କଲେଜଗୁଡ଼ିକ ମଧ୍ୟରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍) ଅହମଦାବାଦ ଶୀର୍ଷ ସ୍ଥାନ ଅଧିକାର କରିଛି। ତାଲିକାର ୨ୟ ଏବଂ ୩ୟ ସ୍ଥାନରେ ଯଥାକ୍ରମେ ଆଇଆଇଏମ୍ ବେଙ୍ଗାଲୁରୁ ଏବଂ ଆଇଆଇଏମ୍ କୋଝିକୋଡ୍ ରହିଛି। ଶ୍ରେଷ୍ଠ ୧୦ ମ୍ୟାନେଜମେଣ୍ଟ କଲେଜ ମଧ୍ୟରେ ୭ଟି ଆଇଆଇଏମ୍ ରହିଛି। ମେଡିକାଲ କଲେଜ ବର୍ଗରେ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଏମ୍ସ) ନୂଆଦିଲ୍ଲୀ ଶୀର୍ଷ ସ୍ଥାନ ହାସଲ କରିଛି।

## ଟପ୍ ଟେନ୍‌ରେ ନାହିଁ ଓଡ଼ିଶାର କୌଣସି ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର,୪ା୯ (ସୁଚିସ୍ମିତା ସାହୁ)

ଗୁରୁବାର ପ୍ରକାଶିତ ଏନ୍‌ଆଇଆର୍‌ଏଫ୍‌ରେ ଓଡ଼ିଶାର କୌଣସି ଶିକ୍ଷାନୁଷ୍ଠାନ ଟପ୍ ଟେନ୍ ତାଲିକାରେ ସ୍ଥାନ ପାଇନାହାନ୍ତି। ତେବେ ଜାତୀୟ ର୍‌ୟାଙ୍କିଙ୍ଗ୍‌ର ଟପ୍-୧୦୦ ମଧ୍ୟରେ ଓଡ଼ିଶାର ୫ଟି ଶିକ୍ଷାନୁଷ୍ଠାନ ରହିଛି। ସେମାନଙ୍କ ମଧ୍ୟରୁ ସାମଗ୍ରିକ ବର୍ଗରେ ସୋଆ ୨୫ତମ ସ୍ଥାନରେ ଥିବାବେଳେ ୨୭ତମ ସ୍ଥାନରେ କିଟ୍ ରହିଛି। ସେହିପରି ୩୪ତମ ସ୍ଥାନରେ ଏନ୍‌ଆଇଟି ରାଉରକେଲା, ୮୦ତମ ସ୍ଥାନରେ ଆଇଆଇଟି ଭୁବନେଶ୍ୱର ଏବଂ ୧୦୦ତମ ସ୍ଥାନରେ ଭୁବନେଶ୍ୱର ଏମ୍‌ସ୍ ରହିଛି। ଶ୍ରେଷ୍ଠ ୧୦୦ ବିଶ୍ୱବିଦ୍ୟାଳୟ ମଧ୍ୟରେ ଓଡ଼ିଶା ୨ଟି ବିଶ୍ୱବିଦ୍ୟାଳୟ ତଥା ସୋଆ ୧୫ତମ ଏବଂ କିଟ୍ ୧୭ତମ ସ୍ଥାନ ହାସଲ କରିଛି। ସରକାରୀ ବିଶ୍ୱବିଦ୍ୟାଳୟ ର୍‌ୟାଙ୍କିଙ୍ଗ୍‌ରେ ଓଡ଼ିଶାରୁ କେବଳ ଉତ୍କଳ ବିଶ୍ୱବିଦ୍ୟାଳୟ ୪୮ତମ ସ୍ଥାନରେ ରହିଛି। ସେହିପରି ଶ୍ରେଷ୍ଠ ୩୦ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ମଧ୍ୟରେ ଓଡ଼ିଶାର ୩ଟି ଶିକ୍ଷାନୁଷ୍ଠାନ ରହିଛି। ଶ୍ରେଷ୍ଠ ୩୦ତମ ସ୍ଥାନରେ ଏନ୍‌ଆଇଟି ରାଉରକେଲା ରହିଥିବାବେଳେ ୪୩ତମ ସ୍ଥାନରେ କିଟ୍ ଏବଂ ୪୯ତମ ସ୍ଥାନରେ ସୋଆ ରହିଛି। ଶ୍ରେଷ୍ଠ ୧୦୦ ଇଞ୍ଜିନିୟରିଂ କଲେଜ ତାଲିକାରେ ଓଡ଼ିଶାର ୪ଟି ଶିକ୍ଷାନୁଷ୍ଠାନ ସ୍ଥାନ ପାଇଛି। ରାଉରକେଲାର ଏନ୍‌ଆଇଟି କଲେଜ ୧୩ତମ ସ୍ଥାନରେ ରହିଛି। ୨୨ତମ ସ୍ଥାନରେ ସୋଆ ଥିବାବେଳେ ୩୬ତମ ସ୍ଥାନରେ କିଟ୍ ଏବଂ ୯୫ତମ ସ୍ଥାନରେ ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି ରହିଛି।




DSPL-248



**ପବିତ୍ର ଗୁରୁଦିବସ ଉପଲକ୍ଷେ**
**ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ଶିକ୍ଷା ହିଁ ପ୍ରଗତି । ଯେଉଁ ରାଷ୍ଟ୍ର ଯେତେ ଶିକ୍ଷିତ ସେହି ରାଷ୍ଟ୍ର ସେତେ ବିକଶିତ । ରାଜ୍ୟ ତଥା ରାଷ୍ଟ୍ରର ବିକାଶ ଓ ପ୍ରଗତି ନିମନ୍ତେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ଏହି ମହତ୍ତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ପାଦନ କରିବାରେ ଶିକ୍ଷକ ମାନଙ୍କର ଗୁରୁଦାୟିତ୍ୱ ରହିଛି ।

ବିଦ୍ୟାର୍ଥୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ସହିତ ସେମାନଙ୍କ ପାଇଁ ଶିକ୍ଷାର ଉପଯୁକ୍ତ ପରିବେଶ ସୃଷ୍ଟି କରିପାରିଲେ, ତାହା ହିଁ ହେବ ଜଣେ ଶିକ୍ଷକଙ୍କର ପ୍ରକୃତ ସାର୍ଥକତା। ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶର ଦାୟିତ୍ୱ ଶିକ୍ଷକମାନଙ୍କର। ସେଥିପାଇଁ ସେମାନଙ୍କୁ ‘ଗୁରୁ’ ଭାବରେ ସମ୍ମାନିତ କରାଯାଏ। ଏହି ଦାୟିତ୍ୱକୁ ଠିକ୍ ଭାବରେ ସମ୍ପାଦନ କରି ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଶିକ୍ଷକମାନେ ଉଦ୍ୟମ ଅବ୍ୟାହତ ରଖିବେ ବୋଲି ମୋର ଆଶା ଓ ବିଶ୍ୱାସ।

ଏହି ପବିତ୍ର ଅବସରରେ ସମସ୍ତ ଶିକ୍ଷକମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହିତ ଗୁରୁଦିବସ ପାଳନର ସଫଳତା କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



**ବାର୍ତ୍ତା**

ଶିକ୍ଷା ଓ ସଂସ୍କୃତି ଯେକୌଣସି ଦେଶର ସଭ୍ୟତାର ମାନଦଣ୍ଡ । ଶିଶୁର ସାମଗ୍ରିକ ଅଭିବୃଦ୍ଧି ହିଁ ଶିକ୍ଷା । ଶିକ୍ଷକତା ହେଉଛି ଏକମାତ୍ର ବୃତ୍ତି ଯେ ସମସ୍ତ ବୃତ୍ତିକୁ ଶିକ୍ଷାଦାନ ଦେଇଥାଏ । ଭାରତର ପୂର୍ବତନ ରାଷ୍ଟ୍ରପତି, ବିଶିଷ୍ଟ ଦାର୍ଶନିକ, ଆଦର୍ଶ ଅଧ୍ୟାପକ, ମହାନ ରାଷ୍ଟ୍ରନୀତିଜ୍ଞ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିନକୁ ସାରା ଭାରତ ବର୍ଷରେ ଗୁରୁଦିବସ ଭାବରେ ପାଳନ କରିବା ସମଗ୍ର ଶିକ୍ଷକ ସମାଜ ପ୍ରତି ଯଥୋଚିତ ସମ୍ମାନ।

ମୁଁ ଏହି ଅବସରରେ ସମସ୍ତ ଶିକ୍ଷକ ସମାଜକୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସହିତ ଗୁରୁଦିବସ ପାଳନର ଶୁଭକାମନା ଜଣାଉଛି ।

(ନିତ୍ୟାନନ୍ଦ ଗଣ୍ଡ)
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା

OIPR-27068/13/0057/2526

"ଅତୀତ ଜୀବନକୁ ଦୃଷ୍ଟିପାତ କରିବାର କୌଣସି ଆବଶ୍ୟକତା ନାହିଁ। ବରଂ ଉଜ୍ଜ୍ୱଳ ଆନନ୍ଦମୟ ଦିବ୍ୟ ଭବିଷ୍ୟତକୁ ଦୃଷ୍ଟି ସମ୍ମୁଖରେ ରଖି ଦ୍ରୁତଗତିରେ ସେ ଦିଗରେ ଅଗ୍ରସର ହେବା ହିଁ ବୁଦ୍ଧିମାନର କାର୍ଯ୍ୟ। ଏବଂ ପ୍ରଗତିଶୀଳ ଆତ୍ମାର ଲକ୍ଷଣ। -ଶ୍ରୀମା

-ଗୁରୁ ଦିବସ ଓ ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଜୟନ୍ତୀ, ମହାପୁରୁଷ ମହମ୍ମଦଙ୍କ ଜନ୍ମ ଦିବସ, ମିଲାଦ-ଉନ୍-ନବି



# ଜିନ୍‌ପିଙ୍ଗ୍-ପୁଟିନ ସହଭାଗିତା




ରୁବି ଓସ୍‌ମାନ
ସିନିୟର ପଲିସି ଆଡଭାଇଜର(ଚାଇନା), ଟୋନି ବ୍ଲେୟାର ଇନ୍‌ଷ୍ଟିଚ୍ୟୁଟ

ଡାନ୍ ସ୍ଲିଆଟ୍
ସିନିୟର ପଲିସି ଆଡଭାଇଜର(ରୁଷିଆ ଓ ୟୁକ୍ରେନ୍), ଟୋନି ବ୍ଲେୟାର ଇନ୍‌ଷ୍ଟିଚ୍ୟୁଟ

ତିଆନେନ୍‌ମେନ୍ ଛକରେ ୨୦୧୫ରେ ଚାଇନାର ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଓ ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏକାଠିହେବା ପରେ ବହୁ କିଛି ପରିବର୍ତ୍ତନ ହୋଇଛି। ଚଳିତ ସପ୍ତାହରେ ସେମାନେ ଯେତେବେଳେ ପରସ୍ପରକୁ ଭେଟିଲେ ସେହି ସମାନ ଭାଗୀଦାରି ଭଳି ମନେହେଲା। କିନ୍ତୁ ବାସ୍ତବିକତା ତା'ଠାରୁ ଆହୁରି ଜଟିଳ। ଏହା ଗ୍ରହଣୀୟ ଯେ,ଫେବୃଆରୀ ୨୦୨୨ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରେ ଏକ ଅଂଶୀଦାର ଭାବେ ଚାଇନା ତାହାର ସ୍ଥିତିକୁ ଦୃଢ଼ କରିଛି। ଏହା ଏବେ ରୁଷିଆର ସବୁଠୁ ବଡ଼ ବାଣିଜ୍ୟିକ ଅଂଶୀଦାର । ଚାଇନା ଅଶୋଧିତ ତୈଳ ପାଇଁ ରୁଷିଆ ଉପରେ ନିର୍ଭର କରୁଛି। ରୁଷିଆ ରପ୍ତାନି କରୁଥିବା ମୋଟ ଅଶୋଧିତ ତୈଳର ପାଖାପାଖି ଅଧାରୁ ଅଧିକ ଚାଇନା ଆମଦାନୀ କରୁଛି, ଯାହା ତା'ମୋଟ ତୈଳ ଆମଦାନୀର ମାତ୍ର ୧୭.୫ %। ଏଣୁ ରୁଷିଆ ତାହାର ଅର୍ଥ ବ୍ୟବସ୍ଥାକୁ ଆଗକୁ ନେବା ଲାଗି ଚାଇନା ଉପରେ ନିର୍ଭରକରିଛି। ୟୁକ୍ରେନ୍ ଯୁଦ୍ଧ ସ୍ଥିତିରେ ଚାଇନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସକାରାତ୍ମକ ପରିବେଶ ସୃଷ୍ଟି ହୋଇଛି। ଅତିକମ୍‌ରେ ପ୍ରଶାନ୍ତ ମହାସାଗରୀୟ ଦେଶଗୁଡ଼ିକରୁ ଆମେରିକାର ସମ୍ବଳକୁ ହଟାଇପାରିଛି। ଏହା ସ୍ପଷ୍ଟ ଯେ, ରୁଷିଆର ନୀତିକୁ ପ୍ରଭାବିତ କରିବା ପାଇଁ ଚାଇନାର କ୍ଷମତା ଅଛି। କିନ୍ତୁ ଏଭଳି ପରିବେଶରେ ଚାଇନା ଏହାକୁ ବ୍ୟବହାରକରୁ ବୋଲି ୟୁକ୍ରେନ୍ ବାଧ୍ୟ କରିପାରିବ ବୋଲି ଭାବିବା ଭୁଲ୍। ଏହା କଲେ ଏକ ପ୍ରମୁଖ ଅଂଶୀଦାର ସହ ଚାଇନାର ସମ୍ପର୍କ ପ୍ରତି ବିପଦ ସୃଷ୍ଟିହେବ ଏବଂ କୌଣସିଥିରେ ହସ୍ତକ୍ଷେପ କରିବ ନାହିଁ ବୋଲି ତାହାର ଯେଉଁ ବୈଦେଶିକ ନୀତିଗତ ସିଦ୍ଧାନ୍ତ ରହିଛି, ତାହାର ଉଲ୍ଲଂଘନ ହେବ। ଅନ୍ୟମାନଙ୍କଠାରୁ ପୁଟିନ୍ ତାହା ଭଲ ଭାବେ ଜାଣିଛନ୍ତି।

ୟୁରୋପରେ ରୁଷିଆର ହସ୍ତକ୍ଷେପକୁ ଚାଇନା ସ୍ୱାଗତ କରିପାରେ, କିନ୍ତୁ କୋରିଆ ଭୂଖଣ୍ଡରେ ସମ୍ଭାବ୍ୟ ଅସ୍ଥିରତା ଏକ ଭିନ୍ନ ବିଷୟ ହୋଇପାରେ। ଯାହାପାଇଁ ଚାଇନା-ରୁଷିଆ ସମ୍ପର୍କ ଅଧିକ ମଜଭୁତ ହେବ ନାହିଁ। ଇତିହାସକୁ ଦେଖିଲେ ରୁଷିଆର ଜାର୍‌ଙ୍କ ଶାସନରେ ଊନବିଂଶ ଶତାବ୍ଦୀରେ ଚାଇନାର ଉତ୍ତରପୂର୍ବ ଅଞ୍ଚଳରେ ପାଖାପାଖି ୧.୫ ମିଲିଅନ ବର୍ଗ କିଲୋମିଟର ( ୫,୭୯,୦୦୦ ବର୍ଗ ମାଇଲ) ଦଖଲ କରିଥିଲା। ଚାଇନାର ଏବକାର କ୍ଷେତ୍ରଫଳର ଏହା ହେଉଛି ଏକ ଷଷ୍ଠାଂଶ ଏବଂ ପରେ୧୯୬୯ରେ, ସେହି ସମାନ ସୀମାକୁ ନେଇ ୭ମାସ ଧରି ସୋଭିଏଟ୍ ରୁଷିଆ ସହ ଚାଇନାର ବିବାଦ ଲାଗି ରହିଥିଲା। ଏଣୁ ଚାଇନା ଦୃଷ୍ଟିରେ ବିଗତ ୩୦ ବର୍ଷର ଦୃଢ଼ ସମ୍ପର୍କ ନିଶ୍ଚିତ ଭାବେ ଏକ ଆଦର୍ଶ ନୁହେଁ। ଚାଇନାର ନେତାମାନେ ବିଶେଷକରି ଏବେ ମିଳୁଥିବା ଶସ୍ତା ତେଲର ଲାଭକୁ ଦେଖି ସମ୍ପର୍କ ପୁନଃ ସ୍ଥାପନ କରିବାରେ ଅନିଚ୍ଛୁକ ଥିବା ଜଣାଯାଏ। ଏବେ ସୁଦ୍ଧା ରୁଷିଆର ପଶ୍ଚିମ ସାଇବେରିଆ ଅଲ୍‌ଟାଇ ଅଞ୍ଚଳରୁ ଚାଇନାର ଉତ୍ତର-ପୂର୍ବାଞ୍ଚଳକୁ ପ୍ରସ୍ତାବିତ ପ୍ରାକୃତିକ ଗ୍ୟାସ୍ ଲାଇନ ସଂଯୋଗ ସମ୍ପର୍କିତ ବୁଝାମଣା ସ୍ଥଗିତ ରହିଛି। ଅତ୍ୟଧିକ ସବ୍‌ସିଡିରେ ତାହା ଯୋଗାଇଦେବା ପାଇଁ ଚାଇନା କରୁଥିବା ଦାବିକୁ ରୁଷିଆ ଅଗ୍ରାହ୍ୟ କରିଦେଇଛି। ଏହି ସମୟରେ ରୁଷିଆର ଦକ୍ଷିଣପନ୍ଥୀମାନେ ଚାଇନା ଉପରେ ନିର୍ଭରଶୀଳତାକୁ ବନ୍ଦକରିବା ପାଇଁ ଦାବି କରୁଛନ୍ତି। ଜାତୀୟତାବାଦୀ ସମାଲୋଚକମାନେ ସତର୍କ କରିଦେଇଛନ୍ତି ଯେ, ଚାଇନିଜ୍‌ମାନେ ହରାଇଥିବା ସେମାନଙ୍କ ଅଞ୍ଚଳ କଥା ଭୁଲିନାହାନ୍ତି ଏବଂ ଏହା ନିଶ୍ଚିତ ଯେ, ରୁଷିଆ ଦେଉଥିବା ଶସ୍ତା ଏନର୍ଜି ଓ କଞ୍ଚାମାଲ ଉପରେ ଲୋଭ ରଖିଛନ୍ତି। ଚାଇନାର ଅନୁରୋଧକୁ ଅଗ୍ରାହ୍ୟ କରିବା ଲାଗି ସେମାନେ ଏକ ରାଜନୀତି ସାମ୍ନାକୁ ଆଣୁଛନ୍ତି।

ଆର୍କଟିକ୍‌ରେ ଚାଇନା ସବୁଦେଶ ସହ ସମ୍ପର୍କ ଘନିଷ୍ଠ କରିବାକୁ ଆଶା ରଖିଥିବାବେଳେ ସେଥିରୁ ତାକୁ ଦୂରେଇ ରଖିବା ଲାଗି ରୁଷିଆ ଚାହୁଁଥିବା ଜଣାପଡ଼ିଛି। କିମ୍-ଜଙ୍ଗ୍ ଉନ୍‌ଙ୍କ ଉପରେ ଚାଇନାର ପ୍ରଭାବ କମ୍ କରିବାକୁ ଉତ୍ତରକୋରିଆକୁ ରୁଷିଆ ଅଧିକ ଇନ୍ଧନ, ଖାଦ୍ୟ ଏବଂ ପ୍ରଯୁକ୍ତି ସହଯୋଗ ଯୋଗାଇଦେଉଛି। ତଥାପି ଆର୍କଟିକ୍‌ର କିଛି ଅଞ୍ଚଳରେ ଚାଇନା ତାହାର ସ୍ଥିତିକୁ ଦୃଢ଼ କରୁଛି। କେନ୍ଦ୍ର ଏସିଆରେ ପାରମ୍ପରିକ ଭାବେ ରୁଷିଆର ପ୍ରଭାବ ରହିଥିବା କ୍ଷେତ୍ରଗୁଡ଼ିକରେ ଏହା ପ୍ରବେଶକରିବା ସହ ଚଳିତ ବର୍ଷ ପ୍ରଥମାର୍ଦ୍ଧରେ ୨୫ ବିଲିୟନ ଡଲାରରୁ ଅଧିକ ନିବେଶ କରିବା ସକାଶେ ପ୍ରତିଶ୍ରୁତି ଦେଇଛି। ନିକଟରେ ଶି ମଧ୍ୟ ଅସ୍ତାନାରେ ଅନୁଷ୍ଠିତ ଦ୍ୱିତୀୟ ଚାଇନା-କେନ୍ଦ୍ର ଏସିଆ ସମ୍ମିଳନୀରେ ଯୋଗ ଦେଇଥିଲେ, ଯାହା ଚାଇନାର ଗୁରୁତ୍ୱକୁ ଏହା ସ୍ପଷ୍ଟ କରିଛି। ତେବେ ଚାଇନା ଓ ରୁଷିଆ ମଧ୍ୟରେ ସମ୍ପର୍କ କୌଣସି ସ୍ଥିତିରେ ଏବେ ଭୁଶୁଡ଼ିବାର ସମ୍ଭାବନା ନାହିଁ। ଏହାର କ୍ରମବିକାଶ ରାଜନୈତିକ, ଐତିହାସିକ ତଥା ଭୌଗୋଳିକ କ୍ଷେତ୍ରରେ ବାଧା ସୃଷ୍ଟି କରିପାରେ, କିନ୍ତୁ ବାଣିଜ୍ୟରେ ତାହା ଘଟିବ ନାହିଁ।

ଚାଇନା ମନରେ ଏବେ ସୁଦ୍ଧା ଏହାର ସୀମା ଅସ୍ଥିରତା ଭୟ ବସା ବାନ୍ଧିଛି। ସେଥିପାଇଁ ଉତ୍ତରକୋରିଆକୁ ନିକଟତର କରିବାର ଚେଷ୍ଟା କରୁଛି। ଏହା ଯୋଗୁ ଚାଇନା ଓ ରୁଷିଆ ମଧ୍ୟରେ ଫାଟ ସୃଷ୍ଟି ହେବାର ଆଶଙ୍କା ରହିଛି। ସେଥିପାଇଁ ଚାଇନା ପୁଟିନ୍‌ଙ୍କ ଶାସନର ପତନ ଚାହୁଁଛି। କାରଣ ତା' ସୀମାରେ ଅରାଜକତା ସୃଷ୍ଟି ହେଲେ ଅସହ୍ୟ ହୋଇପଡ଼ିବ। ଏକ ବୃହତ୍ ଶକ୍ତି ଭାବେ ନିଜସ୍ୱ ଛବିକୁ ନେଇ ରୁଷିଆ ଅଧିକ ଆର୍ଥିକ ନିର୍ଭରଶୀଳତା ଉପରେ ବୁଝାମଣା କରିବା ଲାଗି ସଂଗ୍ରାମ କରୁଛି। ଜାତୀୟତାବାଦୀ ବାମପନ୍ଥୀ ଯୁକ୍ତ କରୁଛନ୍ତି ଯେ, ପାଶ୍ଚାତ୍ୟର କଟକଣା ରୁଷିଆକୁ ଅଧିକ ସଂଯମୀ ହେବା ଲାଗି ବାଧ୍ୟ କରିଛି ଏବଂ ବହୁ କଷ୍ଟରେ ପ୍ରାପ୍ତ ହୋଇଥିବା ଏଭଳି ସ୍ୱାୟତ୍ତତାକୁ ଶେଷ କରିବାଦେବା ଉଚିତ ନୁହେଁ।

ଭବିଷ୍ୟତକୁ ନେଇ ରୁଷିଆର ନିଜସ୍ୱ ଦୃଷ୍ଟିକୋଣକୁ ଚାଇନା ଗ୍ରହଣ କରିପାରୁନାହିଁ, ଯେଉଁଥିପାଇଁ ନିଜକୁ ଏକ ଟେକ୍‌ନିକାଲ ଶକ୍ତିକେନ୍ଦ୍ର ଭାବେ ଦୃଢ଼ କରିବାକୁ ଏବଂ ବୈଶ୍ୱିକ ଅର୍ଥ ବ୍ୟବସ୍ଥାରେ ପ୍ରମୁଖ ସ୍ଥାନ ହାସଲ କରିବାକୁ ଚାହୁଁଛି। ଶି ଓ ପୁଟିନ୍ ଙ୍କ ମଧ୍ୟରେ ପୂର୍ବର ତିଆନେନ୍‌ମେନ୍ ସାକ୍ଷାତର ୧୦ବର୍ଷ ପରେ ଏବକାର ସାକ୍ଷାତର ଛବିଗୁଡ଼ିକ ଚିତ୍ରଣ କରୁଛି ଯେ, ସେମାନଙ୍କ ଦେଶର ଐତିହାସିକ ଅବିଶ୍ୱାସ ଓ ବିକ୍ଷିପ୍ତ ଦୀର୍ଘକାଳୀନ ସ୍ୱାର୍ଥକୁ ଲୁଚାଯାଇପାରିବ ନାହିଁ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | 1 | | | 9 | | 8 |
| | | | | | 3 | | | |
| 7 | | | | | 5 | | | |
| | | | 5 | | 6 | 8 | | |
| 3 | 8 | | | | | | 6 | |
| | | | | 9 | | | | 7 |
| 2 | | | | | | | 1 | 6 |
| | | 6 | 4 | | | 2 | | 3 |
| | | 7 | | | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 9 | 7 | 6 | 8 | 2 | 3 | 4 |
| 4 | 8 | 3 | 1 | 2 | 9 | 7 | 5 | 6 |
| 7 | 6 | 2 | 4 | 5 | 3 | 9 | 1 | 8 |
| 5 | 7 | 6 | 8 | 1 | 2 | 3 | 4 | 9 |
| 2 | 3 | 4 | 9 | 7 | 6 | 1 | 8 | 5 |
| 8 | 9 | 1 | 3 | 4 | 5 | 6 | 7 | 2 |
| 9 | 4 | 8 | 2 | 3 | 1 | 5 | 6 | 7 |
| 6 | 1 | 7 | 5 | 9 | 4 | 8 | 2 | 3 |
| 3 | 2 | 5 | 6 | 8 | 7 | 4 | 9 | 1 |

ଗତକାଲିର ଉତ୍ତର

# ଶିକ୍ଷକ: ସମୃଦ୍ଧ ଓଡ଼ିଶାର ଆଧାର



ମୋହନ ଚରଣ ମାଝୀ

ଆଜି ପବିତ୍ର ଗୁରୁଦିବସ। ଆଜିର ଏହି ପବିତ୍ର ଗୁରୁଦିବସରେ ସାରା ରାଜ୍ୟର ଗୁରୁ, ଆଧୁନିକ ଯୁଗର ଶିକ୍ଷକ ସମାଜକୁ ହୃଦୟରୁ ଅଭିନନ୍ଦନ ଜଣାଉଛି। ନୂଆ ଓଡ଼ିଶାର ଭିତ୍ତିଭୂମି ଆମର ପ୍ରାଥମିକ ଶିକ୍ଷାରୁ ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ସବୁ ଶିକ୍ଷାନୁଷ୍ଠାନଗୁଡ଼ିକର କର୍ଣ୍ଣଧାର ଆମର ଶିକ୍ଷକ ସମାଜ। ଶିକ୍ଷକଙ୍କ ସମେତ ସେମାନଙ୍କର ପରିବାର ବର୍ଗ ଏବଂ ସନ୍ତାନରୂପୀ ଛାତ୍ର ସମାଜକୁ ମଧ୍ୟ ଏହି ଶୁଭ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ଗୁରୁ ଶିଷ୍ୟର ପରମ୍ପରା ଆମ ଭାରତୀୟ ସଭ୍ୟତା ଓ ସଂସ୍କୃତିକୁ ହଜାର ହଜାର ବର୍ଷ ଧରି ଋଦ୍ଧିମନ୍ତ କରିଆସିଛି। ଆଜି ଆମ ଦେଶର ପ୍ରଥମ ଉପରାଷ୍ଟ୍ରପତି ତଥା ଦ୍ୱିତୀୟ ରାଷ୍ଟ୍ରପତି, ଶିକ୍ଷକ, ଦାର୍ଶନିକ ତଥା ଭାରତୀୟ ସଂସ୍କୃତିର ଆଗଧାଡିର ବ୍ୟକ୍ତିତ୍ୱ ଭାରତରତ୍ନ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କର ପବିତ୍ର ଜୟନ୍ତୀ। ଆଜିର ପବିତ୍ର ଦିବସରେ ଏହିପରି ଜଣେ ଅନନ୍ୟ ଗୁରୁଜୀଙ୍କୁ କୋଟି କୋଟି ପ୍ରଣାମ। ନିଜ ଜନ୍ମଦିନକୁ ବ୍ୟକ୍ତିଗତ ଭାବରେ ପାଳନ ନ କରି ଦେଶର ପୂରା ଶିକ୍ଷକ ସମାଜ ପାଇଁ ସମର୍ପିତ କରିଥିଲେ ସେ। ଦେଶର ଭବିଷ୍ୟତର ବ୍ଲୁ ପ୍ରିଣ୍ଟ ଶ୍ରେଣୀଗୃହରୁ ପ୍ରସ୍ତୁତ ହୁଏ। ସାମଗ୍ରିକ ଭାବେ ଶିକ୍ଷକମାନେ ହିଁ ଦେଶ ଭବିଷ୍ୟତ ଅର୍ଥାତ୍ ନୂଆ ପିଢ଼ିକୁ ଗଢ଼ିବାର କର୍ଣ୍ଣଧାର। ଏକଥା ଆମ ଦ୍ୱିତୀୟ ରାଷ୍ଟ୍ରପତି ତାଙ୍କ ଜନ୍ମଦିନକୁ ଶିକ୍ଷକମାନଙ୍କୁ ସମର୍ପିତ କରି ଏହାର ସ୍ପଷ୍ଟ ସନ୍ଦେଶ ଦେଶକୁ ଦେଇଛନ୍ତି। ହୁଏତ ୧୯୬୨ରୁ ଆଧୁନିକ ସ୍ୱାଧୀନୋତ୍ତର ଭାରତରେ ଦେଶ ଗୁରୁଦିବସ ପାଳନ କରୁଛି। ମାତ୍ର ଅନାଦି ଅନନ୍ତ କାଳରୁ ସନାତନ ସଭ୍ୟତାରେ ଗୁରୁଙ୍କୁ ଅନନ୍ୟ ମାନ୍ୟତା ସହ ମହର୍ଷି ବ୍ୟାସଙ୍କ ସମ୍ମାନାର୍ଥେ ବ୍ୟାସ ପୂର୍ଣ୍ଣିମାକୁ ଗୁରୁପୂର୍ଣ୍ଣିମା ଭାବରେ ମଧ୍ୟ ଦେଶ ପାଳନ କରିଆସୁଛି।

ପୌରାଣିକ ବିଶ୍ୱାସ ଆଧାରରେ ପବିତ୍ର ବେଦର ସଂକଳକ ହେଉଛନ୍ତି ମହର୍ଷି ବ୍ୟାସ। ବିଶ୍ୱରେ ଅନେକ ମତ-ପନ୍ଥର ସୃଷ୍ଟି ହୋଇଛି। ସବୁ ବିଶ୍ୱାସ ନମସ୍ୟ ଓ ପ୍ରଣିପାତଯୋଗ୍ୟ। କିନ୍ତୁ ଆମର ବେଦ ସମୂହଙ୍କୁ ଧର୍ମ ଗ୍ରନ୍ଥରେ ସୀମିତ କରିବା ସମୀଚୀନ ନୁହେଁ। ଆମ ବେଦରେ ଗଣିତ, ଚିକିତ୍ସା ଶାସ୍ତ୍ର, ଜ୍ୟୋତିର୍ବିଜ୍ଞାନ ଓ ପଦାର୍ଥ ବିଜ୍ଞାନ ସମେତ ଜ୍ଞାନର ଭଣ୍ଡାର ଲୁଚିରହିଛି। ଯୁଗଯୁଗ ଧରି ସାରା ଦୁନିଆର ବୈଜ୍ଞାନିକ ଓ ଚିନ୍ତାନାୟକଙ୍କ ମୁହଁରେ ଭାରତର ଜ୍ଞାନ ପରମ୍ପରାର ଜୟଜୟକାର ହେବାର ହିଁ ଶୁଣାଯାଇଛି। ଆଜି ପବିତ୍ର ଗୁରୁଦିବସରେ ଭାରତର ଅନନ୍ୟ ଜ୍ଞାନ ଓ ଗୁରୁ ପରମ୍ପରାକୁ ମୁଣ୍ଡ ନୁଆଇଁ ପ୍ରଣାମ କରୁଛି। ଭାରତୀୟ ଜ୍ଞାନ ପରମ୍ପରାର ପ୍ରବହମାନ ଗଙ୍ଗା ସମଗ୍ର ଭାରତ ସମେତ ଆମ ରାଜ୍ୟ ଓଡ଼ିଶାକୁ ଆହୁରି ସମୃଦ୍ଧ କରୁ, ସବୁ ଗୁରୁଙ୍କ ଗୁରୁ ଓଡ଼ିଶାର ପରମ ଇଷ୍ଟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆଜି ଦିନରେ ଏତିକି ପ୍ରାର୍ଥନା।

ପାଠପଢ଼ା ପରେ ମୋର ପ୍ରାରମ୍ଭିକ ଜୀବନରେ ଶିକ୍ଷକତା କରିବାର ଅନୁଭବ ମୋ ପାଖରେ ଅଛି। ଛୋଟ ଛୋଟ ପିଲାମାନଙ୍କୁ ଶ୍ରେଣୀ ଗୃହରେ ପାଇବା, ଖେଳ ପଢ଼ିଆର ଚପଳତା ତଥା ସେମାନଙ୍କ ଅଭିଭାବକମାନଙ୍କ ସହ ପିଲାମାନଙ୍କ ବିଷୟରେ ଆଲୋଚନାର ସ୍ମୃତି ଆଜି ବି କାଲି ପରି ଲାଗୁଛି। ଗୁରୁ ଦିବସରେ ପିଲାମାନଙ୍କର ଗୁରୁପୂଜନ ଓ ଗୁରୁ ଭାବରେ ସେ ସୌଭାଗ୍ୟର ଅଧିକାରୀ ହେବାର ସ୍ମୃତି ବୋଧେ ମୋ ଜୀବନର ସୁବର୍ଣ୍ଣ ପୃଷ୍ଠା ଭାବରେ ମୋର ମନେରହିବ।

ମୋର ପ୍ରିୟ ଓଡ଼ିଶାର ଭାଇଭଉଣୀମାନେ, ଆପଣମାନେ ଆଶା, ଭରସା ଓ ବିଶ୍ୱାସର ସହ ରାଜ୍ୟକୁ ଚଳାଇବାର ଭାର ବିଜେପି ହାତରେ ଦେଇଛନ୍ତି। ଆମେ ଆମ ସ୍ୱାଧୀନତାର ଅମୃତ କାଳରେ ଅଛେ। ୨୦୩୬ ମସିହାରେ ଆମ ରାଜ୍ୟ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ ଏବଂ ୨୦୪୭ରେ ଆମ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବ। ଆମର ବଡ଼ ଲକ୍ଷ୍ୟ ୨୦୪୭ ମସିହାରେ ବିକଶିତ ଭାରତର ମୂଳଦୁଆ ହେବ ଓଡ଼ିଶା। ସେଥିପାଇଁ ମୋ ସରକାର ୨୦୩୬ ପାଇଁ ମାନେ ଆଗାମୀ ୧୦-୧୧ ବର୍ଷର ଏକ ଯୋଜନାବଦ୍ଧ କାର୍ଯ୍ୟଯୋଜନା ଆଧାରରେ ସମୟବଦ୍ଧ ଲକ୍ଷ୍ୟ ଆଧାରିତ ସଫଳତା ପାଇଁ ବଦ୍ଧପରିକର। ସମୃଦ୍ଧ ଓଡ଼ିଶା ଗଠନର ମୂଳଦୁଆ ଆମର ଶିକ୍ଷାନୁଷ୍ଠାନମାନଙ୍କରୁ ପଡ଼ିବ। ପ୍ରାଥମିକ ଶିକ୍ଷାଠାରୁ ଉଚ୍ଚଶିକ୍ଷା, ଟେକ୍ନିକାଲ ଶିକ୍ଷା ହେଉ କି ଡାକ୍ତରୀ ପାଠ ପୁଣି ଦକ୍ଷତା ବିକାଶର ପାଠ୍ୟ ବ୍ୟବସ୍ଥା ସବୁକୁ ଲକ୍ଷ୍ୟ ଆଧାରିତ କରି ଆମେ ସମୃଦ୍ଧ ଓଡ଼ିଶା ଗଢ଼ିବାକୁ ବଦ୍ଧପରିକର। ଏସବୁ ଭିତରେ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାର ଗୁରୁତ୍ୱ ସବୁଠାରୁ ବେଶି।

ସ୍ୱାଧୀନୋତ୍ତର ଭାରତର ସାଢ଼େ ସାତ ଦଶକରୁ ଗଣତନ୍ତ୍ର ଓ ବିକାଶର ଯାତ୍ରାରେ ହୁଏତ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ବିକାଶ ମାପଦଣ୍ଡରେ ଓଡ଼ିଶା ପଛରେ ଥାଇପାରେ। ମାତ୍ର ସାଧାରଣ ଓଡ଼ିଆ ଘରର ପିଲାମାନଙ୍କର ମେଧା ଶକ୍ତି ସାରା ଭାରତ ଏବଂ ବିଶ୍ୱକୁ ପ୍ରଭାବିତ କରିବାରେ ସଫଳ ହୋଇଛି ଏହା ମୁଁ ଦୃଢ଼ତାର ସହିତ କହିପାରେ। ଗତ କିଛିଦିନ ତଳେ ନୂଆଦିଲ୍ଲୀର ସେମିକଣ୍ଡକ୍ଟର ନେଇ ଏକ ବଡ଼ କାର୍ଯ୍ୟକ୍ରମରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଆୟୋଜକ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସହ ଦେଶର ଏକମାତ୍ର ମୁଖ୍ୟମନ୍ତ୍ରୀ ଭାବେ ସାମିଲ ହେବାର ସୁଯୋଗ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ମାନ୍ୟବର ପ୍ରଧାନମନ୍ତ୍ରୀ କହିଥିଲେ ଯେ ସାରା ବିଶ୍ୱ ଭାରତକୁ ବିଶ୍ୱାସ କରୁଛି। ସାରା ବିଶ୍ୱର ରାଷ୍ଟ୍ର ସମୂହ ନିଜର ସେମିକଣ୍ଡକ୍ଟରର ଭବିଷ୍ୟତ ଭାରତ ସହ ଗଢ଼ିବାକୁ ଚାହୁଁଛନ୍ତି । ସେ ଆହୁରି ମଧ୍ୟ କହିଥିଲେ, ଭାରତର ଛୋଟିଆ ଚିପ୍ ବିଶ୍ୱରେ ସବୁଠାରୁ ବଡ଼ ପରିବର୍ତ୍ତନର ବାର୍ତ୍ତାବହ ହେବ। ଏହି କାର୍ଯ୍ୟକ୍ରମରେ ଜଣେମାତ୍ର ମୁଖ୍ୟମନ୍ତ୍ରୀ ଭାବରେ ଯୋଗଦେବା ମୋ ପାଇଁ ଗୌରବର ସମୟ ଥିଲା। ଓଡ଼ିଶାର ଶିକ୍ଷାନୁଷ୍ଠାନମାନଙ୍କର ସେମିକଣ୍ଡକ୍ଟର ବିକାଶରେ ବଡ଼ ଭୂମିକା ସେଦିନ ସାରା ଭାରତକୁ ପ୍ରଭାବିତ କରିଥିଲା। ବ୍ରହ୍ମପୁର ପାରଳା ମହାରାଜା ଇଞ୍ଜିନିୟରିଂ କଲେଜର ପିଲାମାନେ ପ୍ରସ୍ତୁତ କରିଥିବା ହାଇ ପରଫରମାନ୍ସ ମଲ୍ଟିପ୍ଲେୟାର ଆଇସି ସି୨ଏସ୍୦୦୬୧ ଚିପ୍ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ ହୋଇଥିଲା। ସାରା ବିଶ୍ୱର ଓଡ଼ିଆମାନେ ଗର୍ବିତ ହୋଇଥିବେ ନିଶ୍ଚୟ। ଏହା ତ ଓଡ଼ିଆ ଜାତିର ବୌଦ୍ଧିକ ଶକ୍ତିର ନବ ଜାଗରଣର ପ୍ରମାଣ। ଓଡ଼ିଆ ଜାତିର ଆଗାମୀ ଦଶନ୍ଧିର ବଡ଼ ବିକାଶର କେନ୍ଦ୍ର ଆମ ଶିକ୍ଷାନୁଷ୍ଠାନ ହେବ। ଯଦି ସାଧାରଣ ଓଡ଼ିଆ ଘରର ପିଲାମାନଙ୍କ ମେଧାଶକ୍ତିକୁ ଆମର ଶ୍ରେଣୀଗୃହ ଓ ଶିକ୍ଷକ ସମାଜ ଉତ୍ପ୍ରେରକର ଭୂମିକା ନେବ ତାହାହେଲେ ୨୦୩୬ ମସିହାରେ ଆମର ସମୃଦ୍ଧ ଓଡ଼ିଶାର ସ୍ୱପ୍ନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ନିଶ୍ଚୟ ପୂର୍ଣ୍ଣ ହେବ। ମାନ୍ୟବର ପ୍ରଧାନମନ୍ତ୍ରୀ ଭାରତକୁ ବିଶ୍ୱର ନବସୃଜନର କେନ୍ଦ୍ରରେ ରଖିଛନ୍ତି। ଆମେ ଓଡ଼ିଆମାନେ ଭାରତର ନବସୃଜନର କେନ୍ଦ୍ର ହୋଇପାରିବା। ପାରଳା ମହାରାଜା ଇଞ୍ଜିନିୟରିଂ କଲେଜର ଅତ୍ୟାଧୁନିକ ଚିପ୍‌କୁ ଦେଶର ସ୍ୱୀକୃତି ଏହାର ଅୟମାରମ୍ଭ ମାତ୍ର।

ଅଳ୍ପ କିଛି ଦିନ ତଳେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସ୍କିମାଟିକ ପ୍ରାଥମିକ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ମୋ ସରକାର ଦୃଢ଼ ନିଷ୍ପତ୍ତି ନେଇଛନ୍ତି। ନୂତନ ଶିକ୍ଷାନୀତି ୨୦୨୦ ଆଧାରରେ ରାଜ୍ୟର ଶିକ୍ଷାକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଶିକ୍ଷକ ସମାଜ ଆମର ମୂଳ ଆଧାର। ରାଜ୍ୟରେ ବର୍ତ୍ତମାନ ୪୫, ୨୯୨ଟି ପ୍ରାଥମିକ ବିଦ୍ୟାଳୟରେ ୧, ୬୦, ୩୧୯ ପଦବୀ ରହିଛି। ମୋ ସରକାର ଏହା ସହ ଆଉ ୩୯,୩୬୬ଟି ନୂତନ ଶିକ୍ଷକ ପଦବୀ ସୃଷ୍ଟି ପାଇଁ ନୀତିଗତ ନିଷ୍ପତ୍ତି ନେଇ ସାରିଛନ୍ତି। ଆଗାମୀ ୩ ବର୍ଷ ମଧ୍ୟରେ ୪୪, ୪୩୩ଟି ଶିକ୍ଷକ ପଦବୀ ପୂରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ସହ ପର୍ଯ୍ୟାୟକ୍ରମେ ଏହାକୁ ପୂରଣର ବ୍ୟବସ୍ଥା ତିଆରି କରାଯାଇଛି।

ସ୍କୁଲ ଶିକ୍ଷାକୁ ସୁଦୃଢ଼ ଓ ଉନ୍ନତ କରିବା ପାଇଁ ରାଜ୍ୟରେ ଗୋଟିଏ ବୋର୍ଡର ଆବଶ୍ୟକତା ଅଛି ବୋଲି ମତପ୍ରକାଶ ପାଇ ଆସିଛି। ରାଜ୍ୟର ମାଧ୍ୟମିକ ଶିକ୍ଷା ପରିଷଦ (BSE) ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (CHSE)କୁ ମିଶାଇ ଗୋଟିଏ ବୋର୍ଡ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣାରେ ପାଠ୍ୟ ପୁସ୍ତକ ଯୋଗାଇ ଦିଆଯାଉଥିବାବେଳେ ନବମ ଓ ଦଶମ ଶ୍ରେଣୀର କେବଳ ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବ। ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ଆବାସିକ ବ୍ୟବସ୍ଥାରେ ଛାତ୍ରାବାସରେ ରହୁଥିବା ପ୍ରତି ୩୦୦ ଛାତ୍ରୀଛାତ୍ରମାନଙ୍କ ପାଇଁ ଜଣେ ଏଏନ୍‌ଏମ୍ ବା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଆଦିବାସୀ ପିଲାମାନଙ୍କୁ ମାତୃଭାଷାରେ ଶିକ୍ଷା ବ୍ୟବସ୍ଥା ପ୍ରସ୍ତୁତ କରାଯାଉଛି।

ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ମୋ ସରକାର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ପରିକଳ୍ପନା କରିଛନ୍ତି। ରାଜ୍ୟର ସବୁ ପଞ୍ଚାୟତରେ ଏହିପରି ବିଦ୍ୟାଳୟ ସ୍ଥାପନର ଲକ୍ଷ୍ୟ ରଖାଯାଇଥିବା ବେଳେ କେବଳ ପ୍ରଥମ ପର୍ଯ୍ୟାୟରେ ୮୩୫ଟି ଏହି ବିଦ୍ୟାଳୟଗୁଡ଼ିକ ରାଜ୍ୟର ଉଚ୍ଚ ବିଦ୍ୟାଳୟ ପାଇଁ ଏକ ଫିଡର୍ ସ୍କୁଲ ଭାବରେ ପରିକଳ୍ପନା କରାଯାଇଛି। ପ୍ରତ୍ୟେକ ବିଦ୍ୟାଳୟ ପାଇଁ ୭ କୋଟି ଟଙ୍କା ପର୍ଯ୍ୟନ୍ତ ବ୍ୟୟ ଅଟକଳ କରାଯାଇଛି।

ପଞ୍ଚାୟତ ସ୍ତରରେ ଏହି ସ୍କୁଲଗୁଡ଼ିକରେ ସାମାଜିକ-ଅର୍ଥନୈତିକ ପୃଷ୍ଠଭୂମିରେ ଜାତୀୟ ସ୍ତରୀୟ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବ। ବିଭିନ୍ନ ଗ୍ରାମରୁ ଛାତ୍ରୀଛାତ୍ରମାନଙ୍କୁ ସ୍କୁଲକୁ ନେବା ଆଣିବା କରିବାର ବ୍ୟବସ୍ଥା କରାଯିବ। ଏହି ସ୍କୁଲଗୁଡ଼ିକର ମୂଳଦୁଆ ହେବେ ଶିକ୍ଷକମାନେ। ଶିକ୍ଷକ ଚୟନ ପ୍ରକ୍ରିୟାରେ ଉନ୍ନତ ପଦକ୍ଷେପ ତଥା ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ବିକାଶ ପାଇଁ ବିଶେଷ ଧାନ ଦେବାର ବ୍ୟବସ୍ଥା କରାଯିବ। ଏହି ବିଦ୍ୟାଳୟଗୁଡ଼ିକରେ STEM ଅର୍ଥାତ୍ (ସାଇନ୍ସ, ଟେକ୍ନୋଲୋଜି, ଇଞ୍ଜିନିୟରିଂ ଏବଂ ମାଥ୍‌ମେଟିକ୍ସ) ସହ ବୃତ୍ତିଗତ ଦକ୍ଷତା ଓ ଅଭିଜ୍ଞତାମୂଳକ ଶିକ୍ଷା ସମେତ ବହୁବିଧ ଶିକ୍ଷାକୁ ପ୍ରାଧାନ୍ୟ ଦିଆଯିବ।

ମୋର ପ୍ରିୟ ଶିକ୍ଷକ ସମାଜ... ଶିକ୍ଷା ଭିତ୍ତିଭୂମି ବିକାଶର ବ୍ୟବସ୍ଥା କରିବାରେ ମୋ ସରକାର ତିଳେମାତ୍ର ଅବହେଳା କରିବେ ନାହିଁ। ସ୍କୁଲ କାନ୍ଥରେ ରଙ୍ଗମାରି ରୂପାନ୍ତରୀକରଣର ପ୍ରଚାର ମୋ ସରକାରର ଆଭିମୁଖ୍ୟ ନୁହେଁ। ଉପଯୁକ୍ତ ଶିକ୍ଷକ ଏବଂ ସେମାନଙ୍କର ବିକାଶ ସହ ଛାତ୍ରୀଛାତ୍ରଙ୍କର ଯତ୍ନ ଆମ ରୂପାନ୍ତରୀକରଣର କେନ୍ଦ୍ରବିନ୍ଦୁ। ଆପଣ ଖାଲି ପରିବାର ଚଳାଇବା ପାଇଁ, ଦରମା ପାଇଁ କାମ କରୁ ନାହାନ୍ତି। ଆପଣ ଓଡ଼ିଶାର ଭବିଷ୍ୟତ ଗଢ଼ିବାର ଅନୁଷ୍ଠିଶାଳରେ ବସିଛନ୍ତି। ଆପଣଙ୍କ ନିଷ୍ଠାପର ଉଦ୍ୟମ ପିଲାଙ୍କ ଭବିଷ୍ୟତ ତ ଗଢ଼ିବ, ମାତ୍ର ଏହା ମଧ୍ୟ ଓଡ଼ିଶାର ଭାଗ୍ୟ ପରିବର୍ତ୍ତନ କରିବ। ଆପଣଙ୍କ ନିଷ୍ଠା ପ୍ରକୃତ ପକ୍ଷେ ଓଡ଼ିଶାକୁ ସମୃଦ୍ଧ ଓଡ଼ିଶା କରିବ । ଏହି ଆଶା ଓ ଭରସା ସାରା ଓଡ଼ିଶାବାସୀ ଆପଣଙ୍କ ଉପରେ ରଖିଛନ୍ତି। ପବିତ୍ର ଗୁରୁଦିବସରେ ପୁଣି ଆଉ ଥରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ଜୟ ଜଗନ୍ନାଥ

**ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର**

# କେଉଁଠି ଲୁଚିଛି ମଣିଷ



ଅଞ୍ଜନ ଚାନ୍ଦ

ଯାତ୍ରୀବାହୀ ଗାଡ଼ିଟିଏ ଛକରେ ଠିଆହେଲା। ଦୁଇଜଣ ଯାତ୍ରୀ ଗାଡ଼ିକୁ ଉଠିଲେ। ଜଣେ ଯୁବକ, ଅନ୍ୟଜଣେ ଅଶୀତିପର ବୃଦ୍ଧା। ସେ ଦେଖିଲେ ଆଗରେ ଗୋଟିଏ ସିଟ୍ ଖାଲି ଅଛି। ବସିବାପାଇଁ ସେଠାକୁ ଧୀରେ ଧୀରେ ଯାଉଥିବା ବେଳେ ଯୁବକ ମଧ୍ୟ ତାହା ଦେଖିପାରିଲା ଏବଂ ଶୀଘ୍ର ଆଗକୁ ଯାଇ ସେଠାରେ ବସିଗଲା। ଯିବା ସମୟରେ ତା' ଦେହର ଆଘାତରେ ବିଚାରୀ ବୃଦ୍ଧା ତଳେ ପଡ଼ିଗଲେ। ଗାଡ଼ି ଚାଲିଥାଏ। ଚଳନ୍ତା ଗାଡ଼ି ଭିତରେ ସେ ବାରମ୍ବାର ଉଠିବାକୁ ଚେଷ୍ଟା କରୁଥାନ୍ତି ଓ ନିଜକୁ ସମ୍ଭାଳି ନ ପାରି ପୁଣି ତଳେ ବସି ପଡୁଥାନ୍ତି। ସେତେବେଳେ ଗାଡ଼ିରେ ବସିଥିବା ଜଣେ ଡାକ୍ତରବାବୁ କହିଲେ – ବୁଢ଼ୀ ଯେମିତି ପଡ଼ିଛି ତା' ଅଣ୍ଟାହାଡ଼ ସ୍କ୍ରାଚ ହୋଇଯାଇଥିବ। ଏ ବୟସରେ ବିଚାରୀ ବହୁତ କଷ୍ଟ ପାଇବ। ଜଣେ ବାରିଷ୍ଟର ବାବୁ ପାଖରେ ବସିଥିଲେ। ସେ କହିଲେ- ଲୋକଟା ବିରୋଧରେ ଯଦି କିଏ କେସ୍ କରିବ ମୁଁ କ୍ଷତିପୂରଣ ଆଦାୟ ସହିତ ତାକୁ ଜେଲରେ ବି ପୂରାଇ ଦେବି। ସେପଟେ ବସିଥିଲେ ଜଣେ ଶିକ୍ଷକ। କହିଲେ – ଆଜିକାଲି ଶିକ୍ଷା ସହିତ ଅନୁଶାସନ ନ ଥିବାରୁ ପିଲାଗୁଡ଼ିକ ଏମିତି ବିଗିଡ଼ି ଯାଉଛନ୍ତି। ଆଗରେ ମହିଳା ସିଟରେ ବସିଥିଲେ ଜଣେ ନାରୀନେତ୍ରୀ। ସେ କହିଲେ – ଏ ସରକାରଙ୍କ ସମୟରେ ନାରୀଜାତି ପ୍ରତି ଦିନକୁଦିନ ଅତ୍ୟାଚାର ବଢ଼ିଯାଉଛି। ଆଗାମୀ ଦିନରେ ୟା' ବିରୋଧରେ ମୁଁ ବିଧାନସଭା ଆଗରେ ନିଶ୍ଚୟ ଆନ୍ଦୋଳନ କରିବି।

ଏମିତି ସେ ଗାଡ଼ିଭିତରେ ଡାକ୍ତର, ବାରିଷ୍ଟର, ପ୍ରଫେସର, ଇଞ୍ଜିନିୟର, ଲିଡର, ଟିଚର୍ – ଅନେକ କିସମର ପାସେଞ୍ଜର ଥିଲେ କିନ୍ତୁ କି ଦୁର୍ଭାଗ୍ୟ, ସେଠାରେ ଜଣେ କେହି ମଣିଷ ନ ଥିଲେ, ଯିଏ କି ବସିବା ସ୍ଥାନରୁ ଉଠି ପଡ଼ିଥାନ୍ତେ। ବୃଦ୍ଧାଙ୍କୁ ତଳୁ ଉଠାଇ ନିଜ ଜାଗାରେ ବସାଇଥାନ୍ତେ। କ'ଣ ହୋଇଛି ପଚାରି ବୁଝି ଥାଆନ୍ତେ। ତୁଚ୍ଛା ଭାଷଣ ନ ଦେଇ ପୀଡ଼ିତଙ୍କୁ ସାହାଯ୍ୟ କରିବାର ମାନବିକତା ସତରେ ଏବେ ଦୁର୍ଲଭ ହୋଇଯାଇଛି।

ଏବେ ପ୍ରକୃତ ପ୍ରସଙ୍ଗକୁ ଆସିବା। କ୍ୟାମ୍ପସରେ ନାରୀ ନିର୍ଯାତନା। ଅତୀତରୁ ଏବେ ଯାଏ ଏହାର ଅନେକ ଉଦାହରଣ ରହିଛି। ପିଲାଦିନରୁ ଝିଅଟି ଶିଖିଥିଲା – ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁ ଦେବ ମହେଶ୍ୱର, ଗୁରୁ ହିଁ ସାକ୍ଷାତ୍ ପରଂବ୍ରହ୍ମ ତେଣୁ ସେହି ଗୁରୁଙ୍କୁ ପ୍ରଣାମ। ସେଇ ଝିଅ ଯେତେବେଳେ ତାଙ୍କୁ ଏକ ଭିନ୍ନ ଓ ଘୃଣ୍ୟ ରୂପରେ ଦେଖୁଛି ସେତେବେଳେ



ତା' ମନର ଭାବନା କିପରି ବିପର୍ଯ୍ୟସ୍ତ ହେଉଥିବ ତାହା ସହଜରେ କଳ୍ପନା କରାଯାଇପାରିବ ନାହିଁ। ବୋଧହୁଏ କିଂ କର୍ତ୍ତବ୍ୟ ବିମୂଢ଼ ଅବସ୍ଥାକୁ ଯାଇ ସେ ଅବସାଦଗ୍ରସ୍ତ ହୋଇଯାଉଥିବ। ସେ ସମୟରେ ତା' ନିଜର ମାନସିକ ଦୃଢ଼ତା, ବନ୍ଧୁ ବାନ୍ଧବୀଙ୍କ ସମର୍ଥନ,ପାରିବାରିକ ସହଯୋଗ ଓ ସର୍ବୋପରି ପ୍ରଶାସନିକ ବିଧି ବ୍ୟବସ୍ଥାର ଉପଯୁକ୍ତ ବ୍ୟବହାର ହିଁ ତାକୁ ଅନ୍ଧଗଳିରୁ ବାହାରକୁ ଆଣି ଆଲୋକିତ ରାସ୍ତାରେ ଚାଲିବାପାଇଁ ପୁଣିଥରେ ପ୍ରେରଣା ଯୋଗାଇପାରିବ।

କାହିଁ କେଉଁ କାଳରୁ ସଂସ୍କୃତ ଶାସ୍ତ୍ରରେ ଲେଖାଯାଇଛି – ଯେଉଁଠି ନାରୀମାନେ ପୂଜା ପାଆନ୍ତି ସେଠାରେ ଦେବତା ବିରାଜିତ ହୁଅନ୍ତି। ଯେଉଁ ଦେଶରେ ସେମାନେ ଅବହେଳିତ ଓ ଅସମ୍ମାନିତ ହୁଅନ୍ତି ସେଠାରେ ସମସ୍ତ କାର୍ଯ୍ୟ ବିଫଳ ହୁଏ। ଏହି ଆପ୍ତବାଣୀ ରହିଥିବା ସତ୍ତ୍ୱେ ଆମ ଦେଶରେ ନାରୀଶିକ୍ଷା ପ୍ରତି ବହୁବର୍ଷ ଧରି ଅନାଦର ଭାବ ରହି ଆସିଥିଲା। ସେଥିପାଇଁ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଥମଗପ 'ରେବତୀ'ରେ ଫକୀରମୋହନ ଲୋକଙ୍କ ମନରେ ଥିବା କୁସଂସ୍କାର ଦୂର କରିବାକୁ ଉଦ୍ୟମ କରିଥିଲେ। ସେବେଠାରୁ ଅଦ୍ୟାବଧି ଶତାବ୍ଦୀରୁ ଅଧିକ ସମୟ ଅତିବାହିତ ହୋଇଛି। ସମୟ ବଦଳିବା ସହିତ ଗାଁରୁ ସହର ସବୁଠି ଝିଅ ପିଲାମାନେ ପାଠ ପଢ଼ିବାକୁ ଯାଉଛନ୍ତି। ଅଥଚ ଦୁର୍ଭାଗ୍ୟ, ବିଦ୍ୟାଳୟଠାରୁ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସବୁଠି ସେମାନଙ୍କୁ କେତେକ ମାନସିକ ବିକାରଗ୍ରସ୍ତ ପୁରୁଷଙ୍କ ଘୃଣ୍ୟ ଆଚରଣର ଶିକାର ହେବାକୁ ପଡୁଛି। ପ୍ରଶାସନିକ ବିଧି ବ୍ୟବସ୍ଥା ମଧ୍ୟ ଦୋଷୀମାନଙ୍କୁ ଉପଯୁକ୍ତ ଦଣ୍ଡବିଧାନ କରିପାରୁନାହିଁ। ଫଳରେ ସେପରି ଲୋକଙ୍କ ସାହସ କ୍ରମଶଃ ବୃଦ୍ଧିପାଉଛି। ଏହାର ଏକମାତ୍ର କାରଣ ସାଂପ୍ରତିକ ସମାଜରେ ମାନବିକ ମୂଲ୍ୟବୋଧର ଦ୍ରୁତ ଅବକ୍ଷୟ।

ଏକଦା ଜଣେ ପଥର ଶିଳ୍ପୀଙ୍କୁ ବନ୍ଧୁ ପଚାରିଲେ – ଏମିତି ଏକ କଠିନ ଓ କଦାକାର ପଥରରେ ଏଇ ସୁନ୍ଦର ଶିବଙ୍କୁ ତୁମେ କିପରି ଗଢ଼ିଲ ? ଶିଳ୍ପୀ କହିଲେ – ମୁଁ ଶିବଙ୍କୁ ଗଢ଼ିନାହିଁ। ଶିବ ସେଇ ପଥର ଭିତରେ ଥିଲେ। ମୁଁ କେବଳ ନିହାଣ ମୁନରେ ଅଶିବଗୁଡ଼ିକୁ ଅଲଗା କରିଦେଇଛି। ଠିକ୍ ସେମିତି ଆମେ ଯଦି ଆମଠାରେ ଥିବା ଅମଣିଷପଣିଆଗୁଡ଼ିକୁ ବାଦ ଦେଇପାରିବା ତ ଶୁଦ୍ଧପୂତ ମଣିଷଟିଏ ଆବିର୍ଭାବ ହୋଇପାରିବ। କିନ୍ତୁ ବର୍ତ୍ତମାନ ସମୟରେ ଅମଣିଷପଣିଆର ଆସ୍ତରଣ ଏତେ ବହଳ, ଏତେ ଦୃଢ଼ ହୋଇଯାଇଛି ଯେ, ତା' ଭିତରେ ମଣିଷର ସତ୍ତା କେଉଁଠି କେଜାଣି ଲୁଚିରହିଛି ତାହାକୁ ଖୋଜିପାଇବା ସହଜ ମନେହେଉନାହିଁ।

**ବିକାଶନଗର, ଅଙ୍ଗାରଗଡ଼ିଆ, ବାଲେଶ୍ୱର**
**ମୋ: ୬୩୭୦୬୬୧୧୪୭**

## ଏଇ ଭାରତରେ

କେରଳର ପ୍ରଥମ ମହିଳା ସାପ ଉଦ୍ଧାରକାରୀ ଭାବେ ସ୍ୱୀକୃତି ପାଇଛନ୍ତି ଡ. ଜିଏସ୍ ରୋଶନି। ଏହା ପୂର୍ବରୁ ସେ ଦୂରଦର୍ଶନରେ ଖବର ପଢୁଥିଲେ। ପରେ ଖବରପଢ଼ା ଛାଡ଼ି ସାପ ଉଦ୍ଧାର ଭଳି ପୁରୁଷପ୍ରଧାନ କାର୍ଯ୍ୟ କରିବାକୁ ପସନ୍ଦ କରିଛନ୍ତି। ରୋଶନି କେରଳ ଜଙ୍ଗଲ ବିଭାଗ ତରଫରୁ ଲାଇସେନ୍ସ ପାଇଛନ୍ତି। ପରେ ତ୍ରିଭେନ୍ଦ୍ରମରେ ଏକ ରାପିଡ୍ ରେସ୍‌ପନ୍ସ ଟିମ୍ ଗଠନ କରି ତା' ମାଧ୍ୟମରେ ସାପ ଉଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିଛନ୍ତି। ଏବେସୁଦ୍ଧା ସେ ୮୦୦ରୁ ଅଧିକ ସାପ ଉଦ୍ଧାର କରିସାରି ଜଙ୍ଗଲରେ ଛାଡ଼ିସାରିଛନ୍ତି। ଏହି ସବୁ ସାପ ମଧ୍ୟରେ ରହିଛନ୍ତି ଗୋଖର, ଅହିରାଜ, ରଣା ଓ ଜଙ୍ଗଲୀ ବୋଡ଼ା । ସବୁଠୁ ଲମ୍ବା ୧୬ ଫୁଟର ଅହିରାଜ ମଧ୍ୟ ଧରି ସେ ଚର୍ଚ୍ଚାକୁ ଆସିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

**୫ ସେପ୍ଟେମ୍ବର ୧୯୭୬**

- ପୂର୍ବତନ ପାର୍ଲାମେଣ୍ଟ ସଭ୍ୟ ପିତାମ୍ବର ଦାସ ଭାରତୀୟ ଲୋକଦଳ ସହିତ ନିଜର ସମସ୍ତ ସମ୍ପର୍କ ଛିନ୍ନ କରିଥିବା ନେଇ ଘୋଷଣା କରିଛନ୍ତି।
- ଆଦିବାସୀ ଓ ହରିଜନ ବହୁଳ ଅଞ୍ଚଳର ବିକାଶ କ୍ଷେତ୍ରରେ ଅସୁବିଧାଗୁଡ଼ିକୁ ଦୂର କରିବା ପାଇଁ ଆଦିବାସୀ ହରିଜନ ସମ୍ପ୍ରଦାୟ ସଂଶୋଧନ ବିଲ୍ ପାର୍ଲାମେଣ୍ଟରେ ଗୃହୀତ।

## ଚିରନ୍ତନୀ

ସନ୍ଧ୍ୟା ଆସେ ପଡ଼ି
ଦୂର ଗ୍ରାମୁଁ ବହି ଆସେ ପକ୍ଷୀର କାକଳି
ଦିଗନ୍ତ-ବିସ୍ତାରୀ ପକ୍ୱ ଧାନ୍ୟକ୍ଷେତ୍ର ପରେ
ପଉଷ-କାକର ରାଶି ଝରେ
ବିଜନ ପଥଟି ମୋର ମିଶିଅଛି ଦିଗନ୍ତ ଅନ୍ଧାରେ
ଆଜି ଏହି ଉଦାସ ସନ୍ଧ୍ୟାରେ !
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତା ମରାମତି କରାଯାଉ

ମହାଶୟ,

କଟକ ସହରରେ ପୂଜା ପାର୍ବଣକୁ ଦୃଷ୍ଟିରେ ରଖି ରାସ୍ତାଘାଟ ମରାମତି କରାଯାଉ। ବର୍ଷାରେ ବହୁ ସ୍ଥାନରେ ପିଚୁ ଉଠି ଖାଲଖମା ହୋଇଗଲାଣି। କେତେକ ସ୍ଥାନରେ ବାଲି ଜମିଗଲାଣି। ରୋଗୀ ସେବା ଆମ୍ବୁଲାନ୍ସ ଯାତାୟାତରେ ବିଳମ୍ବ ଘଟୁଛି। ଗଣେଶ ପୂଜା ସରିବା ପରେ ଦୁର୍ଗା ପୂଜା, କାଳୀ ପୂଜା ତଥା କାର୍ତ୍ତିକ ମେଢ଼ ଶୋଭାଯାତ୍ରା ହେବାକୁ ଯାଉଅଛି। ଏଥିପ୍ରତି କଟକ ମ୍ୟୁନିସିପାଲ୍ କର୍ପୋରେସନ (ସିଏମ୍‌ସି) ଓ ଅନ୍ୟ ସବୁ ବିଭାଗ ରାସ୍ତା ନିର୍ମାଣ ମରାମତି ପାଇଁ ଆଗୁଆ ପଦକ୍ଷେପ ନେବା ଦରକାର। ଏହା ସହ ସହରର ଡ୍ରେନ୍‌ଗୁଡ଼ିକ ସଫା କରାଗଲେ ବର୍ଷାଜଳ ସହଜରେ ନିଷ୍କାସିତ ହୋଇପାରିବ। କିନ୍ତୁ ଏହା ହେଉ ନାହିଁ।

**-ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ସାପକାମୁଡ଼ାରେ ପିଉସା, ଝିଆରୀଙ୍କ ମୃତ୍ୟୁ

ଢେଙ୍କିକୋଟ/ଘଟଗାଁ,୪।୯ (ନୀଳମଣି ମଣ୍ଡଳ/ ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ଥାନା ଅନ୍ତର୍ଗତ ବାଲିପୋଖରୀ ପଞ୍ଚାୟତ ଡୁବୁଲାବେଡ଼ା ଗ୍ରାମରେ ସାପ କାମୁଡ଼ାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅଭୟ କୁମାର ମହାନ୍ତ(୨୯) ଓ ତାଙ୍କ ଶଳାଙ୍କ ଝିଅ ପ୍ରତୀକ୍ଷା ପ୍ରିୟଦର୍ଶିନୀ ମହାନ୍ତ(୪)। ବୁଧବାର ରାତିରେ ଶୋଇଥିବାବେଳେ ଉଭୟଙ୍କୁ ସାପ କାମୁଡ଼ି ଥିଲା। ପରିବାର ଲୋକେ ଦୁହିଁଙ୍କୁ ହରିଚନ୍ଦନପୁର ଡାକ୍ତରଖାନାରେ ଭର୍ତ୍ତି କରିଥିବାବେଳେ ପ୍ରତୀକ୍ଷାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି।

# କୋମାରେ ଅଭିଜିତ୍ ମଜୁମ୍‌ଦାର

ଭୁବନେଶ୍ୱର, ୪।୯ (ବନ୍ଦନା ସେଠୀ)



ଲୋକପ୍ରିୟ ଗୀତିକାର ତଥା କଣ୍ଠଶିଳ୍ପୀ ଅଭିଜିତ୍ ମଜୁମ୍‌ଦାର ଏବେ କୋମାରେ। ଭୁବନେଶ୍ୱର ଏମ୍ସରେ ସେ ଚିକିତ୍ସିତ ହେଉଥିବାବେଳେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହି ଛି। ଗୁରୁବାର ସକାଳେ ତାଙ୍କୁ ଭେଣ୍ଟିଲେଟର ସପୋର୍ଟରେ କଟକର ଏକ ଘରୋଇ ହସ୍ପିଟାଲରୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଅଭିଜିତ୍ ଅନେକ ଦିନରୁ ଲିଭର୍‌ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ତେବେ ଗତ ୨୭ ତାରିଖରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିଯାଇଥିଲା। ବ୍ରେନ୍‌ରେ ସୋଡିୟମ ମାତ୍ରା କମିଯିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ପ୍ରଥମେ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ୪ଦିନ ଚିକିତ୍ସିତ ହେବା ପରେ ମଧ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ଆସି ନ ଥିଲା। ଫଳରେ ୩୧ ତାରିଖରେ ତାଙ୍କୁ ସିଡିଏସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେ ଆଇସିୟୁରେ ଭର୍ତ୍ତି ହୋଇଥିଲେ। ମାତ୍ର ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ନ ଆସିବାରୁ ଗୁରୁବାର ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ତେବେ ଏମ୍ସକୁ ଆସିବା ସମୟରେ ଅଭିଜିତ୍ ଏକାଧିକ ରୋଗ ସହିତ ଉଚ୍ଚ ରକ୍ତଚାପ, ହାଇପୋଥାଇରଏଡିଜିମ୍, କ୍ରନିକ ଲିଭର ଡିଜିଜ୍ ଆଦିରେ ପୀଡ଼ିତ ଥିଲେ। ପ୍ରଥମେ ତାଙ୍କୁ ଏମ୍ସର ଜରୁରିକାଳୀନ ପରିସ୍ଥିତିରେ କୋମାଟୋଜ୍ ଅବସ୍ଥାରେ ଭେଣ୍ଟିଲେଟର ସପୋର୍ଟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ମଧାହ୍ନ ୧୨ଟାରେ ତାଙ୍କୁ ଆଇସିୟୁକୁ ସ୍ଥାନାନ୍ତର କରାଯାଇଛି।

# ନାମଲେଖା ପାଇଁ ୩୯,୨୭୮ ଜଣ ଚୟନ

## ଯୁକ୍ତ ୨ ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଚୟନ ତାଲିକା ପ୍ରକାଶିତ

ଭୁବନେଶ୍ୱର,୪।୯ (ସୁଚିସ୍ମିତା ସାହୁ)

ଯୁକ୍ତ୨ରେ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଚୟନ ମେଧା ତାଲିକା ଗୁରୁବାର ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ ପାଇଛି। ଦ୍ୱିତୀୟ ପର୍ଯ୍ୟାୟ ପ୍ରଥମ ଚୟନ ପାଇଁ ୪୪ ହଜାର ୯୬୬ ଜଣ ଛାତ୍ରୀଛାତ୍ର ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୩୯,୨୭୮ ଜଣଙ୍କୁ ନାମଲେଖା ପାଇଁ ଚୟନ କରାଯାଇଛି। ସେମାନଙ୍କ ମଧ୍ୟରେ କଳାରେ ୨୨,୩୩୭, ସଂସ୍କୃତରେ ୨,୭୭୦, ବିଜ୍ଞାନରେ ୧୦,୨୯୪ ଏବଂ ବାଣିଜ୍ୟରେ ୨,୮୭୯ ଜଣ ଛାତ୍ରୀଛାତ୍ର ଅଛନ୍ତି।










## ସଂକ୍ଷେପରେ

### ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ୍

ପୁରୀ,୪।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ଭିତର ଫଟୋ ପୁଣି ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ମହାରାଷ୍ଟ୍ରର ଭକ୍ତ ବୈଭବ ଦୁରେ ପାଟିଲ ନାମକ ବ୍ୟକ୍ତି ତାଙ୍କ ଇନ୍ଷ୍ଟାଗ୍ରାମ୍ ସାଇଟ୍‌ରେ ଏହି ଫଟୋ ପୋଷ୍ଟ କରିଛନ୍ତି। ପାଟିଲ ଶ୍ରୀମନ୍ଦିର ପରିସରରେ ଥିବା ଛାତରେ ଛିଡ଼ାହୋଇ ଫଟୋ ଉଠାଇଥିବା ଜଣାପଡ଼ିଛି। ଏହାକୁ ନେଇ ଶ୍ରୀମନ୍ଦିର ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଦରମା ମିଳି ନ ଥିବାରୁ କୁଳପତିଙ୍କୁ ଘେରିଲେ କର୍ମଚାରୀ

ଭୁବନେଶ୍ୱର,୪।୯(ସୁଚିସ୍ମିତା ସାହୁ)

ଉତ୍କଳବିଶ୍ୱବିଦ୍ୟାଳୟରେ ଠିକା କର୍ମଚାରୀଙ୍କ ପରେ ନିୟମିତ କର୍ମଚାରୀଙ୍କୁ ମଧ୍ୟ ଦରମା ମିଳୁ ନ ଥିବା ଅଭିଯୋଗ ହୋଇଛି। ଅଗଷ୍ଟ ମାସର ଦରମା ୧ ତାରିଖରେ ମିଳିବାକୁ ଥିଲେ ସୁଦ୍ଧା ଏଯାବତ ମିଳି ନ ଥିବାରୁ କର୍ମଚାରୀମାନେ ଗୁରୁବାର କୁଳପତିଙ୍କୁ ଘେରାଉ କରିଥିଲେ। କର୍ମଚାରୀମାନେ ଦୀର୍ଘ ଦୁଇରୁ ଅଢ଼େଇ ଘଣ୍ଟା ପର୍ଯ୍ୟନ୍ତ ସେଠାରେ ହୋହାଲ୍ଲା କରିବା ସହିତ ତୁରନ୍ତ ଦରମା ପ୍ରଦାନ କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କ ତଥ୍ୟ ସରକାର ମାଗିଥିଲେ। ହେଲେ ଏଷ୍ଟାବ୍ଲିଶ୍‌ମେଣ୍ଟ ସେକ୍ସନ୍ ପକ୍ଷରୁ ତଥ୍ୟ ଦିଆଯାଇ ନ ଥିବାରୁ ଠିକା କର୍ମଚାରୀଙ୍କୁ ଦରମା ପ୍ରଦାନ କରାଯାଇନାହିଁ। କାର୍ଯ୍ୟରେ ଅବହେଳା ପାଇଁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପୂର୍ବକ ଦରମା ପ୍ରଦାନ କରାଯାଇ ନ ଥିବା ସୂଚନା ମିଳିଛି। ତେବେ ଏ ସମ୍ପର୍କରେ କୁଳପତି ବା କୁଳସଚିବଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ଆଇଓପିର ୫୧ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୪।୯(ସୁଚିସ୍ମିତା ସାହୁ)

ଇନଷ୍ଟିଚ୍ୟୁଟ୍ ଅଫ ଫିଜିକ୍ସ(ଆଇଓପି)ର ୫୧ତମ ପ୍ରତିଷ୍ଠା ଦିବସ ଗୁରୁବାର ଉଦଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶାହା ଇନ୍ଷ୍ଟିଚ୍ୟୁଟ ଅଫ୍ ନ୍ୟୁକ୍ଲିୟର ଫିଜିକ୍ସର ନିର୍ଦ୍ଦେଶକ ପ୍ରଫେସର ଗୌତମ ଭଟ୍ଟାଚାର୍ଯ୍ୟ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସର ନିର୍ଦ୍ଦେଶକ ପ୍ରଫେସର କେ. କେ. ନନ୍ଦାଙ୍କ ଅଧ୍ୟକ୍ଷତାରେ ଚେନ୍ନାଇର ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥ୍‌ମାଟିକାଲ ସାଇନ୍ସର ନିର୍ଦ୍ଦେଶକ ପ୍ରଫେସର ଭି. ରବିନ୍ଦ୍ରନ, କୋଲକତାର ଇଣ୍ଡିଆନ ଆସୋସିଏଶନ ଫର୍ କଲ୍ଟିଭେଶନ ଅଫ ସାଇନ୍ସର ନିର୍ଦ୍ଦେଶକ ପ୍ରଫେସର କଳୋବରଣ ମାଇତି, ପ୍ରୟାଗରାଜସ୍ଥିତ ହରିଶ୍ଚନ୍ଦ୍ର ରିସର୍ଚ୍ଚ ଇନ୍ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ପ୍ରଫେସର ଉଜ୍ଜ୍ୱଳ ସେନ, ମୁମ୍ବାଇ ଟାଟା ଇନ୍ଷ୍ଟିଚ୍ୟୁଟ୍ ଅଫ ଫଣ୍ଡାମେଣ୍ଟାଲ ରିସର୍ଚ୍ଚର ପ୍ରଫେସର ସିରାଜ ମିନ୍ୱାଲା ଏବଂ ଅଧକ୍ଷ ପ୍ରଫେସର ଟି. ସୋମ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଇନ୍ଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ପୂଜାରେ ଏକକ ପ୍ଲାଷ୍ଟିକ ବ୍ୟବହାର ମନା




ବିଏମ୍‌ସିର ଦୁର୍ଗାପୂଜା ପ୍ରସ୍ତୁତି ବୈଠକରେ ମେୟର ସୁଲୋଚନା ଦାସ ଉଦ୍‌ବୋଧନ ଦେଉଛନ୍ତି।

ଭୁବନେଶ୍ୱର, ୪।୯(ବନ୍ଦନା ସେଠୀ)

**ବିଏମ୍‌ସିର ଦୁର୍ଗାପୂଜା ପ୍ରସ୍ତୁତି ବୈଠକ**
- ମେଲୋଡିରେ ଅଶ୍ଳୀଳ ନୃତ୍ୟକୁ ବାରଣ
- ସ୍ୱଚ୍ଛତା ଓ ରାସ୍ତା ମରାମତି ଉପରେ ଗୁରୁତ୍ୱ

ଚଳିତବର୍ଷ ଭୁବନେଶ୍ୱର ସହରରେ ୧୯୦ରୁ ଅଧିକ ପୂଜା ମଣ୍ଡପରେ ଦେବୀ ଦଶଭୁଜା ପୂଜା ପାଇବେ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇସାରିଥିବାବେଳେ ପୂଜାକୁ ସୁଗମ କରିବା ଉପରେ ବିଏମ୍‌ସି ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ପୂଜାରେ ପରିମଳକୁ ଗୁରୁତ୍ୱ ଦିଆଯିବା ସହିତ ଏକକ ପ୍ଲାଷ୍ଟିକ ବ୍ୟବହାରକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ସେହିପରି ସୁବନ୍ଦୋବସ୍ତିତ ପାର୍କିଂ ଓ ସ୍ୱଚ୍ଛତା ରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏଥିସହ ମେଲୋଡିରେ ଅଶ୍ଳୀଳ ନୃତ୍ୟକୁ ବାରଣ କରାଯାଇଛି। ଦୁର୍ଗାପୂଜା ଆୟୋଜନ ନେଇ ଗୁରୁବାର ବିଏମ୍‌ସି ପକ୍ଷରୁ ହୋଇଥିବା ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ପାର୍ବଣ ଋତୁ ଆସିଥିବାରୁ ଏବେ ସହରର ବିଭିନ୍ନ ରାସ୍ତା ମରାମତିକୁ ପ୍ରାଥମିକତା ଦିଆଯାଉଛି। ବିଏମ୍‌ସି ରାସ୍ତା ସହିତ ଅନ୍ୟାନ୍ୟ ବିଭାଗର ରାସ୍ତାଗୁଡ଼ିକ ମରାମତି କିପରି ସମୟ ପୂର୍ବରୁ ହୋଇପାରିବ ସେଥିଲାଗି ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିବା ମେୟର ସୁଲୋଚନା ଦାସ କହିଛନ୍ତି। ପୂଜା ପୂର୍ବରୁ କୌଣସି ସ୍ଥାନରେ ରାସ୍ତା ନ ଖୋଳିବାକୁ ପରାମର୍ଶ ଦିଆଯାଇଛି। ରାବଣପୋଡ଼ିରେ ଏବଂ ମଣ୍ଡପ ନିକଟରେ ଲୋକେ କିପରି ସୁରକ୍ଷିତ ରହିବେ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯିବା ସହ ପାର୍କିଂ ପ୍ରତି ଗୁରୁତ୍ୱାରୋପ କରାଯାଇଛି। ସମସ୍ତ ପୂଜାମଣ୍ଡପ ପାର୍କିଂ ବ୍ୟବସ୍ଥା କରିବେ। ଜରୁରିକାଳୀନ ଯାନ ଚଳାଚଳ କରିପାରିବା ଭଳି ଉଚ୍ଚତା ବିଶିଷ୍ଟ ତୋରଣ ଓ ସାଜସଜ୍ଜା ରହିବ। ପ୍ରତିବର୍ଷ ଭଳି ଏଥର ମଧ୍ୟ ପ୍ରତି ୱାର୍ଡକୁ ୫ଲକ୍ଷ ଟଙ୍କାର ବଜେଟ ଦିଆଯାଇଛି। ସେହିପରି ପୂଜା ସମୟରେ ମିନାବଜାରରେ ଖାଦ୍ୟର ମାନ ନିୟମିତ ଯାଞ୍ଚ କରାଯିବ। ମିଠା ଦୋକାନ ଉପରେ ନଜର ରହିବ। ପୂଜାମଣ୍ଡପଗୁଡ଼ିକରୁ ନିୟମିତ ପୂଜାଫୁଲ ସଂଗ୍ରହ ପାଇଁ ବିଏମ୍‌ସି ଗାଡ଼ି ପହଞ୍ଚିବ। ପ୍ଲାଷ୍ଟିକ୍‌ମୁକ୍ତ ପୂଜା ସୁନିଶ୍ଚିତ କରିବା ପାଇଁ ପୂଜାମଣ୍ଡପଗୁଡ଼ିକୁ ପରାମର୍ଶ ଦିଆଯାଇଛି। ଏହାବ୍ୟତୀତ ବିଏମ୍‌ସି ପକ୍ଷରୁ ପ୍ରତିବର୍ଷ ଭଳି କଣ୍ଟ୍ରୋଲରୁମ୍ କାର୍ଯ୍ୟକ୍ଷମ ହେବ। ବଡ଼ବଡ଼ ପୂଜା ମଣ୍ଡପ ନିକଟରେ ବିଏମ୍‌ସି ପକ୍ଷରୁ ସଚେତନତା ବାର୍ତ୍ତା ଲଗାଯିବ। ପୂଜା ସମୟରେ ଅଧିକ ବୁଲା କୁକୁର ଥିବା ଅଞ୍ଚଳରୁ ସେମାନଙ୍କୁ ନେଇ କେନେଲରେ ରଖାଯିବାକୁ ଯୋଜନା କରାଯାଉଥିବା ମେୟର କହିଛନ୍ତି। ବୈଠକରେ କର୍ପୋରେଟରମାନେ ନିଜ ନିଜ ଅଞ୍ଚଳର ସମସ୍ୟା ତଥା ପୂଜା କମିଟିର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇଥିଲେ। ଆଗକୁ ବିଭିନ୍ନ ପୂଜା କମିଟି ସହ ବୈଠକ ଅନୁଷ୍ଠିତ ହେବ। ଷ୍ଟ୍ରିଟ୍‌ଲାଇଟ୍ ସମସ୍ୟା ଥିଲେ ୪୮ଘଣ୍ଟା ମଧ୍ୟରେ ସମାଧାନ କରାଯିବ। ଏଥିପାଇଁ ଏଜେନ୍ସିମାନଙ୍କୁ ଲୋକବଳ ବଢ଼ାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସାଢ଼େ ୯ରୁ ୧୦ କୋଟିର ଟେଣ୍ଡର ହୋଇ ୱାର୍କ ଅର୍ଡର ଦିଆଯାଇଥିବା ରାସ୍ତାକାମ ଚଳିତ ମାସରେ ଶେଷ କରିବାକୁ ନିର୍ଦ୍ଦେଶ ରହିଛି। ୱାଟ୍‌କୋ ଭଳି ଅନ୍ୟାନ୍ୟ ଲାଇନ ଡିପାର୍ଟମେଣ୍ଟ କୌଣସି ରୋଡ୍ ଖୋଳିବା କିମ୍ବା କେଉଁଠାରେ ନୂଆ ରାସ୍ତା ନିର୍ମାଣ ନ କରିବା ପାଇଁ ପରାମର୍ଶ ଦିଆଯାଇଥିବା କମିଶନର ଚଞ୍ଚଳ ରାଣା ସୂଚନା ଦେଇଛନ୍ତି। ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, ଷ୍ଟାଣ୍ଡିଂ କମିଟି ଅଧକ୍ଷ, କର୍ପୋରେଟର ଏବଂ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।




ରେଡ୍‌କ୍ରସ ଭବନରେ ଗୁରୁବାର ଆୟୋଜିତ ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଏବଂ ରାଷ୍ଟ୍ରୀୟ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ମାର୍ଗଦର୍ଶନ ସଭାରେ ପରିଷଦର ଅଧକ୍ଷ ପ୍ରବୀଣ ଭାଇ ତୋଗାଡ଼ିଆ ଉଦ୍‌ବୋଧନ ଦେଉଛନ୍ତି। (ବିକାଶ ନାୟକ)

## ଶ୍ରୀଲିଙ୍ଗରାଜ ମନ୍ଦିର ଦକ୍ଷିଣ ଦ୍ୱାରରେ ଡଷ୍ଟବିନ ରଖିବାକୁ ଦାବି

ପୁରୁଣା ଭୁବନେଶ୍ୱର,୪।୯(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ ପାଇଁ ପ୍ରତ୍ୟେକ ଦିନ ହଜାର ହଜାର ଶ୍ରଦ୍ଧାଳୁଙ୍କ ଆଗମନ ହେଇଥାଏ। ଶ୍ରୀଲିଙ୍ଗରାଜଙ୍କ ବାର ମାସରେ ତେର ଯାତ୍ରା। ଏତଦ୍ ବ୍ୟତୀତ ଦୈନିକ ନୀତିକାନ୍ତିରେ ବେଲପତ୍ର, ଷଢ଼େଇ, କଦଳୀ ପତ୍ର, ଚୋପା ଆଦି ଦୈନନ୍ଦିନ ମନ୍ଦିର ପରିସରରେ ଗଦା ହୋଇରହିଥାଏ। ଏହାକୁ ଏଏସ୍‌ଆଇର ସଫେଇ କର୍ମଚାରୀମାନେ ସଫେଇ କରିଥାନ୍ତି। ଏହି କୁଢ଼କୁଢ଼ ଆବର୍ଜନାକୁ ମନ୍ଦିରର ଦକ୍ଷିଣ ଦ୍ୱାର ଖୋଲା ରାସ୍ତାରେ ପକାଯାଇଥାଏ। ଫଳରେ ବିଏମ୍‌ସି ସଫେଇ ଗାଡି ଏହାକୁ ସଫା କରିବା ପାଇଁ ସମୟ ଲାଗିଥାଏ। ଗଦା ହୋଇ ପଡ଼ିଥିବା ଏହି ପୂଜା ସାମଗ୍ରୀ ପଦାର୍ଥଗୁଡିକୁ ବୁଲା ଗୋରୁ, ଷଣ୍ଢ, କୁକୁର ଖାଦ୍ୟ ଅନ୍ୱେଷଣରେ ଆସି ଖେଳାଇଥାନ୍ତି। ଫଳରେ ଏଗୁଡିକ ରାସ୍ତାରେ ଏଣେତେଣେ ପଡିବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥାଏ। ଏହା ମଧ୍ୟ ଠାକୁରଙ୍କ ପ୍ରତି ଅବମାନନା ବୋଲି ସ୍ଥାନୀୟ ବାସିନ୍ଦା ଅଂଶୁମାନ ମିଶ୍ର କହିଛନ୍ତି। ପୂର୍ବରୁ ଏଠାରେ ବ୍ୟବହାର ହେଉଥିବା ବୃହତ୍‌କାୟ ଡଷ୍ଟବିନ ପୁନଃ ରଖିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହାଦ୍ୱାରା ପର୍ଯ୍ୟଟକ ଓ ଭକ୍ତଙ୍କ ମନରେ ଏକାମ୍ର କ୍ଷେତ୍ର ପ୍ରତି ନକାରାତ୍ମକ ମନୋଭାବ ପଡିବନାହିଁ। ତୁରନ୍ତ ବିଏମ୍‌ସି ପକ୍ଷରୁ ମନ୍ଦିର ଦକ୍ଷିଣ ଦ୍ୱାର ନିକଟରେ ଡଷ୍ଟବିନ ରଖାଯାଉ ବୋଲି ଦାବି ହେଉଛି।



ଝାରପଡ଼ା ଦୁର୍ଗାପୂଜା ସମିତି ପକ୍ଷରୁ ମାଟି ଅନୁକୂଳ ଅବସରରେ ପୂଜାର୍ଚ୍ଚନା କରାଯାଉଛି।

## ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

ଭୁବନେଶ୍ୱର, ୪।୯
(ବନ୍ଦନା ସେଠୀ/ନୀଳମାଧବ ସାହୁ)

ବହୁ ବାଦ ବିବାଦ ପରେ ଗୁରୁବାର ପବିତ୍ର ସୁନିଆରେ ଝାରପଡ଼ା ଦୁର୍ଗାପୂଜା ସମିତିର ୧୫ତମ ଦୁର୍ଗାପୂଜା ଉପଲକ୍ଷେ ମାଟି ଅନୁକୂଳ ହୋଇଯାଇଛି। ପୂଜାମଣ୍ଡପ (ଝାରପଡ଼ା ଜେଲ୍ ରୋଡ୍‌ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପାଖ)ଠାରୁ ଝାରପଡ଼ା ଗାଁ ଏବଂ ଏହି ଅଞ୍ଚଳର ଶତାଧିକ ଲୋକେ ଏକ ଶୋଭାଯାତ୍ରାରେ ବାଜା ଓ ଆତସବାଜି ସହ ବାହାରି କୁଆଖାଇ ନଦୀକୂଳରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ପାଇଁ ମୃତ୍ତିକା ଉତ୍ତୋଳନ କରାଯାଇଥିଲା। ଝାରପଡ଼ା ଦୁର୍ଗାପୂଜା ସମିତିର ସଭାପତି ଶିଖର ଚନ୍ଦ୍ର ଜେନା, ସାଧାରଣ ସମ୍ପାଦକ ଧରଣୀଧର ଜେନା ଏବଂ ଆବାହକ ଶ୍ରୀଧର ଜେନାଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ଆୟୋଜିତ ହୋଇଥିଲା।

ରସୁଲଗଡ଼ ଦୁର୍ଗା ପୂଜା ପରିଚାଳନା କମିଟି ପକ୍ଷରୁ ଗୁରୁବାର କୁଆଖାଇ ନଦୀ କୂଳରୁ ମାଟି ଅନୁକୂଳ କରାଯାଇଛି। ଶୋଭାଯାତ୍ରାରେ କମିଟିର କର୍ମକର୍ତ୍ତା ଓ ଶତାଧିକ ଯୁବକ ନଦୀ କୂଳରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ସହ ମାଟି ଅନୁକୂଳ କରାଯାଇଥିଲା ।। କାର୍ଯ୍ୟକ୍ରମରେ ମଳୟ ରାଉତରାୟ, ନିରଞ୍ଜନ ରାଉତରାୟ, ପ୍ରକାଶ ରାଉତରାୟ, ସଞ୍ଜୟ କୁମାର ବଳିୟାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭିଏସ୍‌ଏସ୍ ନଗର ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ମଧ୍ୟ ମାଟି ଅନୁକୂଳ ହୋଇଯାଇଛି। ଦୁର୍ଗାପୂଜା ମଣ୍ଡପଠାରୁ ପୂଜକ, କର୍ତ୍ତା, କର୍ମକର୍ତ୍ତା ଓ ଶ୍ରଦ୍ଧାଳୁମାନେ ଶୋଭାଯାତ୍ରାରେ କୁଆଖାଇ ନଦୀତଟକୁ ଯାଇଥିଲେ। ସେଠାରେ ପୂଜା, ହୋମ ପରେ ମା'ଙ୍କ ପ୍ରତିମା ନିର୍ମାଣ ପାଇଁ ନଦୀରୁ ମୃତ୍ତିକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ସମିତିର ସଭାପତି ଡ. ଜୟନ୍ତ କୁମାର ପରିଡ଼ା, ବରିଷ୍ଠ ସଦସ୍ୟ ଦିଲୀପ ଦାଶଶର୍ମା, କର୍ତ୍ତା ନିତ୍ୟରଞ୍ଜନ ନନ୍ଦ, କୋଷାଧକ୍ଷ ଭ୍ରମରବର ସାହୁ, ଯୁଗ୍ମସମ୍ପାଦକ ଧରଣୀଧର ରାଉତ, ଖଗେଶ୍ୱର ପରିଡ଼ା, ରାମଚନ୍ଦ୍ର ସାମଲ, ମନୋଜ ସାହୁ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଦାମୋଦର ଶତପଥୀ, ଉତ୍କଳ ପାଣିଗ୍ରାହୀ, ଶିତଳ ଚନ୍ଦ୍ର ମହାନ୍ତି ପ୍ରମୁଖ ସାମିଲ ଥିଲେ।



ଭିଏସ୍‌ଏସ୍ ନଗର ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ମାଟି ଅନୁକୂଳ କରାଯାଉଛି।

## ପ୍ରାକୃତିକ ସମ୍ପଦ ସଂରକ୍ଷଣ ପାଇଁ ଫସଲ ଘନିଷ୍ଠୀକରଣ ଆବଶ୍ୟକ

ଭୁବନେଶ୍ୱର,୪।୯(ସୌମ୍ୟରଞ୍ଜନ ରାଉତ)

ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ ଭୁବନେଶ୍ୱର ଏବଂ ଭାରତୀୟ ଜଳ ପରିଚାଳନା ସମିତି ଓଡ଼ିଶା ଶାଖାର ମିଳିତ ଆନୁକୂଲ୍ୟରେ ଗୁରୁବାର ଜଳବାୟୁ ସ୍ମାର୍ଟ ଓ ପାରଦର୍ଶୀ ଜଳ ତଥା ପୋଷକ ପରିଚାଳନା ପାଇଁ ଫସଲ ଘନିଷ୍ଠୀକରଣ ବ୍ୟବସ୍ଥା ଉପରେ ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାରତୀୟ ଜଳ ଓ ମୃତ୍ତିକା ସଂରକ୍ଷଣ ପ୍ରତିଷ୍ଠାନ ଡେରାଡୁନ୍‌ର ପୂର୍ବତନ ନିର୍ଦ୍ଦେଶକ ଡ. ପ୍ରଶାନ୍ତ କୁମାର ମିଶ୍ର ଯୋଗଦେଇ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଫସଲ ଘନିଷ୍ଠୀକରଣ ଜଳ ଓ ପୋଷକର ଉପଯୋଗିତା ବଢ଼ାଇବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଓୟୁଏଟିର ସମ୍ପ୍ରସାରଣ ନିର୍ଦ୍ଦେଶକ ଡ. ପ୍ରସନ୍ନଜିତ ମିଶ୍ର ଯୋଗଦେଇ ଜଳବାୟୁ ପରିବର୍ତ୍ତନରେ ଅନିୟମିତତା ପରିପ୍ରେକ୍ଷୀରେ ଏଭଳି ଆଲୋଚନା ଚକ୍ରର ଆବଶ୍ୟକତା ଥିବା ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଓୟୁଏଟିସ୍ଥିତ କୃଷି ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ହୃଷିକେଶ ପାତ୍ର ଦେଶର ପ୍ରାକୃତିକ ସମ୍ପଦ ସଂରକ୍ଷଣ ଓ ସଦୁପଯୋଗ ପାଇଁ ଫସଲ ଘନିଷ୍ଠୀକରଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅତିଥିଭାବେ ପ୍ରଗତି ସଂସ୍ଥାର ପ୍ରଭାକର ଅଧିକାରୀ, ସିଆଇଏଫ୍‌ଏସ୍ ବିଳାସପୁରର ଜାକବ ନୀଳିଆନାମ୍ ଏବଂ ଆର୍‌ଆର୍‌ଏର ସବ୍ୟସାଚୀ ଦାସ ପ୍ରମୁଖ ଯୋଗଦେଇଥିଲେ। ସମ୍ମିଳନୀରେ ମୋଟ ୮ଟି ଥିମ ଥିବାବେଳେ ଦେଶ ବିଦେଶର ୨୦୦ରୁ ଅଧିକ ବୈଜ୍ଞାନିକ ତାଙ୍କ ଗବେଷଣା ଲବ୍ଧ ଜ୍ଞାନ ଉପରେ ବିଚାର ବିମର୍ଶ କରିଥିଲେ। ବିଭିନ୍ନ ରାଜ୍ୟର ୫୦ଥରୁ ଅଧିକ ସଫଳ ଚାଷୀ ଭାଗ ନେଇଥିଲେ। ଯୁବ ଗବେଷକଙ୍କ ପାଇଁ ପୋଷ୍ଟର ପ୍ରଦର୍ଶନୀ କରାଯାଇଥିଲା। ପ୍ରତିଷ୍ଠାନ ନିର୍ଦ୍ଦେଶକ ଡ. ଅର୍ଜ୍ଜମାଦତ୍ତ ଷଡଙ୍ଗୀ ସ୍ୱାଗତ ଭାଷଣ ଏବଂ ଭାରତୀୟ ଜଳ ପରିଚାଳନା ସମିତି ଓଡ଼ିଶା ଶାଖାର ସଚିବ ଡ. କାଳିକିଙ୍କର ବନ୍ଦୋପାଧ୍ୟାୟ ଧନ୍ୟବାଦ ଦେଇଥିଲେ।

## ସିମେଣ୍ଟ ଉପରେ ଜିଏସ୍‌ଟି ହ୍ରାସକୁ ସ୍ୱାଗତ

ଭୁବନେଶ୍ୱର,୪।୯(ଅନୁରାଧା ମହାରଣା)



ଲଳିତ ବେରିୱାଲା

ସିମେଣ୍ଟ ଉପରେ ଜିଏସ୍‌ଟି ୨୮%ରୁ ୧୮%କୁ ହ୍ରାସ ନେଇ ସରକାରଙ୍କ ନିଷ୍ପତ୍ତିକୁ ଶ୍ୟାମ ଷ୍ଟିଲ ନିର୍ଦ୍ଦେଶକ ଲଳିତ ବେରିୱାଲା ସ୍ୱାଗତ କରିଛନ୍ତି। ବେରିୱାଲା କହିଛନ୍ତି, ସିମେଣ୍ଟ ଉପରେ ଜିଏସ୍‌ଟି ହ୍ରାସ ଏକ ପ୍ରଗତିଶୀଳ ପଦକ୍ଷେପ, ଯାହା ନିର୍ମାଣ ଖର୍ଚ୍ଚ ହ୍ରାସ କରିବା ସହ ଗୃହ ନିର୍ମାଣକୁ ଅଧିକ ସୁଲଭ ଓ ଭିତ୍ତିଭୂମି ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ। ସିମେଣ୍ଟ ଓ ଇସ୍ପାତ ନିର୍ମାଣର ମେରୁଦଣ୍ଡ ଏବଂ ଏହି ପଦକ୍ଷେପ ଉକ୍ତ କ୍ଷେତ୍ରକୁ ଯଥେଷ୍ଟ ବୃଦ୍ଧି କରିବ। ଏଥିସହ ଭାରତର ଆର୍ଥିକ ଅଭିବୃଦ୍ଧିକୁ ସମର୍ଥନ କରିବ। ସୂଚନା ଥାଉକି, ୧୯୫୩ ମସିହାରେ ପ୍ରତିଷ୍ଠିତ ଶ୍ୟାମ ଷ୍ଟିଲ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଭାରତର ପ୍ରମୁଖ ଟିଏମ୍‌ଟି ବାର୍ ନିର୍ମାତାଙ୍କ ମଧ୍ୟରୁ ଅନ୍ୟତମ, ଯାହା ଭାରତୀୟ ରେଳ, ପ୍ରତିରକ୍ଷା ଓ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଭଳି କ୍ଷେତ୍ରଗୁଡ଼ିକୁ ସେବା ଯୋଗାଇଥାଏ।

## 'ପିଲାମାନେ ସର୍ବଦା ନିଜ କାର୍ଯ୍ୟକୁ ପ୍ରାଧାନ୍ୟ ଦିଅନ୍ତୁ'

**ବିଆଇଆଇଟିଏମ୍‌ରେ ଇଣ୍ଡକ୍ସନ କାର୍ଯ୍ୟକ୍ରମ**

ଭୁବନେଶ୍ୱର,୪।୯(ସୁଚିସ୍ମିତା ସାହୁ)

ପିଲାମାନେ ସର୍ବଦା ନିଜ କାର୍ଯ୍ୟକୁ ପ୍ରାଧାନ୍ୟ ଦିଅନ୍ତୁ। ମାତାପିତାଙ୍କଠାରୁ ପାଇଥିବା ସଂସ୍କାର ଓ ଜୀବନଶୈଳୀକୁ ହିଁ କାର୍ଯ୍ୟରେ ଉପଯୋଗ କରନ୍ତୁ। ପିଲାମାନେ ଏହି ସଂସ୍କାରକୁ ଅନୁସରଣ କରି କାର୍ଯ୍ୟ କଲେ ଜୀବନରେ ବହୁ ଆଗକୁ ବଢ଼ିପାରିବେ ବୋଲି ଉତ୍କଳ ସଂସ୍କୃତ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଅନାମିକା ଅଧିକାରୀ କହିଛନ୍ତି। ବୁଧବାର ବିଜୁ ପଟ୍ଟନାୟକ ଇନ୍ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍ (ବିଆଇଆଇଟିଏମ)ରେ ଛାତ୍ରୀଛାତ୍ରଙ୍କ ଇଣ୍ଡକ୍ସନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନାମିକା କହିଲେ, କଥା କହିବାର ଶୈଳୀ, ଅଭିଜ୍ଞତା ଏବଂ ବ୍ୟବହାର ଜଣଙ୍କୁ ସର୍ବୋଚ୍ଚ ସ୍ଥାନରେ ପହଞ୍ଚାଇଥାଏ। ମନରେ ଯେତେ ଦୁଃଖ ଥିଲେ ସୁଦ୍ଧା ସବୁକୁ ଲୁଚାଇ କର୍ମ କରିବାକୁ ପଡିଥାଏ ବୋଲି ଛାତ୍ରୀଛାତ୍ରଙ୍କୁ ସେ ପରାମର୍ଶ ଦେଇଥିଲେ। କମିଶନରେଟ ପୋଲିସର ଏସିପି ଲଳିତେନ୍ଦୁ ମହାନ୍ତି ଯୋଗଦେଇ ପିଲାମାନେ କଲେଜ କ୍ୟାମ୍ପସ୍‌କୁ ସୁରକ୍ଷିତ ରଖିବା ସହ ନିଜ ପାଠପଢ଼ା ଓ କାର୍ଯ୍ୟକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ସମାଜରେ ଜଣେ ଭଲ ମଣିଷ ହୋଇ ନିଜକୁ ଗଢ଼ିବାକୁ ଚେଷ୍ଟା କରନ୍ତୁ ବୋଲି ସେ କହିଥିଲେ। ପ୍ରତିଷ୍ଠାନର ଅଧ୍ୟାପକ ଭିକି ପ୍ରସାଦ ଦାସ ସ୍ୱାଗତ ଭାଷଣ ଓ ପ୍ରିନ୍ସିପାଲ ଅଭୀପ୍ସା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ପାହାଡ଼ ଉପରେ ଦେବୀ ମା'ଙ୍କ ମନ୍ଦିର ଢାଞ୍ଚାରେ ତୋରଣ



**ଧରାବତରଣ କରିବେ ମା'**

ଭୁବନେଶ୍ୱର,୪।୯(ସୌମ୍ୟରଞ୍ଜନ ରାଉତ)

ପାଖେଇ ଆସୁଛି ଦୁର୍ଗାପୂଜା। ଧରାବତରଣ କରିବେ ମା' ଦଶଭୁଜା। ଜଗତ୍‌ଜନନୀ ଦୁର୍ଗାଙ୍କ ଆବାହନ ପାଇଁ ଚାଲିଲାଣି ପ୍ରସ୍ତୁତି। ପୁରପଲ୍ଲୀଠାରୁ ସହର ହେଲାଣି ଚଳଚଞ୍ଚଳ। ପାର୍ବଣର ମହକ ଏବେ ରାଜଧାନୀକୁ ଛୁଇଁଲାଣି।



ପୂଜା ଆୟୋଜନ ସହ ସାମାଜିକ ସେବା କାର୍ଯ୍ୟକ୍ରମ ପାଇଁ ରସୁଲଗଡ଼ ଦୁର୍ଗାପୂଜା ପରିଚାଳନା କମିଟି ସବୁବେଳେ ଚର୍ଚ୍ଚାରେ ରହିଆସିଛି। ପ୍ରତିବର୍ଷ ଆକର୍ଷଣୀୟ ମୂର୍ତ୍ତି ନିର୍ମାଣ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ସାଙ୍ଗକୁ ଲୋକଙ୍କୁ ସଚେତନତା ବାର୍ତ୍ତା ଦେଇଆସୁଛି। ଚଳିତବର୍ଷ ୩୩ତମ ବର୍ଷରେ ପଦାର୍ପଣ କରିବ ରସୁଲଗଡ଼ ଦୁର୍ଗାପୂଜା ପରିଚାଳନା କମିଟି। ଚଳିତ ବର୍ଷ ପାହାଡ଼ ଉପରେ ଦେବୀ ମା'ଙ୍କ ମନ୍ଦିର ଢାଞ୍ଚାରେ ତୋରଣ ଶୋଭା ପାଇବ। ଏଥିରେ ପ୍ରାକୃତିକ ଗଛଲତା, ଧାନକ୍ଷେତ ଏବଂ ଆଦିମ ଜନଜାତି ସହିତ ବିଭିନ୍ନ ଗୁମ୍ଫା ଓ ପଶୁପକ୍ଷୀଙ୍କ ଚଳଣି ଆଦି ସ୍ଥାନିତ ହେବ। କମିଟି ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦେବ। କୋଲକାତାର ପ୍ରାୟ ୫୦ଜଣ କାରିଗର ରାଖିପୂର୍ଣ୍ଣିମାଠାରୁ ତୋରଣ ନିର୍ମାଣ କାର୍ଯ୍ୟ କରୁଛନ୍ତି । ତୋରଣର ଉଚ୍ଚତା ୮୦ଫୁଟ ସହ ପ୍ରସ୍ଥ ୧୨୦ଫୁଟ ରହିବ। ତୋରଣ କେବଳ କାଠ, ବାଉଁଶ ଓ ଫୋମ୍‌ରେ ନିର୍ମାଣ ହେବ। ୫ଟି ବଡ଼ ରଙ୍ଗିନ୍ ଆଲୋକ ଗେଟ୍ ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ପାଖାପାଖି ୭୦ଲକ୍ଷ ଟଙ୍କାର ବଜେଟ ଅଟକଳ ହୋଇଛି। ମା'ଙ୍କ ମେଢ ସହ ମୂର୍ତ୍ତି ଉଚ୍ଚତା ୨୨ଫୁଟ ଥିବାବେଳେ ପାର୍ଶ୍ୱ ଦେବଦେବୀ ଭାବେ ଲକ୍ଷ୍ମୀ, ସରସ୍ୱତୀ, ଗଣେଶ ଓ କାର୍ତ୍ତିକ ଶୋଭା ମଣ୍ଡନ କରିବେ। ଷଷ୍ଠୀ ତିଥିରୁ ବେଲବରଣ ଓ କଳସ ଯାତ୍ରା କରାଯାଇ ଓଡ଼ିଶୀ ନୃତ୍ୟ ହେବ। ସପ୍ତମୀରେ ମେଲୋଡି, ଅଷ୍ଟମୀରେ ଷ୍ଟାର୍ ନାଇଟ୍ ଶୋ', ନବମୀରେ ମେଲୋଡ଼ି ଏବଂ ଦଶମୀରେ ଷ୍ଟାର ନାଇଟ୍ ସହିତ ଓଲିଉଡ୍ କଳାକାରଙ୍କୁ ନେଇ ଷ୍ଟାର୍ ଶୋ' କରାଯିବ। ଭସାଣି ଉତ୍ସବକୁ ଆକର୍ଷଣୀୟ କରିବା ପାଇଁ ପାରମ୍ପରିକ ଘୋଡ଼ା ନାଚ ସହିତ ବିଭିନ୍ନ ପ୍ରକାର ଲୋକନୃତ୍ୟ ପ୍ରମୁଖ ଆକର୍ଷଣ ହେବ ବୋଲି କମିଟିର କାର୍ଯ୍ୟକର୍ତ୍ତା ସୂଚନା ଦେଇଛନ୍ତି।



"ଏଥର ପୂଜା ଧୁମ୍‌ଧାମ୍‌ର ସହ ପାଳନ ପାଇଁ ପ୍ରସ୍ତୁତି ଜାରି ରହିଛି। ଜାକଜମକରେ ଭସାଣି କରାଯିବ। ପୂଜାମଣ୍ଡପଠାରୁ କୁଆଖାଇ ନଦୀ ପର୍ଯ୍ୟନ୍ତ ଭସାଣି ଯାତ୍ରା ହେବ। ଭସାଣି ଯାତ୍ରାରେ ପାରମ୍ପରିକ ବାଦ୍ୟଯନ୍ତ୍ର ସହ ଲୋକନୃତ୍ୟ ପ୍ରଦର୍ଶନ କରାଯିବ। ପୂଜା ସମୟରେ ପ୍ରସାଦ ସେବନ ବ୍ୟବସ୍ଥା ହେବ।

**– ପ୍ରକାଶ ରାଉତରାୟ, ସଭାପତି**



"ଏଥର ଅନୁଷ୍ଠାନ ପକ୍ଷରୁ ୬୦ଜଣ ସିକ୍ୟୁରିଟି ଗାର୍ଡ (ମହିଳା ଓ ପୁରୁଷ)ଙ୍କୁ ନିୟୋଜିତ କରାଯିବ। ଏଥିସହ ଆମ ପୂଜା କମିଟିର ୨୬୦ ଜଣ କର୍ମକର୍ତ୍ତା ରହିବେ। ୫୦ ଜଣ ପୋଲିସ କର୍ମଚାରୀ ଓ ୬୦ରୁ ଊର୍ଦ୍ଧ୍ୱ ପୋଲିସ ମିତ୍ର ରହିବେ। ଲୋକଙ୍କ ସୁରକ୍ଷା ଲାଗି ୪୦ ସିସିଟିଭି, ୪ଟି ମାଗଣା ପାର୍କିଙ୍ଗ୍ ବ୍ୟବସ୍ଥା କରାଯିବ।ଏଥିସହଅନ୍ୟସ୍ୱେଚ୍ଛାସେବୀଯୋଗଦେବେ।

**– ସଞ୍ଜୟ କୁମାର ବଳିୟାରସିଂ, ସମ୍ପାଦକ**

**ରସୁଲଗଡ଼ ଦୁର୍ଗାପୂଜା ପରିଚାଳନା କମିଟି**

# ‘ଜବରଦଖଲ ଜମିର ଡାଟାବେସ୍ ପ୍ରସ୍ତୁତ କର’

ଖୋର୍ଦ୍ଧା,୪।୯(ପ୍ରଭାତ ପାଣିଗ୍ରାହୀ)

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଗୁରୁବାର ଖୋର୍ଦ୍ଧା ଗସ୍ତ କରି ଜିଲାପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲାସ୍ତରୀୟ ରାଜସ୍ୱ ଓ ଭୂ-ଅର୍ଜନ ସମ୍ବନ୍ଧୀୟ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ମନ୍ତ୍ରୀ ପୂଜାରୀ ରାଜସ୍ୱ ବିଭାଗର ବିଭିନ୍ନ ଯୋଜନାର କାର୍ଯ୍ୟକାରିତା, ତ୍ୱରିତ ସେବା, ଭୂମିହୀନ ସର୍ଭେ ତାଲିକା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖୋର୍ଦ୍ଧା ଏବଂ ଭୁବନେଶ୍ୱରରେ ଅଧିକାଂଶ ଜମି ଜବରଦଖଲରେ ରହିଛି। ଏହାର ଡାଟାବେସ ପ୍ରସ୍ତୁତ କରିବାକୁ ତହସିଲଦାରମାନଙ୍କୁ କହିଛନ୍ତି। ଜବରଦଖଲ ଜମି ଉଚ୍ଛେଦ କରାଯିବ। ଓଡ଼ିଶାରେ ରାଜସ୍ୱ ଜମିଜମା ଉପରେ ବହୁ ସମସ୍ୟା ରହିଛି। ରାଜସ୍ୱ ବିଭାଗରେ ଦକ୍ଷ, ଅଭିଜ୍ଞ ଅଫିସରମାନଙ୍କ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇ ଏ ସଂକ୍ରାନ୍ତୀୟ ସମସ୍ୟା ସମାଧାନ ପାଇଁ ସରକାର ଯୋଜନା କରୁଛନ୍ତି। ସରକାରୀ ନିର୍ଦ୍ଧାରିତ ସମୟ ମଧ୍ୟରେ ଜନସାଧାରଣଙ୍କ ତହସିଲ କାର୍ଯ୍ୟାଳୟରେ କାମ ନ ହେଲେ ଦିନକୁ ୨୦୦ ଟଙ୍କା ଜରିମାନା ଦେବେ କାର୍ଯ୍ୟରେ ଅବହେଳା କରିଥିବା କର୍ମଚାରୀ। ସେବା ନ ପାଇଲେ ସରକାରଙ୍କୁ ଆପ୍, ପୋର୍ଟାଲ ଜଣାଇବାକୁ ପରାମର୍ଶ ଦେଇଛନ୍ତି। ଯେଉଁ ରାଜସ୍ୱ କର୍ମଚାରୀ କିମ୍ବା ଅଧିକାରୀ କାର୍ଯ୍ୟରେ ଅବହେଳା କରିବେ, ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି।


ସମୀକ୍ଷା ବୈଠକରେ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଅନ୍ୟମାନେ।

ସେ ଆହୁରି କହିଛନ୍ତି ଯେ, ତହସିଲଦାରମାନେ ଲୋକଙ୍କ ସମସ୍ୟା ସମାଧାନକୁ ପ୍ରାଥମିକତା ଦିଅନ୍ତୁ। ରାଜସ୍ୱ ଅଧିକାରୀମାନେ ରାଜସ୍ୱ ଆଇନ ସମ୍ପର୍କରେ ଜାଣନ୍ତୁ। ଆଇନକୁ ବୁଝିଲେ, ଜାଣିଲେ ଲୋକଙ୍କୁ ନ୍ୟାୟ ଦେଇପାରିବେ। ଗ୍ରାମାଞ୍ଚଳରେ ରାଜସ୍ୱ ଶିବିର ଆୟୋଜନ କରି ଲୋକଙ୍କ ସମସ୍ୟା ବୁଝିବାକୁ ଚେଷ୍ଟା କର। ବିଭାଗୀୟ କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାଧୀନୋତ୍ତର ଭାରତରେ ଜଣେ ଭୂମିହୀନ ବ୍ୟକ୍ତି ପଟ୍ଟା ପାଇଁ ଦୌଡି ଶେଷରେ ପ୍ରାଣତ୍ୟାଗ କରିବା ଏକ ବଡ ଅପମାନ। ତହସିଲଦାରମାନେ ନିଜ ଦାୟିତ୍ୱ ପ୍ରତି ସଚେତନ, ସଜାଗ ରୁହନ୍ତୁ। ସରକାରଙ୍କ ବିଭିନ୍ନ ଯୋଜନା, ସଂଶୋଧିତ ଆଇନକୁ ଅଧ୍ୟୟନ କଲେ ଜଣେ ଭଲ ଅଫିସର ହୋଇପାରିବେ। ପଦ୍ମଶ୍ରୀ ସମ୍ମାନଠୁ ମଧ୍ୟ ଲୋକଙ୍କ ସମ୍ମାନ ସର୍ବୋତ୍ତମ। ଲିଜ୍ ଜମି କୌଣସି ପରିସ୍ଥିତିରେ ମଧ୍ୟ ପରିବର୍ତ୍ତୀ କିମ୍ବା ଅନ୍ୟକୁ ବିକ୍ରି କରାଯାଇପାରିବ ନାହିଁ। ଲିଜ୍‌ଧାରୀ ଯେଉଁ ଉଦ୍ଦେଶ୍ୟରେ ଜମି ନେଇଛନ୍ତି, ତାହା କାର୍ଯ୍ୟକାରୀ ନ କଲେ, ତାହାର ଲିଜ୍ ରଦ୍ଦ କରିବାକୁ ମନ୍ତ୍ରୀ ତହସିଲଦାରମାନଙ୍କୁ କହିଛନ୍ତି। ବଜ୍ରପାତ, ସାପ କାମୁଡା, ପ୍ରାକୃତିକ ବିପର୍ଯ୍ୟୟରେ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କୁ କ୍ଷତିପୂରଣ ଦିଗରେ ଆଇନଗତ ବାଧକ ଉପରେ ତହସିଲଦାରମାନେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଓଏଲ୍‌ଆର ସଂଶୋଧନ ପାଇଁ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା କହିଥିଲେ। ତହସିଲଦାରମାନେ ବିଭିନ୍ନ ସମସ୍ୟା ଉପରେ କହିଥିଲେ। ରାଜସ୍ୱ ବିଭାଗରେ ସଂଶୋଧନ ଆଣିବା ପାଇଁ ସରକାର ଚିନ୍ତା କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। କେଉଁ ସେବା କେତେଦିନରେ ପ୍ରଦାନ କରାଯିବ, ସରକାର ତାହାର ସମୟ ସୀମା ଧାର୍ଯ୍ୟ କରିଛନ୍ତି। ସେହି ସମୟ ଗଡ଼ିଲେ, ଦିନକୁ ଶହେ ଟଙ୍କା ହିସାବରେ ଦରମାରୁ ଭରଣା କରାଯିବ।

**ଜିଲାସ୍ତରୀୟ ରାଜସ୍ୱ ଓ ଭୂ-ଅର୍ଜନ ସମ୍ବନ୍ଧୀୟ ସମୀକ୍ଷା ବୈଠକ**

- **ଦାୟିତ୍ୱ ପ୍ରତି ସଚେତନ ସହ ତ୍ୱରିତ ସେବା ଦିଅ**
- **ନିର୍ଦ୍ଦିଷ୍ଟ ସମୟରେ ସେବା ନ ଦେଲେ ଦିନକୁ ୨୦୦ ଟଙ୍କା ଗଣିବେ**

ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ରାଜସ୍ୱ ଯୋଜନାର ଅଗ୍ରଗତି ସମ୍ବନ୍ଧରେ ପାୱାର ପଏଣ୍ଟ ଉପକରଣରେ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ଉପସ୍ଥାପନ କରିଥିଲେ। ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ଜମି ରେକର୍ଡ ସଂଶୋଧନ, ମଡେଲ ତହସିଲ ଓ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ଆଧୁନିକ ସେବା ସହ ଭିତ୍ତିଭୂମି, କର୍ମଚାରୀ ନିଯୁକ୍ତି କାର୍ଯ୍ୟ ଆଦି ଖୁବ୍‌ଶୀଘ୍ର ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ।

ସୂଚନା ଅନୁସାରେ, ବିଦ୍ୟାଳୟ ପଟ୍ଟା ପାଇଁ ୮୮୧ ସ୍କୁଲ ଆବେଦନ କରିଥିଲେ। ୪୪୨ ବିଦ୍ୟାଳୟର ଜମି ସମସ୍ୟା ସମାଧାନ କରାଯାଇ ପଟ୍ଟା ପ୍ରଦାନ କରାଯାଇଛି। ୮୬ଟି ସ୍କୁଲ ଜଗନ୍ନାଥଙ୍କ ଜମି, ୩୫ ଜାଗାରେ ଜଙ୍ଗଲ ଅଛି, ୧ଟି ଡିଗ୍ରୀ ମହାବିଦ୍ୟାଳୟ ଜଙ୍ଗଲ ଜମି ଥିବା ବେଳେ ୪୩ଟି ମାମଲା ସ୍ଥଗିତ ଅଛି। ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ଜିଲାପାଳ ଅମ୍ରିତ୍ ଋତୁରାଜ ପ୍ରକାଶ କରିଥିଲେ। ଉତ୍ତରାଧିକାରୀ ଜମି ସମସ୍ୟା ଖାତା ସଂଶୋଧନ ୨୬୯୦୧ ଥିବା ବେଳେ ୨୭୬୯୩ କେସ ସମାଧାନ, ୭୯୨କେସ ବହିଷ୍କାର, ୨୬୯୦୧କେସ ଅଦ୍ୟତନିକରଣ କରାଯାଇଛି। ସେହିପରି ଜବରଦଖଲ କେସ ୮୪୬୦ଟିର ୧୯୦୨.୬୩୮ ଏକର ଜମି ସମ୍ପୃକ୍ତ ଥିବା ବେଳେ ୨୩ଟି କେସର ସମାଧାନ କରାଯାଇ ୩.୮୫୮ଏକର ଜମି ସମସ୍ୟା ସମାଧାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ କହିଥିଲେ ଯେ, ପ୍ରତ୍ୟେକ ତହସିଲର କେତେ ସରକାରୀ ଜମି ଅଛି, ଯେଉଁ ଲୋକଙ୍କୁ ଦିଆଯାଇଛି ସେ ବ୍ୟବହାର କରୁଛନ୍ତି ନା ନାହିଁ, କେତେ ଜମି ମାଡ଼ିବସିଛନ୍ତି ତାହାର ଡାଟାବେସ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାରମାନେ ଜଙ୍ଗଲ ଜମି, ଶ୍ମଶାନ ଜମିଗୁଡ଼ିକର ସମାଧାନ ନିମନ୍ତେ ସମାଧାନର ପନ୍ଥା ଓ ପ୍ରସ୍ତାବ ଜିଲାପାଳଙ୍କ ନିକଟରେ ଉପସ୍ଥାପନ କରନ୍ତୁ। ସେହିପରି ସିକିମ ସ୍ୱତ୍ୱ ଫଇସଲାରେ ୧୩୩୫୩, ବନ୍ଦୋବସ୍ତ କେସ ୧୬୮୯, ବସୁନ୍ଧରା ଯୋଜନାରେ ୨୫୧ ପଟ୍ଟା ପ୍ରଦାନ, କୋର୍ଟ କେସ ସମାଧାନ ୧୨୫୪, ଜମି ରେଜିଷ୍ଟ୍ରେଶନ ଷ୍ଟାମ୍ପ ଫି ଓ ରେଜିଷ୍ଟ୍ରେଶନ ଫି ବାବଦକୁ ମୋଟ ୧୯୦୦୫୫୬୦୦୬ ଟଙ୍କା ଆଦାୟ କରାଯାଇଛି। ଏହି ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ଜିଲାପାଳ ଅମ୍ରିତ ଋତୁରାଜ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ସମେତ ସମସ୍ତ ତହସିଲଦାର, ସବ୍‌ରେଜିଷ୍ଟ୍ରାର ଏବଂ ରାଜସ୍ୱ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆମ ବସ୍‌ରେ ବିଇଓଙ୍କଠାରୁ ଲୁଟ ଉଦ୍ୟମ, ୪ ମହିଳା ଗିରଫ


ଗିରଫ ୪ ମହିଳା।

ଯାଁଳା,୪।୯(ବୁଲା ବାରିକ)

ଆମ ବସ୍‌ରେ ଜଟଣୀ ଗୋଷ୍ଠୀ ଶିକ୍ଷାଧିକାରିଣୀ ଅଲିଳାବାଳା ଦାଶଙ୍କଠାରୁ ଲୁଟ୍‌ଉଦ୍ୟମ ଅଭିଯୋଗରେ ଇନ୍‌ଫୋସିଟି ପୋଲିସ ଗୁରୁବାର ୪ଜଣ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଛତିଶଗଡ଼ର ରାୟପୁର ରେଲୱେ ଷ୍ଟେଶନ ବସ୍ତିରେ ରହୁଥିବା ଛାୟା ସେଣ୍ଡେ, ରାମୁ କାମଲେ, ଯଶୋଦା ସେଣ୍ଡେ ଓ ରେଖା କାମଲେ। ଏମାନଙ୍କ ନିକଟରୁ ଗୋଟିଏ ମନିପର୍ସ, ମୋବାଇଲ, ଆଧାର କାର୍ଡ ଓ ୨ ହଜାର ଟଙ୍କା ଜବତ କରାଯାଇଛି। ସୂଚନା ମୁତାବକ, ସକାଳ ୯ଟାରେ ବିଇଓ ଅଲିଳାବାଳା ଭୁବନେଶ୍ୱର ରାମ ମନ୍ଦିରରୁ ୬୫ ନମ୍ବର ଆମ ବସ୍‌ରେ ଚଢ଼ିଥିଲେ। ସେ ଯାତ୍ରା କରୁଥିବା ସମୟରେ ତାଙ୍କ ପଛରେ ବସିଥିବା ଜଣେ ମହିଳା ତାଙ୍କ ପର୍ସ ଛିଣ୍ଡାଇ ନେଉଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ସେ ବସ କର୍ମଚାରୀ, ସହଯାତ୍ରୀମାନଙ୍କୁ ଜଣାଇଥିଲେ ଏବଂ ଟେଲିଫୋନ ମାଧ୍ୟମରେ ପୋଲିସ କଣ୍ଟ୍ରୋଲ ରୁମକୁ ସୂଚନା ଦେଇଥିଲେ। ଖବରପାଇ ଇନ୍‌ଫୋସିଟି ପୋଲିସ ଟିମ ଗୋହିରା ଛକରେ ଛକି ରହିଥିଲେ। ଆମ ବସ୍‌ଟି ଗୋହିରା ଛକରେ ପହଞ୍ଚିବାରୁ ପୋଲିସ ଟିମ ବସ ଅଟକାଇ ଉପରୋକ୍ତ ମହିଳାମାନଙ୍କୁ ଧରି ଥାନାକୁ ଆଣିଥିଲେ। ପୋଲିସ ପଚରାଉଚରା ସମୟରେ ଅଭିଯୁକ୍ତମାନେ ସେମାନଙ୍କର ଦୋଷ ସ୍ୱୀକାର କରିଥିଲେ ବୋଲି ପୋଲିସ କହିଛି।

## ୨୯ ଗୋରୁ ଉଦ୍ଧାର, ଗାଡ଼ି ଜବତ

ଖୋର୍ଦ୍ଧା,୪।୯(ପ୍ରଭାତ ପାଣିଗ୍ରାହୀ)

୧୬ନଂ. ଜାତୀୟ ରାଜପଥର ପିତାପଲ୍ଲୀ ଛକ ନିକଟରେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ପୋଲିସ ଏକ ଗୋରୁ ବୋଝେଇ ଗାଡ଼ି ଜବତ କରିଛି। ସେଥିରୁ ୨୯ଟି ଗୋରୁ ଉଦ୍ଧାର ହୋଇଥିବା ବେଳେ ତନ୍ମଧ୍ୟରୁ ୮ଗୋରୁଙ୍କ ମୃତ୍ୟୁ ଘଟିଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୦୯/୨୫) ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ବୁଧବାର ବିଳମ୍ବିତ ରାତିରେ ଜାମୁସାହିରୁ ଯଦୁପୁର ଅଭିମୁଖେ ଏକ ଗାଡ଼ିରେ ଗୋରୁ ବୋଝେଇ ହୋଇ ଯାଉଥିବା ଖବରପାଇ ଗୋସେବକ, ବଜରଙ୍ଗ ଦଳ ସଦସ୍ୟ ଗାଡିର ପିଛା କରିଥିଲେ। ଭୋର ସାଢ଼େ ୫ଟାରେ ପିତାପଲୀଠାରେ ଅଟକାଇବାରେ ସକ୍ଷମ ହୋଇଥିଲେ। ଗାଡ଼ି ଭିତରେ ଗୋରୁ ଥିବା ଦେଖି ପୋଲିସ ଜିମା ଦେଇଥିଲେ। ତେବେ ୮ମୃତ ଗୋରୁଙ୍କ ବ୍ୟବଚ୍ଛେଦ ପରେ ପୋତାଯାଇଛି। ୨୧ ଗୋରୁଙ୍କୁ ଜଟଣୀ ଗୋଶାଳାରେ ଛଡ଼ାଯାଇଥିବା ପୋଲିସ କହିଛି।

## ଅବକାରୀ ବିଭାଗ ଚଢ଼ାଉ, ୩ ଗିରଫ

**୩ ହଜାର କେଜି ପୋଚ ନଷ୍ଟ, ମଦ ଜବତ**

ବେଗୁନିଆ,୪।୯ (ହର ପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ବେଗୁନିଆ ଅବକାରୀ ଥାନା ପକ୍ଷରୁ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ପୃଥକ୍ ସ୍ଥାନରୁ ୩ ହଜାର କେଜି ପୋଚ, ୪୫୦ ଲିଟର ରନ୍ଧା ଦେଶୀମଦ ସହିତ ଗୋଟିଏ ବାଇକ୍ ଜବତ କରାଯାଇଛି। ଏହି ବେଆଇନ କାରବାରରେ ସମ୍ପୃକ୍ତ ଥିବା ଜଣେ ମହିଳା ଏବଂ ୨ଜଣ ପୁରୁଷ ବିକ୍ରେତାଙ୍କୁ ଗିରଫ କରାଯାଇଛି। ସୂଚନା ମୁତାବକ, ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ବରପଦା, ମୁଗମଣ୍ଡା, ମର୍ଦ୍ଦାବାଡ଼ି ଏବଂ ଡିଙ୍ଗର ଆଦି ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ବରପଦା ଜଙ୍ଗଲରେ ଚାଲିଥିବା ବେଆଇନ ଦେଶୀ ମଦଭାଟି ଉପରେ ଚଢ଼ାଉ ବେଳେ ପୂର୍ବରୁ ଖବରପାଇ ମାଫିଆମାନେ ଚମ୍ପଟ୍ ମାରିଥିଲେ। ସେଠାରୁ ୩ ହଜାର କେଜି ପୋଚ ଜବତ ପରେ ନଷ୍ଟ କରାଯାଇଛି। ଏଥିସହ ପ୍ରସ୍ତୁତ ହୋଇଥିବା ୩୨୫ ଲିଟର ରନ୍ଧାଦେଶୀ ମଦ ଜବତ ହୋଇଥିଲା। ସେହିପରି ଡିଙ୍ଗର ଗ୍ରାମରେ ଚଢ଼ାଉ କରାଯାଇ ମହିଳା ବ୍ୟବସାୟୀ ରେଖା ବରାଳଙ୍କ ନିକଟରୁ ୫ ଲିଟର ଆସ୍କା ଫର୍ଟି ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି। ଅନ୍ୟପକ୍ଷରେ ମର୍ଦ୍ଦାବାଡି ଗ୍ରାମର ନୀଳମଣି ସାମନ୍ତରାୟ ବାଇକ୍‌ରେ ମଦ ନେଇ ଯାଉଥିବା ବେଳେ ତାଙ୍କୁ ପିତୁକୁଳି ନିକଟରେ କାବୁ କରାଯାଇଥିଲା। ନୀଳମଣିଙ୍କ ନିକଟରୁ ୧୧୦ ଲିଟର ଦେଶୀମଦ ସହିତ ବାଇକ୍ ଜବତ କରାଯାଇଛି। ଖୋର୍ଦ୍ଧା ଜିଲା ଅବକାରୀ ଅଧିକ୍ଷିକା ସୁମତୀ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ରେଞ୍ଜ ଅଧିକାରୀ ରାଧାକାନ୍ତ ଭୋଇ ଏବଂ ବେଗୁନିଆ ଅବକାରୀ ଥାନା ଅଧିକାରୀ ସଞ୍ଜୟ ସୁବୁଦ୍ଧିଙ୍କ ସହିତ ପୁରୁଷୋତ୍ତମ ପାଇକରାୟ, ବିଦ୍ୟୁତ୍‌ପ୍ରଭା ସାହୁ ଏବଂ ସନ୍ତୋଷ ବରାଡ ଚଢ଼ାଉରେ ସାମିଲ ହୋଇଥିଲେ।


ନାଭାଲ ଏନ୍‌ସିସି କ୍ୟାଡେଟ୍‌ଙ୍କ ଦ୍ୱାରା ଚିଲିକାରେ ନୌଯାତ୍ରା।

## ଚିଲିକା ଅବବାହିକାରେ ନାଭାଲ ଏନ୍‌ସିସି କ୍ୟାଡେଟ୍‌ଙ୍କ ଜନସଚେତନତା

ବାଲୁଗାଁ,୪।୯(ସଂଗ୍ରାମ ପାଇକରାୟ)

ନାଭାଲ ଏନ୍‌ସିସି ୟୁନିଟ୍ କଟକ ଆନୁକୂଲ୍ୟରେ ଚିଲିକା ନୌଯାତ୍ରା-୨୦୨୫ ଗତ ୧ ତାରିଖରୁ ଶୁଭାରମ୍ଭ ହୋଇଛି। ଏଥିରେ ସମଗ୍ର ଓଡ଼ିଶାରୁ ୬୦ଜଣ କ୍ୟାଡେଟ୍ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିନରେ କ୍ୟାଡେଟ୍‌ମାନେ ତଲେଇ ଡଙ୍ଗାରେ କାଳିଜାଈ ଗସ୍ତ କରି ଏହାର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ପରିଷ୍କାର ପରିଚ୍ଛନ୍ନତା ଉପରେ ସଚେତନ କରିଥିଲେ। ଦ୍ୱିତୀୟ ଦିନରେ ପ୍ରାୟ ୨୦ କିଲୋମିଟର ଚିଲିକାରେ ଯାତ୍ରା କରି କ୍ୟାଡେଟମାନେ ପୁରୀ ଜିଲା କୃଷ୍ଣପ୍ରସାଦରେ ପହଞ୍ଚି ସେଠାରେ ସ୍ୱଚ୍ଛ ଭାରତ ଅଭିଯାନ, ବେଟି ବଚାଅ-ବେଟି ପଢ଼ାଅ ଏବଂ ଚାରାରୋପଣ ଭଳି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରିଥିଲେ। ତୃତୀୟ ଦିନରେ ପବନ ଓ ଜଳର ପ୍ରବାହକୁ ସାଥି କରି ସେମାନେ ବାଲୁଗାଁରେ ପହଞ୍ଚିଥିଲେ। ଚତୁର୍ଥ ଦିନରେ ଏଠାରେ ସ୍ଥାନୀୟ ଯୁବତୀ ଯୁବକଙ୍କ ମଧ୍ୟରେ ଦେଶପ୍ରେମ ମନୋଭାବ ସୃଷ୍ଟି କରିବା ସହ ମହିଳା ସଶକ୍ତୀକରଣ ଉପରେ ଏକ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରିଥିଲେ। ଏହି ଅଭିଯାନ ଆସନ୍ତା ୧୦ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଦୈନିକ ଚିଲିକାରେ ୨୦ କିମିରୁ ଊର୍ଦ୍ଧ୍ୱ ନୌ ଯାତ୍ରା କରିବା ସହ ଉପକୂଳବର୍ତ୍ତୀ ଗ୍ରାମଗୁଡ଼ିକରେ ବିଭିନ୍ନ ଜନସଚେତନତା ସୃଷ୍ଟି କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ। ତୃତୀୟ ଓଡ଼ିଶା ନାଭାଲ ଏନ୍‌ସିସିର କମାଣ୍ଡିଂ ଅଫିସର କମାଣ୍ଡର ସୁଶାନ୍ତ କୁମାର ମହାନ୍ତିଙ୍କ ମାର୍ଗଦର୍ଶିତାରେ କ୍ୟାଡେଟମାନେ ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପାଦନ କରୁଛନ୍ତି।

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ଆଇନ ମନ୍ତ୍ରୀ

ବାଲୁଗାଁ,୪।୯(ସଂଗ୍ରାମ ପାଇକରାୟ)

ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୁରୁବାର ବାଲୁଗାଁ ଏନ୍‌ଏସି ଏବଂ ଚିଲିକା ବନ୍ୟପ୍ରାଣୀ ବିଭାଗ ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଚିଲିକା ବନ୍ୟପ୍ରାଣୀ ବନଖଣ୍ଡର ଚିଲିକା କୂଳ କ୍ୟାମ୍ପସ ଏବଂ ଜେଟି ପରିଦର୍ଶନ କରିବା ସହ ବିଭାଗୀୟ ଦୁଇଟି କାଠଡଙ୍ଗା ଉଦ୍‌ଘାଟନ କରିଥିଲେ। ଏହା ଚିଲିକାରେ ବନ୍ୟପ୍ରାଣୀ ଏବଂ ପ୍ରବାସୀ ପକ୍ଷୀଙ୍କ ସୁରକ୍ଷା ନିମନ୍ତେ ପାଟ୍ରୋଲିଂ ପାଇଁ ବ୍ୟବହୃତ ହେବ। ଏହି ଡଙ୍ଗାଗୁଡିକରେ ୨୦ଜଣ ବ୍ୟକ୍ତି, ଡଙ୍ଗାଚାଳକ ଏବଂ କ୍ରୁ ସଦସ୍ୟଙ୍କୁ ନେଇ ଯାତ୍ରା କ୍ଷମତା ରହିଛି। ଏହାପରେ ମନ୍ତ୍ରୀ ଏକ ଚାରାବଣ୍ଟନ ଭ୍ୟାନ ଉଦ୍‌ଘାଟନ କରି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ, ଯାହା ୧୭ ତାରିଖରେ ଚାରାରୋପଣ କାର୍ଯ୍ୟକ୍ରମ ପାଇଁ ପଞ୍ଚାୟତଗୁଡ଼ିକୁ ଭ୍ରମଣ କରି ଚାରା ବଣ୍ଟନ କରିବ। ଉକ୍ତ କାର୍ଯ୍ୟକ୍ରମରେ ଚିଲିକା ବ୍ଲକର ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ବେହେରା, ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଡିଏଫ୍‌ଓ ଅମ୍ଲାନ ନାୟକ, ବାଲୁଗାଁ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ରଶ୍ମିତା ଜେନା, ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ମାନସ କୁମାର ମହାପାତ୍ର, ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜ ଦାୟିତ୍ୱରେ ଥିବା ଡେପୁଟି ରେଞ୍ଜ ଅଧିକାରୀ ଚିତ୍ରସେନ ଜେନା, ଚିଲିକା ବନ୍ୟପ୍ରାଣୀ ଡିଭିଜନର ବନପାଳ ଏବଂ ବନରକ୍ଷୀମାନେ ଉପସ୍ଥିତ ଥିଲେ। ସେହିପରି ବାଲୁଗାଁ ଚିଲିକା କୂଳରେ ପର୍ଯ୍ୟଟକଙ୍କ ନିମନ୍ତେ ଏକ ଆଧୁନିକ ପ୍ରଣାଳୀରେ ନିର୍ମିତ ଶୌଚାଳୟକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଖୁବ୍‌ଶୀଘ୍ର ଚିଲିକା ପର୍ଯ୍ୟଟନ କ୍ଷେତ୍ରର ଉନ୍ନତୀକରଣ ସହ ମାଛ ଉତ୍ପାଦନ ବୃଦ୍ଧି ନିମନ୍ତେ ବିଭିନ୍ନ କାର୍ଯ୍ୟପନ୍ଥା ହାତକୁ ନିଆଯିବ ବୋଲି ମନ୍ତ୍ରୀ କହିଥିଲେ। ଏହି ଅବସରରେ ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ହିତାଧିକାରୀଙ୍କୁ ରାଶନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଏବଂ ଭତ୍ତା ଆଦି ମନ୍ତ୍ରୀଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏନ୍‌ଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, କାଉନ୍‌ସିଲର ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।


କାଠ ଡଙ୍ଗା ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟମାନେ।

## ବିପଦସଙ୍କୁଳ ଅବସ୍ଥାରେ ମେଡିକାଲ ସୁରକ୍ଷା ପାଚେରି



ନିରାକାରପୁର,୪।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତରେ ଥିବା ସରକାରୀ ମେଡିକାଲର ପଶ୍ଚିମ ପାର୍ଶ୍ୱରେ ଥିବା ସୁରକ୍ଷା ପାଚେରି ବିପଦସଙ୍କୁଳ ଅବସ୍ଥାରେ ରହିଛି। ଅଘଟଣ ପୂର୍ବରୁ ଏହାର ମରାମତି ପାଇଁ ସାଧାରଣରେ ଦାବି ହେଉଛି। ଏହି ପାଚେରି ନିକଟରେ ଅଙ୍ଗନୱାଡି କେନ୍ଦ୍ର ରହିଥିବା ବେଳେ ଚିତ୍ରକୂଟ ବିହାର ୟୁପି ସ୍କୁଲ ମଧ୍ୟ ରହିଛି। ଏହି ଦୁର୍ବଳ ପାଚେରି କଡରେ ହୋଇଥିବା ମାଟି ରାସ୍ତା ଦେଇ ନିୟମିତ କୁନି ପିଲାମାନେ ଯାତାୟାତ କରୁଛନ୍ତି। ସ୍କୁଲ ପରିଚାଳନା କମିଟି ସଭାପତି ମନୋଜ ପ୍ରଧାନ କୁହନ୍ତି, ପିଲାମାନେ ଯାତାୟାତ ସମୟରେ ଆମେମାନେ ଜଗାରଖି କରିବା ସହିତ ଅଭିଭାବକମାନେ ପିଲାଙ୍କୁ ସଙ୍ଗରେ ଧରି ଛାଡିବାକୁ ଆସୁଛନ୍ତି। ବର୍ଷା ସମୟରେ ଏହି ରାସ୍ତା ଦେଇ ଆସିବାକୁ ମନାକରାଯାଇଛି। ଏ ସମ୍ପର୍କରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସକ ସତ୍ୟନାରାୟଣ ନନ୍ଦଙ୍କୁ ପଚାରିବାରେ ଠିକ୍ ଅଛି ମୁଁ ଦେଖୁଛି ବୋଲି ସେ ପ୍ରକାଶ କରିଛନ୍ତି।

## ଗଞ୍ଜେଇ ଜବତ, ବେପାରୀ ଗିରଫ

ଜଟଣୀ,୪।୯(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ପୋଲିସ ଗୁରୁବାର ଚଢ଼ାଉ କରି ଜଣେ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ କଣାସ ଥାନା ଅଧୀନ ଅଣ୍ଡରସିଂହ ଅଞ୍ଚଳର ସୁକାନ୍ତ ଦାସ(୪୫)। ତାଙ୍କ ନିକଟରୁ ୧ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ସହ ୧୦୦୦ ଟଙ୍କା ଜବତ କରାଯାଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୪୧୫/୨୫) ରୁଜୁକରି ଅଭିଯୁକ୍ତ ସୁକାନ୍ତଙ୍କୁ କୋର୍ଟଚାଲାଣ କରିଛି। ସୂଚନା ମୁତାବକ, ଜଟଣୀ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ ଏକ ପାଟ୍ରୋଲିଂ ଟିମ୍ ଥାନା ଛକ ନିକଟରେ ଚଢ଼ାଉ କରି ଉପରୋକ୍ତ ଅଭିଯୁକ୍ତଙ୍କୁ ଧରିବା ସହ ତାଙ୍କଠାରୁ ଗଞ୍ଜେଇ ଓ ଟଙ୍କା ଜବତ କରିଥିଲା।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର: ୨୮୪ ଦିବ୍ୟାଙ୍ଗ ପଞ୍ଜୀକୃତ


ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ବୋଲଗଡ଼,୪।୯(ଦେବବ୍ରତ ହୋତା)

ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ନିର୍ଦ୍ଦେଶକ୍ରମେ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ବୋଲଗଡ଼ ବ୍ଲକ ପ୍ରଶାସନ ସହଯୋଗରେ ସ୍ଥାନୀୟ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଗୁରୁବାର ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୨୮୪ଜଣ ଦିବ୍ୟାଙ୍ଗ ପଞ୍ଜୀକରଣ କରିଥିଲେ। ପଞ୍ଜୀକୃତ ଅସ୍ଥିଗତ ଭିନ୍ନକ୍ଷମ ୧୪୫, ଶ୍ରବଣବାଧିତ ୫୯, ଦୃଷ୍ଟିବାଧିତ ୨୭ ଓ ମାନସିକ ଅନଗ୍ରସର ୫୩ଜଣଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆସିଥିବା ଡାକ୍ତରମାନେ ସ୍ୱାସ୍ଥ୍ୟ ପରୀକ୍ଷା କରି ପ୍ରମାଣପତ୍ର, ସହାୟକ ଉପକରଣ ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ ନିମନ୍ତେ ସୁପାରିସ କରିଥିଲେ। ଏଥିରେ ୧୪୨ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର, ଜଣଙ୍କୁ ଟ୍ରାଇସାଇକେଲ, ୯ଜଣଙ୍କୁ ହୁଇଲ୍ ଚେୟାର, ୪ ଜଣଙ୍କୁ ଆଶାବାଡ଼ି, ୧୦ଜଣଙ୍କୁ ଶ୍ରବଣଯନ୍ତ୍ର ପ୍ରଦାନ ଓ ୨ଜଣଙ୍କୁ ଶିକ୍ଷାଗତ ଉପକରଣ ପ୍ରଦାନ କରାଯାଇଛି। ବିଡିଓ ସୁମନ ସୁଧା କୁଣ୍ଡୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ଜିଲା ପରିଷଦ ସଦସ୍ୟ ସୁବାସ ରାୟଗୁରୁ, ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନଙ୍କ ସମେତ ଅନେକ ପଞ୍ଚାୟତ ପ୍ରତିନିଧିଙ୍କ ଉପସ୍ଥିତିରେ ବିଧାୟକ ପ୍ରଦୀପ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଏବିଡିଓ ଡ. ରତିକାନ୍ତ ମିଶ୍ର ଓ ମୁଖ୍ୟ କିରାଣି ଆଲୋକ ଜେନାଙ୍କ ପରିଚାଳନାରେ ବ୍ଲକ ସାମାଜିକ ସୁରକ୍ଷା ବିଭାଗ କର୍ମଚାରୀ ଦେବକାନ୍ତ ଗୁରୁ, ମିତା ପ୍ରଧାନ, ଶ୍ରୀକାନ୍ତ ବାରିକ ପ୍ରମୁଖଙ୍କ ସମେତ ବ୍ଲକର ଅନେକ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ଖୋର୍ଦ୍ଧାରେ ଗୋ ଚାଲାଣ, ଗୋହତ୍ୟା ବନ୍ଦ କରାଯାଉ

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଏଚ୍‌ପି, ବଜରଙ୍ଗ ଦଳର ଦାବିପତ୍ର**

ଖୋର୍ଦ୍ଧା,୪।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରେ ଗୋମାଂସ ଏବଂ ଗୋଚାଲାଣ ଦିନକୁ ଦିନ ବଢ଼ିଚାଲିଛି। ଆନ୍ଧ୍ର, ମହାରାଷ୍ଟ୍ର ପଟୁ କୋଲକାତା, ବାଂଲାଦେଶକୁ ୧୬ ଏବଂ ୫୭ ନମ୍ବର ଜାତୀୟ ରାଜପଥ ଦେଇ ଗୋମାଂସ ଚାଲାଣ ହେଉଛି। ଜିଲାରେ ଗୋଚାଲାଣ ଏବଂ ଗୋହତ୍ୟା ବନ୍ଦ ଦାବିରେ ବିଶ୍ୱ ହିନ୍ଦୁ ପରିଷଦ(ବିଏଚ୍‌ପି), ବଜରଙ୍ଗ ଦଳ ଖୋର୍ଦ୍ଧା ଜିଲା ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡ଼ିକ ମଧ୍ୟରେ ଓଡ଼ିଶାରେ ସମ୍ପୂର୍ଣ୍ଣ ଗୋହତ୍ୟା ବନ୍ଦ କରାଯାଉ। ଗୋହତ୍ୟା ନିରୋଧ ଆଇନକୁ ସରକାର କଡ଼ାକଡ଼ି କାର୍ଯ୍ୟକାରୀ କରନ୍ତୁ। ଗୋଚାଲାଣ, ହତ୍ୟାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ପ୍ରତ୍ୟେକ ପଞ୍ଚାୟତ ଓ ସହରାଞ୍ଚଳରେ ଗୋଶାଳା, କାଞ୍ଜିଆହୁଦା କରାଯାଉ। ଛୋଟ ଗୋଶାଳାଗୁଡିକୁ ସରକାରୀ ସହାୟତା, ୨୪ ଘଣ୍ଟିଆ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉ। ଗୋଶାଳା ଏବଂ ରାସ୍ତାକଡ଼ ଗୋରୁଙ୍କ ସେବା କରୁଥିବା ଅନୁଷ୍ଠାନ କର୍ମୀମାନଙ୍କୁ ସରକାର ଚିକିତ୍ସା ପ୍ରଶିକ୍ଷଣ ଶିବିର ବ୍ୟବସ୍ଥା କରନ୍ତୁ। ଅଭିଯୋଗରେ ଉଲ୍ଲେଖ ରହିଛି ଯେ, ଗତ ଜାନୁଆରୀରୁ ସେପ୍ଟେମ୍ବର ୪ତାରିଖ ସୁଦ୍ଧା ପ୍ରାୟ ୨ଶହ ଟନରୁ ଊର୍ଦ୍ଧ୍ୱ ଗୋମାଂସ ଜବତ ଏବଂ ୫ଶହରୁ ଊର୍ଦ୍ଧ୍ୱ ଗୋରୁ ଉଦ୍ଧାର କରାଯାଇଥିବା ବେଳେ ଶହେ ଗୋରୁଙ୍କ ମୃତଦେହ ମିଳିଛି। ଖୋର୍ଦ୍ଧା ଦେଇ ଦୈନିକ କଣ୍ଟେନରରେ ଗୋଚାଲାଣ କରାଯାଉଛି। ଚିଲିକା, ବାଣପୁରଠାରୁ ଆରମ୍ଭ କରି ଜଟଣୀ, ବେଗୁନିଆ, ବୋଲଗଡ ଗ୍ରାମାଞ୍ଚଳରେ ଆଉ ଗୋରୁ ନାହାନ୍ତି। ଯେଉଁଭଳି ଭାବେ ଗୋଚାଲାଣ ଏବଂ ଗୋହତ୍ୟା କରାଯାଉଛି, ଯାହାକି ହିନ୍ଦୁ ସଂସ୍କୃତି ପ୍ରତି କୁଠାରାଘାତ। ସରକାର ତୁରନ୍ତ ଏ ଦିଗରେ କଡ଼ା ଆଇନ ପ୍ରଣୟନ ଲାଗି ଦାବି କରିଛନ୍ତି। ବିଏଚ୍‌ପି ଜିଲା ସମ୍ପାଦକ ଗୋପବନ୍ଧୁ ସାହୁ, ଖୋର୍ଦ୍ଧା ପ୍ରଖଣ୍ଡ ସଭାପତି ସୁଦର୍ଶନ ରଥ, ବଜରଙ୍ଗ ଜିଲା ସଂଯୋଜକ ଉଦିତ ପ୍ରହରାଜ, ସହ ସଂଯୋଜକ ଏସ୍.ଏମ୍. ଦିବ୍ୟ ପ୍ରକାଶ, ରାଧାମୋହନ ପ୍ରଧାନ, ସତ୍ୟରଞ୍ଜନ ଦାସ, ଅଜୟ ମାଝୀ, ଆଶିଷ ରାଉତରାୟ, ସୂର୍ଯ୍ୟପ୍ରକାଶ ମଲ୍ଲିକ, ସନ୍ତୋଷ ସାହୁ, ଦିବ୍ୟଜ୍ୟୋତି ବେହେରାଙ୍କ ସମେତ ଏକାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।


ଦାବିପତ୍ର ଦେବାକୁ ଆସିଥିବା ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳର କର୍ମକର୍ତ୍ତା।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୪।୯।୨୦୨୫

| | |
|---|---|
| ୭,୦୧,୭୫୪ ଟଙ୍କା | |
| ସୁନା | ୫୦୦ ମିଲିଗ୍ରାମ୍ |
| ରୁପା | ୬୮.୨୦୦ ଗ୍ରାମ୍ |

# ସରକାରୀ ନିୟମକୁ ମାନୁନାହାନ୍ତି ଅଧିକାରୀ

ଗୋପ,୪।୯(ଭାରତୀ ଭୂଷଣ ଉପାଧ୍ୟାୟ)

- ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ଡିଲର୍ ପରିବର୍ତ୍ତନରେ ଅନିୟମିତତା ମସୁଧା
- ଜିଲାପାଳଙ୍କ ନିକଟରେ ଅଭିଯୋଗ

ସରକାରୀ ନିୟମକୁ ଖୁଲମ୍‌ଖୁଲା ଉଲ୍ଲଙ୍ଘନ କରିବାକୁ ପଛାଉ ନାହିଁ ଗୋପ ବ୍ଲକର ଯୋଗାଣ ବିଭାଗ। ଡିଲର୍ ପରିବର୍ତ୍ତନରେ ଅନିୟମିତତା ମସୁଧା ଭଳି ଅଭିଯୋଗ ହେଉଥିବା ବେଳେ ରାଜନୈତିକ ଚାପରେ ଏପରି ଏକ ପ୍ରୟାସ କରାଯାଉଛି ବୋଲି ଜିଲାପାଳଙ୍କ ନିକଟରେ ମଧ୍ୟ ଅଭିଯୋଗ ହୋଇଛି। ଗୋପ ବ୍ଲକ ଅନ୍ତର୍ଗତ ଗଣେଶ୍ୱରପୁର, ଅଣ୍ଟରା- ଇଚ୍ଛାପୁର ପଞ୍ଚାୟତରେ ଏପରି ଉଦ୍ୟମ ଆରମ୍ଭ ହୋଇଥିବା ବେଳେ ଏହି ଦୁଇ ପଞ୍ଚାୟତରେ ଅନିୟମିତତା କରି ନିଲମ୍ବିତ ହୋଇଥିବା ସମ୍ପୃକ୍ତ ମହିଳା ଗୋଷ୍ଠୀର ସଦସ୍ୟାଙ୍କ ନାମରେ ଦିଆଯିବାକୁ ମସୁଧା ହେଉଥିବା ଜଣାପଡ଼ିଛି।

ପ୍ରକାଶ ଯେ, କିଛି ମାସ ତଳେ ଗଣେଶ୍ୱରପୁର, ଅଣ୍ଟରା- ଇଚ୍ଛାପୁର ପଞ୍ଚାୟତରେ ଡିଲର ସାମଗ୍ରୀ ବଣ୍ଟନରେ ଅନିୟମିତତା ଅଭିଯୋଗ ଆସିବା ପରେ ଜିଲା ଯୋଗାଣ ବିଭାଗ ପକ୍ଷରୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ସମ୍ପୃକ୍ତ ଡିଲର୍‌ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପୂର୍ବରୁ ସେମାନେ ଇସ୍ତଫା ଦେଇଥିଲେ। ପରେ ସରକାରୀ ନିୟମକୁ ଉଲ୍ଲଂଘନ କରାଯାଇ ଅନ୍ୟ ପଞ୍ଚାୟତର ଡିଲର୍‌ଙ୍କୁ ଟ୍ୟାଗ୍ କରାଯାଇ ରାଶନ ସାମଗ୍ରୀ ବଣ୍ଟନ କରାଯାଇଥିଲା। ସମ୍ପୃକ୍ତ ଡିଲର୍ ରାଶନ ସାମଗ୍ରୀ ଠିକ୍ ବଣ୍ଟନ କରୁଥିବା ବେଳେ ଗଣେଶ୍ୱରପୁର ଓ ଅଣ୍ଟରା-ଇଚ୍ଛାପୁର ପଞ୍ଚାୟତରେ ପୁନର୍ବାର ଅନ୍ୟ ଡିଲର୍‌ଙ୍କୁ ଏହି ସାମଗ୍ରୀ ବଣ୍ଟନ ଦାୟିତ୍ୱ ଦେବାକୁ ମସୁଧା ଆରମ୍ଭ ହୋଇଛି। ଏପରିକି ବଣ୍ଟନ ଦାୟିତ୍ୱରେ ଥିବା ଡିଲର୍‌ଙ୍କୁ ଇସ୍ତଫା ଦେବାକୁ ବାଧ କରାଯିବାରୁ ଡିଲର୍ ମଧ୍ୟ ଇସ୍ତଫା ଦେଇଛନ୍ତି। ସରକାରୀ ନିୟମ ଅନୁସାରେ କୌଣସି କାରଣକୁ ନେଇ ଯଦି ପଞ୍ଚାୟତରେ ରହିଥିବା ଡିଲର୍ ନିଲମ୍ବିତ ହୁଅନ୍ତି ବା ଇସ୍ତଫା ଦିଅନ୍ତି, ତା'ହେଲେ ନିକଟସ୍ଥ ଡିଲର୍‌ଙ୍କୁ ଏହି ବଣ୍ଟନ ଦାୟିତ୍ୱ ଦିଆଯିବା କଥା। ହେଲେ ଗୋପ ବ୍ଲକରେ ଏହାକୁ ଖୁଲମ୍‌ଖୁଲା ଉଲ୍ଲଂଘନ କରାଯିବା ସାଧାରଣ ଖାଉଟିମାନଙ୍କୁ ଆଚମ୍ବିତ କରିଛି। ଯୋଗାଣ ନିରୀକ୍ଷିକା ରଚିତା ପଣ୍ଡାଙ୍କୁ ପଚାରିବାରେ ମୋ ନିକଟରେ ସେପରି କିଛି ଅଭିଯୋଗ ନାହିଁ ବୋଲି କହିଥିବା ବେଳେ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ କହିଛନ୍ତି, ସରକାରୀ ନିୟମକୁ ଖୁଲମ୍‌ଖୁଲା ଉଲ୍ଲଂଘନ କରାଯାଉଛି। ଅଧ୍ୟକ୍ଷା ଝୁନୁ ମଲ୍ଲିକ ପୁଣି କହିଛନ୍ତି ମୋ ପଞ୍ଚାୟତରେ ଏପରି କି ମୋ ଅଜାଣତରେ କେମିତି କରାଗଲା ସେ ସମ୍ପର୍କରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବି ବୋଲି ଉତ୍ତର ରଖିଛନ୍ତି।



ଗୁରୁଦିବସ ଅବସରରେ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା । (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ଧରାପଡ଼ିଲେ ୩ ନକଲି ଆତଙ୍କବାଦୀ



କୋଣାର୍କ,୪।୯(ଜ୍ୟୋତିରାଜ ମହାନ୍ତି)

### ୨ ଦିନିଆ ଉପକୂଳ ସମରାଭ୍ୟାସ ସାଗର କବଚ ଉଦ୍‌ଯାପିତ

ବୁଧବାରଠାରୁ ଆରମ୍ଭ ହୋଇଥିବା ଉପକୂଳ ସମରାଭ୍ୟାସ ସାଗର କବଚ-୨୫ର ଦ୍ୱିତୀୟ ଦିନରେ ଚନ୍ଦ୍ରଭାଗା ବତିଘରକୁ ଅନଧିକାର ପ୍ରବେଶ କରୁଥିବା ବେଳେ ୩ଜଣ ନକଲି ଆତଙ୍କବାଦୀ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଓ କୋଣାର୍କ ପୋଲିସର ମିଳିତ ଟିମ୍ ହାତରେ ଧରାପଡ଼ିଛନ୍ତି।

ପ୍ରକାଶ ଯେ, କୋଣାର୍କ-ପୁରୀ ଜାତୀୟ ରାଜପଥ ରାସ୍ତାର ବତିଘର ନିକଟରେ ସନ୍ଦେହଜନକ ବୁଲୁଥିବା ୩ ଯୁବକଙ୍କ ଗତିବିଧି ସମ୍ପୃକ୍ତ ସ୍ଥାନରେ ନିୟୋଜିତ ସାମୁଦ୍ରିକ ଥାନା ପୋଲିସ ଓ କୋଣାର୍କ ପୋଲିସର ନଜରକୁ ଆସିଥିଲା। ସେମାନେ ଚନ୍ଦ୍ରଭାଗା ବତିଘରକୁ ପ୍ରବେଶ କରିବା ସମୟରେ ସେମାନଙ୍କୁ ସନ୍ଦେହ କରି ସଜାଗଥିବା ବ୍ଲୁ ଫୋର୍ସ ଦଳ ରେଡ୍ ଫୋର୍ସର ଏହି ତିନି ଜଣଙ୍କୁ କାବୁ କରିନେଇଥଲା। ସେମାନଙ୍କୁ କାବୁ କରି ପଚରାଉଚରା କରିବା ପରେ ଛଦ୍ମବେଶୀ ଆତଙ୍କବାଦୀ ଭାବେ ଆସିଥିବା ଜଣାପଡ଼ିଥିଲା। ତାଙ୍କ ବ୍ୟାଗରୁ ପରିଚୟ ପତ୍ର ଓ ନକଲି ବୋମା ପ୍ୟାକେଟ ମିଳିଥିଲା। ଏହି ୩ ଜଣ ଓଡ୍ରାଫ୍‌ର ପ୍ରଣୟ କୁମାର ଜେନା, ବିକାଶ ଭଦ୍ର ପାତ୍ର, ସନାତନ ନାୟକ ବୋଲି ଜଣାପଡ଼ିଛି। ଓଡ଼ିଶା ପୋଲିସ, ତଟରକ୍ଷୀ ବାହିନୀ, ନୌସେନା ଓ ଓଡ୍ରାଫ ପକ୍ଷରୁ ମିଳିତ ଭାବେ ଦୁଇ ଦିନିଆ ଉପକୂଳ ସୁରକ୍ଷା ସମରାଭ୍ୟାସ ସାଗର କବଚ ସମ୍ପନ୍ନ ହୋଇଥିବା ଚନ୍ଦ୍ରଭାଗା ମେରାଇନ ଥାନାଧିକାରୀ ପ୍ରତିମା ସାହୁ ଓ କୋଣାର୍କ ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରମୁଖ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଭକ୍ତଙ୍କ ପାଇଁ ଏକକ ଦର୍ଶନ ବ୍ୟବସ୍ଥା କରିବାକୁ ଦାବି

ପୁରୀ,୪।୯(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସୁଥିବା ଭକ୍ତଙ୍କ ନିମନ୍ତେ ଏକକ ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଆଇନଜୀବୀ ଦିଲୀପ କୁମାର ବରାଳ ଦାବି କରିଛନ୍ତି। ଏ ନେଇ ସେ ଆଇନ ବିଭାଗର ପ୍ରମୁଖ ସଚିବଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ବରାଳ ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପରେ ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି। ମାତ୍ର ପ୍ରଶାସନଠାରୁ ଆରମ୍ଭ କରି ନେତା, ମନ୍ତ୍ରୀ ଓ ତାଙ୍କ ପରବାର ବର୍ଗ ବିନା ଧାଡ଼ିରେ ଠିଆ ହୋଇ ଗଳାବାଟ ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରୁଛନ୍ତି। ସମସ୍ତ ଭକ୍ତ ମହାପ୍ରଭୁଙ୍କ ନିକଟରେ ସମାନ। ତେବେ ଦର୍ଶନ ଆଳରେ ଭକ୍ତଙ୍କ ମଧ୍ୟରେ ଭେଦଭାବ ସୃଷ୍ଟି କରାଯାଉଛି। ଏହି ଭେଦଭାବ ସୃଷ୍ଟି କରା ନ ଯାଉ। ସମସ୍ତ ଭକ୍ତଙ୍କ ପାଇଁ ଏକକ ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ ସହ ଗଳାବାଟରେ ପ୍ରବେଶ ବ୍ୟବସ୍ଥା ବନ୍ଦ କରାଯାଉ ବୋଲି ବରାଳ ଦାବି କରିଛନ୍ତି।

### ବିଶ୍ୱକର୍ମା ଟାକ୍ସି ଡ୍ରାଇଭର ସଂଘର ପ୍ରସ୍ତୁତି ବୈଠକ ସହ ସଭାପତି ଚୟନ

ପୁରୀ,୪।୯(ଅଜିତ୍ କୁମାର ମହାନ୍ତି)

ବଡ଼ଦାଣ୍ଡ ବଗଲା ଧର୍ମଶାଳା ସ୍ଥିତ ବିଶ୍ୱକର୍ମା ଟାକ୍ସି ଡ୍ରାଇଭର୍ ସଂଘର ପ୍ରସ୍ତୁତି ବୈଠକ ଶ୍ରୀବେଲେଶ୍ୱର ମହାଦେବ ମନ୍ଦିର ପରିସରରେ ସଂଘର କୋଷାଧ୍ୟକ୍ଷ ଲକ୍ଷ୍ମୀଧର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟତଃ ଡ୍ରାଇଭରମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ସଂଘର ସାଧାରଣ ସମ୍ପାଦକ ରବୀନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସେହିପରି ଭାଜପା ଜିଲା ସାଧାରଣ ସମ୍ପାଦକ ଉମାକାନ୍ତ ନାୟକଙ୍କୁ ସଂଘର ନୂତନ ସଭାପତି ଭାବେ ମନୋନୀତ କରାଯାଇଛି। ସେହିପରି ଆସନ୍ତା ୧୭ ତାରିଖରେ ସଂଘରେ ଏକ ବୈଠକ ବଗଲା ଧର୍ମଶାଳାରେ ଅନୁଷ୍ଠିତ ହୋଇ ବିଶ୍ୱକର୍ମା ପୂଜା ବିଷୟରେ ଆଲୋଚନା କରାଯିବା ନେଇ ଉକ୍ତ ବୈଠକରେ ସ୍ଥିର କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପସଭାପତି କୃଷ୍ଣଚନ୍ଦ୍ର ଜେନା (ସାମାଜିକ କର୍ମୀ), ସହ ସମ୍ପାଦକ ଭବାନୀ ଶଙ୍କର ବାରିକ, କାଳୁ ଚରଣ ସେଠୀ, ନୀଳକଣ୍ଠ ବେହେରା, ବଗୁଲା ସାହୁ, ରବୀନ୍ଦ୍ର ମୁଦୁଲି, ସୁଦର୍ଶନ ଦାସ ଏବଂ ଅନ୍ୟମାନେ ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ସଂଘର ଟ୍ୟାକ୍ସି ଡ୍ରାଇଭର୍ ଅଂଶଗ୍ରହଣ କରିଥିଲେ।

# ଶ୍ରୀମନ୍ଦିରରେ ବାମନ ଜନ୍ମନୀତି

ପୁରୀ,୪।୯(ଅଜିତ୍ କୁମାର ମହାନ୍ତି)

ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ଗୁରୁବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବାମନ ଜନ୍ମ ନୀତି ଅନୁଷ୍ଠିତ ହୋଇଛି। ଶ୍ରୀବିଗ୍ରହମାନଙ୍କ ସକାଳଧୂପ ଶେଷ ପରେ ମହାସ୍ନାନ ଓ ସର୍ବାଙ୍ଗ ନୀତି ସମ୍ପନ୍ନ କରାଯାଇଛି। ପୂର୍ବଦିନ ଅଧିବାସ ହୋଇଥିବା ପବିତ୍ରା ଚାଙ୍ଗୁଡ଼ିକୁ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ଓ ତିନିଜଣ ପାଳିଆ ପୁଷ୍ପାଳକ ବିଧି ଅନୁସାରେ ପଟୁଆରରେ ଆଣି ଜୟବିଜୟ ଦ୍ୱାର ଦେଇ ଶ୍ରୀମନ୍ଦିରକୁ ତିନିଘେରା ବୁଲି ରତ୍ନସିଂହାସନକୁ ବିଜେ କରାଇଥିଲେ। ଛଅ ମୂର୍ତ୍ତି ଅଳଙ୍କାର କର୍ପୂର ଲାଗି କରାଯାଇ ଶ୍ରୀବିଗ୍ରହମାନଙ୍କୁ ବେଶ କରାଯାଇଥିଲା। ଅନ୍ୟାନ୍ୟ ନୀତି ପରେ ମଧ୍ୟାହ୍ନଧୂପ ଉଠିଥିଲା। ଜୟବିଜୟ ଦ୍ୱାର ବନ୍ଦହୋଇ ଭିତର ଚନ୍ଦନ ଅର୍ଗଳିରେ ପୂଜାପଣ୍ଡା ପଞ୍ଚବର୍ଣ୍ଣ ମୁରୁଜରେ ମଣ୍ଡଳ ଅଙ୍କନ କରିଥିଲେ। ତିନିବାଡ଼ରେ ବନ୍ଦାପନା ପରେ କଳସ ବରୁଣ ପୂଜା ହୋଇଥିଲା। ଆଚାର୍ଯ୍ୟ ବରଣ ହୋଇ ଦକ୍ଷିଣୀଘରେ ଭୋଗ ପରେ କୃଷ୍ଣଙ୍କୁ ଭିତର ସିଂହାସନକୁ ବିଜେ କରାଯାଇଥିଲା। ମୁଦିରସ୍ତ ଶ୍ରୀଅଙ୍ଗରେ ଧଣ୍ଡିପ୍ରସାଦ ଲାଗି କଲା ପରେ କୃଷ୍ଣଙ୍କୁ ସର୍ବତ୍ର ଭଦମଣ୍ଡଳ ଓ ପରେ ଏକ କ୍ଷୁଦ୍ରାକୃତି ସୁବର୍ଣ୍ଣ ବାମନ ପ୍ରତିମା ବିଜେ କରାଯାଇଥିଲା। ପ୍ରତିମାଙ୍କୁ ପଞ୍ଚାମୃତରେ ମହାସ୍ନାନ କରି ଶୀତଳ ଭୋଗ କରାଯାଇ ଗର୍ଭଉଦକ ପାଇଁ ପଞ୍ଚଉପଚାରରେ ପୂଜା କରାଯିବା ପରେ ଖଣ୍ଡୁଆ ଘୋଡ଼ାଇ ଜନ୍ମବିଧି ନୀତି ସମ୍ପନ୍ନ ହୋଇଥିଲା। କୋରା, କ୍ଷୀର ଓ ଲହୁଣୀ ମଣୋହି ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ। ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ଗୋଟିଏ ବାମନ ମୂର୍ତ୍ତି ପଟି ଦିଆଯାଇଥିଲା। ବଟଦ୍ୱାର ଦେଇ ମାଜଣା ମଣ୍ଡପରେ ଖଟରେ ବିଜେ ପରେ ଭଣ୍ଡାରଘରୁ ଦୁର୍ଗା ପ୍ରତିମାଙ୍କୁ ପତିମହାପାତ୍ର ବିଜେ କରାଇ ଆଣି ଆଜ୍ଞାମାଳ ପ୍ରଦାନକରି ଉକ୍ତ ମଣ୍ଡପ ଖଟରେ ବିଜେ କରାଇଥିଲେ। ଏଠାରେ ପୂଜାପଣ୍ଡା ଯଜ୍ଞ ପବିତ୍ରା ଦେଇଥିଲେ। ପାଣି ପଡ଼ି ଶୀତଳ ଭୋଗ ପନ୍ତି, କ୍ଷୀର ମଣୋହି ଓ ପ୍ରସାଦ ପରେ ପଞ୍ଚ ଉପଚାରରେ ପୂଜା ସରିଥିଲା। ବନ୍ଦାପନା ଓ ପ୍ରସାଦ ଲାଗି ପରେ କୃଷ୍ଣ (ବାମନ) ଦକ୍ଷିଣୀଘର ଓ ଦୁର୍ଗା ଭଣ୍ଡାରଘରକୁ ବିଜେ କରିଥିଲେ।

### ନିମ୍ନ ମାଧ୍ୟମିକ ଅବସରପ୍ରାପ୍ତ ଶିକ୍ଷକ ସଂଘର ବୈଠକ

ସାକ୍ଷୀଗୋପାଳ,୪।୯(ଭରତ ରାଉତ)

ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଅବସରପ୍ରାପ୍ତ ଶିକ୍ଷକ ସଂଘର ବୈଠକ ପଟ୍ଟନାୟିକିଆ ଚଣ୍ଡି ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲା ସଂଘ ସଭାପତି ଭୀମସେନ ପ୍ରଧାନ ସଭାପତିତ୍ୱ କରିଥିଲେ। ଏଥିରେ ସଂଘର ପ୍ରମୁଖ ଉପଦେଷ୍ଟା ମାଧବ ଚନ୍ଦ୍ର ବିଶ୍ୱାଳ, ରାଜ୍ୟ ସଂଘ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ଜେନା, ସଭାପତି ଭାଗ୍ୟଧର ପ୍ରଧାନ, ଉପସଭାପତି କୈଳାସ ଚନ୍ଦ୍ର ପଲାଇ, ସହସମ୍ପାଦକ ତପନ କୁମାର ତ୍ରିପାଠୀ, ଉପଦେଷ୍ଟା ସୁଭାଷ ଚନ୍ଦ୍ର ରଥ, ବିରେନ୍ଦ୍ର କୁମାର ପଣ୍ଡା, ଜିଲା ଉପସଭାପତି ରାଜକିଶୋର ପ୍ରଧାନ ପ୍ରମୁଖ ଯୋଗଦେଇ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହାକୁ ସରକାରଙ୍କ ପାଖରେ ଉପସ୍ଥାପନ କରାଯିବା ସହ କ୍ରିୟାଶୀଳ ଶିକ୍ଷା ବ୍ୟବସ୍ଥା ସୃଷ୍ଟି ପାଇଁ ଆହ୍ୱାନ ଦେଇଥିଲେ। ପୁରୀ ଜିଲା ସଂଘ ସମ୍ପାଦକ ରାଜକିଶୋର ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଜିଲା କୋଷାଧ୍ୟକ୍ଷ ରାମଚନ୍ଦ୍ର ଦାଶ, ଗୋବିନ୍ଦ ଫାରୁକ, ଶିକ୍ଷକ ଶଙ୍କର ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ଯୁଧିଷ୍ଠିର ପରିଡ଼ା, ନିରଞ୍ଜନ ପାତ୍ର, ବିନୋଦ ପ୍ରଧାନ, ପ୍ରଭାକର ଜେନାଙ୍କ ସହ ରାଜ୍ୟ ଓ ଜିଲାର ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷକ ନେତୃବୃନ୍ଦ ଉପସ୍ଥିତ ଥିଲେ।

### ସୂରଜମଲ୍ଲ ଶାହା କଲେଜରେ ବନ ମହୋତ୍ସବ ପାଳିତ

ପୁରୀ,୪।୯(ଅଜିତ୍ କୁମାର ମହାନ୍ତି)

ସୂରଜମଲ୍ଲ ଶାହା ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ୍ ଶାଖା ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଶରତ କୁମାର ସାହୁ ଏବଂ ଅଧ୍ୟାପିକା ତଥା ଯୁବରେଡ୍‌କ୍ରସ୍ କାଉନସେଲର ଭାରତୀ ମହାପାତ୍ର, ଅଧ୍ୟାପକ ରାଧାଶ୍ୟାମ ପଲେଇ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବନ ମହୋତ୍ସବ ପାଳନ ସମ୍ପର୍କରେ ବୁଝାଇବା ସହ ଗଛ ଲଗାଇବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟାପକ ରବିନାରାୟଣ ମହାପାତ୍ର, ଯଯାତିକେଶରୀ ନାୟକ, ନରେଶ କୁମାର ବେହେରା, ଦୁର୍ଯ୍ୟୋଧନ ଜେନା ଏବଂ ବଳରାମ ମିଶ୍ର ପରିବେଶ ସନ୍ତୁଳନ ଉପରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ପ୍ରାଙ୍ଗଣରେ ଚାରାରୋପଣ କରାଯାଇଥିଲା। ଯୁବରେଡ୍‌କ୍ରସ୍ ସ୍ୱେଚ୍ଛାସେବୀ ଚନ୍ଦନ ସାହୁ, ସାଇନାରାୟଣ ମିଶ୍ର, ଶିଶିର କୁମାର ମିଶ୍ର ଶିବପ୍ରସାଦ ଦ୍ୱିବେଦୀ, ଆକାଶ କୁମାର ସାହୁ, ଶୁଭସ୍ମିତା ପଣ୍ଡା, ସୁଚିତ୍ରା ଦଳାଇ, ସ୍ନେହା ନନ୍ଦ, ଆବାସ ମହାପାତ୍ର, ଚିନ୍ମୟ ହୋତା ଏବଂ ପ୍ରିୟପର୍ଣ୍ଣା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କଣାସରୁ ୪ ଶିକ୍ଷୟିତ୍ରୀ ଶିକ୍ଷକ, ଜଣେ ସିଆର୍‌ସିସି ମନୋନୀତ

କଣାସ,୪।୯(ବିଭୂତି ଭୂଷଣ ତ୍ରିପାଠୀ)

### ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୪ ପାଇଁ କଣାସ ବ୍ଲକରେ ୪ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଓ ଜଣେ ସିଆର୍‌ସିସି ମନୋନୀତ ହୋଇଥିବାରୁ ଶିକ୍ଷୟିତ୍ରୀ ଶିକ୍ଷକ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ୨୦୨୪ ବର୍ଷ ପାଇଁ ବୁଧବାର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ତାଲିକାରେ ମାଧ୍ୟମିକ ବର୍ଗରେ ୨୧ ଜଣ, ପ୍ରାଥମିକ ବର୍ଗରେ ୧୧ ଜଣ ଓ ସିଆର୍‌ସିସି ବର୍ଗରେ ଜଣେ ଶିକ୍ଷୟିତ୍ରୀ ଶିକ୍ଷକ ପୁରୀ ଜିଲାରୁ ମନୋନୀତ ହୋଇଥିବା ଜଣାଯାଇଛି। ଏଥିମଧ୍ୟରେ ସିଆରସିସି ବର୍ଗରେ କଣାସ ବ୍ଲକ ଅନ୍ତର୍ଗତ ମନ୍ଦାରବସ୍ତ ଆଞ୍ଚଳିକ ସାଧନ କେନ୍ଦ୍ରର ପୂର୍ବତନ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ତଥା ବାରଦା ବାଦଲପୁର ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବୈକୁଣ୍ଠନାଥ କୋଦମା ସିଂହ ଜିଲାସ୍ତରରେ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବାବେଳେ ଏହି ବ୍ଲକ ଅନ୍ତର୍ଗତ ଅଁଳାଯୋଡ଼ି ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ଶିକ୍ଷୟିତ୍ରୀ ତଥା ବର୍ତ୍ତମାନ ଗଡ଼ସାନପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମମତାରାଣୀ ବେହେରା ପ୍ରାଥମିକ ବର୍ଗରେ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ସେହିପରି ଗଡ଼ବଡ଼ପୁଟ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ପୀତବାସ ସୁନା, ଶ୍ରୀଅଭିରାମ ସଂଯୁକ୍ତ ବିଦ୍ୟାପୀଠର ଆଶୁତୋଷ ଦାସ ଓ ପ୍ରଫୁଲ୍ଲ କୁମାର ପଲେଇ ପ୍ରମୁଖ ଶିକ୍ଷକ ମାଧ୍ୟମିକ ବର୍ଗରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପୁରୀ ସଦ୍‌ଭାବନା ଗୃହରେ ଗୁରୁଦିବସ ଅବସରରେ ଏହି କୃତୀ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ। କୃତୀ ଶିକ୍ଷୟିତ୍ରୀଶିକ୍ଷକ ବୈକୁଣ୍ଠନାଥ ଓ ମମତା ରାଣୀଙ୍କୁ ବିଦ୍ୟାଳୟ ପକ୍ଷରୁ ବୁଧବାର ସମ୍ବର୍ଦ୍ଧିତ କରାଯାଇଛି।

# ଅବହେଳିତ ଦଶ ଅବତାର ମୂର୍ତ୍ତି ପୂଜା କଲା ଶ୍ରୀଜଗନ୍ନାଥ ସେନା

ପୁରୀ,୪।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟରୁ ଦଶ ଅବତାର ମୂର୍ତ୍ତି କଢ଼ାଯାଇଥିଲେ ମଧ୍ୟ ଦୀର୍ଘ ୧୩ ବର୍ଷ ହେବ ସେଠାରେ ଦଶ ଅବତାର ମୂର୍ତ୍ତି ଲଗାଯାଉ ନାହିଁ। ମୂର୍ତ୍ତି ନିର୍ମାଣ ପାଇଁ ମୂର୍ତ୍ତିକାରଙ୍କୁ ମୂର୍ତ୍ତି ବରାଦ ଦିଆଯାଇ ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ମୂର୍ତ୍ତିକାରଙ୍କ ଠାରୁ ଉକ୍ତ ମୂର୍ତ୍ତିକୁ ଶ୍ରୀମନ୍ଦିର ପ୍ରଶାସନ କି ଏଏସ୍‌ଆଇ ଆଣୁ ନାହିଁ, ଏହାକୁ ନେଇ ବିଭିନ୍ନ ମହଲରେ କ୍ଷୋଭ ପ୍ରକାଶ ପାଉଥିବା ବେଳେ ଅନେକ ସମୟରେ ଦଶ ଅବତାର ମୂର୍ତ୍ତି ଲଗାଇବାକୁ ଦାବି କରାଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଶ୍ରୀଜଗନ୍ନାଥ ସେନା ପକ୍ଷରୁ ମୂର୍ତ୍ତିକାରଙ୍କ ନିକଟରେ ଦଶ ଅବତାର ମୂର୍ତ୍ତିପୂଜାର୍ଚ୍ଚନା କରାଯିବା ସହ ଟଙ୍କା ଦେଇ ମୂର୍ତ୍ତିଗୁଡ଼ିକୁ କିଣିଛନ୍ତି। ୧୫ଦିନ ଭିତରେ ସରକାର ମୂର୍ତ୍ତିଗୁଡ଼ିକୁ ନେଇ ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟରେ ନ ଲଗାଇବେ ତେବେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଦଶ ଅବତାର ମୂର୍ତ୍ତିକୁ ସମ୍ମାନର ସହ ନେଇ ସ୍ଥାପନା କରାଯିବାର ବ୍ୟବସ୍ଥା କରାଯିବ ବୋଲି ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି।

# ସନ୍ଦେହଘେରରେ ଯୁବକଙ୍କ ଝୁଲନ୍ତା ମୃତଦେହ

କାକଟପୁର/ଅସ୍ତରଙ୍ଗ,୪।୯
(ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ଅମୃତ ଭଣ୍ଡା ଗଛରୁ ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହକୁ ଅସ୍ତରଙ୍ଗ ପୋଲିସ ଜବତ କରିଛି। ମୃତ ଯୁବକ ଜଣଙ୍କ ଅସ୍ତରଙ୍ଗ ବ୍ଲକ୍ ଉଦୟପୁର ଗ୍ରାମର ବୁଦ୍ଧେଶ୍ୱର ପ୍ରଧାନ(୨୬)।

ସୂଚନାଯୋଗ୍ୟ, ବୁଦ୍ଧେଶ୍ୱର ଦୀର୍ଘଦିନ ହେବ ମୁମ୍ବାଇରେ ଦାଦନ ଭାବେ କାମ କରୁଥିଲେ। କିନ୍ତୁ ଦୋଳ ପୂର୍ଣ୍ଣିମାରେ ସେ ଘରକୁ ଆସି ମୁମ୍ବାଇ ଯାଇଥିଲେ। କିନ୍ତୁ ବୁଧବାର ବୁଦ୍ଧେଶ୍ୱର କୋଣାର୍କରେ ପହଞ୍ଚି ମାଉସୀଙ୍କ ପୁଅ ସୁନୀଲ ସାହୁଙ୍କୁ ଯୋଗାଯୋଗ କରିଥିଲେ। ପରେ ସୁନୀଲ କୋଣାର୍କ ପହଞ୍ଚି ବୁଦ୍ଧେଶ୍ୱରଙ୍କୁ ନିଜଘର ବଡ଼ ସିରେଇ ଗ୍ରାମକୁ ଆଣିଥିଲେ। ବୁଧବାର ରାତିରେ ବୁଦ୍ଧେଶ୍ୱର ବାପାଙ୍କୁ ଫୋନ କରି କଥା ହୋଇଥିଲେ। କିନ୍ତୁ ବୁଦ୍ଧେଶ୍ୱର ମାଉସୀଙ୍କ ଘର ଅସ୍ତରଙ୍ଗର ବଡ଼ସିରେଇ ଗ୍ରାମରେ ଅଛନ୍ତି ବୋଲି ପରିବାର ଲୋକଙ୍କୁ ଜଣାଇ ନ ଥିଲେ କି ମାଉସୀ ଘର ପକ୍ଷରୁ କିଛି ସୂଚନା ଦିଆଯାଇ ନ ଥିଲା। ମୃତ ଯୁବକଙ୍କ ବାପା ହରି ପ୍ରଧାନ ଓ ମା' ଲିଲି ପ୍ରଧାନ ପୁଅ ମୁମ୍ବାଇରେ ଅଛି ବୋଲି ଜାଣିଛନ୍ତି। କିନ୍ତୁ ଗୁରୁବାର ବଡ଼ସିରେଇ ଗ୍ରାମର ରବି ସାହୁଙ୍କ ସାନପୁଅ ଦୁବ ସାହୁ ଓ ଅନ୍ୟ ଜଣେ ଅଚିହ୍ନା ଯୁବକ ହରି ପ୍ରଧାନଙ୍କ ଘରେ ପହଞ୍ଚି ସୂଚନା ଦେଇଥିଲେ ବୁଦ୍ଧେଶ୍ୱର ଭାଇ ଘର ନିକଟରେ ଏକ ଭଣ୍ଡା ଗଛରେ ଝୁଲନ୍ତା ଅବସ୍ଥାରେ ରହିଛନ୍ତି। ଏହା ଶୁଣି ହରି ପ୍ରଧାନଙ୍କ ପାଦତଳୁ ମାଟି ଖସି ପଡ଼ିଥିଲା। ବୁଦ୍ଧେଶ୍ୱରଙ୍କ ବାପା ହରି ପ୍ରଧାନ ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ମୋ ପୁଅକୁ ହତ୍ୟା କରାଯାଇଛି। ଅଭିଯୋଗ ପରେ ଅସ୍ତରଙ୍ଗ ଥାନା ନିରୀକ୍ଷକ ଦୁର୍ଗାଚରଣ ମହାପାତ୍ର, ଉପନିରୀକ୍ଷକ ଅନିରୁଦ୍ଧ ଜାଲି ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଦେଖିବା ସହ ଶରୀର ଅନେକ ସ୍ଥାନରେ ଦାଗଥିବା ପରିବାର ଲୋକ ଅନୁଧ୍ୟାନ କରିଥିଲେ। ବୁଦ୍ଧେଶ୍ୱରଙ୍କ ମାଉସୀ ଘର ଅଥବା ରବି ସାହୁଙ୍କ ପରିବାରକୁ ଯୁବକ ମୃତ୍ୟୁ ସମ୍ପର୍କରେ ପଚରା ଉଚରା କରିବା ପରେ ଅସ୍ତରଙ୍ଗ ଥାନାରେ ଏକ ଅପମୃତ୍ୟୁ ମାମଲା ୯/୨୫ରେ ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏହି ଘଟଣାର ସତ୍ୟାସତ୍ୟ ପାଇଁ ପୋଲିସ କାହାକୁ ଅଟକ ରଖି ନ ଥିବାବେଳେ ପ୍ରକୃତରେ ବୁଦ୍ଧେଶ୍ୱରଙ୍କ ମୃତ୍ୟୁର କାରଣ କ'ଣ। ହତ୍ୟା ନାଁ ଆତ୍ମହତ୍ୟା। ପୋଲିସ ଉପଯୁକ୍ତ ତଦନ୍ତ କରି ମୃତ୍ୟୁର କାରଣ ସ୍ପଷ୍ଟ କରନ୍ତୁ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜାପାନ ପ୍ରତିନିଧିମଣ୍ଡଳୀ ସହ ଜିଲା ପ୍ରଶାସନର ବୈଠକ

ପୁରୀ,୪।୯(ଅଜିତ୍ କୁମାର ମହାନ୍ତି)

ଜାପାନର ପ୍ରଧାନମନ୍ତ୍ରୀ ସିଗେରୁ ଇଶିବାଙ୍କ ନିର୍ବାଚନମଣ୍ଡଳୀ ତୋତରି (ରାଜ୍ୟ) ରୁ ଆସିଥିବା ଏକ ସରକାରୀ ପ୍ରତିନିଧିଦଳ ପୁରୀ ଗସ୍ତରେ ଆସିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଓଶ୍ୱାନ ହଲ୍‌ରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ପୁରୀରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ଇଣ୍ଡିଆ-ଜାପାନ ଫ୍ରେଣ୍ଡସିପ ସେଣ୍ଟର୍ ସଭାପତି ଶ୍ରୀମନ୍ତ କୁମାର ଦାଶ, ପୁରୀକୁ ଆସିଥିବା ପ୍ରତିନିଧି ଦଳ ସିଞ୍ଜି ନାଗାତା, ରିୟୋସୁକି ୟମାଗୁଚି, କୋଇଚି ନାକାସିମା, ସେଇକୋ କାମ୍ବା, କେନିଚି ତାମୁରା, ଷ୍ଟୁଆର୍ଟ କୋନିରାଲି ଓ ଜପାନରୁ ଭିଡିଓ କନଫରେନ୍ସ ଜରିଆରରେ ପୁରୀ ସିଟି ବ୍ରାଣ୍ଡ ଆମ୍ବାସଡର ତଥା ଇଣ୍ଡିଆ ବିଜିନେସ ଆଡଭାଇଜର୍ ତୋତରି ଜପାନ ସରକାର କୁନା ଦାଶ ଓ ଅନ୍ୟ ଅଧିକାରୀମାନେ ସାମିଲ ହୋଇଥିଲେ। ଉକ୍ତ ବୈଠକରେ ପୁରୀ ସହରର ରାସ୍ତା, ପରିମଳ, ସ୍ୱଚ୍ଛତା, ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ବାଣିଜ୍ୟ ଓ କୁଶଳୀ ଓ ଅଣକୁଶଳୀମାନେ କିଭଳି ଜାପାନ ପାଇ ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଟିମ୍ ବେଳାଭୂମି ସମେତ ସହରର ଭିତ୍ତିଭୂମିକୁ ଅନୁଧ୍ୟାନ କରିଥିଲେ।

ସେହିଭଳି ଚନ୍ଦ୍ରଶେଖର ଏକାଡେମୀକୁ ଯାଇ ବୁଲି ଦେଖିବା ସହ ଏକାଡେମୀରେ ନର୍ସରୀ ଠାରୁ +୨ ପର୍ଯ୍ୟନ୍ତ ଜାପାନ ଭାଷା ପଢୁଥିବା ଛାତ୍ରୀଛାତ୍ରମାନଙ୍କ ସହ ଭାଷାର ଆଦାନପ୍ରଦାନ କରିଥିଲେ। ଏହି ଏକାଡେମୀରୁ ଜାପାନ ଭାଷା ପଢ଼ି ପ୍ରତିବର୍ଷ କେତେଜଣ ଛାତ୍ର ଜାପାନରେ କର୍ମନିଯୁକ୍ତ ହୋଇଥିବା ଜାଣି ବହୁତ ଖୁସିବ୍ୟକ୍ତ କରିଥିଲେ। ଶେଷରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନଙ୍କ ବାଲୁକା କଳା ମ୍ୟୁଜିୟମ ବୁଲି ଦେଖି ବିମୋହିତ ହୋଇଥିଲେ। ଏହି ଅବସରରେ ଇଣ୍ଡିଆ ଜାପାନ ଫ୍ରେଣ୍ଡଶିପ ସେଣ୍ଟର ସଭାପତି ଦାଶ କୁହନ୍ତି, ଭାରତର ପ୍ରଧାନମନ୍ତ୍ରୀଙ୍କ ମେକ୍ ଇନ୍ ଇଣ୍ଡିଆ ମିଶନକୁ ସଫଳ କରିବା ଲାଗି ପୁରୀ ସହରର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଯୁବତୀ ଯୁବକମାନଙ୍କୁ ଅଧିକରୁ ଅଧିକ ନିଯୁକ୍ତି ହୋଇପାରିବେ ଓ ଜାପାନର ଟେକ୍ନୋଲୋଜି ଆଣି କିଭଳି ପୁରୀରେ କାର୍ଯ୍ୟକ୍ଷମ ହୋଇପାରିବ ତାହା ଆମର ମୂଳଲକ୍ଷ୍ୟ ରହିଛି।

# ମେଲାଣି ନେଲେ ବିଘ୍ନ ବିନାଶନ

କାକଟପୁର/ଅସ୍ତରଙ୍ଗ,୪।୯
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

### ମନମୋହିଲା ପାରମ୍ପରିକ ବାଦ୍ୟ ଓ ନୃତ୍ୟ

କାକଟପୁର ବ୍ଲକ କାକଟପୁର ବଜାରରେ ମଙ୍ଗଳା ଆଥ୍‌ଲେଟିକ କ୍ଲବ ପକ୍ଷରୁ ଗଜାନନଙ୍କ ମେଲାଣି ପାଇଁ ପାରମ୍ପରିକ ବାଦ୍ୟ ଓ ନୃତ୍ୟର ସମାରୋହରେ କାକଟପୁର ମେଡିକାଲ ଛକ, ମଙ୍ଗଳା ଛକ, ପୁରୁଣା ବସ୍ ଷ୍ଟାଣ୍ଡ ଛକ, ଥାନାଛକ ଅଞ୍ଚଳ ଦୁଲୁକି ଉଠିଥିଲା। ସମ୍ବଲପୁରୀ ବାଜା ଦର୍ଶକଙ୍କ ମନମୋହିଲା। ଶଙ୍ଖ, ଘଣ୍ଟ, ଘଣ୍ଟା, ସିଂହବାଜା, ତୁରୀ, ମହୁରୀ ସାଙ୍ଗକୁ ଦୁଲୁଦୁଲି ଢୋଲ ମର୍ଦ୍ଦଳରେ ଶୋଭାଯାତ୍ରା ପ୍ରକମ୍ପିତ ହୋଇଉଠିଥିଲା। ସେହିଭଳି ସିଂହନାଚ, ଘୋଡ଼ାନାଚ, କଣ୍ଢେଇ ନାଚ ଆଦି ଦେଖଣାହାରୀଙ୍କ ମନକୁ ଛୁଇଁଥିଲା। ପୂଜା କମିଟି ନିର୍ଦ୍ଦେଶ ଅନୁଯାୟୀ, ମଙ୍ଗଳା ଆଥ୍‌ଲେଟିକ କ୍ଲବ୍ ତରଫରୁ ଅଞ୍ଚଳବାସୀ ଅବଶ୍ୟ ଡିଜେର କାନଫଟା ଯନ୍ତ୍ରଣାରୁ ମୁକ୍ତି ପାଇଥିଲେ। ମଙ୍ଗଳା ଆଥ୍‌ଲେଟିକ କ୍ଲବ ନିକଟରୁ ଗଜାନନଙ୍କ ଭସାଣ କାର୍ଯ୍ୟକ୍ରମ ଆରମ୍ଭ ହୋଇ କାକଟପୁର ବଜାର ପରିକ୍ରମା କରି ନିକଟସ୍ଥ ପ୍ରବାହିତ ନଦୀରେ ଗଜାନନଙ୍କୁ ବିସର୍ଜନ କରାଯାଇଥିଲା। ଏହି ଭସାଣ ଦେଖିବା ନିମନ୍ତେ କାକଟପୁର ବଜାର ସମେତ ଗାଁଗୁଡ଼ିକରେ ଉଭୟ ପାର୍ଶ୍ୱରେ ଶତାଧିକ ଲୋକ ଏକତ୍ର ହୋଇ ଗଜାନନଙ୍କୁ ଦର୍ଶନ କରିଥିଲେ। କ୍ଲବର ଉପଦେଷ୍ଟା ରାକେଶ ପଟ୍ଟନାୟକ, ହିମାଂଶୁ ଭୂଷଣ ଦୀକ୍ଷିତ, ଅଞ୍ଜନ ଦୀକ୍ଷିତ, କମଳ ଲୋଚନ ଦୀକ୍ଷିତ, ତୁଷାର ଦୀକ୍ଷିତ, ସଭାପତି ପ୍ରଦୀପ୍ତ କୁମାର ଦୀକ୍ଷିତ, ଶୁଭ୍ରାଂଶୁ ଦୀକ୍ଷିତଙ୍କ ସମେତ ମଙ୍ଗଳା ଆଥ୍‌ଲେଟିକ କ୍ଲବ୍ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।


ଗଣେଶଙ୍କ ମୃଣ୍ମୟ ମୂର୍ତ୍ତିକୁ ଭସାଣି ଶୋଭାଯାତ୍ରାରେ ନିଆଯାଉଛି ।

**ବିରିବାଟି ତାରିଣୀ ମନ୍ଦିରରୁ ହୁଣ୍ଡି ବାକ୍ସ ଚୋରି**

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ-ପାରାଦୀପ ରାସ୍ତା ପାର୍ଶ୍ୱ ବିରିବାଟିରେ ଥିବା ପୁରାତନ ତାରିଣୀ ମନ୍ଦିରରୁ ବୁଧବାର ରାତିରେ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତ ପାଚେରି ଡେଇଁ ହନୁମାନ ମନ୍ଦିର ସମ୍ମୁଖ ହୁଣ୍ଡି ବାକ୍ସ ନେଇ ଯାଇଥିବା ଜଣାପଡ଼ିଛି। ଏହାଛଡା ମନ୍ଦିର ଅଫିସ ଓ ମୁଖ୍ୟ ମନ୍ଦିର କବାଟ ତାଲା ଭାଙ୍ଗି ଥିଲେ ସୁଦ୍ଧା କିଛି ନେଇ ପାରି ନାହାଁନ୍ତି। ସିସିଟିଭି ଫୁଟେଜରୁ ଜଣା ପଡିଛି କି ଜଣେ ଯୁବକ ମୁହଁରେ ମୁଖା ପିନ୍ଧି ମନ୍ଦିର ପାଚେରି ଡେଇଁ ଥିଲା। ପରେ ମନ୍ଦିର ପରିସରରେ ବିଭିନ୍ନ ଦାମି ଜିନିଷ ଚୋରି କରିବା ବେଳର ଦୃଶ୍ୟ ସିସି ଟିଭିରେ ରହିଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ସିଆର୍‌ଆର୍‌ଆଇ ଥାନାରେ ଏତଲା ଦେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ୧୯୪ ଗ୍ରାମ୍ ହେରୋଇନ ଜବତ, ୨ ଗିରଫ

ମଙ୍ଗୁଳି-ଜଗତପୁର,୪।୯(ମାନସ ସାମଲ)

କଟକ ଅବକାରୀ ବିଭାଗ ହେରୋଇନ ଚାଲାଣ ଅଭିଯୋଗରେ ୨ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ୨ଜଣ ହେଲେ ଯାଜପୁର ଜିଲା ବଇରୀ ଥାନା ଅଧୀନ ଗୋପପୁର ଗ୍ରାମର ରଞ୍ଜନ ମଲିକ ଓ ଅମରାବତୀ ଗ୍ରାମର ବଳରାମ ଖଣ୍ଡୁଆଲା। ତାଙ୍କଠାରୁ ୧୯୪ ଗ୍ରାମର ହିରୋଇନ ସହ ଗୋଟିଏ ବାଇକ୍ ଜବତ କରାଯାଇଛି। ହେରୋଇନ୍‌ର ଆନୁମାନିକ ମୂଲ୍ୟ ୨୦ଲକ୍ଷ ଟଙ୍କା ହେବ। ସୂଚନା ମୁତାବକ, ଟାଙ୍ଗୀ ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥ ବନ୍ଦାଳ ଟୋଲ ଗେଟ ନିକଟରେ ୨ଜଣ ବାଇକ୍ ଆରୋହୀ ହେରୋଇନ ଚାଲାଣ କରୁଥିବା ଏକ ବିଶେଷ ସୂତ୍ରରୁ ଖବର ପାଇ କଟକ ଅବକାରୀ କମିଶନର ପି. ଅନଭେସା ରେଡ୍ଡୀ ଓ ସୁପରିଣ୍ଟେଣ୍ଡେଣ୍ଟ ତେଜରାଜ ଜାନୀଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଚଢାଉ କରିଥିଲା। ବାଇକ୍ ଅଟକାଇ ଯାଞ୍ଚ କରିବାରୁ ଏକ ଜରି ପଲିଥିନରୁ ହିରୋଇନ ମିଳିଥିଲା। ଚଢ଼ାଉରେ ଫ୍ଲାଇଂ ସ୍କ୍ୱାଡ ଏସଆଇ ବଳବୀର ଗରନାୟକ, ଏଏଆଇ ଅଜୟ ବେହେରା, ଦିଲୀପ କୁମାର ନନ୍ଦ, ରୋଜାଲିନ ପଟ୍ଟନାୟକ, କନଷ୍ଟେବଲ ଦିଲଜିତ୍ ଦାସ, ରଞ୍ଜିତ ସାହୁ, ଶଙ୍କର୍ଷଣ ରାଉତ ପ୍ରମୁଖ ସାମିଲ ଥିଲେ।

### ତେଲଦିଆରେ ଭାଜପା କର୍ମୀ ସମ୍ମିଳନୀ

କଟକ ସଦର, ୪।୯(ସୁଶାନ୍ତ କୁମାର ଜେନା)

କଟକ ସଦର ଭାଜପାର ସୋମପୁର ଓ ଅରିଲୋ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ବୁଧବାର ତେଲଦିଆଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଙ୍ଗଠକ ବିମଳ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ କଟକ ସଦର ନିର୍ବାଚନମଣ୍ଡଳୀର ଭାଜପା କର୍ମୀମାନେ ଏକତ୍ରିତ ହୋଇ ନିଷ୍ଠାର ସହିତ ଜନତାଙ୍କ ସେବା କରିବା ପାଇଁ କହିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳର ସଫଳତା ଶୀର୍ଷରେ ପହଞ୍ଚାଇବା ପାଇଁ ସେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାଧୁ ଜେନା, ସମୀର ସେନାପତି, ହୃଷୀକେଶ ସାମଲ, ଶୁଭେନ୍ଦୁ ପଣ୍ଡା, ବିରଞ୍ଚି ନାରାୟଣ ପଣ୍ଡା, ସରୋଜ ବାରିକ, ଜ୍ୟୋତି ପ୍ରକାଶ ନନ୍ଦ, ପ୍ରଶାନ୍ତ ସେଠୀ, ପିନାକୀ ମହାନ୍ତିଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ।

### ୫ ପ୍ରତିଭାଧାରୀଙ୍କୁ ଧନେଶ୍ୱର ରଥ ସ୍ମୃତି ସମ୍ମାନ

କଟକ,୪।୯(କାର୍ତ୍ତିକ ସାହୁ)

ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ରାଜ୍ୟର ୫ ପ୍ରତିଭାଧାରୀଙ୍କୁ ଧନେଶ୍ୱର ରଥ ସ୍ମୃତି ସମ୍ମାନ-୨୦୨୫ ପ୍ରଦାନ ଲାଗି ମନୋନୀତ କରାଯାଇଛି। ସେମାନେ ହେଲେ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ସଂସ୍କୃତ ବିଦ୍ୱାନ ପ୍ରଫେସର ଡାକ୍ତର ପ୍ରଫୁଲ୍ଲ କୁମାର ମିଶ୍ର, ଶ୍ରୀଜଗନ୍ନାଥ ସଂସ୍କୃତି ଓ ଗବେଷଣାରେ ଡାକ୍ତର ସିଦ୍ଧେଶ୍ୱର ମହାପାତ୍ର, କଳା-ସଂସ୍କୃତିରେ ବିଶିଷ୍ଟ ଚଳଚ୍ଚିତ୍ର ଓ ମଞ୍ଚ ଅଭିନେତା କୁନା ତ୍ରିପାଠୀ, ସେବା କ୍ଷେତ୍ରରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସୁଶ୍ରୀ ତେଜସ୍ୱିନୀ ବେହେରା ଏବଂ କ୍ରୀଡ଼ା କ୍ଷେତ୍ରରେ ହକି ଖେଳାଳି ତଥା ଅଲମ୍ପିଆନ ସୁଶ୍ରୀ ଲିଲିମା ମିଞ୍ଜ୍। ପୁରସ୍କାର ସ୍ୱରୂପ ପ୍ରତ୍ୟେକଙ୍କୁ ଉପଢୌକନ, ଶ୍ରୀଜଗନ୍ନାଥଙ୍କ ଖଣ୍ଡୁଆ ଓ ୨୫ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ଆସନ୍ତା ୧୫ ତାରିଖ (ସୋମବାର) ପୂର୍ବାହ୍ନରେ କର୍ମଯୋଗୀ ଧନେଶ୍ୱର ରଥଙ୍କ ୩୧ତମ ପୁଣ୍ୟ ତିଥି ଅବସରରେ ଟାଙ୍ଗୀ (କଟକ)ସ୍ଥିତ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପରିସରସ୍ଥ ଜୟଶ୍ରୀ ଅଡିଟୋରିୟମରେ ଆୟୋଜିତ ହେବାକୁ ଥିବା ପୂଜ୍ୟପୂଜା ସମାରୋହ-୨୦୨୫ରେ ଏହି ସମ୍ମାନ ପ୍ରଦାନ କରାଯିବ। ଚିନ୍ମୟ ମିଶନର ସନ୍ଥ ସ୍ୱାମୀ ଶ୍ରୀ ନିଗମାନନ୍ଦ ସରସ୍ୱତୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେବେ ବୋଲି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡାକ୍ତର ପ୍ରମୋଦ ଚନ୍ଦ୍ର ରଥଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି।

# ପୂଜା ମଣ୍ଡପ ଅନୁମତି ଆବେଦନ ଆଜିଠୁ

କଟକ,୪।୯(କାର୍ତ୍ତିକ ସାହୁ)

ଜିଲା ପ୍ରଶାସନ ପକ୍ଷରୁ ଦୁର୍ଗାପୂଜା ମଣ୍ଡପ ଅନୁମତି ଆବେଦନ ସେପ୍ଟେମ୍ବର ୫ ତାରିଖ (ଶୁକ୍ରବାର)ରୁ ଆରମ୍ଭ ହେବ। କଟକ ସଦର ଉପଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିଙ୍ଗିଲ ୱିଣ୍ଡୋ ସିଷ୍ଟମ ଜରିଆରେ ବାରବାଟୀ ପ୍ୟାଲେସରେ ଆବେଦନ ପ୍ରକ୍ରିୟା ଚାଲିବ। ପୂଜା କମିଟିଗୁଡ଼ିକ ପକ୍ଷରୁ ୫ରୁ ୭ ତାରିଖ ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯିବ। ସେପ୍ଟେମ୍ବର ୧୨ ସୁଦ୍ଧା ପୋଲିସ, ପୂର୍ତ୍ତ ଏବଂ ଭୂମି ଅଧିକାର ବିଭାଗ ଦ୍ୱାରା ସର୍ଭେ କରାଯାଇ ଅସ୍ଥାୟୀ ଏନ୍‌ଓସି ପ୍ରଦାନ କରାଯିବ। ସମସ୍ତ ପୂଜା ମଣ୍ଡପ ସେପ୍ଟେମ୍ବର ୨୨ ସୁଦ୍ଧା କାର୍ଯ୍ୟ ସମାପ୍ତ କରି ଆବଶ୍ୟକ ଏନ୍‌ଓସି ହାସଲ କରିବେ। ପ୍ରତି ୨୫ରୁ ୩୦ ପୂଜା ମଣ୍ଡପର ସମସ୍ୟା ସମାଧାନ ପାଇଁ ଜଣେ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବ। ବଡ଼ ମଣ୍ଡପଗୁଡ଼ିକ ଯାଞ୍ଚ ପାଇଁ ରାସ୍ତା ଓ ପୂର୍ତ୍ତ ବିଭାଗ, ପୋଲିସ, ଟିପିସିଓଡିଏଲ ଏବଂ ଅଗ୍ନିଶମ ବିଭାଗକୁ ନେଇ ଗଠିତ ଦଳ ପରିଦର୍ଶନ କରୁଛନ୍ତି। ଖୁବଶୀଘ୍ର ସେମାନଙ୍କ ରିପୋର୍ଟ ଦାଖଲ କରାଯିବ। ପୂଜା କମିଟିଗୁଡ଼ିକ ସେମାନଙ୍କ ତୋରଣର ଗଠନମୂଳକ ଡିଜାଇନକୁ ଯନ୍ତ୍ରୀମାନେ ଯାଞ୍ଚ କରିବେ। ହାଇକୋର୍ଟରେ ଗୁରୁବାର କଟକ ସହର ସମସ୍ୟା ନେଇ ଶୁଣାଣି ବେଳେ କଟକ ଜିଲାପାଳ ସତ୍ୟପାଠ ଜରିଆରେ ଅଦାଳତକୁ ଏସବୁ ଅବଗତ କରାଇଛନ୍ତି।

**ହାଇକୋର୍ଟରେ କଟକ ସହର ସମସ୍ୟା**

ବିଚାରପତି ସଙ୍ଗମ କୁମାର ସାହୁ ଏବଂ ବିଚାରପତି ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠରେ କଟକ ସହର ସମ୍ପର୍କିତ ମାମଲାର ଶୁଣାଣି ହେବା ସହିତ ଅଦାଲତ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପାର୍ବଣ ଜନିତ ସମସ୍ୟା ଉପରେ ଶୁଣାଣି କରି ଅଦାଲତ ଲୋକେ ଯେଭଳି ଅସୁବିଧା ନ ଭୋଗିବେ ସେଥିପାଇଁ ପଦକ୍ଷେପ ନେବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ବିଦେଶୀ ଏବଂ ଦେଶୀ ମଦ ବିକ୍ରୟ ୭୨ ଘଣ୍ଟା ପାଇଁ ନିଷେଧ କରାଯିବ। ଜିଲାପାଳ ଅଦାଲତଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଯେ ପ୍ରତ୍ୟେକ ପୂଜା କମିଟିକୁ ସେମାନଙ୍କ କ୍ଷେତ୍ରାଧିକାର ମଧ୍ୟରେ ବିଭିନ୍ନ ସ୍ଥାନରେ ବାୟୁ ଏବଂ ଶବ୍ଦ ପ୍ରଦୂଷଣ ସଚେତନତା ବାର୍ତ୍ତା ଉଲ୍ଲେଖ କରି ବୋର୍ଡ ଲଗାଇବେ। ସର୍ବସାଧାରଣ ରାସ୍ତାରେ ବାଧା ସୃଷ୍ଟି କରୁଥିବା କୌଣସି ମଣ୍ଡପ, ସାଜସଜ୍ଜା, ତୋରଣ, ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅନୁମତି ଦିଆଯିବ ନାହିଁ। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ସମସ୍ତ ପୂଜା କମିଟି ପାଳନ କରିବା ବାଧ୍ୟତାମୂଳକ କରାଯାଇଛି। ଡିସିପି ଦେଇଥିବା ସତ୍ୟପାଠରେ ଜଣାଇଛନ୍ତି ଯେ, ଚାନ୍ଦିନୀଚୌକ, ହାଇକୋର୍ଟ ଛକ, ହାଓଡ଼ା ମୋଟର ଛକରୁ କ୍ୟାଣ୍ଟନମେଣ୍ଟ ଛକ ଏବଂ ବଡ଼ମେଡିକାଲ ଭଳି ଶବ୍ଦ କଟକଣା ଜାରି ହୋଇଥିବା ସ୍ଥାନରେ କୌଣସି ଶବ୍ଦ, ସଙ୍ଗୀତ ଉପକରଣ ବା ବାଦ୍ୟଯନ୍ତ୍ର ବାଜିପାରିବ ନାହିଁ। ନିୟମ ଉଲ୍ଲଂଘନ କଲେ ବାଦ୍ୟଯନ୍ତ୍ର ଜବତ କରାଯିବ ଏବଂ ଆଇନ ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଦର୍ଶାଯାଇଛି।



ନେତ୍ରଦାନ ସଚେତନତା ନେଇ ଏସ୍‌ସିବି ମେଡ଼ିକାଲ ଚକ୍ଷୁ ବିଭାଗ ପକ୍ଷରୁ ଗୁରୁବାର ପ୍ରିନ୍ସିପାଲ ଅଫିସ ପରିସରରୁ ବାହାରିଥିବା ଶୋଭାଯାତ୍ରା। (ଫଟୋ: ରାଜକିଶୋର ମହାନ୍ତି)

## ଏସ୍‌ସିବିରେ ଚକ୍ଷୁଦାନ ପାଇଁ ସଚେତନତା ଶୋଭାଯାତ୍ରା

କଟକ,୪।୯(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲର ଚକ୍ଷୁ ବିଭାଗ ପକ୍ଷରୁ ଚକ୍ଷୁଦାନ ଦିବସ ଅବସରରେ ଏକ ସଚେତନତା ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରାକୁ ମେଡିକାଲ କଲେଜ ଅଧ୍ୟକ୍ଷା ପ୍ରଫେସର ଡା. ଲୁସି ଦାସ, ପ୍ରଫେସର ଡା. ରମାମଣି ଦଳାଇ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ମେଡିକାଲ କଲେଜ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ବାହାରି ମେଡିକାଲ ପରିକ୍ରମା କରି ଚକ୍ଷୁ ବିଭାଗ ନିକଟରେ ପହଞ୍ଚିଥିଲା। ଭାରତରେ କର୍ଣ୍ଣିଆ ଅନ୍ଧତ୍ୱ ଏବେ ଏକ ମୁଖ୍ୟ ସମସ୍ୟା ପାଲଟିଛି। କର୍ଣ୍ଣିଆ ପ୍ରତ୍ୟାରୋପଣ ହେଉଛି ଏହାର ଏକମାତ୍ର ପ୍ରମାଣିତ ବୈଜ୍ଞାନିକ ପଦ୍ଧତି। ଚକ୍ଷୁଦାନର ସଚେତନାର ବହୁ ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶୋଭାଯାତ୍ରାକୁ ପ୍ରଫେସର ଡା. ତରୁଣ କୁମାର ପଣ୍ଡା ଓ ଡା. ସିବେନ୍ଦୁ ମହାରଣା ପରିଚାଳନା କରିଥିଲେ।

## ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର



ବିଭିନ୍ନ ଦାବି ନେଇ କଟକ ସୁରକ୍ଷା ସମିତି ପକ୍ଷରୁ ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେବାକୁ ଯାଉଥିବା ପ୍ରତିନିଧି ମଣ୍ଡଳୀ।

କଟକ,୪।୯(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ସୁରକ୍ଷା ସମିତି ପକ୍ଷରୁ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କୁ ଗୁରୁବାର ଦାବପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଦଶହରାରେ ପୂଜା କମିଟିଙ୍କୁ ଆଲୋକ ତୋରଣ ପାଇଁ ଅନୁମତି ଦେବା, ବାଲିଯାତ୍ରା ଉପର ପଡିଆରେ କରାଯିବାକୁ ଅନୁମତି ଦେବା ସହ ମୃଣ୍ମୟୀ ମୂର୍ତ୍ତି ବିସର୍ଜନ କରିବା ପାଇଁ ଥିବା ଅସ୍ଥାୟୀ ପୋଖରୀକୁ ପରିଷ୍କାର ରଖିବା ସହ ଏହାର ଆକୃତି ବଡ କରିବା ପ୍ରମୁଖ ଦାବି କରାଯାଇଛି। ତେବେ କଟକର ଏକ ସ୍ୱତିନ୍ତ୍ର ପରିଚୟ ଥିବାବେଳେ ପାର୍ବଣ ସମୟରେ ଦୂରଦୂରାନ୍ତରରୁ ଲୋକ ଏଠାକୁ ଆସି ଏହାର ମଜା ନେଇଥାନ୍ତି। ଏଭଳି ସୁବିଧାର ଯୋଗାଇ ଦିଆଯିବା ଦ୍ୱାରା କଟକ ସହରର ମାନ ଅଧିକ ବଢ଼ିବ ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ରକୁ ଜିଲାପାଳ ଗ୍ରହଣ କରିବା ସହ ସମସ୍ତ ବିଷୟରେ କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ଦେବାଶିଷ ରାଉତ, ଦେବୀପ୍ରସାଦ ଦାସ, ପ୍ରମୋଦ ସ୍ୱାଇଁ, ନିରଞ୍ଜନ ପତି, ଅଶୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସର ସଙ୍ଗଠନ ସୃଜନ କାର୍ଯ୍ୟକ୍ରମ

କଣ୍ଟାପଡ଼ା,୪।୯(ସୁର ନାରାୟଣ ସାହୁ)

କଟକ ଜିଲାର କଂଗ୍ରେସ ସଙ୍ଗଠନ ମଙ୍ଗ କିଏ ସମ୍ଭାଳିବ ତାକୁ ନେଇ ଚର୍ଚ୍ଚା ଲାଗି ରହିଥିବା ବେଳେ ଗୁରୁବାର ନିଆଳି ନିର୍ବାଚନ ମଣ୍ଡଳୀରେ ସର୍ବସମ୍ମତିରେ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ନାମ ଶୁଣିବାକୁ ମିଳିଛି। କଣ୍ଟାପଡା ବ୍ଲକ ଅନ୍ତର୍ଗତ ଇଚ୍ଛାପୁରଠାରେ ଥିବା ଏକ ଘରୋଇ ମଣ୍ଡପରେ ନିଆଳି ନିର୍ବାଚନମଣ୍ଡଳୀସ୍ତରୀୟ କଂଗ୍ରେସର ସଙ୍ଗଠନ ସୃଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଅଖିଳ ଭାରତ କଂଗ୍ରେସ କମିଟି କଟକ ଜିଲା ପର୍ଯ୍ୟବେକ୍ଷକ କର୍ମୀମାନଙ୍କୁ ସଭାପତି ଭାବେ କାହାକୁ ଦାୟିତ୍ୱ ଦିଆଯିବା ଉଚିତ ସେଥିପାଇଁ ନାମ ପ୍ରସ୍ତାବ ଦେବାକୁ ଆହ୍ୱାନ ଦେଇଥିଲେ। ବ୍ୟକ୍ତିଗତ ଏହି କ୍ରମରେ ଉପସ୍ଥିତ ଥିବା ପ୍ରାୟ ୯୦ ପ୍ରତିଶତ କଂଗ୍ରେସ କର୍ମୀ କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ନାଁ ଉଠାଇଥିଲେ। ଏପରିକି ସଭା କକ୍ଷଠାରୁ ଅରମ୍ଭ କରି ବାହାର ପର୍ଯ୍ୟନ୍ତ ସବୁଠି ସୋଫିଆ ଫିର୍ଦ୍ଦୋସ ଜିନ୍ଦାବାଦ, ରାହୁଲ ଗାନ୍ଧି ଜିନ୍ଦାବାଦ ଶୁଣିବାକୁ ମିଳିଥିଲା। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରବି ମଲ୍ଲିକଙ୍କ ସହ କଟକ ଜିଲା ସଂଯୋଜକ ପ୍ରଦୀପ ଦାସ ଓ ଅଳର ବହୁ ଛାମୁଆ କର୍ମୀ ଉପସ୍ଥିତ ଥିଲେ। ଅତିଥିମାନଙ୍କୁ ବରିଷ୍ଠ କଂଗ୍ରେସ କର୍ମୀ ନିମାଇଁ ଚରଣ ରାଉତରାୟ ସ୍ୱାଗତ କରିଥିବା ବେଳେ କେଦାରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସିଏମ୍‌ସି କମିଶନରଙ୍କ କଟକ ପ୍ରେସ କ୍ଲବ ପରିଦର୍ଶନ


କଟକ ପ୍ରେସ୍ କ୍ଲବ ପରିଦର୍ଶନ ଅବସରରେ ସିଏମ୍‌ସି କମିଶନରଙ୍କ ସହ କ୍ଲବ ସଦସ୍ୟବୃନ୍ଦ।

କଟକ,୪।୯(କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ (ସିଏମ୍‌ସି) କମିଶନର କିରଣଦୀପ କୌର ସହୋତା ଚୌଧୁରୀବଜାରସ୍ଥିତ କଟକ ପ୍ରେସ କ୍ଲବ ଗୃହର ନବୀକରଣ କାର୍ଯ୍ୟ ଗୁରୁବାର ଅପରାହ୍ନରେ ପରିଦର୍ଶନ କରିଛନ୍ତି। ଏହି ଅବସରରେ କ୍ଲବ ଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରେସ କ୍ଲବ ପକ୍ଷରୁ ତାଙ୍କୁ ସ୍ୱାଗତ, ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଲୋକ କୁମାର ନାୟକ କ୍ଲବର ଇତିହାସ ଏବଂ ଆଗାମୀ ଦିନର କାର୍ଯ୍ୟପନ୍ଥା ସଂକ୍ରାନ୍ତରେ ସୂଚନା ପ୍ରଦାନ କରିଥିଲେ। ପ୍ରେସ୍ କ୍ଲବର ଆବଶ୍ୟକତା ତୁରନ୍ତ ପୂରଣ କରିବା ଲାଗି ପ୍ରେସ୍ କ୍ଲବ ପକ୍ଷରୁ ଦାବି କରାଯାଇଥିଲା। କମିଶନର ସ୍ଥାନୀୟ କର୍ପୋରେଟର ଅରୁନ୍ଧତୀ କର, ସିଟି ଇଂଜିନିୟର ଅତନୁ ସାମନ୍ତଙ୍କ ସମେତ ବିଭାଗୀୟ ଅଧିକାରୀଙ୍କ ସହ ନବୀକରଣ କାର୍ଯ୍ୟର ତଦାରଖ କରିଥିଲେ। ଖବରଦାତା ରୋହନ ମହାନ୍ତି, ବିଶ୍ୱଜିତ ଧଳ, ପ୍ରତାପ ଚନ୍ଦ୍ର ସେନାପତି, ପ୍ରଶାନ୍ତ ମହାନ୍ତି, ପ୍ରଣବ ନନ୍ଦୀ, ରବୀନ୍ଦ୍ର ପାଢ଼ୀ, ଉମାକାନ୍ତ ଜେନା, ଲକ୍ଷ୍ମୀଧର ସାହୁ, ଆକାଶ ସ୍ୱାଇଁ, ମହମ୍ମଦ ଜାଭେଦ ପ୍ରମୁଖ ଉପସ୍ଥିତ ଥିଲେ।

## ସୁନିଆରେ ମାଟି ଅନୁକୂଳ

ଚୌଦ୍ୱାର,୪।୯(ଆଶୁତୋଷ ଦାସ)

ପବିତ୍ର ସୁନିଆ ତିଥିରେ ବିଭିନ୍ନ ପୂଜା ଅନୁଷ୍ଠାନ ପକ୍ଷରୁ ଆଗକୁ ଆସୁଥିବା କୁମାର ପୂର୍ଣ୍ଣିମାରେ ମା' ଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣ ପାଇଁ ମାଟି ଅନୁକୂଳ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗଛକସ୍ଥିତ ମା' ଲକ୍ଷ୍ମୀଙ୍କ ମୂର୍ତ୍ତି ନିର୍ମାଣ ନିମନ୍ତେ କଳିଙ୍ଗ ବଜାର ପୂଜା କମିଟି ସଭାପତି ପ୍ରଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ସ୍ଥାନୀୟ ବିରୁପା ନଦୀ କୂଳରୁ ନୁଆ ମାଟି ଅନୁକୂଳ କରାଯାଇଥିଲା। ପୂଜକ ପ୍ରଶାନ୍ତ କୁମାର ଆଚାର୍ଯ୍ୟ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ବିମଳ କୁମାର ବେଉରା, ସଞ୍ଜୀବ କୁମାର ରାୟ, ହିରହର ବେହେରା, ସ୍ମୃତି ରଞ୍ଜନ ମହାପାତ୍ର, ସୁକା ସାହୁ, ସରୋଜ କୁମାର ସ୍ୱାଇଁ, ସନ୍ତୋଷ ବାରିକ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ମା ଧୂମାବତୀ ଲକ୍ଷ୍ମୀପୂଜା କମିଟିର ମାଟି ଅନୁକୂଳ କାର୍ଯ୍ୟକ୍ରମ ଅଶୋକ କୁମାର ସାହୁଙ୍କ ନେତୃତ୍ୱରେ ପ୍ରବୀର କୁମାର ଜେନା, ରମେଶ ସାହୁ, ଚିତ୍ତରଞ୍ଜନ ସାହୁ, ଦେବେନ୍ଦ୍ର ପୃଷ୍ଟି ପ୍ରମୁଖ କର୍ମକର୍ତ୍ତା ମା' ଲକ୍ଷ୍ମୀଙ୍କ ମୂର୍ତ୍ତି ନିର୍ମାଣ ନିମନ୍ତେ ବିରୁପା ନଦୀ କୂଳରେ ମାଟି ଅନୁକୂଳ କରିଥିଲେ।

## ୫୦ରୁ ଅଧିକ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆସିଥିବା ବରିଷ୍ଠ ନାଗରିକ।

କଟକ,୪।୯(ଶିଳ୍ପା ପ୍ରିୟଦର୍ଶିନୀ)

ଅନ୍ଦରପୁର ବରିଷ୍ଠ ନାଗରିକ କଲ୍ୟାଣ କେନ୍ଦ୍ରରେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ନୂଆବଜାର ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ସହଯୋଗରେ ଆୟୋଜିତ ଶିବିରରେ ୫୦ରୁ ଅଧିକ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହାସହ ଆବଶ୍ୟକ ଔଷଧ ନିଃଶୁଳ୍କ ଭାବେ ପ୍ରଦାନ କରାଯାଇଥିଲା। ଏହାସହ ୭୦ରୁ ଅଧିକ ବର୍ଷ ନାଗରିକଙ୍କୁ ଆୟୁଷ୍ମାନ୍ ବୟୋବନ୍ଦନା କାର୍ଡ ବଣ୍ଟନ କରାଯାଇଥିଲା। ଶିବିରରେ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅପରାଜିତା ସାମନ୍ତରାୟ, ଜନସ୍ୱାସ୍ଥ୍ୟ ପରିଚାଳନ ନିଗମ ସାହୁ, ନର୍ସିଂ ଅଫିସର ପଦ୍ମଜା ପ୍ରିୟଦର୍ଶିନୀ ରାଉତ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଶିବିରକୁ କେନ୍ଦ୍ରର ସମ୍ପାଦକ ରଜନୀକାନ୍ତ ପରିଜା ପରିଚାଳନା କରିଥିଲେ। ଅନୁଷ୍ଠାନର ଅନ୍ୟମାନଙ୍କ ମଧ୍ୟରେ ସଭାପତି ରବୀନ୍ଦ୍ରନାଥ ମହାନ୍ତି, ଉପସଭାପତି ଭାଗ୍ୟଧର ବ୍ରହ୍ମା, ନିତ୍ୟାନନ୍ଦ ଭୋଳ, ସତ୍ୟକୁମାର ସାହାଣୀ, ଅକ୍ଷୟକୁମାର, ବିଜୟ କୁମାର ସାହୁ, ବିଷ୍ଣୁ ଚରଣ ରାଉତ, ରମେଶଚନ୍ଦ୍ର ଦାସ ପ୍ରମୁଖ ଥିଲେ।

## ରଶ୍ମିତାଙ୍କୁ ସମ୍ବର୍ଦ୍ଧିତ କଲେ ବିଧାୟକ

ଚୌଦ୍ୱାର,୪।୯(ଆଶୁତୋଷ ଦାସ)

ଜଗତପୁରସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ଜଳକ୍ରୀଡା ଛାତ୍ରୀ ତଥା ସ୍ୱର୍ଣ୍ଣ ପଦକ ବିଜେତା ରଶ୍ମିତା ସାହୁଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ବିଧାୟକ ସୌଭିକ ବିଶ୍ୱାଳ। ବୁଧବାର ସନ୍ଧ୍ୟାରେ ବିଧାୟକ ଜଗତପୁର ଆଇବି ରୋଡଠାରେ ଥିବା ଛାତ୍ରୀ ନିବାସରେ ପହଞ୍ଚି ରଶ୍ମିତାଙ୍କୁ ଭେଟିବା ସହିତ ତାଙ୍କୁ ତାଙ୍କର ଏହି ବିଜୟ ପାଇଁ ଫୁଲତୋଡା, ଉତ୍ତରୀୟ ଓ ମିଠା ଖୁଆଇ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ଯେ, ଶ୍ରୀନଗରର ଆଇକନିକ ଡାଲ ହ୍ରଦରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଜଳକ୍ରୀଡା ପ୍ରତିଯୋଗିତାରେ ରଶ୍ମିତା ସ୍ୱର୍ଣ୍ଣ ପଦକ ବିଜୟୀ ଲାଭ କରିଥିଲେ। ବିଧାୟକ ରଶ୍ମିତାଙ୍କୁ ଭେଟି ତାଙ୍କ ମନୋବଳ ବଢାଇବା ସହିତ ଆଗାମୀ ଦିନରେ ଅନ୍ତର୍ଜାତୀୟସ୍ତରରେ ଭାରତର ସୁନାମ ଅର୍ଜନ କରିବା ପାଇଁ ପ୍ରେରଣା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତପୁର ୪୮ ନଂ. କର୍ପୋରେଟରଙ୍କ ପ୍ରତିନିଧି ନାଗେଶ୍ୱର ବେହେରା, ୪୯ନଂ ୱାର୍ଡ ସଭାପତି ନବକିଶୋର ସ୍ୱାଇଁ, କାଉନସିଲର ଆଶୁତୋଷ ଦାସ, ଚୌଦ୍ୱାର ନଗର ବିଜେଡି କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ଛାତ୍ର ସଭାପତି ଭରତ ସାହୁ, ବିଷ୍ଣୁ ଚରଣ ସାହୁଙ୍କ ସମେତ କ୍ରୀଡା ଅଧିକାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


ରଶ୍ମୀତା ସାହୁଙ୍କୁ ବିଧାୟକ ସୌଭିକ ବିଶ୍ୱାଳ ସମ୍ବର୍ଦ୍ଧିତ କରୁଛନ୍ତି।

## ଦଶମୀରେ ମହିଳାଙ୍କ ସିନ୍ଦୂର ଖେଳ ମୁଖ୍ୟ ଆକର୍ଷଣ




କଟକ,୪।୯(ଶିଳ୍ପା ପ୍ରିୟଦର୍ଶିନୀ)

**ସାଆନ୍ତ ସାହି ବଜ୍ରକବାଟୀ ପୂଜା କମିଟି**

ଶାରଦୀୟ ଦୁର୍ଗାପୂଜା ପାଇଁ ପ୍ରସ୍ତୁତିରେ ଲାଗି ପଡିଛନ୍ତି ପୂଜା କମିଟି କର୍ମକର୍ତ୍ତା। ଜଗତଜନନୀ ମା' ଦୁର୍ଗା ଧରାପୃଷ୍ଠକୁ ଧରାବତରଣ କରିବେ। ପୂଜା ପାଇଁ ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ସାଆନ୍ତ ସାହି ବଜ୍ରକବାଟୀ ପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଚଳିତବର୍ଷ ୨ଟି ଡିଜାଇନ ଏଲ୍‌ଇଡି ଲାଇଟ ଗେଟ୍ ନିର୍ମାଣ କରାଯିବ। ଏହାର ଉଚ୍ଚତା ୨୨ ଫୁଟ୍ ଓ ଚଉଡା ୪୦ଫୁଟ୍ ରହିବ। ଚଳିତବର୍ଷ ପୂଜା ବଜେଟ ୧୮ ଲକ୍ଷ ଟଙ୍କା ରଖାଯାଇଛି। ୮ଫୁଟ୍ ଉଚ୍ଚତା ବିଶିଷ୍ଟ ମା'ଙ୍କ ମୂର୍ତ୍ତି ନିର୍ମାଣରେ କଟକ କାଠଗଡା ସାହିର ବିଜୟ କୁମାର ମୁଦୁଲି ଏବଂ ସାଥୀମାନେ ତିଆରିରେ ଲାଗିଛନ୍ତି। ମା'ଙ୍କ ଜରି ମେଢ଼ ନିର୍ମାଣ ଚାଲିଛି। ବଙ୍ଗୀୟ ପରମ୍ପରାରେ ଏଠାରେ ପୂଜାର୍ଚ୍ଚନା କରାଯାଏ। ୧୯୬୦ରେ ସାଆନ୍ତ ସାହିରେ ଏକ ଚାଳ ଘରେ ହରପାର୍ବତୀଙ୍କ ପୂଜା କରାଯାଉଥିଲା। ୧୯୯୫ରୁ ସାଆନ୍ତ ସାହି ବଜ୍ରକବାଟୀ ମୁଖ୍ୟରାସ୍ତାରେ ପୂଜା ମଣ୍ଡପରେ ଶାରଦୀୟ ଦୁର୍ଗାପୂଜା କରାଯାଇ ଆସୁଛି। ମା'ଦୁର୍ଗାଙ୍କ ସୁନାର ଟିକ୍କା ଓ ନୋଥ ରହିଛି ଏବଂ ମା' ଦୁର୍ଗାଙ୍କ ସମେତ ପାର୍ଶ୍ୱ ଦେବଦେବୀଙ୍କ ୫୦ କେଜି ଓଜନର ଅଳଙ୍କାର ରହିଛି। ମହାଷ୍ଟମୀରେ ମହିଳାଙ୍କ ବ୍ରତ ପୂଜା କରାଯାଇଥାଏ। ଦଶମୀରେ ମା'ଙ୍କ ନିକଟରେ ୧ ହଜାର ମହିଳା ସିନ୍ଦୂର ଖେଳି ମା'ଙ୍କୁ ବିଦାୟ ଦେବେ ଏବଂ ୫୦୦ ଶ୍ରଦ୍ଧାଳୁଙ୍କ ପାଇଁ କମିଟି ପକ୍ଷରୁ ଦହି ପଖାଳ ଭୋଗ କରାଯାଇ ବଣ୍ଟାଯିବ। ଭସାଣିରେ ସାଲେପୁରର ବ୍ୟାଣ୍ଡ ପାର୍ଟି, ପୁରୀର ଘଣ୍ଟବାଦ୍ୟ, ଢେଙ୍କାନାଳର ସିଂହ ବାଜା ଓ ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବ।

**ପଲିଥିନ୍ ଓ ଡିଜେମୁକ୍ତ ପୂଜାକୁ ଗୁରୁତ୍ୱ**



" ଦଶହରା ପୂଜା ସମୟରେ କମିଟି ପକ୍ଷରୁ ମା'ଙ୍କ ପାଖରେ ପୂଜା ପାଇଁ ବ୍ୟବହାର କରାଯାଉଥିବା ପଲିଥିନକୁ ବାରଣ କରାଯିବ। ଏହାସହ ଭସାଣିରେ କେବଳ ହାତ ବାଜାକୁ ଗୁରୁତ୍ୱ ଦିଆଯାଇ ଡିଜେକୁ ସମ୍ପୂର୍ଣ୍ଣ ଭାବେ ବାରଣ କରାଯିବ।

**ସବ୍ୟ କୁମାର ବୋଷ, ସଭାପତି**

**ମହିଳାଙ୍କ ସିନ୍ଦୂର ଖେଳର ସ୍ୱତନ୍ତ୍ରତା ରହିଛି**



" ମା'ଙ୍କ ବିସର୍ଜନ ଦଶମୀ ଦିନ କରାଯାଏ ଏବଂ ଏକଦଶୀ ବା ଭସାଣି ଦିନ ମେଲାଣି ଦିଆଯାଇଥାଏ। ବିସର୍ଜନ ପରେ ୧ ହଜାର ମହିଳା ଏକାଠି ହୋଇ ସିନ୍ଦୂର ଖେଳି ମା'ଙ୍କୁ ବିଦାୟ ଦେଇଥାନ୍ତି। ଏହି ପରମ୍ପରା ପ୍ରତ୍ୟେକ ବର୍ଷ ପାଳନ କରାଯାଇ ଆସୁଛି।

**ଦୟାନିଧି ରାଉତ, ସମ୍ପାଦକ**

# ପ୍ରାକୃତିକ ସମ୍ପଦ ସଂରକ୍ଷଣ ପାଇଁ ଫସଲ ଘନିଷ୍ଠୀକରଣ ଆବଶ୍ୟକ

ଭୁବନେଶ୍ୱର,୪।୯(ସୌମ୍ୟରଞ୍ଜନ ରାଉତ): ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ ଭୁବନେଶ୍ୱର ଏବଂ ଭାରତୀୟ ଜଳ ପରିଚାଳନା ସମିତି ଓଡ଼ିଶା ଶାଖାର ମିଳିତ ଆନୁକୂଲ୍ୟରେ ଗୁରୁବାର ଜଳବାୟୁ ସ୍ମାର୍ଟ ଓ ପାରଦର୍ଶୀ ଜଳ ତଥା ପୋଷକ ପରିଚାଳନା ପାଇଁ ଫସଲ ଘନିଷ୍ଠୀକରଣ ବ୍ୟବସ୍ଥା ଉପରେ ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାରତୀୟ ଜଳ ଓ ମୃତ୍ତିକା ସଂରକ୍ଷଣ ପ୍ରତିଷ୍ଠାନ ଡେରାଡୁନ୍‌ର ପୂର୍ବତନ ନିର୍ଦ୍ଦେଶକ ଡ. ପ୍ରଶାନ୍ତ କୁମାର ମିଶ୍ର ଯୋଗଦେଇ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଫସଲ ଘନିଷ୍ଠୀକରଣ ଜଳ ଓ ପୋଷକର ଉପଯୋଗିତା ବଢ଼ାଇବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଓୟୁଏଟିର ସମ୍ପ୍ରସାରଣ ନିର୍ଦ୍ଦେଶକ ଡ. ପ୍ରସନ୍ନଜିତ ମିଶ୍ର ଯୋଗଦେଇ ଜଳବାୟୁ ପରିବର୍ତ୍ତନରେ ଅନିୟମିତତା ପରିପ୍ରେକ୍ଷୀରେ ଏଭଳି ଆଲୋଚନା ଚକ୍ରର ଆବଶ୍ୟକତା ଥିବା ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଓୟୁଏଟିସ୍ଥିତ କୃଷି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ହୃଷିକେଶ ପାତ୍ର ଦେଶର ପ୍ରାକୃତିକ ସମ୍ପଦ ସଂରକ୍ଷଣ ଓ ସଦୁପଯୋଗ ପାଇଁ ଫସଲ ଘନିଷ୍ଠୀକରଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅତିଥିଭାବେ ପ୍ରଗତି ସଂସ୍ଥାର ପ୍ରଭାକର ଅଧିକାରୀ, ସିଆଇଏଫ୍‌ଏସ୍ ବିଳାସପୁରର ଜାକବ ନୀଳିଥାନାମ୍ ଏବଂ ଆର୍‌ଆର୍‌ଏର ସବ୍ୟସାଚୀ ଦାସ ପ୍ରମୁଖ ଯୋଗଦେଇଥିଲେ। ସମ୍ମିଳନୀରେ ମୋଟ ୮ଟି ଥିମ ଥିବାବେଳେ ଦେଶ ବିଦେଶର ୨୦୦ରୁ ଅଧିକ ବୈଜ୍ଞାନିକ ତାଙ୍କ ଗବେଷଣା ଲବ୍ଧ ଜ୍ଞାନ ଉପରେ ବିଚାର ବିମର୍ଷ କରିଥିଲେ। ବିଭିନ୍ନ ରାଜ୍ୟର ୫୦ଥରୁ ଅଧିକ ସଫଳ ଚାଷୀ ଭାଗ ନେଇଥିଲେ। ଯୁବ ଗବେଷକଙ୍କ ପାଇଁ ପୋଷ୍ଟର ପ୍ରଦର୍ଶନୀ କରାଯାଇଥିଲା। ପ୍ରତିଷ୍ଠାନ ନିର୍ଦ୍ଦେଶକ ଡ. ଅର୍ଜମାଦତ୍ତ ଷଡଙ୍ଗୀ ସ୍ୱାଗତ ଭାଷଣ ଏବଂ ଭାରତୀୟ ଜଳ ପରିଚାଳନା ସମିତି ଓଡ଼ିଶା ଶାଖାର ସଚିବ ଡ. କାଳିକିଙ୍କର ବନ୍ଦୋପାଧ୍ୟାୟ ଧନ୍ୟବାଦ ଦେଇଥିଲେ।

# ୯ ବର୍ଷ ବିତିଲା, ହୋଇପାରିନି ଛାତ୍ରାବାସ ନିର୍ମାଣ

- ଜମି ଅଧିଗ୍ରହଣ ହୋଇପାରିନି
- ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ଟାଙ୍ଗୀ,୪।୯(ରଘୁନାଥ ସାହୁ)

ଗ୍ରାମାଞ୍ଚଳରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଭୁବନେଶ୍ୱର ଏମ୍ସ ପକ୍ଷରୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଗ୍ରାମୀଣ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ କେନ୍ଦ୍ର ଖୋଲିବା ପାଇଁ ୨୦୧୬ ମସିହାରେ ତତ୍କାଳୀନ ଉପରାଷ୍ଟ୍ରପତି ଭେଙ୍କେୟା ନାଇଡୁ ଘୋଷଣା କରିଥିଲେ। ଏମ୍ସର ଡାକ୍ତରୀ ଛାତ୍ରୀଛାତ୍ରମାନେ ରହିବା ପାଇଁ ଏକ ଛାତ୍ରାବାସ ପାଇଁ ୨୦କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ରାଜ୍ୟ ସରକାର ଛାତ୍ରାବାସ ପାଇଁ ୧ଟଙ୍କା ବିନିମୟରେ ୨ଏକର ଜମି ଯୋଗାଇଦେବା ପାଇଁ କ୍ୟାବିନେଟ ନିଷ୍ପତ୍ତି ନେବା ସହ ଜମି ଚିହ୍ନଟ କରିବା ପାଇଁ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ତହସିଲ କାର୍ଯ୍ୟାଳୟ ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟ ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠ ସଂଲଗ୍ନ ୧ଏକର ୯୬୦ ଡିସିମିଲ ଜମି ଚିହ୍ନଟ କରାଯାଇ ଜମିର ମୂଲ୍ୟାଙ୍କନ ସହ ଖୋର୍ଦ୍ଧା ଜିଲାପାଳଙ୍କ ନିକଟକୁ ପଠାଯାଇଥିଲା। ଏହାରି ମଧ୍ୟରେ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଛାତ୍ରାବାସ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ହୋଇପାରିନାହିଁ। ଫଳରେ ଦୀର୍ଘ ବର୍ଷ ଧରି ଡାକ୍ତରୀ ଛାତ୍ରମାନେ ଭଡ଼ାଘରେ ରହିବା ସହ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏମ୍ସର ଡାକ୍ତରୀ ଛାତ୍ରୀଛାତ୍ରମାନେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଛନ୍ତି, ହେଲେ ସେମାନଙ୍କ ରହିବା ପାଇଁ ଆବଶ୍ୟକ ସୁବିଧା ଯୋଗାଇ ଦିଆଯାଇପାରୁ ନାହିଁ। ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଟାଙ୍ଗୀ, ଚିଲିକା, ରଣପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଜନସାଧାରଣ ନିର୍ଭର କରିଥାନ୍ତି। ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇଁ କେନ୍ଦ୍ର ସରକାର ଆନୁସଙ୍ଗିକ ସୁବିଧା ଘୋଷଣା କରୁଥିବା ବେଳେ ରାଜ୍ୟ ସରକାର ୯ ବର୍ଷ ମଧ୍ୟରେ ଜମି ଯୋଗାଇ ପାରିନାହାନ୍ତି। ଏହା ମଧ୍ୟରେ ଭାଜପା ସରକାର ଆସିବାର ୧୪ ମାସ ହେଲାଣି କିନ୍ତୁ ଜିଲା ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା ହୋଇପାରୁନାହିଁ। ଖୋର୍ଦ୍ଧା ଜିଲାପାଳ ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଶୌଚାଳୟ ସ୍କାଏଲାଇଟ୍ ଭାଙ୍ଗି ଗିରଫ ଅଭିଯୁକ୍ତ ଫେରାର

ବାଲିପାଟଣା,୪।୯(ଅଭିମନ୍ୟୁ ନାୟକ)

ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଶୌଚାଳୟ ସ୍କାଏଲାଇଟ୍ ଭାଙ୍ଗି ଫେରାର ଗିରଫ ଅଭିଯୁକ୍ତଙ୍କୁ ଦୀର୍ଘ ୩ଘଣ୍ଟା ଖୋଜାଖୋଜି ପରେ ଠାବ କରିଛି ପୋଲିସ। ଗିରଫ ଅଭିଯୁକ୍ତ ହେଲେ ବନ୍ତପୁର ଗ୍ରାମର ଦେବବ୍ରତ ଜେନା। ଗୁରୁବାର ଅପରାହ୍ନରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ବାଲିପାଟଣା ଥାନା ଅଧିକାରୀ ସୂର୍ଯ୍ୟାଂଶୁ ଶେଖର ପାଢ଼ୀ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ବିବାହ ପ୍ରତିଶ୍ରୁତି ପରେ ପ୍ରତାରଣା ନେଇ ଜଣେ ମହିଳା ବାଲିପାଟଣା ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୪୧୯/୨୫) ରୁଜୁକରି ଘଟଣାର ତଦନ୍ତ ଚଳାଇବା ସହ ବୁଧବାର ଅଭିଯୁକ୍ତ ଦେବବ୍ରତଙ୍କୁ ଗିରଫ କରିଥିଲା। ଗୁରୁବାର ତାଙ୍କୁ କୋର୍ଟଚାଲାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସେଠାରେ ଅଭିଯୁକ୍ତ ଶୌଚାଳୟକୁ ଯାଇଥିଲେ। ତେବେ ସେ ଶୌଚାଳୟରୁ ବାହାରକୁ ଆସିବାରେ ବିଳମ୍ବ ହେବାରୁ ପୋଲିସର ସନ୍ଦେହ ହୋଇଥିଲା। ଶୌଚାଳୟ କବାଟ ଭାଙ୍ଗି ଦେଖିବା ବେଳକୁ ସ୍କାଏଲାଇଟ ଭାଙ୍ଗି ଅଭିଯୁକ୍ତ ଫେରାର ହୋଇଯାଇଥିଲା। ଏହା ପରେ ପୋଲିସ ଆଖପାଖ ଅଞ୍ଚଳରେ ଖୋଜାଖୋଜି ଆରମ୍ଭ କରିଥିଲା। ପ୍ରାୟ ୩ଘଣ୍ଟା ପରେ ଡାକ୍ତରଖାନା ନିକଟ କୁଶଭଦ୍ରା ନଦୀପଠା ଲଟା ଭିତରୁ ଅଭିଯୁକ୍ତ ଦେବବ୍ରତଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇଥିଲା।

**୩ ଘଣ୍ଟା ପରେ ଧରିଲା ପୋଲିସ**



# ସଫଳତା ହାସଲ ପାଇଁ ଶିକ୍ଷାର୍ଥୀ ଚାପମୁକ୍ତ ହେବା ଆବଶ୍ୟକ



ବାଲୁଗାଁ ମହାବିଦ୍ୟାଳୟର ୪୫ତମ ପ୍ରତିଷ୍ଠା ଦିବସ ସମାରୋହରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟ ଅତିଥି।

ବାଲୁଗାଁ,୪।୯(ସଂଗ୍ରାମ ପାଇକରାୟ)

ଛାତ୍ରୀଛାତ୍ରମାନେ ସମ୍ପ୍ରତି ଚାପମୁକ୍ତ ହୋଇ ଅଧ୍ୟୟନ କଲେ ସଫଳତାର ଶିଢ଼ି ଚଢ଼ିପାରିବେ ବୋଲି ଗୁରୁବାର ବାଲୁଗାଁ ମହାବିଦ୍ୟାଳୟର ୪୫ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଏଥିସହ ମହାବିଦ୍ୟାଳୟର ଗୁଣାତ୍ମକ ବିକାଶ କ୍ଷେତ୍ରରେ ପୁରାତନ ଛାତ୍ରୀଛାତ୍ରମାନେ ଯୋଡ଼ି ହେବା ଆବଶ୍ୟକ ବୋଲି ମନ୍ତ୍ରୀ କହିଥିଲେ। ଏହି ପ୍ରତିଷ୍ଠା ଦିବସ ସମାରୋହରେ ସମ୍ମାନିତ ଅତିଥିଭାବେ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ଚିଲିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ବେହେରା, ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷା କସ୍ତୁରୀ ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ କୈଳାସ ଚନ୍ଦ୍ର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବତନ ଅଧ୍ୟକ୍ଷା କସ୍ତୁରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ମହାବିଦ୍ୟାଳୟରେ ନିରବଚ୍ଛିନ୍ନ ଭାବେ ପଚିଶ ବର୍ଷ ପୂରଣ କରିଥିବା ଅଧ୍ୟାପକ ସୁବ୍ରତ କୁମାର ତ୍ରିପାଠୀ, ବିଦ୍ୟାଧର ଝୁଝାରସିଂହ, ପ୍ରବୀଣ କୁମାର ଜେନା ଓ ମୃଡାନୀ ଶଙ୍କର ପ୍ରସାଦ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟ ବିଭିନ୍ନ ବିଭାଗର ମେଧାବୀ ଛାତ୍ରୀଛାତ୍ରଙ୍କ ସମେତ ଏନ୍‌ସିସି କ୍ୟାଡେଟ୍, ଏନ୍‌ଏସ୍‌ଏସ୍ ଓ ଯୁବ ରେଡ୍‌କ୍ରସର ଶ୍ରେଷ୍ଠ ସ୍ୱେଚ୍ଛାସେବୀଙ୍କୁ ପୁରସ୍କାର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁକ୍ତ୨ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ।

# କୁମାରପୁରରେ ପୁସ୍ତକ ବଣ୍ଟନ

କୃଷ୍ଣପ୍ରସାଦ,୪।୯(କୈଳାସ ଚନ୍ଦ୍ର ପଟ୍ଟନାୟକ): କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କୁମାରପୁର ଗ୍ରାମର ଗଣେଶ ପୂଜା ମଣ୍ଡପଠାରେ ଚଉଦଦେଶ କର୍ମଚାରୀ ସେବା ସଂଘ ରମ୍ଭା ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଶିକ୍ଷଣ ସହାୟକ ପୁସ୍ତକ ବଣ୍ଟନ କରାଯାଇଛି। କର୍ମଚାରୀ ସେବାସଂଘର ଉପସଭାପତି ହରେକୃଷ୍ଣ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା, ସମ୍ମାନିତ ଅତିଥିଭାବେ ଶିକ୍ଷକ ସୁରେନ୍ଦ୍ର ବେହେରା, ଚିନ୍ତାମଣି ବେହେରା, ଚିତ୍ରସେନ ଦାସ, କୁନିଲତା ବେହେରା, ମୁଖ୍ୟ ବକ୍ତାଭାବେ ବରିଷ୍ଠ ପ୍ରଧାନ ଶିକ୍ଷକ ଦିଲୀପ ବେହେରା ପ୍ରମୁଖ ଯୋଗଦେଇଥିଲେ। କୁମାରପୁର ଗ୍ରାମର ଅଧ୍ୟୟନରତ ଷଷ୍ଠ ଓ ସପ୍ତମ ଶ୍ରେଣୀର ୪୦ଜଣ ଛାତ୍ରୀଛାତ୍ରଙ୍କୁ ପୁସ୍ତକ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମକୁ ଶିକ୍ଷକ ଶେଷଦେବ ବେହେରା ଓ ସମୀର କୁମାର ଅଧିକାରୀ ପରିଚାଳନା କରିଥିବା ବେଳେ ପ୍ରଦୀପ କୁମାର ବେହେରା ଓ ବିନୋଦ ବେହେରା ସହଯୋଗ କରିଥିଲେ। ମୋଚିରାମ ବେହେରା, ଦୀପକ ଦାସ, ବିଶେଶ୍ୱର ଜୟସିଂ, ଅଶୋକ ବେହେରା, ସଞ୍ଜୟ ଦାସ, ସୁରେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଦରମା ମିଳି ନ ଥିବାରୁ କୁଳପତିଙ୍କୁ ଘେରିଲେ କର୍ମଚାରୀ

ଭୁବନେଶ୍ୱର,୪।୯(ସୁଚିସ୍ମିତା ସାହୁ): ଉତ୍କଳ ବିଶ୍ୱବିଦ୍ୟାଳୟରେ ଠିକା କର୍ମଚାରୀଙ୍କ ପରେ ନିୟମିତ କର୍ମଚାରୀଙ୍କୁ ମଧ୍ୟ ଦରମା ମିଳୁ ନ ଥିବା ଅଭିଯୋଗ ହୋଇଛି। ଅଗଷ୍ଟ ମାସର ଦରମା ୧ ତାରିଖରେ ମିଳିବାକୁ ଥିଲେ ସୁଦ୍ଧା ଏଯାବତ ମିଳି ନ ଥିବାରୁ କର୍ମଚାରୀମାନେ ଗୁରୁବାର କୁଳପତିଙ୍କୁ ଘେରାଉ କରିଥିଲେ। କର୍ମଚାରୀମାନେ ଦୀର୍ଘ ଦୁଇରୁ ଅଢ଼େଇ ଘଣ୍ଟା ପର୍ଯ୍ୟନ୍ତ ସେଠାରେ ହୋହଲ୍ଲା କରିବା ସହିତ ତୁରନ୍ତ ଦରମା ପ୍ରଦାନ କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କ ତଥ୍ୟ ସରକାର ମାଗିଥିଲେ। ହେଲେ ଏଷ୍ଟାବ୍ଲିସ୍‌ମେଣ୍ଟ ସେକ୍ସନ୍ ପକ୍ଷରୁ ତଥ୍ୟ ଦିଆଯାଇ ନ ଥିବାରୁ ଠିକା କର୍ମଚାରୀଙ୍କୁ ଦରମା ପ୍ରଦାନ କରାଯାଇନାହିଁ। କାର୍ଯ୍ୟରେ ଅବହେଳା ପାଇଁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପୂର୍ବକ ଦରମା ପ୍ରଦାନ କରାଯାଇ ନ ଥିବା ସୂଚନା ମିଳିଛି।

# ଛାତ୍ରୀଛାତ୍ରଙ୍କୁ ମୋବାଇଲ ମନା, ଜାରି ହେଲା ନୋଟିସ

ବାଲକାଟୀ, ୪।୯(ମନୋଜ ମଣ୍ଡଳ): ବାଲକାଟୀସ୍ଥିତ ପ୍ରତାପ ଶାସନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଶୈକ୍ଷିକ ବାତାବରଣ ବଜାୟ ରଖିବା ପାଇଁ ମୋବାଇଲ ବାରଣ କରାଯାଇଛି। ଏନେଇ ଗୁରୁବାର କଲେଜ ଅଧ୍ୟକ୍ଷାଙ୍କ ଦସ୍ତଖତରେ ଏକ ନୋଟିସ ଜାରି ହୋଇ ବୋର୍ଡରେ ମରାଯାଇଛି। ନୋଟିସରେ ଯୁକ୍ତ୨ ଛାତ୍ରୀଛାତ୍ରଙ୍କୁ କଲେଜ ପରିସରକୁ ମୋବାଇଲ ଆଣିବା ବାରଣ ହୋଇଛି। ଏଥିସହ ଯଦି କେହି ମୋବାଇଲ ଆଣି ଧରାପଡନ୍ତି ତେବେ ତାଙ୍କ ଅଭିଭାବକ ୧ଶହ ଟଙ୍କା ଜରିମାନା ଦେବେ। ଏଥିସହ ଏକ ଅଣ୍ଡରଟେକିଂ ଦେଇ ଫୋନ କଲେଜ କର୍ତ୍ତୃପକ୍ଷଙ୍କଠାରୁ ନେବେ ବୋଲି ସୂଚନା ଦିଆଯାଇଛି।

# କଂଗ୍ରେସର 'ସଙ୍ଗଠନ ସୃଜନ ଅଭିଯାନ'

ବାଲିପାଟଣା,୪।୯(ଅଭିମନ୍ୟୁ ନାୟକ): ବାଲିପାଟଣା କଂଗ୍ରେସ ସଙ୍ଗଠନ ପକ୍ଷରୁ ଗୁରୁବାର ବିଶ୍ୱନାଥପୁରସ୍ଥିତ କ୍ରିଷ୍ଣା ସଭାଗୃହରେ 'ସଙ୍ଗଠନ ସୃଜନ ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଂଯୋଜକ ବଟକୃଷ୍ଣ ରାଉତରାୟଙ୍କ ନେତୃତ୍ୱରେ ଗୁଜରାଟର ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ବିମଲ ଶାହା ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ସଙ୍ଗଠନକୁ ସୁଦୃଢ଼ କଲେ ଆଗାମୀ ନିର୍ବାଚନରେ ଦଳ ଭଲ ପ୍ରଦର୍ଶନ କରି ଶାସନ କରିବ। ଦିଲ୍ଲୀରୁ ବାଲିପାଟଣା ସଙ୍ଗଠନ ସହିତ ସିଧାସଳଖ ସଂଯୋଗ ରହିବ ବୋଲି କହିଥିଲେ। ରାଜୀବ ପଟ୍ଟନାୟକ, ବିଶ୍ୱରଞ୍ଜନ ପଣ୍ଡା, ଜାନକୀ ବଲ୍ଲଭ ପଟ୍ଟନାୟକ, ଯୋଗୀ ବାହୁବଳେନ୍ଦ୍ର, ମିଳନ ପଟ୍ଟନାୟକ, ରସିକ ପଟ୍ଟନାୟକ, ଜୟଶ୍ରୀ ପଟ୍ଟନାୟକ, ଶୈଳେନ୍ଦୁ ଦାସ, ସନ୍ଦୀପ ରାଉତରାୟ ପ୍ରମୁଖ ଯୋଗଦେଇ ମତ ରଖିଥିଲେ। କାର୍ଯ୍ୟକ୍ରମରେ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।


**OFFICE OF THE PRINCIPAL**
**PANCHAYAT SAMITI HIGHER SECONDARY SCHOOL, MURIBAHAL, DIST.: BALANGIR (ODISHA), PIN - 767037**
Ph.: 06655-272070(O), Cell No.: 9437367435 (Prin)
E-mail id: psjuniorcollegemuribahal@gmail.com
CHSE Code: BA22 SAMS Code: 05134101
Ref. No. 119/PSHSS/2025 Date: 04.09.2025

**WALK-IN-INTERVIEW**

An interview for the post of Lecturer-in-History (Guest Faculty), Lecturer-in-Commerce (Self Finance), Lecturer-in-Political Science (Self Finance) and a Sweeper (Self Finance) is scheduled to be held in Panchayat Samiti Higher Secondary School, Muribahal on Dt.12.09.2025 at 11.00 A.M. to 2.00 P.M. Interested candidates for said Lecturer post having at least 55% of marks in Post Graduation level may attend the interview. Preference will be given to the B.Ed. candidates.
**N.B.:** No TA, DA will be given to the applicants.
**Contact No.: 9437367435**
Sd./- Principal-cum-Secretary
P.S. Higher Secondary School, Muribahal



**''छत्तीसगढ़ शासन, वन एवं जलवायु परिवर्तन विभाग'', धमतरी वनमंडल, धमतरी**

**काष्ठागार नगरी का ई-ऑक्सन का संक्षिप्त विज्ञापन**

सर्व साधारण को सूचनार्थ प्रकाशित किया जाता है, कि धमतरी वनमंडल धमतरी के अन्तर्गत नगरी काष्ठागार में संग्रहित ईमारती काष्ठ, जलाऊ एवं बल्ली का ई-ऑक्सन द्वारा निर्वर्तन निम्मानुसार किया जावेगा। इच्छुक बोलीदारों से अनुरोध है, कि वे ई-ऑक्सन में भाग लेवें। ई-ऑक्सन की शर्ते एवं अन्य जानकारी कार्यालयीन दिवस व समय पर वनमंडल कार्यालय/वन काष्ठागार नगरी से प्राप्त की जा सकती है।

नीलाम दिनांक - 10 सितम्बर 2025
नीलाम समय - प्रातः 09.00 बजे से

| प्रजाति | नया वनोपज | | अविक्रित वनोपज | | योग वनोपज | |
|---|---|---|---|---|---|---|
| | ईमारती (घ.मी.) | बल्ली डेंगरी (नग) | ईमारती (घ.मी.) | बल्ली डेंगरी (नग) | ईमारती (घ.मी.) | बल्ली डेंगरी (नग) |
| सागौन | 155.178 | 2450 | 265.990 | 3988 | 421.168 | 6438 |
| साल | 134.342 | - | 411.982 | 71 | 546.324 | 71 |
| साजा | 40.412 | - | 176.010 | 29 | 216.422 | 29 |
| बीजा | 22.106 | - | 85.276 | - | 107.382 | - |
| तिन्सा | 0.500 | - | 16.052 | - | 16.552 | - |
| हल्दू/गुण्डी/खम्हार | - | - | 79.161 | - | 79.161 | - |
| सलई/मोयन | 0.300 | - | - | - | 0.300 | - |
| धावड़ा | 30.021 | - | 94.418 | - | 124.439 | - |
| कर्रा/सेन्हा/अन्य | 45.019 | - | 232.671 | 186 | 277.690 | 186 |
| योग | **427.878** | **2450** | **1361.560** | **4274** | **1789.438** | **6724** |

**नीलाम में प्रस्तावित वनोपज की अनुमानित मात्रा**

टीप: (1) क्रेताओं को ई-ऑक्सन के पूर्व एम.एस.टी.सी. ई-कार्मस पोर्टल में रजिस्ट्रेशन करना अनिवार्य हैं।
(2) क्रेताओं को ई-ऑक्सन के पूर्व क्रय लॉटों के अपसेट प्राईज मूल्य के 10 प्रतिशत की राशि अपने वॉलेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
(3) लॉट की थप्पी सूची एवं फोटो एम.एस.टी.सी. ई-कार्मस पोर्टल में अपने आईडी से लॉगइन करके देख सकते है।
(4) इ-ऑक्सन में लॉट क्रय के पश्चात् प्रथम क्रेता को 40 सेकंड का समय प्राप्त होगा उसी लॉट में अन्य क्रेताओं द्वारा 40 सेकंड के पूर्व क्रय करने पर 30 सेकंड का समय प्राप्त होगा।

फोन: 07722-238371, फैक्स: 07722-236137
G-252603224/2
स्वा./- वनमंण्डलाधिकारी, धमतरी वनमंडल, धमतरी



**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଟିଆରଡି-କେଜିପି-ଡବ୍ଲ୍ୟୁ-୨୦୨୫-୨୬-୦୨ଆରଟି୨, ତାରିଖ: ୦୩.୦୯.୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ଡିଇଇ/ଟିଆରଡି, ଦକ୍ଷିଣ ପୂର୍ବ ରେଳପଥ, ଖଡ୍ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯେଉଁଗୁଡ଼ିକୁ ୧୫.୩୦ ଘଟିକାରେ ଖୋଲାଯିବ । **କାର୍ଯ୍ୟର ବର୍ଣ୍ଣନା:** ସାନ୍ତ୍ରାଗାଛି: ସାନ୍ତ୍ରାଗାଛି କୋଚିଂ ୟାର୍ଡର ରିସେପ୍ସନ୍ ୟାର୍ଡଠାରେ ୦୨ ଗୋଟି ଲାଇନ୍‌ର ଦୈର୍ଘ୍ୟ ପରିବର୍ଦ୍ଧନ କରିବା ସହିତ ପୂର୍ଣ୍ଣ ଦୈର୍ଘ୍ୟ ଏଲ୍‌ଏଚ୍‌ବି ରେକ୍‌ଗୁଡ଼ିକର ପରୀକ୍ଷା ପାଇଁ ଆବଶ୍ୟକ ଜରୁରୀ ଭିତ୍ତିଭୂମିର ବ୍ୟବସ୍ଥା କରିବା (ରିସେପ୍ସନ୍ ୟାର୍ଡ ସାନ୍ତ୍ରାଗାଛିଠାରେ ସିଏଟି କାର୍ଯ୍ୟ ସହିତ ୦୪ ଗୋଟି ଷ୍ଟାବଲିଂ ଲାଇନ୍ ଓ ୦୩ ଗୋଟି ପିଟ୍ ଲାଇନ୍) । **ଟେଣ୍ଡର ମୂଲ୍ୟ:** ₹୮୭,୨୧,୦୧୮ । **ଇଏମ୍‌ଡି:** ₹୧,୭୪,୪୦୦ । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ୍ୟ। **ଖୋଲାଯିବା ତାରିଖ:** ତା୨୫.୦୯.୨୦୨୫ରିଖ । **ସମାପ୍ତି ଅବଧି:** ୧୨ (ବାର) ମାସ । **ଦାଖଲର ତାରିଖ:** ତା୨୫.୦୯.୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । (PR-595)



**इंडियन बैंक Indian Bank** — इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତ ନଗର, କଟକ-୭୫୩୦୧୪
zocuttack@indianbank.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
(ସମ୍ପତ୍ତିଗୁଡିକ ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍)

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ. ୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସମ୍ପତ୍ତିଗୁଡିକର ବିକ୍ରୟ

ଇଣ୍ଡିଆନ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତ ସୁଧ ଆଦାୟକକରଣ ପାଇଁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗକରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। **ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍ https://www.ebkray.in (https://baanknet.com)**

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ / ସମ୍ପତ୍ତି ଆଇଡ଼ି ନଂ. | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ / ବକେୟା ପରିମାଣ/ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ବର୍ତ୍ତନା ଶାଖା /** ଋଣଗ୍ରହୀତା: **ଶ୍ରୀମତୀ ତପସ୍ୱିନୀ ପଣ୍ଡା,** ସ୍ୱାମୀ: ରମେଶ ଚନ୍ଦ୍ର ପଣ୍ଡା / **ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ରମେଶ ଚନ୍ଦ୍ର ପଣ୍ଡା,** ପିତା: ଯୁଧିଷ୍ଠିର ପଣ୍ଡା, ଉଭୟଙ୍କ ଠିକଣା- ସା: ତୁମ୍ବାପଦୀ, ପୋ: ବର୍ତ୍ତନା, ଥାନା: ଅଗରପଡା, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୧୧୫ | **ରମେଶ ଚନ୍ଦ୍ର ପଣ୍ଡା,** ପିତା: ଯୁଧିଷ୍ଠିର ପଣ୍ଡାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୦/୯୦, ପ୍ଲଟ୍ ନଂ.: ୪୦୩/୫୧୯/୫୨୨, କ୍ଷେତ୍ର: ଏକର୦.୧୦ ଡିସିମିଲି, ପ୍ରକାର: ଘରବାରି, ମୌଜା: ତୁମ୍ବାପଦୀ, ଥାନା: ଖଇରା, ଥାନା ନଂ. ୩୭, ତହସିଲ: ଖଇରା, ଜିଲ୍ଲା: ବାଲେଶ୍ୱର-୭୫୬୧୧୫, ଓଡ଼ିଶା, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ରମେଶ ଚନ୍ଦ୍ର ପଣ୍ଡାଙ୍କ ପ୍ଲଟ୍ ନଂ. ୪୦୩/୫୧୯ର ଅବଶିଷ୍ଟ କ୍ଷେତ୍ର, ଦକ୍ଷିଣ: ରାସ୍ତା, ପୂର୍ବ: ନୃସିଂହ ପଣ୍ଡା, ପଶ୍ଚିମ: ରମେଶ ଚନ୍ଦ୍ର ପଣ୍ଡାଙ୍କ ପ୍ଲଟ୍ ନଂ. ୪୦୩/୫୧୯ର ଅବଶିଷ୍ଟ କ୍ଷେତ୍ର / **ସମ୍ପତ୍ତି ଆଇଡ଼ି ନଂ.: IDIB11951314800T** | ୧୯.୦୯.୨୦୨୪ / ୧୦.୧୨.୨୦୨୪ / ୦୪.୦୯.୨୦୨୫ ସୁଦ୍ଧା ଟ.୨୭,୬୩,୨୯୦.୦୦ + ଆଦାୟକରଣ ତାରିଖ ପର୍ଯ୍ୟନ୍ତ ପ୍ରର୍ଯ୍ୟୁଜ୍ୟ ହାରରେ ପରବର୍ତ୍ତି ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ସାଙ୍କେତିକ | ଟ.୨୨,୮୭,୦୦୦/- / ଟ.୨,୨୯,୦୦୦/- / ଟ.୫୦,୦୦୦/- |

ଇ-ନିଲାମ ତାରିଖ ଏବଂ ସମୟ : ତା.୨୪.୦୯.୨୦୨୫ରିଖ (ବୁଧବାର), ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା

ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା.୨୩.୦୯.୨୦୨୫ରିଖ, ରାତ୍ର ୧୧.୦୦ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ)

ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ: ତା.୧୦.୦୯.୨୦୨୫ରିଖ ଠାରୁ ତା.୨୦.୦୯.୨୦୨୫ରିଖ, ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ

ବିଡ୍‌ରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ୍‌ରେ ଭାଗ ନେବାକୁ ଆମ୍ଭର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ **https://www.ebkray.in (https://baanknet.com)** ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦ କୁ କଲ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମଡି ସ୍ଥିତି ପାଇଁ support.ebkray@psballiance.com କୁ ଇମେଲ କରନ୍ତୁ। ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ: **https://www.ebkray.in (https://baanknet.com)** ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd., ଯୋଗାଯୋଗ ନଂ. ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ। **https://www.ebkray.in (https://baanknet.com)** ୱେବସାଇଟ୍‌ରେ ସମ୍ପତ୍ତି ଖୋଜିବାବେଳେ ଉପରୋକ୍ତ ସମ୍ପତ୍ତି ଆଇଡ଼ି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।
ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।

ତାରିଖ: ୦୪.୦୯.୨୦୨୫, ସ୍ଥାନ: କଟକ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ



**CENTRE FOR DISTANCE AND ONLINE EDUCATION (CDOE)**
**FAKIR MOHAN UNIVERSITY (OLD CAMPUS), JANUGANJ**
VYASA VIHAR, BALASORE - 756019

**ADMISSION NOTIFICATION: 2025-2026**

Letter No. FMU/CDOE-Admission-02/2025/6806 Date; 04.09.2025
Applications are invited from eligible candidate for admission into the following UGC approved programmes **(UG & PG)** under ODL mode for the Academic year **2025-2026**. Academic Session beginning July - August, 2025 and onwards.
**Opening Date: 08.09.2025** **Closing Date: 15.10.2025**

**COURSES OFFERED**

| Post - Graduate (PG) Programmes | | | Under Graduate (UG) Programmes | | |
|---|---|---|---|---|---|
| PG Courses | Duration | Eligibility | UG Courses | Duration | Eligibility |
| MA in Odia | 2 Years | Any Graduate | B.A. in Odia (Hons) | 4 Years | +2/ Intermediate |
| MA in English | 2 Years | Any Graduate | B.A. in English (Hons) | 4 Years | +2/ Intermediate |
| MA in Sanskrit | 2 Years | Any Graduate | B.A. in Sanskrit (Hons) | 4 Years | +2/ Intermediate |
| MA in Economics | 2 Years | Any Graduate | B.A. in Economics (Hons) | 4 Years | +2/ Intermediate |
| MA in Political Science | 2 Years | Any Graduate | B.A. in Pol. Sc. (Hons.) | 4 Years | +2/ Intermediate |
| MA in History | 2 Years | Any Graduate | B.A. in Hist (Hons) | 4 Years | +2/ Intermediate |
| MA in Sociology | 2 Years | Any Graduate | B.A. in Sociology (Hons) | 4 Years | +2/ Intermediate |
| MA in Social Work | 2 Years | Any Graduate | BBA | 4 Years | +2/ Intermediate |
| MA in Education | 2 Years | Any Graduate | B.A. in Education (Hons) | 4 Years | +2/ Intermediate |
| Master in Commerce | 2 Years | Any Graduate | B. Com | 4 Years | +2/ Intermediate |
| MLIS | 1 Year | Any Graduate | BLIS | 1 Year | +2/ Intermediate |

**Regular PG/UG continuing students are also eligible for applying for admission in above ODL Programmes under dual degree mode.**
**Admission Procedure:** Visit the website at **https://fmuniversity.in** and Click on **"Admission to Distance Mode (ODL) Programme for the Academic Year 2025-2026"** link for detail information. By paying the application fee **Rs.600/-** through online, the Candidates can apply online through google link by filling up the given criteria for consideration of the admission into concerned programme by **15.10.2025**. For online payment of application fees visits the website or Pay online through google link: **https://octopod.co.in/academy/forms/17c5197fb88140144ce427a8282238f7**.

**Contact Time: 10.30 A.M. - 5.00 P.M.**
**Contact No.: 7008555647 / 7854009290 / 9439515579 / 9853651156 / 9650226218 / 7735141681**
Sd./- Director

**୮୬.୯ ଲିଟର ବିଦେଶୀ ମଦ ଜବତ,ଜଣେ ଗିରଫ**

ତିଗିରିଆ,(ଜାଫର ଖାଁ) : ତିଗିରିଆ ଥାନା ଅନ୍ତର୍ଗତ ଅଚଳକୋଟ ପଞ୍ଚାୟତ ହରିଡାପଶି ଗ୍ରାମରେ ବେଆଇନ ବିଦେଶୀ ମଦ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଏନେଇ ତିଗିରିଆ ପୋଲିସ ଗୁରୁବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଉଛନ୍ତି ଉକ୍ତ ଅଞ୍ଚଳର ନିର୍ମଳ ରାଉତ ଓରଫ ତୋଫାନ (୩୮)। ତୋଫାନଙ୍କଠାରୁ ବିଦେଶୀ ମଦ ୮୬.୯ ଲିଟର ଜବତ କରାଯିବା ସହ ମଦ ରଖାଯାଇଥିବା ଡିପ୍ ଫ୍ରିଜରକୁ ଜବତ କରାଯାଇଛି। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ. ୧୭୦/୨୫)ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି।

# ଭାଷାବିତ୍‌ଙ୍କ ଜୟନ୍ତୀ ପାଳିତ

ବାଙ୍କୀ,୪।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ ପଥୁରୀପଡାଠାରେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ତରଫରୁ ବିଶିଷ୍ଟ ଭାଷାବିତ୍ ତଥା ଶିଳାଲିପି ଗବେଷକ ସ୍ୱର୍ଗତ ଡ. କୁଞ୍ଜବିହାରୀ ତ୍ରିପାଠୀଙ୍କ ୧୧୫ତମ ଜନ୍ମଜୟନ୍ତୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସୁନୀଲ କୁମାର ମିଶ୍ର ସଭାପତିତ୍ୱ କରି ଡ. ତ୍ରିପାଠୀ ଜଣେ ଭାଷାବିତ୍, ଗବେଷକ, ସୁନାମଧନ୍ୟ ସଂସ୍କୃତ ଅଧ୍ୟାପକ ଭାବେ ଜଣାଶୁଣା ବୋଲି କହିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ବାଙ୍କୀ କଲେଜର ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ କାମଦେବ ମହାପାତ୍ର, ହୃଦାନନ୍ଦ ପ୍ରହରାଜ, ଧନେଶ୍ୱର ବଳିଆର ସିଂହ ପ୍ରମୁଖ ଯୋଗଦେଇ ଡ. ତ୍ରିପାଠୀ ପ୍ରାଚୀନ ଅଭିଲେଖାଗୁଡିକର ଉଦ୍ଧାର କରି ଗବେଷଣମୂଳକ ତଥ୍ୟ ପ୍ରକାଶ କରିଥିଲେ ବୋଲି କହିଥିଲେ। ଏହି ଅବସରରେ ତାଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଭାରିଯାନ ଯାତାୟାତରୁ ରାସ୍ତା ଶୋଚନୀୟ

- ଅସୁବିଧା ଭୋଗୁଛନ୍ତି ଛାତ୍ରୀଛାତ୍ର, ଜନସାଧାରଣ
- ଖାଲଖମାରେ ପରିପୂର୍ଣ୍ଣ

ତିଗିରିଆ, ୪।୯(ଜାଫର ଖାଁ)

ତିଗିରିଆ ବ୍ଲକ ଭୋଗଡା ପଞ୍ଚାୟତ ଅନ୍ତର୍ଗତ ଭେଜିଆସ୍ଥିତ ଖଣିଖାଦନରୁ ପ୍ରତିଦିନ ଶତାଧିକ ଭାରିଯାନରେ କଳାମୁଗୁନି ପଥର ଚାଲାଣ ହେଉଛି। ଏଥିଯୋଗୁ ଗ୍ରାମ୍ୟ ଉନ୍ନୟନ ରାସ୍ତା ଅବସ୍ଥା ଶୋଚନୀୟ ହୋଇଯାଇଛି। ଫଳରେ ସ୍ଥାନୀୟ ଲୋକେ ଓ ସ୍କୁଲ ଛାତ୍ରୀଛାତ୍ରମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଖବରରୁ ପ୍ରକାଶ ଯେ, ଭେଜିଆ ଅଞ୍ଚଳରେ ଥିବା ଖଣିରୁ ପ୍ରତିଦିନ ହାଇୱା ଓ ଅନ୍ୟାନ୍ୟ ଭାରିଯାନ ଯୋଗେ ଭେଜିଆ–ଜେମାଦେଇପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାରେ କଳାମୁଗୁନି ପଥର ଚାଲାଣ ହେଉଛି। ଫଳରେ ଉକ୍ତ ରାସ୍ତାର ଅନେକ ସ୍ଥାନରେ ଖାଲ ଓ ବଡ଼ ଗାଡ଼ ହୋଇଯାଇଛି। ବର୍ଷାଦିନେ ଏହି ରାସ୍ତା ପାଣି କାଦୁଅରେ ପରିପୂର୍ଣ୍ଣ ହୋଇଯାଇଛି।



ଖଜୁରିଆପଦାଠାରେ କାଦୁଅରେ ପରିପୂର୍ଣ୍ଣ ରାସ୍ତା।

ଫଳରେ ରାସ୍ତା ସଂଲଗ୍ନ ଖଜୁରୀପଦା, ନୁଆସାହିର ଲୋକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ଶୁଖିଲା ପାଗରେ ମଧ୍ୟ ଧୂଳି ଉଡୁଛି। ଖଜୁରୀପଦାଠାରେ ଏକ ପ୍ରାଥମିକ ବିଦ୍ୟାଳୟ ବିଦ୍ୟାଳୟ ଅଛି। ରାସ୍ତା ଅବସ୍ଥା ଖରାପ ଥିବାରୁ କୁନିକୁନି ଛାତ୍ରୀଛାତ୍ରମାନେ ସ୍କୁଲ ଗଲାବେଳେ ହନ୍ତସନ୍ତ ହେଉଛନ୍ତି। ସାଇକେଲ ଓ ବାଇକ୍‌ରେ ମଧ୍ୟ ଉକ୍ତ ରାସ୍ତାରେ ଯାତାୟାତ କରିବା କଷ୍ଟକର ହୋଇଯାଉଛି। ବହୁ ସମୟରେ ଲୋକେ ଛୋଟ ବଡ଼ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହାକୁ ବିରୋଧ କରି ସ୍ଥାନୀୟ ଲୋକ ରାସ୍ତାରୋକୋ କଲେ ପ୍ରଭାବଶାଳୀ ଲୋକେ ଧମକ ଦେଉଥିବା ଅଭିଯୋଗ ହେଉଛି। ମାତ୍ର ରାସ୍ତା ଅବସ୍ଥା ସୁଧୁରୁନାହିଁ। ଏ ବିଷୟରେ ତିଗିରିଆ ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପବିତ୍ର ମୋହନ ପରମାଣିକଙ୍କୁ ପଚାରିବାରେ, ବିଭାଗ ତରଫରୁ ଆସିଥିବା ଅର୍ଥରେ ଏହି ରାସ୍ତା ନିର୍ମାଣ ହୋଇଥିଲା। ମାତ୍ର ବର୍ଷେ ନ ପୂରୁଣୁ ରାସ୍ତା ଅବସ୍ଥା ଖରାପ ହୋଇଯାଇଛି। ପ୍ରତିଦିନ ୭୦ରୁ ୮୦ ଟନ ଓଜର ପଥର ବୋଝେଇ ହାଇୱା ଏହି ରାସ୍ତା ଦେଇ ଯାଉଥିବାରୁ ଏପରି ସମସ୍ୟା ହୋଇଛି। ଜାତୀୟ ରାଜପଥ ଡାଖାରେ ଉକ୍ତ ରାସ୍ତା ନବୀକରଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପ୍ରସ୍ତାବ ଦିଆଯାଇଛି ବୋଲି ପରମାଣିକ କହିଛନ୍ତି।

# ଚିକିତ୍ସା ଅବହେଳାରୁ ପ୍ରାଣ ହରାଇଲା ଦେଢ଼ବର୍ଷର ଶିଶୁ

**ଶିଶୁଭବନରେ ଗୁରୁତର ଶିଶୁକୁ ମିଳିଲା ନାହିଁ ଆଇସିୟୁ**

କଟକ,୪।୯(ଶିଳ୍ପା ପ୍ରିୟଦର୍ଶିନୀ)

ଶିଶୁଭବନରେ ଗୁରୁତର ଶିଶୁକୁ ଆଇସିୟୁ ମିଳିଲାନି। ଶିଶୁଭବନ କର୍ମଚାରୀ ଶିଶୁକୁ ଘରୋଇ ହସ୍ପିଟାଲକୁ ପଠାଇ ଦେଇଥିବାବେଳେ ଚିକିତ୍ସା ଅବହେଳାରୁ ଶିଶୁର ମୃତ୍ୟୁ ହୋଇଛି। ଏପରି କି ହସ୍ପିଟାଲ ସମ୍ମୁଖରେ ମୃତ ଶିଶୁକୁ ଧରି ମା'ବାପା ବସି ରହିଥିବା ବୁଧବାର ନଜରକୁ ଆସିଛି। ମିଳିଥିବା ସୂଚନା ମୁତାବକ, ଜଗତ୍‌ସିଂହପୁର ଏରସମା ଅଞ୍ଚଳର ସ୍ମୃତିରେଖା ବେହେରା ନିଜ ଦେଢ଼ ବର୍ଷର ପୁଅର ସ୍ୱାସ୍ଥ୍ୟ ସମସ୍ୟା ଥିବାରୁ ପ୍ରଥମେ ଜଗତ୍‌ସିଂପୁର ମେଡିକାଲକୁ ନେଇଥିଲେ। ସେଠାରୁ ଶିଶୁକୁ କଟକ ଶିଶୁଭବନ ସ୍ଥାନାନ୍ତର କରାଯାଇଥିଲା। ଆଜକୁ ୯ଦିନ ହେବ ଶିଶୁଭବନରେ ତାଙ୍କର ଚିକିତ୍ସା ଚାଲିଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଆଇସିୟୁର ଆବଶ୍ୟକ ପଡିଥିଲା। ହେଲେ ଶିଶୁଭବନରେ ଆଇସିୟୁ ବେଡ୍ ନାହିଁ ବୋଲି କର୍ମଚାରୀ କହିଥିଲେ ଏବଂ ଅନ୍ୟ ଜଣେ କର୍ମଚାରୀ ଚାଉଳିଆଗଞ୍ଜଠାରେ ଥିବା ଏକ ଘରୋଇ ହସ୍ପିଟାଲରେ ଆଇସିୟୁ ବେଡ୍ ରହିଛି, ସେଠାକୁ ନେବାକୁ କହିଥିଲେ। ଶିଶୁଭବନରୁ ଡିସ୍‌ଚର୍ଜ ନ କରାଇ ଶିଶୁକୁ ଘରୋଇ ହସ୍ପିଟାଲକୁ ପଠାଯାଇଥିଲା। ସୋମବାର ଶିଶୁ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଡାକ୍ତର କହିଥିଲେ। ହେଲେ ବୁଧବାର ସକାଳୁ ପୁଅକୁ ଦେଖିବାକୁ ସ୍ମୃତିରେଖାଙ୍କୁ ଛଡା ଯାଇ ନ ଥିଲା। ସନ୍ଧ୍ୟାରେ ପୁଅ ଶୋଇଥିବା କହି ହସ୍ପିଟାଲରୁ ଡିସ୍‌ଚାର୍ଜ କରିଥିଲେ। ହେଲେ ପୁଅ ଅଚେତ ଅବସ୍ଥାରେ ଥିବା ଦେଖି ସ୍ମୃତିରେଖା ସନ୍ଦେହ କରିଥିଲେ ଏବଂ ଯେତେ ଡାକିଥିଲେ ମଧ୍ୟ ପୁଅ ଉଠି ନ ଥିଲା। ପରେ ସ୍ମୃତିରେଖା ପୁଅର ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ ଏବଂ ଉକ୍ତ ହସ୍ପିଟାଲ ସମ୍ମୁଖରେ ମୃତ ଶିଶୁକୁ ଧରି ବସି ରହିଥିଲେ। ଅନ୍ୟପଟେ ଏହି ରିପୋର୍ଟ ଲେଖିବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି।

# ଫାର୍ମାସି କଲେଜରେ ଅଗ୍ନି ପ୍ରଶିକ୍ଷଣ ଶିବିର

ସାଲେପୁର,୪।୯(ଅରବିନ୍ଦ ଭୂୟାଁ)

ସାଲେପୁରସ୍ଥିତ ଇନଷ୍ଟିଚ୍ୟୁଟ ଅଫ୍ ଫାର୍ମାସି ଆଣ୍ଡ ଟେକ୍ନୋଲୋଜି ପରିସରରେ ଗୁରୁବାର ଏକ ଅଗ୍ନି ସୁରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଲେପୁର ଅଗ୍ନିଶମ ବିଭାଗ ମୁଖ୍ୟ ଅଧିକାରୀ ଆଶିଷ କୁମାର ଚୌଧୁରୀ, ଅଗ୍ନିଶମ କର୍ମଚାରୀ ସୁବାସ ଚନ୍ଦ୍ର ଭୂୟା, ଲକ୍ଷ୍ମୀଧର ଓଝା, ଦୀପକ କୁମାର ମହାନ୍ତି, ଶ୍ରୀଧର ନାୟକ, ଜନ୍ମେଜୟ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର ଓ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି। ଏଥି ସହ ବିପଦ ସମୟରେ ଅଗ୍ନି ବିଭୀଷିକାକୁ ନିୟନ୍ତ୍ରଣ କରି ସୁରକ୍ଷା ବ୍ୟବସ୍ଥା ଗ୍ରହଣ ସମ୍ପର୍କରେ ଏକ ଆଲୋଚନାଚକ୍ର ସହିତ ନିଆଁ ଲିଭାଇବା ଜନ୍ତ୍ର ଓ ପ୍ରଣାଳୀ ଗୁଡିକୁ ପ୍ରଦର୍ଶନ କରିଛନ୍ତି। ପରିଶେଷରେ ଛାତ୍ରୀଛାତ୍ରମାନେ ସମସ୍ତ ପ୍ରଣାଳୀକୁ ଅନୁସରଣ କରି ମକଡ୍ରିଲ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ. ପ୍ରବୀର କୁମାର ସିହ୍ନା ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ଡ. ସୁଶାନ୍ତ କୁମାର ବେହେରା, ଡ. ସୁଜିତ ଦାଶ, ମନୋରଞ୍ଜନ ଶତପଥୀ, ନରେନ୍ଦ୍ର କୁମାର ମିଶ୍ର, ମହେନ୍ଦ୍ର କୁମାର ପାତ୍ର, ଅକ୍ଷୟ ମୋହନ ନାୟକ, ସୂର୍ଯ୍ୟନାରାୟଣ ଭୂୟାଁ, ରୁଦ୍ର ସାଗର ଦାସ ପ୍ରମୁଖ ପରିଚାଳନା କରିଥିଲେ।



ଅଗ୍ନିଶମ କର୍ମଚାରୀମାନେ ନିରାପତ୍ତା କୌଶଳ ପ୍ରଦର୍ଶନ କରୁଛନ୍ତି।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ୨ ଶିକ୍ଷୟିତ୍ରୀ ମନୋନୀତ



ଐଶ୍ୱର୍ଯ୍ୟା ରାଣୀ ସାହୁ, ମୋନାଲିସା ପ୍ରିୟଦର୍ଶିନୀ ନନ୍ଦ

ବାଙ୍କୀ,୪।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡମପଡ଼ା ବ୍ଲକ୍ ଅନ୍ତର୍ଗତ ୨ ଶିକ୍ଷୟିତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବା ଲାଗି ମନୋନୀତ ହୋଇଛନ୍ତି। ସେମାନେ ହେଲେ କରବର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ମୋନାଲିସା ପ୍ରିୟଦର୍ଶିନୀ ନନ୍ଦ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ବଡକାମ୍ବିଲୋର କାର୍ଯ୍ୟରତ ଗଣିତ ଶିକ୍ଷୟିତ୍ରୀ ଐଶ୍ୱର୍ଯ୍ୟା ରାଣୀ ସାହୁ। ମୋନାଲିସା ଜଣେ ଜଣାଶୁଣା କବୟିତ୍ରୀ ଭାବେ ଅଞ୍ଚଳରେ ସୁନାମ ଅର୍ଜନ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ଉଭୟଙ୍କ ନାମ ମନୋନୀତ ହୋଇଥିବାରୁ ବହୁ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ଅଭିଭାବକମାନେ ସ୍ୱାଗତ ଜଣାଇଛନ୍ତି।

# ଖୁଦୁରୁକୁଣୀ ଭସାଣି ପ୍ରସ୍ତୁତି: ଶାନ୍ତିଶୃଙ୍ଖଳାକୁ ଗୁରୁତ୍ୱ

ବାଙ୍କୀ, ୪।୯( ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ଉପଖଣ୍ଡ ସୁବର୍ଣ୍ଣପୁର ଗ୍ରାମରେ ଖୁଦୁରୁକୁଣୀ ଭସାଣି ପର୍ବକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନେଇ ସୁବର୍ଣ୍ଣପୁର ଗ୍ରାମ୍ୟକମିଟି, ମେଢ଼ ମୁରବୀ ଓ ବାଙ୍କୀ ପୋଲିସ ପ୍ରଶାସନ ପକ୍ଷରୁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ କମିଟି ସଭାପତି ରମେଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବାଙ୍କୀ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାଳକୃଷ୍ଣ କହଁର, ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ, ସୁବର୍ଣ୍ଣପୁର ବିଟ୍‌ହାଉସ ଅଧିକାରୀ ପ୍ରସନ୍ନ କୁମାର ମାହାଳୀ ଯୋଗ ଦେଇ ଏହି ପାରମ୍ପରିକ ଖୁଦୁରୁକୁଣୀ ପର୍ବର ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ କହିଥିଲେ। ଭସାଣି ସମୟରେ କୌଣସି ବିଶୃଙ୍ଖଳା ସୃଷ୍ଟିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ଅଧିକାରୀମାନେ କହିଛନ୍ତି। ଏଥିରେ ୧୫ ମେଢ଼ କମିଟିର ମୁରବିମାନେ ସାମିଲ ହୋଇଥିଲେ।

# ମା' ପାଇଁ ଗଛଟିଏ

ଭୁବନେଶ୍ୱର,୪।୯(ସୌମ୍ୟରଞ୍ଜନ ରାଉତ): ୨୫ତମ ରାଜଧାନୀ ପୁସ୍ତକମେଳା ନଭେମ୍ବର ୧୪ରୁ ୨୩ ତାରିଖ ପର୍ଯ୍ୟନ୍ତ ଶହୀଦ ନଗର ଦୁର୍ଗାପୂଜା ପଡ଼ିଆରେ ଅନୁଷ୍ଠିତ ହେବ। ମେଳାରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ, ବିହାର, ଦିଲ୍ଲୀ, ହରିୟାଣା, ଛତିଶଗଡ଼, ଗୁଜରାଟ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ପ୍ରଭୃତି ରାଜ୍ୟର ବହୁ ପୁସ୍ତକ ପ୍ରକାଶକ, ବିତରକ ଓ ବିକ୍ରେତା ଯୋଗଦେବେ। ଚଳିତ ବର୍ଷ ୪୦୦ରୁ ଊର୍ଦ୍ଧ୍ୱ ଷ୍ଟଲ ଖୋଲାଯିବ ବୋଲି ପୁସ୍ତକମେଳା କମିଟି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ପ୍ରଥମ ଥର ପାଇଁ ଏହି ମେଳା ଶହୀଦ ନଗର ଦୁର୍ଗାପୂଜା ପଡ଼ିଆଠାରେ ଅନୁଷ୍ଠିତ ହେଉଥିବାରୁ ପୂଜା କମିଟି କର୍ମକର୍ତ୍ତା, ଶହୀଦ ନଗର, ୟୁନିଟ-୯, ବାଣୀବିହାର ଓ ଆଚାର୍ଯ୍ୟ ବିହାର ଅଞ୍ଚଳର ଜନସାଧାରଣ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, ମହର୍ଷି ମହାବିଦ୍ୟାଳୟ, ଶହୀଦନଗର ଓ ୟୁନିଟ-୯ ହାଇସ୍କୁଲର ଛାତ୍ରୀଛାତ୍ରମାନେ ମେଳାକୁ ସ୍ୱାଗତ କରିଛନ୍ତି। ମେଳାରେ ବିଭିନ୍ନ ଭାଷାର ସାହିତ୍ୟପୁସ୍ତକ, ଧର୍ମପୁସ୍ତକ, ସୂଚନା ପୁସ୍ତକ ସହିତ ପାଠ୍ୟପୁସ୍ତକ ଓ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ସହାୟକ ପୁସ୍ତକ ଉପଲବ୍ଧ ହେବ। ଏ ନେଇ ରାଜଧାନୀ ପୁସ୍ତକମେଳା କମିଟିର ସଭାପତି ଡ. ଉପେନ୍ଦ୍ର କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି କମିଟି ବୈଠକରେ ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ, ଆବାହକ ରମେଶଚନ୍ଦ୍ର ସ୍ୱାଇଁ, ସଭ୍ୟ ବୀରକିଶୋର ପ୍ରଧାନ, କମଳିନୀ ମଲ୍ଲିକ, ଏକାମ୍ର ପୁସ୍ତକ ମହୋତ୍ସବ କମିଟିର ସଭାପତି ଡ.ପୀତବାସ ରାଉତରାୟ ଏବଂ ସମ୍ପାଦକ ଭାସ୍କର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଖୋଲା ନାଳ ତୁରନ୍ତ ଆବରଣ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୪।୯(ରବିନାରାୟଣ ଜେନା)

ଚଳିତବର୍ଷ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସବୁ ସହରାଞ୍ଚଳ ରାସ୍ତା ପାର୍ଶ୍ୱ ନାଳ ଉପରେ ଆବରଣ ପକାଇବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି କାର୍ଯ୍ୟ ତୁରନ୍ତ ଶେଷ କରିବା ଲାଗି ନଗର ଉନ୍ନୟନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏସଂକ୍ରାନ୍ତରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ନିର୍ମାଣ ବିଭାଗ ପ୍ରମୁଖ ସଚିବଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗ ଏବଂ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ପ୍ରମୁଖ ସଚିବ ପତ୍ରରେ ଉଲ୍ଲେଖ କରିଛନ୍ତି, ପୌରାଞ୍ଚଳ ସୀମା ମଧ୍ୟରେ ଯେଉଁ ବିଭାଗ ରାସ୍ତା ରକ୍ଷଣାବେକ୍ଷଣ କରୁଛନ୍ତି କିମ୍ବା ମାଲିକାନାରେ ରହିଛି, ସେମାନେ ମିଶନ ମୋଡ୍‌ରେ ତତ୍କାଳ ନାଳ ଉପରେ ଢାଙ୍କୁଣି କାର୍ଯ୍ୟ ଶେଷ କରିବାକୁ ହେବ। ସେହିପରି ମହାନଗର ସୀମାକୁ ଲାଗି ଜାତୀୟ ରାଜପଥ, ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗ ଅଧୀନରେ ଥିବା ରାସ୍ତା ପାର୍ଶ୍ୱରେ ବଡ଼ ନାଳଗୁଡ଼ିକ ଖୋଲା ରହିଛି। ତୁରନ୍ତ ଏହାର ସର୍ଭେ କରି ସମସ୍ତ ଗର୍ତ୍ତ ଓ ନଷ୍ଟ ହୋଇଥିବା ରାସ୍ତାଗୁଡ଼ିକୁ ଚିହ୍ନଟ କରିବାକୁ ହେବ। ଏହାସହିତ ତାକୁ ଜିଓ-ଟ୍ୟାଗ୍ କରି ରାସ୍ତା ପାର୍ଶ୍ୱରେ ଥିବା ଖୋଲା ନାଳର ସ୍ଥିତିକୁ ମଧ୍ୟ ଆକଳନ କରିବା ଦରକାର। ବିଶେଷ କରି ସ୍ଥାନୀୟ ବଜାର ଅଞ୍ଚଳ, ହସ୍ପିଟାଲ, ଶିକ୍ଷାନୁଷ୍ଠାନ, ଦୁର୍ଘଟଣା-ପ୍ରବଣ ସ୍ଥାନକୁ ପ୍ରାଥମିକତା ଭିତ୍ତିରେ ସର୍ଭେ କରି ସେଠାରେ ଥିବା ନାଳ ଉପରେ ଢାଙ୍କୁଣି ପକାଇବା କାର୍ଯ୍ୟ ଶେଷ କରିବା ଲାଗି ପ୍ରମୁଖ ସଚିବ ପତ୍ରରେ ଦର୍ଶାଇଛନ୍ତି। ସେ ପତ୍ରରେ ଆହୁରି ଦର୍ଶାଇଛନ୍ତି, ଖୋଲା ନାଳଗୁଡ଼ିକୁ ସ୍ଲାବ(ଆର୍‌ସିସି) ଦ୍ୱାରା ଆବରଣ କରାଯିବା ଆବଶ୍ୟକ, ଯାହାକି ସୁରକ୍ଷିତ ରହିବା ସହିତ ଦୁର୍ଘଟଣାକୁ ଏଡ଼ାଯାଇ ପାରିବ। ଏହାର ସର୍ଭେ କାର୍ଯ୍ୟ ୩୦ ଦିନ ମଧ୍ୟରେ ଶେଷ କରି ସମ୍ପୃକ୍ତ ପୌରାଞ୍ଚଳ ମାଧ୍ୟମରେ ବିଭାଗକୁ ପଠାଇବାକୁ ସେ କହିଛନ୍ତି। ତେବେ ସ୍ଲାବ୍ ମରାମତି କାମ ବିଭାଗର ନିଜସ୍ୱ ତହବିଲରୁ କରି ୩୧ ମାର୍ଚ୍ଚ ୨୦୨୬ ମଧ୍ୟରେ ସମାପ୍ତ କରିବାକୁ ପ୍ରମୁଖ ସଚିବ ପତ୍ରରେ ଦର୍ଶାଇଛନ୍ତି।

# ୬୯ ଅଙ୍କ, ୧୪୩୩ ସାଲ ଆରମ୍ଭ




ଶ୍ରୀନହରରେ ସୁନିଆ ପର୍ବ ପାଳନ ଅବସରରେ ଗଜପତି ମହାରାଜା। ୬୯ ଅଙ୍କ ପ୍ରଚଳନ ନେଇ ରାଜଗୁରୁ ସ୍ୱର୍ଣ୍ଣମୁଦ୍ରା ପ୍ରଦର୍ଶନ କରୁଛନ୍ତି।

ପୁରୀ,୪।୯(ଅଜିତ୍ କୁମାର ମହାନ୍ତି)

ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ଗୁରୁବାର ଅବସରରେ ଶ୍ରୀନହର ପରିସରରେ ସୁନିଆ ନୀତି ସମ୍ପନ୍ନ ହୋଇଛି। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଶାସନରେ ୬୮ଅଙ୍କ ଶେଷ ହୋଇଛି। ସୁନିଆ ଅବସରରେ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ୬୯ ଅଙ୍କ ଏବଂ ୧୪୩୩ ସାଲ ଆରମ୍ଭ ହୋଇଛି। ଉତ୍କଳୀୟ ସାଂସ୍କୃତିକ ସାମାଜିକ ଜୀବନରେ ଗଜପତିଙ୍କ ନାମରେ ଉତ୍କଳ ନବବର୍ଷ ଆରମ୍ଭ ହୋଇଥାଏ। ଓଡ଼ିଆ ପାଇଁ ଜାତକର ବର୍ଷ, ମାସ ତାରିଖ ତିଥି ଓ ନକ୍ଷେତ୍ର ଗଜପତିଙ୍କ ନାମରେ ଉଲ୍ଲେଖ ହୋଇଥାଏ। ସୁନିଆ ଦିନଠାରୁ ଗଜପତି ମହାରାଜାଙ୍କର ଗାଦିନାସୀନ ବର୍ଷର ଗଣନା ହୋଇଥାଏ। ସୁନିଆ ଅବସରରେ ଶ୍ରୀନଅରରେ ପାରମ୍ପରିକ ରୀତିରେ ରାଜ ପରମ୍ପରା ଅନୁଷ୍ଠିତ ହୋଇଥିଲା। ଶ୍ରୀନଅରର ବିଭିନ୍ନ ସ୍ଥାନରେ ଝୋଟି ପକାଯାଇଥିଲା। ଗୁରୁବାର ସକାଳୁ ରାଜଗୁରୁମାନେ ଶୁଭଖୁଣ୍ଟି ଅନୁକୂଳ କରି ଯଥାବିଧି ଦେବାର୍ଚ୍ଚନା ନୀତି ସମ୍ପନ୍ନ କରିଥିଲେ। ସନ୍ଧ୍ୟାରେ ପଞ୍ଚଦେବତା ପୂଜା, ରାମାଭିଷେକ ପୂଜା ହୋଇଥିଲା। ଏହାପରେ ମଙ୍ଗଳାର୍ପଣ ନୀତି ହୋଇ ଅନ୍ୟାନ୍ୟ ନୀତି ସମ୍ପନ୍ନ କରାଯାଇଥିଲା। ଏହା ପରେ ଏକ ସୁନା ମୋହରରେ ୬୯ ଅଙ୍କ କଟାଯାଇ ଘୋଷଣା କରାଯାଇଥିଲା। ପରେ ୧୬ଶାସନ ବ୍ରାହ୍ମଣମାନେ ଗଜପତିଙ୍କୁ ଗୋଟିଏ ଲେଖାଏଁ ନଡ଼ିଆ ଭେଟିଦେଇ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ଆର୍ଶୀବାଦ ପ୍ରଦାନ କରିଥିଲେ। ପରେ ଗଜପତିଙ୍କୁ ପ୍ରଜା ଏବଂ କର୍ମଚାରୀମାନେ ସୁନିଆ ଭେଟି ଦେଇଥିଲେ। ସୁନିଆ ପରମ୍ପରା ସମ୍ପର୍କରେ ଗବେଷକଙ୍କ ସୂଚନା ଅନୁଯାୟୀ, ସୁନିଆରେ ଗଜପତି ମହାରାଜାଙ୍କ ନବବର୍ଷର ଆରମ୍ଭ ହୋଇଥାଏ। ଚଳିତ ବର୍ଷ ଗଜପତି ମହାରାଜାଙ୍କ ୬୯ ଅଙ୍କ ପ୍ରଚଳିତ ହେଲା ୧୪୩୩ ସାଲ ପ୍ରବେଶ କଲା। ତେବେ ଅଙ୍କ କଟାର ପରମ୍ପରା ଅଦ୍ୟାବଧି ପ୍ରଚଳିତ ରହିଛି ବୋଲି ରାଜଗୁରୁ କହିଛନ୍ତି।

## ୧୫ରୁ ୧୯ତମ ର୍‍ୟାଙ୍କିଙ୍ଗ୍‌କୁ ଖସିଲା ଓୟୁଏଟି

ଭୁବନେଶ୍ୱର,୪।୯(ସୁଚିସ୍ମିତା ସାହୁ): କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ପ୍ରକାଶିତ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ର୍‍ୟାଙ୍କିଙ୍ଗ୍ ଫ୍ରେମ୍‌ୱାର୍କ (ଏନ୍‌ଆଇଆର୍‌ଏଫ୍) ତାଲିକାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ତଳକୁ ଖସିଛି। ପୂର୍ବବର୍ଷ ଓୟୁଏଟି ଭଲ ପ୍ରଦର୍ଶନ କରି ୧୫ ତମ ସ୍ଥାନରେ ଥିବାବେଳେ ଚଳିତ ବର୍ଷ ୧୯ତମ ସ୍ଥାନକୁ ଖସିଆସିଛି। ଫାର୍ମାସି ତାଲିକାରେ ଓଡ଼ିଶାର କୌଣସି ଶିକ୍ଷାନୁଷ୍ଠାନ ନାହିଁ। ମେଡିକାଲ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ଏମ୍ସ ୧୪, ସୋଆ ୧୫ ଏବଂ କିଟ୍ ୨୪ତମ ସ୍ଥାନରେ ରହିଛି। ଡେଣ୍ଟାଲ ବର୍ଗରେ ୯ରେ ସୋଆ ଏବଂ ୨୬ ତମ ସ୍ଥାନରେ କିଟ୍ ରହିଛି। ମ୍ୟାନେଜମେଣ୍ଟର ଶ୍ରେଷ୍ଠ ୧୦୦ତମ ସ୍ଥାନରେ ଓଡ଼ିଶାର ୫ଟି ଶିକ୍ଷାନୁଷ୍ଠାନ ରହିଛି। ୩୪ରେ ସମ୍ବଲପୁରର ଆଇଆଇଏମ୍, ୪୫ରେ ଏକ୍ସଆଇଏମ୍, ୬୬ରେ ସୋଆ, ୬୮ରେ କିଟ୍ ଏବଂ ୯୪ତମ ସ୍ଥାନରେ ଆଇଏମ୍‌ଆଇ ରହିଛି। ଶ୍ରେଷ୍ଠ ୪୦ଟି ଆଇନ ଶିକ୍ଷାନୁଷ୍ଠାନ ମଧ୍ୟରେ ଓଡ଼ିଶାର ୩ଟି ଅନୁଷ୍ଠାନ ସ୍ଥାନ ପାଇଛି। ୧୦ମରେ ସୋଆ, ୧୪ରେ କିଟ୍ ଏବଂ ୧୫ତମ ସ୍ଥାନରେ ନ୍ୟାଶନାଲ ଲ' ୟୁନିଭର୍ସିଟି ରହିଛି। ଏଗ୍ରିକଲ୍‌ଚର ଆଣ୍ଡ ପ୍ଲାନିଂ ବର୍ଗର ଶ୍ରେଷ୍ଠ ୪୦ ଭିତରେ ଓଡ଼ିଶାର ଏନ୍‌ଆଇଟି ରାଉରକେଲା ୭ମ ସ୍ଥାନରେ ରହିଛି। ଏସ୍‌ଡିଜି ଶିକ୍ଷାନୁଷ୍ଠାନ ବର୍ଗର ଶ୍ରେଷ୍ଠ ୧୦ ଭିତରେ ଏନ୍‌ଆଇଟି ରାଉରକେଲା ୯ ନମ୍ବର ସ୍ଥାନରେ ରହିଛି।

# ଶିଶୁ ସୁରକ୍ଷା ଆୟୋଗଙ୍କ ତଦନ୍ତ ନିର୍ଦ୍ଦେଶ

**ଗଣିତ ଆସିଲାନି ବୋଲି ଛାତ୍ରୀଙ୍କୁ ନିସ୍ତୁକ ମାଡ଼ ଘଟଣା**

**ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା ପ୍ୟାରେଣ୍ଟ ଫେଡେରେଶନ**

ଭୁବନେଶ୍ୱର,୪।୯(ସତ୍ୟଜିତ୍ ରାଉତ)

ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମଡୁମା ଫେଜ୍-୨ସ୍ଥିତ ଏକ ଘରୋଇ ସ୍କୁଲରେ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କୁ ଗଣିତ ଆସିଲାନି ବୋଲି ଶିକ୍ଷୟିତ୍ରୀ ମାଡ଼ମାରି ଲହୁଲୁହାଣ କରିବା ଘଟଣାକୁ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍) ଗୁରୁତ୍ୱର ସହ ନେଇଛନ୍ତି। ଗୁରୁବାର ଆୟୋଗ ନିଜ ଆଡୁ ମାମଲା ରୁଜୁ କରି ଜିଲା ଶିକ୍ଷା ଅଧିକାରୀ, ଖଣ୍ଡଗିରି ଥାନା ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ଏବଂ ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି)ଙ୍କୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାର ଉପଯୁକ୍ତ ତଦନ୍ତ କରି ରିପୋର୍ଟ ଦେବାକୁ ଆୟୋଗଙ୍କ ପକ୍ଷରୁ ନୋଟିସ୍ ଜାରି ହୋଇଛି। ଏଥିସହ ଆୟୋଗଙ୍କ ପକ୍ଷରୁ ଏକ ପ୍ରତିନିଧିମଣ୍ଡଳୀ ତୁରନ୍ତ ପୀଡ଼ିତା ଛାତ୍ରୀଙ୍କୁ ଭେଟିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷରେ ପ୍ୟାରେଣ୍ଟ ଫେଡେରେଶନ୍ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଫେଡେରେଶନ୍‌ର ସଭାପତି ଭୂମୋହନ ବେବର୍ତ୍ତା ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଛାତ୍ରୀଙ୍କ ଘରକୁ ଯାଇ ଘଟଣା ବିଷୟରେ ବୁଝିଥିଲେ। ଏଥିସହ ତାଙ୍କ ବାପା ମିର୍ଜା ଅସଦ୍ ବେଗ୍‌ଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ଆୟୋଗ ଅଧକ୍ଷା ସୁଜାତା ନାୟକଙ୍କ ଦ୍ୱାରସ୍ଥ ହୋଇଥିଲେ। ଛାତ୍ରୀଙ୍କୁ ଉପଯୁକ୍ତ ନ୍ୟାୟ, ଚିକିତ୍ସା ଓ ଦୋଷୀଙ୍କୁ ଦଣ୍ଡ ପାଇଁ ସମସ୍ତ ସହଯୋଗ କରାଯିବ ବୋଲି ଆୟୋଗ ପ୍ରତିଶ୍ରୁତି ଦେଇଛନ୍ତି। ଆଲୋଚନାବେଳେ ଫେଡେରେଶନ ଉପସଭାପତି ସ୍ୱପ୍ନେନ୍ଦୁ ସାମନ୍ତରାୟ ଓ ସାଧାରଣ ସମ୍ପାଦକ ରମେଶ ଭାରତୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଡୁମଡୁମା ଯଦୁପୁର ଗାଁର ବେଗ୍‌ଙ୍କ ଝିଅଙ୍କୁ ମଙ୍ଗଳବାର ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଗଣିତ ପଢ଼ାଇବା ସମୟରେ ସେ ବୁଝିପାରି ନ ଥିଲେ। ଛାତ୍ରୀ ପ୍ରଶ୍ନ କରିବାରୁ ବିରକ୍ତି ହୋଇ ଶିକ୍ଷୟିତ୍ରୀ ଜଣକ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଫଳରେ ତାଙ୍କ ଆଖିରେ ଗୁରୁତର ଆଘାତ ଲାଗିଥିଲା। ଏନେଇ ବେଗ୍ ବୁଧବାର ଖଣ୍ଡଗିରି ଥାନାରେ ଏତଲା ଦେଇଥିଲେ।



ଆୟୋଗର ଅଧକ୍ଷାଙ୍କୁ ଛାତ୍ରୀଙ୍କ ବାପା ଅଭିଯୋଗପତ୍ର ଦେଉଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜିନିଆ



@ ସୂର୍ଯ୍ୟ



@ ଅର୍ଦ୍ଧେନ୍ଦୁ



@ ନିର୍ମଳ



@ ସୂର୍ଯ୍ୟାର୍ଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।




ଭୁବନେଶ୍ୱର ପିଏମ୍‌ଜିରେ ଗୁରୁବାର ଅନୁଷ୍ଠିତ ସିପିଆଇର ଶତବାର୍ଷିକୀ ସମାରୋହରେ ଦଳର ସାଧାରଣ ସମ୍ପାଦକ ଡି.ରାଜାଙ୍କ ସମେତ ବରିଷ୍ଠ ନେତୃବୃନ୍ଦ।



ଅଲ୍ ଓଡ଼ିଶା କଣ୍ଟ୍ରାକ୍ଟର ୱେଲଫେୟାର ଆସୋସିଏଶନ ପକ୍ଷରୁ ୪ ଦଫା ଦାବିରେ ଗୁରୁବାର ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଇଆଇସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ- ମନୋରଞ୍ଜନ ମିଶ୍ର)।

## ଆଜି ଗୁରୁଦିବସ

# ମୂଲ୍ୟବୋଧ ବଜାୟ ରହୁ

**ଆମ ଦେଶରେ ଗୁରୁ-ଶିଷ୍ୟ ପରମ୍ପରା ବହୁ ପ୍ରାଚୀନ। ଗୁରୁ ହିଁ ଅନ୍ଧାରରୁ ଆଲୋକ ପଥରେ ଯିବା ପାଇଁ ମାର୍ଗଦର୍ଶକ ସାଜିଥାନ୍ତି। ମାତ୍ର ସାମ୍ପ୍ରତିକ ସମୟରେ ଗୁରୁ-ଶିଷ୍ୟ ପରମ୍ପରାରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ଫଳରେ ଶିକ୍ଷାୟତନରେ ସୁସ୍ଥ ବାତାବରଣ ବଜାୟ ରହିପାରୁନି। ତେଣୁ ଗୁରୁ ଓ ଶିକ୍ଷାର୍ଥୀ ନିଜର କର୍ତ୍ତବ୍ୟ ସମ୍ପାଦନ ସହ ମୂଲ୍ୟବୋଧ ବଜାୟ ରଖିବାକୁ ଚେଷ୍ଟା କରିବା ଜରୁରୀ ହୋଇ ପଡ଼ିଲାଣି।**

## ପିଲାର ବିକାଶ ଶିକ୍ଷକ, ଅଭିଭାବକଙ୍କ ଦାୟିତ୍ୱ



ବର୍ତ୍ତମାନ ଶିକ୍ଷୟିତ୍ରୀ ଶିକ୍ଷକମାନେ ମଧ୍ୟ ପାଠପଢ଼ାକୁ କେବଳ ଏକ ବୃତ୍ତି ଭାବେ ଗ୍ରହଣ କରୁଛନ୍ତି। ସେଥିପାଇଁ ଚାକିରି ଏବଂ ଦରମା ଭିତରେ ଗୁରୁ ଶିଷ୍ୟର ସମ୍ପର୍କ ଏବଂ ମୂଲ୍ୟବୋଧ କମିଯାଇଛି ; ଯଦ୍ୱାରା ବର୍ତ୍ତମାନର ଛାତ୍ରୀଛାତ୍ର ନିଜ ଗୁରୁଙ୍କୁ ଆଗଭଳି ସମ୍ମାନ ଦେଉନାହାନ୍ତି। ପୁନଶ୍ଚ ବିଦ୍ୟାଳୟ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା ହେବାପରେ ଶିକ୍ଷକମାନେ ପିଲାକୁ ସୁଧାରିବାକୁ ଆଉ ସେମାନଙ୍କ ଦାୟିତ୍ୱ ବୋଲି ମନେକରୁନାହାନ୍ତି। ତେବେ ସମସ୍ୟାର ସମାଧାନ ପାଇଁ ଅଭିଭାବକ ଏବଂ ଶିକ୍ଷକ ଉଭୟ ପକ୍ଷରୁ ଚେଷ୍ଟା ଆବଶ୍ୟକ ।

**-ଯଶୋବନ୍ତୀ ନାୟକ,** ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ସମ୍ବଲପୁର

## ସବୁସ୍ତରରେ ଉଦ୍ୟମ ଲୋଡ଼ା



ସମ୍ପ୍ରତି ଗୁରୁଶିଷ୍ୟ ସମ୍ପର୍କର ଅଧଃପତନ ଚିନ୍ତାର ବିଷୟ ପାଲଟିଛି। ଏଥିପାଇଁ ଛାତ୍ରୀଛାତ୍ରଙ୍କୁ ଆମେ ଅଧିକ ଦୋଷ ଦେଇପାରିବା ନାହିଁ, ବରଂ ଶିକ୍ଷକ ଏବଂ ଅଭିଭାବକମାନେ ଏଥିଲାଗି ଅଧିକ ଦାୟୀ। ଛାତ୍ରୀଛାତ୍ରମାନେ ଘର, ସ୍କୁଲ ଏବଂ ସମାଜରୁ ଅନେକ କିଛି ଶିକ୍ଷା କରନ୍ତି। ସେମାନଙ୍କ ଉପରେ ଅନେକ ଘଟଣାର ପ୍ରଭାବ ପଡ଼େ। ଏଣୁ ଗୁରୁଶିଷ୍ୟ ସମ୍ପର୍କକୁ ଅତୁଟ ରଖିବାକୁ ହେଲେ ସବୁ ସ୍ତରରୁ ଉଦ୍ୟମ ହେବା ଜରୁରୀ।

**-ନରେନ୍ଦ୍ର ନାଥ ମିଶ୍ର,** ପ୍ରଧାନଶିକ୍ଷକ, ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀର

## ଗୁରୁଙ୍କ ପୂଜା କର୍ତ୍ତବ୍ୟ ହେଉ



ଗୁରୁ ହିଁ ଅନ୍ଧାରରୁ ଆଲୋକ ପଥରେ ଯିବା ପାଇଁ ସହାୟକ ହୋଇଥାନ୍ତି। ଗୁରୁମାନେ ସର୍ବଦା ପୂଜ୍ୟ। କିନ୍ତୁ ଆଜିର ଯୁଗରେ ସାମାଜିକ ଗଣମାଧ୍ୟମକୁ ଦେଖିଲେ ହଜାର ହଜାର ବର୍ଷର ଗୁରୁଶିଷ୍ୟ ପରମ୍ପରା ବ୍ୟତିକ୍ରମ ହୋଇଛି। ଗୁରୁମାନଙ୍କୁ ସର୍ବଦା ଅଗ୍ରରେ ରଖି ପୂଜା କରିବା କର୍ତ୍ତବ୍ୟ ହେବା ଉଚିତ।

**-ପ୍ରଦ୍ୟୁମ୍ନ ପ୍ରସାଦ ରଥ, ଶିକ୍ଷାବିତ୍, ଢେଙ୍କାନାଳ**

## ଆତ୍ମୀୟଭାବ ରହୁ



ମା' ଯେପରି ତା'ର ପିଲାର ପ୍ରତ୍ୟେକ କଥାକୁ ଅନୁଭବ କରିପାରେ, ସେମିତି ଜଣେ ଗୁରୁ ଶିଷ୍ୟର ପ୍ରତ୍ୟେକ କଥାକୁ ଅନୁଭବ କରି ପାରିଥାଏ। ଜଣେ ଶିଷ୍ୟ ଠିକ ମା' ଭଳି ଗୁରୁଙ୍କୁ ତା'ର ହୃଦୟରେ ଶ୍ରଦ୍ଧା, ସମ୍ମାନ, ସମର୍ପଣ ପ୍ରଦାନ କରିଥାଏ। ତେଣୁ ଗୁରୁ ଓ ଶିଷ୍ୟଙ୍କ ସମ୍ପର୍କରେ ଆତ୍ମୀୟଭାବ ରହିବା ଆବଶ୍ୟକ।

**-ସଂଯୁକ୍ତା ମହାପାତ୍ର,** ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ, ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, ଅରେଇକଣା, ଧର୍ମଶାଳା

## ଗୁରୁଙ୍କୁ ସମ୍ମାନ ଜରୁରୀ



ସାମ୍ପ୍ରତିକ ସମୟରେ ଗୁରୁମାନେ ନିଜ ଅଧିକାରକୁ ସାବ୍ୟସ୍ତ କରି ଶିଷ୍ୟମାନଙ୍କୁ ଭୟଭୀତ ନ କରାଇ ସେମାନଙ୍କର ବନ୍ଧୁ ଓ ମାର୍ଗଦର୍ଶକ ହେବା ଆବଶ୍ୟକ। ସେହିପରି ଶିଷ୍ୟମାନେ ମଧ୍ୟ ନିଜ ମାତାପିତାଙ୍କ ପରି ଗୁରୁମାନଙ୍କୁ ସମ୍ମାନ ପ୍ରଦାନ କରିବା ଜରୁରୀ। ତା'ହେଲେ ଏକ ସୁସ୍ଥ ପରିବେଶ ସୃଷ୍ଟି ହୋଇପାରିବ। ଏଣୁ ସାମ୍ପ୍ରତିକ ସ୍ଥିତିରେ ଗୁରୁ-ଶିଷ୍ୟ ପରମ୍ପରା ଆହୁରି ଉଜ୍ଜୀବିତ ହୋଇ ରହୁ।

**-ବିଶ୍ୱନାଥ ମିଶ୍ର, ବରିଷ୍ଠ ଶିକ୍ଷକ, ରେଭେନ୍ସା କଲିଜିଏଟ ସ୍କୁଲ, କଟକ**

## ଗୁରୁଙ୍କ ସ୍ଥାନ ସର୍ବଦା ଉର୍ଦ୍ଧ୍ୱରେ



ଗୁରୁମାନେ କେବଳ ପାଠ୍ୟପୁସ୍ତକୀୟ ଜ୍ଞାନ ଦେବାରେ ସୀମିତ ନୁହନ୍ତି, ସେମାନେ ନୈତିକତା, ଜୀବନଦର୍ଶନ ଓ ଆଦର୍ଶ ଗଢ଼ିବାରେ ପ୍ରମୁଖ ଭୂମିକା ନିଅନ୍ତି। ଶିଷ୍ୟମାନେ ମଧ୍ୟ କେବଳ ଗ୍ରହଣକାରୀ ନୁହେଁ, ସେମାନେ ପ୍ରଶ୍ନ କରୁଛନ୍ତି, ନୂଆ ଚିନ୍ତା ଆଣୁଛନ୍ତି ଏବଂ ଗୁରୁଙ୍କୁ ଆହ୍ୱାନ କରୁଛନ୍ତି। ଏସବୁ ପରେ ବି ଗୁରୁଙ୍କ ସ୍ଥାନ ସର୍ବଦା ଉର୍ଦ୍ଧ୍ୱରେ। ଏ ବିଷୟରେ ସଚେତନ ହେବାର ଆବଶ୍ୟକତା ରହିଛି।

**-ଅନସୂୟା ଭୋଇ,** ଶିକ୍ଷୟିତ୍ରୀ, ପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟ, ସରମରା, ଭଦ୍ରକ

## ମୂଲ୍ୟବୋଧ ଅନୁସରଣୀୟ



ଗୁରୁ ଜ୍ଞାନର ପ୍ରଦୀପ, ଯେଉଁଥିରେ ଶିଷ୍ୟମାନେ ନିଜର ପଥ ଖୋଜିବାର ଆଲୋକ ପାଆନ୍ତି। ଡିଜିଟାଲ ଯୁଗରେ ଯେତେବେଳେ ଅନେକ ସୂଚନା ହାତେହାତେ ମିଳୁଛି, ସେଥିରେ ସତ୍ୟ-ଅସତ୍ୟ ବିଚାର କରିବାକୁ ଗୁରୁଙ୍କ ପରାମର୍ଶ ଅତ୍ୟାବଶ୍ୟକ। ସାମ୍ପ୍ରତିକ ସମାଜର ଅବକ୍ଷୟ ଏଥିରେ ବାଧା ସୃଷ୍ଟି କରୁଛି। କେବଳ ମୂଲ୍ୟବୋଧକୁ ଅନୁସରଣ ସହ ଉପଯୁକ୍ତ ମାର୍ଗଦର୍ଶନ ଉଭୟ ଗୁରୁ ଓ ଶିଷ୍ୟଙ୍କୁ ଠିକ୍ ପଥରେ ନେଇପାରିବ।

**-ପୁଷ୍ପିତା ନାୟକ, ଶିକ୍ଷୟିତ୍ରୀ, ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ, କଟକ**

## ଆତ୍ମବିଶ୍ୱାସ ବଢ଼ାଇବା ଦରକାର



ଆଜିର ସମାଜରେ ମୂଲ୍ୟବୋଧର ବ୍ୟବସ୍ଥା ଭୁଶୁଡ଼ିପଡ଼ିଛି, ଯାହାର ପ୍ରତିଫଳନ ଗୁରୁ-ଶିଷ୍ୟ ସମ୍ପର୍କ ଉପରେ ପଡ଼ିଛି। ବର୍ତ୍ତମାନ ସମୟରେ ଏହି ସମ୍ପର୍କ ଗଣତାନ୍ତ୍ରିକ ହେବା ଉଚିତ। ଶିକ୍ଷକମାନେ ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରିବା ସହ ଆତ୍ମବିଶ୍ୱାସ ବଢ଼ାଇବା ଜରୁରୀ, ଯଦ୍ୱାରା ସେମାନେ ସୁନାଗରିକ ହୋଇପାରିବେ ।

**-ଡ. ମାନସ ବେହେରା,** ଶିକ୍ଷାବିତ୍, ଭୁବନେଶ୍ୱର

## ଉପଯୁକ୍ତ କାଉନ୍ସେଲିଂ କରାଯାଉ



ବର୍ତ୍ତମାନ ସମୟରେ ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବାକୁ ହେବ। ଏଥିପାଇଁ କେବଳ ଶିକ୍ଷକ ନୁହେଁ ବରଂ ପରିବାର ଲୋକଙ୍କର ସହଯୋଗର ଆବଶ୍ୟକତା ରହିଛି। ପିଲାଙ୍କ ସହିତ ପରିବାର ଲୋକଙ୍କୁ ମଧ୍ୟ ଉପଯୁକ୍ତ କାଉନ୍ସେଲିଂ କରାଯାଉ, ଯଦ୍ୱାରା ପିଲାଙ୍କ ଭିତରେ ଥିବା ମନୋଭାବ ଓ ସଂସ୍କାର ସମ୍ପର୍କରେ ଜାଣିହେବ। ଗୁରୁ-ଶିଷ୍ୟ ସମ୍ପର୍କ ଦୃଢ଼ କରିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି।

**-ରବୀନ୍ଦ୍ର କୁମାର ସାହୁ,** ଶିକ୍ଷକ, ୟୁନିଟ-୯ ବଏଜ୍ ହାଇସ୍କୁଲ, ଭୁବନେଶ୍ୱର

## ଶିକ୍ଷକମାନଙ୍କ ଏକାଗ୍ରତା ଆବଶ୍ୟକ



ଶିକ୍ଷକଙ୍କ ଉପରେ ସରକାର ବିଭିନ୍ନ କାର୍ଯ୍ୟ ଲଦି ଦେଉଥିବାରୁ ସେମାନଙ୍କ ଶିକ୍ଷାଦାନ ପ୍ରତି ଏକାଗ୍ରତା ରହୁନି। ତେଣୁ ଶିକ୍ଷକମାନଙ୍କୁ ଅନ୍ୟ କୌଣସି କାର୍ଯ୍ୟରେ ଲିପ୍ତ ନ କରି କେବଳ ଶିକ୍ଷାଦାନ କ୍ଷେତ୍ରରେ ରଖାଗଲେ ସବୁ କିଛି ଠିକ୍ ହୋଇପାରନ୍ତା। ଏଥିସହିତ ଶିକ୍ଷକମାନଙ୍କ ଶିକ୍ଷାଦାନ ପ୍ରତି ମଧ୍ୟ ଏକାଗ୍ରତା ରହିବା ଆବଶ୍ୟକ।

**-ରାଜେନ୍ଦ୍ର କୁମାର ପଣ୍ଡା,** ଅବସରପ୍ରାପ୍ତ ଶିକ୍ଷକ, ବ୍ରହ୍ମପୁର

## ଗୁରୁଙ୍କ ତ୍ୟାଗରେ ଶିଷ୍ୟର ଭବିଷ୍ୟତ



ବିଦ୍ୟା ଉଭୟ ଗୁରୁ-ଶିଷ୍ୟଙ୍କୁ ଏକତ୍ର କରି ବାନ୍ଧି ରଖେ। ଉଭୟ ବନ୍ଧୁ ଭଳି ହେବା ଆବଶ୍ୟକ। ଛାତ୍ରଜୀବନରେ ଶିକ୍ଷକଙ୍କ ମାର୍ଗଦର୍ଶନର ଆବଶ୍ୟକତା ରହିଛି। ଗୁରୁଙ୍କ ତ୍ୟାଗରେ ଶିଷ୍ୟର ଭବିଷ୍ୟତ ନିର୍ଭର କରେ। ଶିକ୍ଷକତାକୁ ବୃତ୍ତି ନୁହେଁ, ବରଂ ବ୍ରତ ବୋଲି ମନେକଲେ ଆଦର୍ଶ ଛାତ୍ର ନିର୍ମାଣ ସମ୍ଭବ ହୁଏ।

**-ରଶ୍ମିତା ମହାପାତ୍ର,** ଅଧ୍ୟାପିକା, ନୀଳମଣି ମହାବିଦ୍ୟାଳୟ, ରୂପ୍‌ସା, ବାଲେଶ୍ୱର

# ବସ୍ ଦୁର୍ଘଟଣା: ୫ ଆହତ



**ନୟାଗଡ଼/ଦଶପଲ୍ଲା ୪।୯ (ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)**

ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ଅନ୍ତର୍ଗତ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଭୋଗରା ନିକଟରେ ଗୁରୁବାର ରାତି ସାଢ଼େ ୧୦ଟାରେ ଏକ କଲଭର୍ଟରେ ପିଟି ହୋଇ ଯାତ୍ରୀବାହୀ ଓଏସ୍ଆର୍‌ଟିସି ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୫ ଜଣ ଆହତ ହୋଇଥିବା ଜଣାଯାଇଛି। ବସ୍‌ରେ ୨ ଜଣ ଯାତ୍ରୀ ଏବଂ ୩ ଜଣ ବସ୍ କର୍ମଚାରୀଙ୍କୁ ମିଶାଇ ୫ ଜଣ ଥିଲେ। ବସ୍‌ଟି ଭୁବନେଶ୍ୱରରୁ ଟିଟିଲାଗଡ଼ ଯାଉଥିଲା। ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

# ନାଗରିକ ସମାଜର ସମ୍ପୃକ୍ତି ଲୋଡ଼ା: ଭକ୍ତ

**ଭୁବନେଶ୍ୱର,୪।୯ (ରବିନାରାୟଣ ଜେନା)**

ତୃଣମୂଳସ୍ତରରେ କଂଗ୍ରେସ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଅଭିପ୍ରେତ ସୃଜନ କାର୍ଯ୍ୟକ୍ରମରେ ନାଗରିକ ସମାଜର ସମ୍ପୃକ୍ତି ଲୋଡ଼ା ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଗୁରୁବାର ସଙ୍ଗଠନ ସୃଜନ ଅଭିଯାନକୁ ନେଇ ଭକ୍ତ କହିଛନ୍ତି, ଜିଲାରେ ଜଣେ ଲେଖାଏ ଦକ୍ଷ ଓ ଯୋଗ୍ୟ କଂଗ୍ରେସ ନେତାଙ୍କୁ ଡିସିସି ସଭାପତି ଚୟନ କରାଇବା ସମଭାବାପନ୍ନ ନାଗରିକ ସମାଜଗୁଡ଼ିକର କର୍ତ୍ତବ୍ୟ। ଡିସିସି ସଂଯୋଜକମାନେ ନିଜ ଜିଲାର ବିଭିନ୍ନ ଅଗ୍ରଣୀ ସାମାଜିକ ସଙ୍ଗଠନ ଏବଂ ନାଗରିକ ସମାଜର ଦାୟିତ୍ୱବାନ ଓ ଗ୍ରହଣୀୟ ପ୍ରତିନିଧିମାନଙ୍କୁ ନେଇ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ନିକଟରେ ଆଲୋଚନା ପାଇଁ ପହଞ୍ଚାଇବାରେ ସହଯୋଗ କରିବା ଆବଶ୍ୟକ। ତାହାହେଲେ ଯାଇ ସଭାପତି ନିଯୁକ୍ତିରେ ଅଧିକ ଦକ୍ଷତା ପ୍ରମାଣିତ ହେବ। ଓଡ଼ିଶାରେ ସାମ୍ପ୍ରତିକ ରାଜନୈତିକ ସ୍ଥିତି ଦୃଷ୍ଟିରୁ କଂଗ୍ରେସ ଏକ ଶକ୍ତିଶାଳୀ ଦଳ ଭାବେ ଉଭା ହେବାର ଆବଶ୍ୟକତା ରହିଛି ବୋଲି ଭକ୍ତ କହିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶାରେ କଂଗ୍ରେସର ସମସ୍ତ ୩୫ଟି ସାଙ୍ଗଠନିକ ଜିଲାର ସଭାପତି ଚୟନ ପାଇଁ ପ୍ରକ୍ରିୟା ଜୋରଦାର ଚାଲିଛି। ଏହାକୁ ନେଇ ରାଜ୍ୟବ୍ୟାପୀ କଂଗ୍ରେସ ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇଛି। ସମ୍ପୃକ୍ତ ଜିଲାରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନେ ଅନ୍ୟୂନ ୭ ଦିନ ଅବସ୍ଥାନ କରିବା ଭିତରେ ଦଳୀୟ କର୍ମୀ ଓ ନେତାଙ୍କ ମତାମତ ନେଇ ସବୁ ବର୍ଗର ପ୍ରତିନିଧିତ୍ୱ କରୁଥିବା ୬ ଜଣ ଯୋଗ୍ୟ ଓ ଦକ୍ଷ ସଂଗଠକଙ୍କ ତାଲିକା ପ୍ରସ୍ତୁତ କରି ଏଆଇସିସିଙ୍କ ନିକଟରେ ଆସନ୍ତା ୧୪ ତାରିଖ ସୁଦ୍ଧା ଦାଖଲ କରିବେ। ଏହାପରେ ରାଜ୍ୟର ୩୫ ସାଙ୍ଗଠନିକ ଜିଲାର ସଭାପତି ଘୋଷଣା ହେବ ବୋଲି ପିସିସି ପକ୍ଷରୁ କୁହାଯାଇଛି।

# ସ୍ନେହାଙ୍ଗିନୀ ବିଜୁ ମହିଳା ଜନତା ଦଳ ସଭାପତି

- **୧୫ ଜଣିଆ ମହିଳା ବ୍ୟାପାର କମିଟି ଗଢ଼ିଲା ଦଳ**
- **୩ ସାଙ୍ଗଠନିକ ଜିଲାର ସଭାପତି ଘୋଷଣା**
- **ସମସ୍ତ ୩ ଜିଲା ପାଇଁ କାର୍ଯ୍ୟକାରୀ ସଭାପତି ରଖାଗଲା**
- **ବାକି ରହିଲା ଖୋର୍ଦ୍ଧା, ବାଲେଶ୍ୱର ଜିଲା ସଭାପତି ପଦ**

**ଭୁବନେଶ୍ୱର,୪।୯ (ସୁନିତ୍ ମିଶ୍ର)**

ବିଜୁ ଯୁବ ଓ ଛାତ୍ର ଜନତା ଦଳ ପରେ ମହିଳା ସଭାପତି ଘୋଷଣା କରାଯାଇଛି। ବରିଷ୍ଠ ନେତ୍ରୀ ତଥା ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କୁ ବିଜୁ ମହିଳା ଜନତା ଦଳର ନୂଆ ସଭାପତି ଭାବେ ନିଯୁକ୍ତି ମିଳିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ପୁଣିଥରେ ସ୍ନେହାଙ୍ଗିନୀଙ୍କ ଉପରେ ଭରସା କରିଛନ୍ତି। ସୂଚନାଯୋଗ୍ୟ, ସ୍ନେହାଙ୍ଗିନୀ ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ବିଜୁ ମହିଳା ଜନତା ଦଳର ସଭାପତି ଦାୟିତ୍ୱରେ ରହିଥିଲେ। ନିର୍ବାଚନ ପରେ ନବୀନ ଦଳର ସବୁ କମିଟି ଭାଙ୍ଗିଦେଇଥିଲେ। ଏବେ ପୁଣି ଥରେ ଦଳ ପକ୍ଷରୁ ସ୍ନେହାଙ୍ଗିନୀଙ୍କ ଉପରେ ଭରସା କରାଯାଇଛି। ଏଥିସହ ଦଳ ପକ୍ଷରୁ ୧୫ ଜଣ ମହିଳାଙ୍କୁ ନେଇ ମହିଳା ବ୍ୟାପାର କମିଟି କରାଯାଇଛି। ଏହି କମିଟିରେ ବରିଷ୍ଠ ସାଧାରଣ ସମ୍ପାଦକ ଭାବେ ସୁମିତ୍ରା ଜେନା, ରାଜଶ୍ରୀ ମଲ୍ଲିକ ଏବଂ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ସ୍ଥାନ ମିଳିଛି। ସେହିପରି ୧୨ ଜଣଙ୍କୁ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ମିଳିଛି। ସେମାନଙ୍କ ମଧ୍ୟରେ ସୁଲୋଚନା ଦାସ, ସୁଲତା ଦେଓ, ବର୍ଷା ସିଂ ବରିହା, ଶର୍ମିଷ୍ଠା ସେଠୀ, ଶ୍ରୀମୟୀ ମିଶ୍ର, ଲୋପାମୁଦ୍ରା ବକ୍ସିପାତ୍ର, ମିନତୀ ବେହେରା, କସ୍ତୁରୀ ମହାପାତ୍ର, ପଦ୍ମିନୀ ଦିଆନ, ଦୀପାଳୀ ଦାସ, ରଞ୍ଜିତା ସାହୁ ଏବଂ ଗୀତାଞ୍ଜଳୀ ବସ୍ତିଆ ରହିଛନ୍ତି।

ବିଜେଡି ପକ୍ଷରୁ ଆଉ ୩ଟି ସାଙ୍ଗଠନିକ ଜିଲା ଢେଙ୍କାନାଳ, କୋରାପୁଟ ଏବଂ ରାୟଗଡ଼ା ପାଇଁ ସଭାପତି ପଦ ଘୋଷଣା କରାଯାଇଛି। ଏହାସହ ଏହି ୩ ସାଙ୍ଗଠନିକ ଜିଲା ମଧ୍ୟରୁ ଢେଙ୍କାନାଳରେ ଜଣଙ୍କୁ କାର୍ଯ୍ୟକାରୀ ସଭାପତି ରଖାଯାଇଥିବା ବେଳେ କୋରାପୁଟ ଓ ରାୟଗଡ଼ାରେ ୨ ଜଣଙ୍କୁ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ମିଳିଛି। ଢେଙ୍କାନାଳର ସଭାପତି ଭାବେ ବରିଷ୍ଠ ନେତା ନୃସିଂହ ଚରଣ ସାହୁ ଏବଂ କାର୍ଯ୍ୟକାରୀ ସଭାପତି ଭାବେ ସନ୍ଦୀପ ଷଡ଼ଙ୍ଗୀଙ୍କୁ ଦାୟିତ୍ୱ ମିଳିଛି। ସେହିପରି କୋରାପୁଟ ଜିଲା ସଭାପତି ଭାବେ ଝିନ୍ନ ହିକ୍କା ଏବଂ କାର୍ଯ୍ୟକାରୀ ସଭାପତି ଭାବେ ଦୁର୍ଗା ମିଶ୍ର ଏବଂ ପ୍ରସାଦ ବିଡ଼ିକାଙ୍କୁ ନିଯୁକ୍ତି ମିଳିଛି। ରାୟଗଡ଼ା ଜିଲା ସଭାପତି ଭାବେ ଜଗନ୍ନାଥ ସାରକାଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ଗୟାଧର ପୁଆଲା ଏବଂ ରଞ୍ଜିତ କୁମାର ପାଣିଗ୍ରାହୀଙ୍କୁ ନିଯୁକ୍ତ କରାଯାଇଛି। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଦସ୍ତଖତରେ ଏନେଇ ଗୁରୁବାର ବିଜ୍ଞପ୍ତି ଜାରି କରାଯାଇଛି।

ସୂଚନାଯୋଗ୍ୟ, ବିଜେଡି ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୩୩ ସାଙ୍ଗଠନିକ ଜିଲା ମଧ୍ୟରୁ ୩୧ଟି ଜିଲାର ସଭାପତି ଘୋଷଣା ସମ୍ପୂର୍ଣ୍ଣ ହୋଇଛି। କେବଳ ୨ଟି ସାଙ୍ଗଠନିକ ଜିଲା ଖୋର୍ଦ୍ଧା ଏବଂ ବାଲେଶ୍ୱର ଜିଲା ସଭାପତି ଏ ପର୍ଯ୍ୟନ୍ତ ଦଳ ଘୋଷଣା କରିପାରିନାହିଁ।



ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଯାଜପୁର ବ୍ଲକ ଅନ୍ତର୍ଗତ ସୁଜନପୁର ପଞ୍ଚାୟତର ହସନପୁରରୁ ଦୁର୍ଗାପୁର ଗ୍ରାମକୁ ସଂଯୋଗ କରୁଥିବା ଦୁଧେଇ ନାଳରେ ପୁରାତନ ସେତୁର ଏକ ପିଲାର ଗୁରୁବାର ଅପରାହ୍ନରେ ଦବିଯିବା ସହ ଆପ୍ରୋଚ ରୋଡ୍‌ରେ ପ୍ରାୟ ୫୦ ଫୁଟ ଧୋଇ ହୋଇଯାଇଛି। ଫଳରେ ଶତାଧିକ ଲୋକେ ଜଳବନ୍ଦୀ ହୋଇଛନ୍ତି।

# କ୍ରୁଜ୍ ଟର୍ମିନାଲ ବିକାଶକୁ ରାଜ୍ୟପାଳଙ୍କ ଗୁରୁତ୍ୱ

**ବିମାନବନ୍ଦର ସହ ବିଭିନ୍ନ ପ୍ରକଳ୍ପର ସମୀକ୍ଷା ବୈଠକ**



**ଭୁବନେଶ୍ୱର, ୪।୯ (ରବିନାରାୟଣ ଜେନା)**

ଓଡ଼ିଶାରେ ବିମାନ ପରିଚାଳନାକୁ ସହଜ କରିବା ପାଇଁ ରାଜ୍ୟ ମାଲିକାନାରେ ଥିବା ଏୟାରଷ୍ଟ୍ରିପ୍ ରନ୍‌ୱେକୁ ସମ୍ପ୍ରସାରଣ କରିବା ଆବଶ୍ୟକତା ରହିଛି। ଏହାସହିତ ରାଜ୍ୟର ବନ୍ଦରଗୁଡ଼ିକରେ ଗ୍ରୀନ ଫିଲ୍ଡ ଟର୍ମିନାଲ ପରିବର୍ତ୍ତେ କ୍ରୁଜ ଟର୍ମିନାଲ ବିକାଶ କରିବା ପାଇଁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଗୁରୁତ୍ୱ ଦେଇଛନ୍ତି। ଗୁରୁବାର ରାଜଭବନର ନ୍ୟୁ-ଅଭିଷେକ ହଲ୍‌ଠାରେ ଜାତୀୟ ରାଜପଥ ପ୍ରାଧିକରଣ, ଜାତୀୟ ରାଜପଥ, ବିଜୁ ପଟ୍ଟନାୟକ ବିମାନ ବନ୍ଦର, ବିମାନ ଚଳାଚଳ ଏବଂ ରେଲୱେର ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ରାଜ୍ୟପାଳ ସମୀକ୍ଷା କରିଛନ୍ତି। କ୍ରୁଜ ଟର୍ମିନାଲ ବିକାଶ ହେଲେ ଲୋକେ ଆକର୍ଷିତ ହେବେ ବୋଲି ରାଜ୍ୟପାଳ କହିଛନ୍ତି। ଏହି ଅବସରରେ ରାଜ୍ୟପାଳ ମତ୍ସ୍ୟଜୀବୀମାନଙ୍କ ଜୀବିକା ସୁରକ୍ଷା ପାଇଁ ବନ୍ଦରଗୁଡ଼ିକରେ ମାଛଧରା ଜେଟି ପ୍ରଚଳନକୁ ଗୁରୁତ୍ୱ ଦେବା ସହିତ 'ହେଲି ପୋର୍ଟ' ସ୍ଥାପନ ଏକ ଭଲ ଚିନ୍ତାଧାରା ବୋଲି କହିଛନ୍ତି। ପିପିପି ମୋଡ୍‌ରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ଦୁଇ/ତିନୋଟି ସ୍ଥାନରେ ହେଲି ପୋର୍ଟ ଆରମ୍ଭ କରିବା ପାଇଁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ଏତଦ୍‌ବ୍ୟତୀତ ଜନଜାତି ଝିଅମାନଙ୍କ ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା କ୍ୟାଡେଟ୍ ପାଇଲଟ୍ କାର୍ଯ୍ୟକ୍ରମ ସମ୍ପର୍କରେ ପଚାରି ବୁଝିଛନ୍ତି। ଛତିଆଠାରେ ଡ୍ରାଇଭିଂ ପ୍ରତିଷ୍ଠାନ ବିଷୟରେ ଆଲୋଚନାବେଳେ ସରକାରୀ ପଲିଟେକ୍‌ନିକ୍ ଏବଂ ଆଇଟିଆଇରେ ଡ୍ରାଇଭିଂ ତାଲିମ୍ ପାଠ୍ୟକ୍ରମ ଆରମ୍ଭ କରିବା ନିମନ୍ତେ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ନିଯୁକ୍ତି ସୁଯୋଗ ବଢ଼ିବ ଏବଂ ବିଦେଶରେ ମଧ୍ୟ ଛାତ୍ରୀଛାତ୍ର ନିଯୁକ୍ତି ସୁଯୋଗ ଅନ୍ୱେଷଣ କରିବାରେ ଏହା ସହାୟକ ହେବ ବୋଲି ରାଜ୍ୟପାଳ କହିଛନ୍ତି। ଏହି ଅବସରରେ ରାଜ୍ୟପାଳ ଭୁବନେଶ୍ୱର ରେଳଷ୍ଟେଶନ ତଥା ଅନ୍ୟ ଷ୍ଟେଶନଗୁଡ଼ିକର ବିକାଶ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରି ଅଲାଇନ୍‌ମେଣ୍ଟ ଚୂଡାନ୍ତ କରିବା ପୂର୍ବରୁ ରାଜ୍ୟ ସରକାରଙ୍କ ସହ ପରାମର୍ଶ କରିବାକୁ ରେଲୱେ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। ଜାତୀୟ ରାଜପଥ ପ୍ରାଧିକରଣ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପର ସମୀକ୍ଷା କରି ସେ କହିଛନ୍ତି, ରାଜପଥ ନିବେଶର ଲାଭ ଜନସାଧାରଣଙ୍କୁ ଦୃଶ୍ୟମାନ ହେବା ଆବଶ୍ୟକ। ରାଜପଥରେ ଯାତ୍ରୀ ସୁବିଧା ଏବଂ ବୈଦ୍ୟୁତିକ ଯାନ ଚାର୍ଜିଂ ଷ୍ଟେଶନ ପାଇଁ ବ୍ୟବସ୍ଥା କରାଗଲାଣି କି ନାହିଁ ସେ ସମ୍ପର୍କରେ ରାଜ୍ୟପାଳ ପଚାରି ବୁଝିଛନ୍ତି।

ସମୀକ୍ଷା ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ନବୀନଙ୍କୁ ଭେଟିଲେ ଦିଲୀପ ରାୟ

**ଭୁବନେଶ୍ୱର,୪।୯ (ସୁନୀତ ମିଶ୍ର)**

ପୂର୍ବତନ ବିଧାୟକ ତଥା ବରିଷ୍ଠ ନେତା ଦିଲୀପ ରାୟ ଗୁରୁବାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ସେ ନବୀନ ନିବାସ ଯାଇ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିବା ସହ କିଛିସମୟ ନବୀନ ନିବାସରେ କଟାଇଥିବା ଜଣାପଡ଼ିଛି। ଏହାଛଡ଼ା ନବୀନଙ୍କ ସହ ତାଙ୍କର ଅନ୍ୟ କେଉଁ ପ୍ରସଙ୍ଗରେ ଆଲୋଚନା ହୋଇଛି ତାହା ଜଣାପଡ଼ି ନାହିଁ। ଦିଲୀପ ମଧ୍ୟ ନବୀନ ନିବାସରୁ ଫେରି ଗଣମାଧ୍ୟମକୁ କିଛି ସୂଚନା ଦେଇନାହାନ୍ତି।

## ବର୍ଷାରେ ଭୁଶୁଡିଲା ଘର: ୨ ଶିଶୁ ଗୁରୁତର

**ନୀଳଗିରି, ୪।୯ (ପ୍ରଶାନ୍ତ ବିଶ୍ୱାଳ)**

ଦିନ ଧରି ଲଗାଣ ବର୍ଷ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗୁରୁବାର ଦିନତମାମ୍ ବର୍ଷା ଯୋଗୁ ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ମିତ୍ରପୁର୍ ଚର୍ଚ୍ଚ ନିକଟରେ ଥିବା ସାନ୍ଧିଆ ସିଂଙ୍କ ଆଜବେଷ୍ଟସ ଛପର ଘର ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ପଡ଼ିଥିଲା। ଘରେ ଥିବା ୨ ପିଲାଙ୍କ ଉପରେ ଛପର ପଡ଼ିଯିବାରୁ ଉଭୟ ଗୁରୁତର ହୋଇଛନ୍ତି। ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି।

# ଶୁଣୁନାହାନ୍ତି ୮ ବିଭାଗ, ଅଟକିଛି କେନ୍ଦ୍ରୀୟ ଅନୁଦାନ

**ରାଜ୍ୟ ଷଷ୍ଠ ଅର୍ଥ ଆୟୋଗ ଦେଇପାରୁନାହାନ୍ତି ପୂର୍ଣ୍ଣାଙ୍ଗ ରିପୋର୍ଟ**

**ଭୁବନେଶ୍ୱର,୪।୯ (ରବିନାରାୟଣ ଜେନା)**

ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଭିତ୍ତିଭୂମି ସୁଦୃଢ଼ କରିବା ଲାଗି କେନ୍ଦ୍ରୀୟ ସହାୟତାର ବଡ଼ ଭୂମିକା ରହିଛି। ହେଲେ ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଯେଭଳି ଭାବେ ସୁପାରିସ କରାଯିବା କଥା ତାହା କେତେକ ବିଭାଗର ଅବହେଳା ଯୋଗୁ ସମ୍ଭବ ହୋଇପାରୁ ନ ଥିବା ଅର୍ଥ ବିଭାଗ ପକ୍ଷରୁ ଜଣାପଡ଼ିଛି। ସମ୍ପୃକ୍ତ ବିଭାଗ ପକ୍ଷରୁ ୮ଟି ବିଭାଗକୁ ବାରମ୍ବାର ଅନୁରୋଧ କରାଗଲେ ମଧ୍ୟ ସେମାନେ କୌଣସି ପ୍ରସ୍ତାବ ଅଦ୍ୟାବଧି ଦେଇପାରୁ ନାହାନ୍ତି। ଏପରି କି ରାଜ୍ୟ ଷଷ୍ଠ ଅର୍ଥ ଆୟୋଗଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କେବଳ ଅନ୍ତରୀଣ ରିପୋର୍ଟ ପ୍ରଦାନ କରାଯାଇଛି। ୮ଟି ବିଭାଗର ଅବହେଳା ପାଇଁ କେନ୍ଦ୍ରୀୟ ଅନୁଦାନ ଅଟକିଛି ବୋଲି ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଅର୍ଥ ବିଭାଗ ପକ୍ଷରୁ ବୁଧବାର ସମ୍ପୃକ୍ତ ବିଭାଗଗୁଡ଼ିକୁ ପତ୍ର ଲେଖାଯାଇ ପ୍ରସ୍ତାବ ମଗାଯାଇଛି।

ଏନେଇ ଅର୍ଥ ବିଭାଗର ସଦସ୍ୟ ସଚିବ ଡ. ସତ୍ୟପ୍ରିୟ ରଥ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସହିତ କୃଷି, ବିଦ୍ୟାଳୟ ଓ ଗଣଶିକ୍ଷା, ସ୍ୱାସ୍ଥ୍ୟ, ଯୋଜନା ଓ ସଂଯୋଜନ ଏବଂ ସମବାୟ ବିଭାଗ ସଚିବଙ୍କୁ ପତ୍ର ଲେଖି ତୁରନ୍ତ ପ୍ରସ୍ତାବ ଦେବାକୁ ଅନୁରୋଧ କରିଛନ୍ତି। ସେ ଦର୍ଶାଇଛନ୍ତି ଅର୍ଥ ବିଭାଗ ପକ୍ଷରୁ ମେ' ୧୭ ଏବଂ ଅଗଷ୍ଟ ୧୭ରେ ଦୁଇଥର ଅନୁରୋଧ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପ୍ରସ୍ତାବ ମିଳିନାହିଁ। ରାଜ୍ୟ ଷଷ୍ଠ ଅର୍ଥ ଆୟୋଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ହୋଇଥିବା ଆଲୋଚନାକୁ ନେଇ ତୁରନ୍ତ ପ୍ରସ୍ତାବ ଦେବାକୁ ସେ ପତ୍ରରେ ଦର୍ଶାଇଛନ୍ତି।

ସୂଚନାଯୋଗ୍ୟ, ବିଭାଗଗୁଡ଼ିକର ଅବହେଳାକୁ ନେଇ ଅଗଷ୍ଟ ୧୮ରେ ରାଜ୍ୟ ଷଷ୍ଠ ଅର୍ଥ ଆୟୋଗ ଅଧ୍ୟକ୍ଷ ଡ. ଅରୁଣ କୁମାର ପଣ୍ଡା କେବଳ ଅନ୍ତରୀଣ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ଏହି ବୈଠକରେ ଆୟୋଗର ସଦସ୍ୟ ପ୍ରଫେସର ଅସିତ ରଞ୍ଜନ ମହାନ୍ତି, ପ୍ରଫେସର ଅମରେଶ ସାମନ୍ତରାୟ ଏବଂ ଡକ୍ଟର ବିଭୁ ପ୍ରସାଦ ନାୟକ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଆୟୋଗ ଗଠନ ହେବାର ୭ମାସ ବିତି ଯାଇଥିଲେ ମଧ୍ୟ ୮ଟି ବିଭାଗ ପକ୍ଷରୁ ସୁଚିନ୍ତିତ ପ୍ରସ୍ତାବ କିମ୍ବା 'ମେମୋରାଣ୍ଡମ' ପ୍ରଦାନ କରା ନ ଯିବା ରାଜ୍ୟ ଷଷ୍ଠ ଅର୍ଥ ଆୟୋଗଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି।

୨୦୨୪ ଡିସେମ୍ବର ୩୧ରେ କେନ୍ଦ୍ରୀୟ ଷୋଡ଼ଶ ଅର୍ଥ ଆୟୋଗ ଗଠନ ହୋଇଛି। ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନଗାରିୟା ଷୋଡ଼ଶତମ କେନ୍ଦ୍ରୀୟ ଅର୍ଥ ଆୟୋଗ ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। ଅନୁରୂପ ଭାବେ ଓଡ଼ିଶାରେ ଜାନୁଆରୀରେ ଅବସରପ୍ରାପ୍ତ ପ୍ରଶାସକ ଡ. ଅରୁଣ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଷଷ୍ଠ ଅର୍ଥ ଆୟୋଗ ଗଠନ ହୋଇଛି।

**କେନ୍ଦୁପଦରରେ ୩ ଯୁବକଙ୍କୁ ଆକ୍ରମଣ, ଗୁଳି ଜବତ**

ଆସିକା,(ସୁରେନ୍ଦ୍ର ନାଥ ସାହୁ): ଗଞ୍ଜାମ ଜିଲା ଆସିକାର କୋଚିନଡା ଥାନା ଅନ୍ତର୍ଗତ କେନ୍ଦୁପଦର ଗ୍ରାମରେ ଗୁରୁବାର ରାତି ୮ଟାରେ ସଂଘବଦ୍ଧ ଆକ୍ରମଣରେ ୩ ଜଣ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଅଜିତ୍ ବିଶୋୟୀ, ଚନ୍ଦନ ବିଶୋୟୀ ଓ ବଚନ ବିଶୋୟୀ। ଆହତ ଯୁବକମାନଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଗୁରୁବାର ରାତି ୮ଟାରେ ୭ ଜଣ ଯୁବକ ବାଇକ୍‌ରେ ଆସି କେନ୍ଦୁପଦର ଗ୍ରାମରେ ପହଞ୍ଚି ଜଣେ ବ୍ୟକ୍ତିଙ୍କ ଘର କେଉଁଠି ବୋଲି ପଚାରିଥିଲେ। ପରେ ସେମାନେ ବନ୍ଧୁକ ଓ ଖଣ୍ଡାରେ ଅଜିତ୍, ଚନ୍ଦନ ଓ ବଚନଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଏକ ଅଫୁଟା ଗୁଳି ଜବତ କରିଛି।

# ଭୁବନେଶ୍ୱରରେ ଆସାମ ପୋଲିସର ଚଢ଼ାଉ

**ବହୁ କୋଟି ଟଙ୍କା ଠକେଇ ମାମଲା**
- ■ ତାଲା ଭାଙ୍ଗି ଘରେ ପଶିଲା ପୋଲିସ
- ■ ଜଣେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୪।୯(ସତ୍ୟଜିତ୍ ରାଉତ)

ବହୁ କୋଟି ଟଙ୍କା ଠକେଇ ମାମଲାରେ ଫେରାର ଥିବା ଅଭିଯୁକ୍ତଙ୍କୁ ଧରିବାକୁ ଗୁରୁବାର ଭୁବନେଶ୍ୱରରେ ଆସାମ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ଏହି ମାମଲାରେ କେବଳ ଜଣେ ଅଭିଯୁକ୍ତଙ୍କୁ ଆସାମ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଛି। ଅପରପକ୍ଷରେ ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସମୀର ପଟ୍ଟନାୟକଙ୍କ ଘରେ ଚଢ଼ାଉ କରିଥିବାବେଳେ ସେ ପୂର୍ବ ସୂଚନା ପାଇ ଫେରାର ହୋଇଯାଇଥିବା ଜଣାପଡ଼ିଛି।

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ସୁଭଦ୍ରା ଆପାର୍ଟମେଣ୍ଟର ସମୀରଙ୍କ ଫ୍ଲାଟ(ନଂ.ଏ-୫୧୫)ରେ ସମୀର ରହିଥିବା ନେଇ ସୂଚନା ପାଇ ଆସାମର ଏକ ପୋଲିସ ଟିମ୍ ଇନ୍‌ଫୋସିଟି



ସମୀରଙ୍କ ବାସଭବନ ଭିତରେ ପୋଲିସ ଯାଞ୍ଚ କରୁଛି।

ପୋଲିସ ସହାୟତାରେ ଚଢ଼ାଉ କରିଥିଲା। ହେଲେ ଦୀର୍ଘ ସମୟ ଧରି ଭିତର ପଟୁ କେହି କବାଟ ଖୋଲି ନ ଥିଲେ। ୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଆପାର୍ଟମେଣ୍ଟରେ ଆସାମ ପୋଲିସକୁ ଅପେକ୍ଷା କରିବାକୁ ପଡିଥିଲା। ଶେଷରେ କୌଣସି ବିକଳ୍ପ ନ ପାଇ ପୋଲିସ ତାଲା ଭାଙ୍ଗି ଘର ଭିତରେ ପଶିଥିଲା। ତେବେ ଘର ଭିତରେ ଥିବା ସମୀରଙ୍କ ସ୍ତ୍ରୀ ପୋଲିସକୁ ବିରୋଧ କରିଥିଲେ। ସେ ଠକେଇ ବିଷୟରେ କିଛି ଜାଣି ନ ଥିବା କହିଥିଲେ। ଘରେ ଏକା ଥିବାରୁ କବାଟ ଖୋଲୁ ନ ଥିବା କହିଥିଲେ।

ପୋଲିସ ଟିମ୍ ଫ୍ଲାଟ୍‌ର ବିଭିନ୍ନ ସ୍ଥାନରେ ଯାଞ୍ଚ କରି ଖାଲି ହାତରେ ଫେରିଥିଲା। ଅପରପକ୍ଷରେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଚଢ଼ାଉ କରି ଆସାମ ପୋଲିସ ଅଭିଯୁକ୍ତ ନିରୁପ ସୁନ୍ଦର ଚୌଧୁରୀଙ୍କୁ ଗିରଫ କରିଛି। ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆସାମ ନେବାକୁ ପ୍ରକ୍ରିୟା ଆରମ୍ଭ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଏହି ଠକେଇ ମାମଲାରେ ସମୀରଙ୍କ ସମେତ ଅନ୍ୟ ଜଣେ ଅଭିଯୁକ୍ତ ସୁନିଲ ସାହୁ ମଧ୍ୟ ଫେରାର ଅଛନ୍ତି। ଏହି ମାମଲାରେ ଦୁଷ୍ମନ୍ତ ମୁଦୁଲି ନାମକ ଜଣେ ବ୍ୟକ୍ତି ଅଭିଯୋଗକାରୀ ବୋଲି ପୋଲିସଠାରୁ ସୂଚନା ମିଳିଛି। ୩ ଅଭିଯୁକ୍ତଙ୍କ ସହ ଦୁଷ୍ମନ୍ତ ଆସାମରେ ପାର୍ଟନରଶିପ୍ ଜରିଆରେ କୋଇଲା ବ୍ୟବସାୟ ପାଇଁ ବହୁ କୋଟି ଟଙ୍କା ନିବେଶ କରିଥିଲେ। ତେବେ ଦୁଷ୍ମନ୍ତଙ୍କୁ ଅନ୍ୟ ଅଭିଯୁକ୍ତମାନେ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ଫେରାର ହୋଇଯାଇଥିଲେ। ଏନେଇ ଏତଲାକ୍ରମେ ଆସାମ ପୋଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତମାନଙ୍କୁ ବହୁଥର ନୋଟିସ୍ ଆସିଥିଲା। ହେଲେ ସେମାନେ ପୋଲିସ କିମ୍ବା କୋର୍ଟରେ ହାଜର ହୋଇ ନ ଥିଲେ। ତେଣୁ କୋର୍ଟ ସେମାନଙ୍କ ନାଁରେ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଥିଲେ।

# ବଚସାରୁ ସାଥୀ ରୋଷେୟାଙ୍କୁ ହତ୍ୟା

**ଅଭିଯୁକ୍ତ ଗିରଫ**

ଭୁବନେଶ୍ୱର,୪।୯ (ସତ୍ୟଜିତ୍ ରାଉତ)

ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ୍-୪ ମାଛ ମାର୍କେଟ ନିକଟରେ ଥିବା ଏକ କ୍ୟାଟର୍‌ରେ ଜଣେ ରୋଷେୟାଙ୍କୁ ହତ୍ୟା କରାଯାଇଛି। ମୃତକ ଜଣକ ହେଲେ କଟକ ଜିଲା ବାଙ୍କୀ ଅଞ୍ଚଳର ବିକ୍ରମ ବେହେରା (୪୨)। ବୁଧବାର ସନ୍ଧ୍ୟାରେ ରୁଟି ସେକାକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ପରେ ସାଥୀ ରୋଷେୟା ଗୋପୀନାଥ ନାୟକ(୩୦) ଉତ୍ତେଜିତ ହୋଇ ଏହି କାଣ୍ଡ ଘଟାଇଛନ୍ତି। ରୁଟି ସେକା ଚିମୁଟାରେ ବିକ୍ରମଙ୍କ ବେକକୁ ଭୁସି ଦେବାରୁ ସେ ଗୁରୁତର ହୋଇଥିଲେ। ଆଚାର୍ଯ୍ୟ ବିହାରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ବୁଧବାର ବିଳମ୍ବିତ ରାତିରେ ବିକ୍ରମଙ୍କ ମୃତ୍ୟୁ ହୋଇଯାଇଥିଲା। ଏନେଇ ବିକ୍ରମଙ୍କ ଭାଇ ବିଜୟ କୁମାର ବେହେରାଙ୍କ ଏତଲାକୁ ଆଧାରକରି ପୋଲିସ ଗୁରୁବାର ଏକ ହତ୍ୟା ମାମଲା (ନଂ.୩୭୫/୨୦୨୫) ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ଅଭିଯୁକ୍ତ ସାଥୀ ରୋଷେୟା ଢେଙ୍କାନାଳର ଗୋପୀନାଥଙ୍କୁ ପୋଲିସ ଗିରଫ କରି ଅଧିକ ପଚରାଉଚରା କରୁଛି। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାନୁଯାୟୀ, ୟୁନିଟ୍-୪ ମାଛ ମାର୍କେଟ୍ ନିକଟରେ ଥିବା କ୍ୟାଟର(ସେବା)ରେ ବିକ୍ରମ କାମ କରୁଥିଲେ। ରାଜଧାନୀର ବିଭିନ୍ନ ହଷ୍ଟେଲ ଓ ମେସ୍‌କୁ ଉକ୍ତ କ୍ୟାଟରରୁ ଭୋଜନ ପଠାଯାଏ। ସେଠାରେ ବିକ୍ରମ ଅନ୍ୟ କର୍ମଚାରୀଙ୍କ ସହ ସେ ରହୁଥିଲେ। ବୁଧବାର ସନ୍ଧ୍ୟା ପ୍ରାୟ ୭ଟା ୩୦ ବେଳେ ବିକ୍ରମ ଓ ଗୋପୀନାଥ ରାତ୍ରିଭୋଜନ ପାଇଁ ରୁଟି ପ୍ରସ୍ତୁତ କରୁଥିଲେ। ରୁଟି ସେକାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ଉଭୟଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା। ହଠାତ୍ ଗୋପୀନାଥ ଧରିଥିବା ରୁଟି ସେକା ଚିମୁଟାରେ ଆକ୍ରମଣ କରିଥିଲେ। ବିକ୍ରମଙ୍କ ବେକରୁ ପ୍ରଚୁର ରକ୍ତସ୍ରାବ ହେବାରୁ ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ କର୍ମଚାରୀମାନେ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲକୁ ନେବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ଏହି ଘଟଣାରେ ତଦନ୍ତ କରୁଥିବାବେଳେ କ୍ୟାଟର ମାଲିକ ଓ କର୍ମଚାରୀଙ୍କୁ ଘଟଣା ବିଷୟରେ ଅଧିକ ପଚରାଉଚରା କରୁଛି। ଉଭୟଙ୍କ ମଧ୍ୟରେ ତତ୍‌କ୍ଷଣାତ୍ ଯୁକ୍ତିତର୍କରୁ ଏଭଳି ଘଟିଲା ନା ପୂର୍ବ ଶତ୍ରୁତା ଥିଲା ସେନେଇ ପୋଲିସ ଅଧିକ ଖୋଳତାଡ଼ ଚଳାଇଛି।

# ମଦ୍ରାସା ପାଇଖାନା ଟାଙ୍କିରୁ ନିଖୋଜ ଛାତ୍ରଙ୍କ ମୃତଦେହ ଜବତ

- ■ ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ
- ■ ମାମଲା ରୁଜୁ କରି ପୋଲିସର ତଦନ୍ତ ଆରମ୍ଭ

ନୟାଗଡ଼/ରଣପୁର,୪।୯ (ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲ୍ଲା ରଣପୁର ଥାନା କୁଲସର ପଞ୍ଚାୟତ ନାଳପଲ୍ଲୀ ଗାଁର ଏକ ମଦ୍ରାସାରେ ଜଣେ ଅନ୍ତେବାସୀ ଗତ ୨ ତାରିଖରୁ ନିଖୋଜ ଥିଲେ। ଏ ନେଇ ସୁନାଖଳା ଫାଣ୍ଡିରେ ଅଭିଯୋଗ ହୋଇଥିଲା। ବୁଧବାର ମଧ୍ୟାହ୍ନ ୧ଟାରେ ପରିତ୍ୟକ୍ତ ପାଇଖାନା ଟାଙ୍କିରୁ ଛାତ୍ରଙ୍କ ମୃତଦେହ ପୋଲିସ ଜବତ କରିଛି। ଏ ନେଇ ପରିବାର ଲୋକେ ପୁଅକୁ ହତ୍ୟା କରାଯାଇ ପରିତ୍ୟକ୍ତ ପାଇଖାନା ଟାଙ୍କିରେ ଫିଙ୍ଗି ଦିଆଯାଇଥିବା ଅଭିଯୋଗ କରି ରଣପୁର ଥାନା ଅନ୍ତର୍ଗତ ସୁନାଖଳା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଫାଣ୍ଡି ପୋଲିସ ନଂ. ୨୭୦/୨୫ରେ ହତ୍ୟା ମାମଲା ରୁଜୁ କରିଘଟଣାର ତଦନ୍ତ କରୁଛି। ପୋଲିସ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ଅଭିଯୋଗ ଅନୁସାରେ, କଟକ ଜିଲ୍ଲା ବଡ଼ମ୍ବା ଥାନା ବଡ଼ଗଡ଼ ଗାଁର ଅଲିଜରୁଦ୍ଦିନ ଖାଁଙ୍କ ବଡ଼ ପୁଅ ଫରାନୁଦ୍ଦିନ(୧୨) ନାଳପଲ୍ଲୀ ଗାଁର ଏକ ମଦ୍ରାସାରେ ଅନ୍ତେବାସୀ ଭାବେ ରହି ପାଠ ପଢୁଥିଲେ। ପ୍ରାୟ ୧ବର୍ଷ ହେଲା ସେ ଏଠାରେ ରହି ପାଠ ପଢୁଥିଲେ। ଫରାନୁଦ୍ଦିନ ୨ ଘଣ୍ଟା ହେଲା ନିଖୋଜ ନେଇ ମଦ୍ରାସା ପକ୍ଷରୁ ଗତ ୨ ତାରିଖ ଅପରାହ୍ଣ ୪ଟାରେ ପରିବାର ଲୋକଙ୍କୁ କୁହାଯାଇଥିଲା। ଫୋନ ପାଇବା ପରେ ୨ ତାରିଖ ସନ୍ଧ୍ୟା ୭ଟାରେ ପୁତୁରାଙ୍କ ସହ ବାପା ଅଲିଜରୁଦ୍ଦିନ ମଦ୍ରାସାରେ ପହଞ୍ଚି ଥିଲେ। ମଦ୍ରାସାରେ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ମିଳି ନ ଥିଲା। ପୁଅକୁ ଖୋଜିବା ପାଇଁ ମଦ୍ରାସାରେ ଲାଗିଥିବା ସିସିଟିଭି ଯାଞ୍ଚ କରିବାକୁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ହେଲେ ସହଯୋଗ ମିଳି ନ ଥିଲା। ଏପରିକି ମଦ୍ରାସା ପକ୍ଷରୁ ନିଖୋଜ ଅନ୍ତେବାସୀଙ୍କୁ ଖୋଜାଖୋଜି କରାଯାଇ ନ ଥିଲା। ବୁଧବାର ପରିତ୍ୟକ୍ତ ପାଇଖାନା ଟାଙ୍କିରେ ଫରାନୁଦ୍ଦିନଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ପାରିପାର୍ଶ୍ୱିକ ସ୍ଥିତି ଓ ମଦ୍ରାସା କର୍ତ୍ତୃପକ୍ଷଙ୍କ ଅସହଯୋଗକୁ ଭିତ୍ତିକରି ଫରାନୁଦ୍ଦିନଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି।

# ଗୁଣି ସନ୍ଦେହରେ ହତ୍ୟାକାଣ୍ଡ: ୫ ଗିରଫ



ଗିରଫ ୫ ଅଭିଯୁକ୍ତ।

ଲାଞ୍ଜିଗଡ଼,୪।୯ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା ଅନ୍ତର୍ଗତ ମେରାଙ୍ଗପଦର ଗାଁରେ ଗୁଣିଗାରେଡ଼ି ସନ୍ଦେହରେ ଏକ ହତ୍ୟାକାଣ୍ଡ ଘଟିଛି। ଏଥିରେ ସମ୍ପୃକ୍ତ ୫ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ମେରାଙ୍ଗପଦର ଗାଁର ଘୁରୁଣା ମାଝୀ (୫୩), ପୁଷ୍ଟା ଓରଫ କୁଷ୍ଟା ମାଝୀ (୩୫), ସାନ୍ଧୁ ମାଝୀ(୩୮), ଲଛମନ ମାଝୀ (୩୯) ଓ ରାଜୁ ମାଝୀ (୩୨)। ଏ ସମ୍ପର୍କରେ ବିଶ୍ୱନାଥପୁର ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶୁଭ୍ରାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ସୂଚନାନୁସାରେ ମେରାଙ୍ଗପଦର ଗାଁର ସାନ୍ଧୁ ମାଝୀ (୪୦) ଗତ ୩୦ ତାରିଖରେ ନିକଟସ୍ଥ ଖଜୁରଗୁଡ଼ା ଗାଁକୁ ସାଇକେଲ ସଜାଡ଼ିବାକୁ ଯାଇ ଆଉ ଫେରି ନ ଥିଲେ। ସେ ଘରକୁ ନ ଫେରିବାରୁ ତାଙ୍କ ସ୍ତ୍ରୀ ରାଜା ମାଝୀ ବିଶ୍ୱନାଥପୁର ଥାନାରେ ଗତ ୩ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ କେସିଙ୍ଗା ଉପଖଣ୍ଡ ପୋଲିସ ଅଧିକାରୀ ସମ୍ବିତ କୁମାର ମାଝୀଙ୍କ ନେତୃତ୍ୱରେ ବିଶ୍ୱନାଥପୁର ଥାନା ଅଧିକାରୀ ତୁଳସୀରାମ ଶବର, ଏଏସ୍‌ଆଇ ବୁଦ୍ଧିଶ୍ୟାମ ମାଝୀଙ୍କୁ ନେଇ ଏକ ଟିମ ଗଠନ କରାଯାଇଥିଲା। ଏହି ଟିମ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରିଥିଲେ। ଟିମ୍ ସଦସ୍ୟ ଉପରୋକ୍ତ ୫ ଅଭିଯୁକ୍ତଙ୍କୁ ସନ୍ଦେହରେ ପଚରାଉଚରା କରିଥିଲା। ସେମାନଙ୍କଠାରୁ ସୂଚନା ପାଇ ମେରାଙ୍ଗପଦର ଜଙ୍ଗଲ ଭିତରେ ପୋତା ଯାଇଥିବା ସାନ୍ଧୁଙ୍କ ମୃତଦେହ ଠାବ କରାଯାଇଥିଲା। ଏହାପରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ସନ୍ଦୀପ ତାର୍କିଙ୍କ ଉପସ୍ଥିତିରେ ମାଟି ଖୋଳି ମୃତଦେହ ବାହାର କରାଯାଇଥିଲା। ହତ୍ୟାକାଣ୍ଡରେ ବ୍ୟବହୃତ ଏକ ଛୁରିକୁ ମଧ୍ୟ ପୋଲିସ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ପଚରାଉଚରା ପରେ ଅଭିଯୁକ୍ତମାନେ ସାନ୍ଧୁଙ୍କୁ ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା କରିଥିବା ସ୍ୱୀକାର କରିବା ପରେ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ଯିବାକୁ ପଡିଛି। ଏ ନେଇ ବିଶ୍ୱନାଥପୁର ଥାନାରେ ଏକ ମାମଲା (ନଂ.୫୮/୨୫) ରୁଜୁ ହୋଇଛି।

# ସୁନାଇଟା ନାଁରେ ଠକିନେଲେ ୧୬ଲକ୍ଷ

**ଚେର ଲମ୍ବିଛି ନୀଳଗିରିରୁ କେନ୍ଦ୍ରାପଡ଼ା**

ନୀଳଗିରି, ୪।୯(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଞ୍ଚଳରେ ବିଭିନ୍ନ ସମୟରେ ହନୁମାନ ପଇସା କାରବାର ହୋଇଆସୁଥିବା ବେଳେ ଗୁରୁବାର ନକଲି ସୁନା ଇଟା କାରବାର ଘଟଣା ସାମ୍ନାକୁ ଆସିଛି। ଜଣେ ଯୁବକ ଅତି ଚତୁରତାର ସହ ପିତ୍ତଳକୁ ତରଳାଇ ଇଟା ଆକୃତି କରି ତା' ଉପରେ ସୁନାର ଗୁଣ୍ଡ ପକାଇ ଫିନିଶିଂ କରି ପିତ୍ତଳ ଇଟାର ମଝିରେ ମଝିରେ ଛୋଟ ଛୋଟ ହୋଲ୍ କରି ତା ଭିତରେ କିଛି ସୁନା ଗୁଣ୍ଡ ପକାଇ ଲେଭଲ୍ କରିଥିଲେ। ଯେଉଁ ବ୍ୟକ୍ତି ଏହାକୁ କିଣିବା ପାଇଁ ଆସନ୍ତି, ସେ ଅତି ଚତୁରତାର ସହ ହୋଲ୍ କରିଥିବା ସ୍ଥାନରେ ଗ୍ରାଇଣ୍ଡିଂ କରି ଅସଲି ସୁନାକୁ ଦେଖାଇ ବେପାର କରିଆସୁଥିଲେ। ମାତ୍ର କ୍ରେତା ଜଣକ ୧୬ ଲକ୍ଷ ଟଙ୍କାରେ ଏହି ଇଟାକୁ କିଣି ବିସ୍କୁଟ ଆକାରରେ କାଟିଥିଲେ। ପରେ ଏହା ନକଲି ବୋଲି ଜଣାପଡ଼ିଥିଲା। ତେବେ ଏନେଇ ଗତ ଅଗଷ୍ଟ ୧ ତାରିଖରେ ଗଞ୍ଜାମ ବ୍ରହ୍ମପୁର ଅଞ୍ଚଳର କୃଷ୍ଣ ନାୟକ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୧୧୨/୨୫) ରୁଜୁ କରି ଖୋଳତାଡ଼ ଆରମ୍ଭ କରିଥିଲା। ଏହି ନକଲି ସୁନା ଇଟା କାରବାର ପଛରେ ଏକ ର୍‌ୟାକେଟ୍ ଥିବାର ପୋଲିସ୍ ତଦନ୍ତରୁ ଜାଣିପାରିଥିଲା।

ନୀଳଗିରିରୁ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ଏହାର ଚେର ଲମ୍ବିଥିବା ଜଣାପଡ଼ିଛି। ଶେଷରେ ଗୁରୁବାର ନୀଳଗିରି ସହରର ମୁଖ୍ୟ ଅଭିଯୁକ୍ତଙ୍କୁ ଶେରଗଡ଼ ଟୋଲ ଗେଟ ନିକଟରେ ପୋଲିସ କାବୁ କରିଥିଲା। ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କଲା ପରେ ତାଙ୍କ ଘର ବାହାରେ ଏକ ସ୍ଥାନରେ ଗାତ କରି ପୋତିଥିବା ନକଲି ସୁନା ଇଟାକୁ ପୋଲିସ ଜବତ କରିଛି। ଏହି ଘଟଣାରେ ପୋଲିସ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ କେନ୍ଦ୍ରାପଡ଼ା ଅଞ୍ଚଳରୁ ଗିରଫ କରିଛି। ଏହି କାରବାରରେ ଅନ୍ୟ ୫ ଜଣ ଯୁବକଙ୍କ ସମ୍ପୃକ୍ତି ରହିଥିବା ବେଳେ ଖୁବ୍ ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ସୂଚନା ଯେ, ଗତ ଅଗଷ୍ଟ ୧୫ତାରିଖରେ ମୟୂରଭଞ୍ଜ ଜିଲା କପ୍ତିପଦା ଅଞ୍ଚଳରେ ଏହି ସୁନା ଇଟା କାରବାର ନେଇ ବ୍ୟବସାୟୀଙ୍କ ସହ କ୍ରେତା ଜଣଙ୍କର ଡିଲ୍ ହୋଇଥିଲା।

# ବ୍ରାଉନସୁଗାର ବେପାରୀଙ୍କୁ ଧରିଲା ଏସ୍‌ଟିଏଫ୍

**ଅପରେଶନ ପ୍ରହାର**

ଭୁବନେଶ୍ୱର,୪।୯ (ସତ୍ୟଜିତ୍ ରାଉତ)

କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) 'ଅପରେଶନ ପ୍ରହାର' ଜରିଆରେ ରାଜଧାନୀରେ ଗୁରୁବାର ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେହେଲେ ଖାରବେଳନଗର ଥାନା ଅନ୍ତର୍ଗତ ସତ୍ୟ ନଗରରେ ରହୁଥିବା ଭଦ୍ରକ ଜିଲା ଧୁଷୁରୀ ଥାନା ଆଜମାଦପୁର ଗ୍ରାମର ରୁସନ କୁମାର ଜେନା(୨୭)। ସକାଳ ସମୟରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ବରିମୁଣ୍ଡ ଗ୍ରାମ ନିକଟ ବାଲିଯାତ୍ରା ପଡ଼ିଆରେ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ରୁସନଙ୍କୁ କାବୁ କରିଥିଲା। ତାଙ୍କ ନିକଟରୁ ୧୦୫



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ।

ଗ୍ରାମର ବ୍ରାଉନସୁଗାର, ୧୬୦୦ ଟଙ୍କା, ମୋବାଇଲ ଓ ଡେବିଟ କାର୍ଡ ଜବତ ହୋଇଛି। ଜବତ ବ୍ରାଉନସୁଗାର ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଅଧିକ ହେବ। ଅଭିଯୁକ୍ତ ରୁସନଙ୍କୁ କୋର୍ଟ ଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ସମ୍ପର୍କରେ ଏସ୍‌ଟିଏଫ୍ ଏକ ମାମଲା (ନଂ.୧୮/୨୦୨୫) ରୁଜୁ କରିଛି। ଅଭିଯୁକ୍ତ ରୁସନ ସହଯୋଗୀଙ୍କ ଜରିଆରେ ଭଦ୍ରକ ଓ ବାଲେଶ୍ୱରରୁ ବ୍ରାଉନସୁଗାର ଆଣି ଭୁବନେଶ୍ୱରର ବିଭିନ୍ନ ବେପାରୀଙ୍କୁ ଚାଲାଣ କରୁଥିଲେ। ରୁସନ ବ୍ରାଉନସୁଗାର ବିକ୍ରି ପାଇଁ ଡିଲରଙ୍କ ପାଖକୁ ଯାଉଥିବାବେଳେ ଏସ୍‌ଟିଏଫ୍ ଚଢ଼ାଉ କରିଥିଲା।

# ୩୫ ଗ୍ରାମ୍ ବ୍ରାଉନସୁଗାର ଜବତ, ୫ ଗିରଫ

ଭଦ୍ରକ,୪।୯(ସନାତନ ରାଉତ)

ଭଦ୍ରକରେ ବ୍ରାଉନସୁଗାର କାରବାର ବଢ଼ି ଚାଲିଥିବାବେଳେ ଏହାକୁ ରୋକିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ପକ୍ଷରୁ ଜୋରଦାର ଅପରେଶନ କରାଯାଉଛି। ଭଦ୍ରକ ଟାଉନ ପୋଲିସ ପକ୍ଷରୁ ଗୁରୁବାର ୨ଟି ସ୍ଥାନରେ ପାଟ୍ରୋଲିଂ ବେଳେ ୩୫ ଗ୍ରାମ୍ ବ୍ରାଉନସୁଗାର ଜବତ ସହ ଏଥିରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ଗୋଟିଏ କାର୍, ଗୋଟିଏ ବାଇକ୍ ସହ ନଗଦ ଟଙ୍କା ଜବତ କରାଯାଇଛି। ଗିରଫ ୫ଜଣ ହେଲେ ପଶ୍ଚିମବଙ୍ଗ ବୁରଦ୍ୱାନ ଅଞ୍ଚଳର ଶୁଭ୍ରକାନ୍ତ ରାୟଚୌଧୁରୀ, ଭଦ୍ରକ ଚରମ୍ପା ବଉଳପୋଖରୀ ଗ୍ରାମର ରାଜା ମଲିକ, କେନ୍ଦୁଝର ଜିଲା ଘଷିପୁରା ଅଞ୍ଚଳର ସୁଦୀପ କୁମାର ସାହୁ, ରଞ୍ଜନ କୁମାର ସାହୁ ଓ ସୁଜିତ କୁମାର ଚକ୍ର। ଏନେଇ ଥାନାରେ ୨ଟି ମାମଲା ରୁଜୁ ହୋଇଛି।

ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ରଙ୍କ ସୂଚନା ଅନୁଯାୟୀ, ଏସ୍‌ଆଇ ଗୁରୁବାରୀ ସଏ ସକାଳେ ଚରମ୍ପା ଛକରେ ଠିଆ ହୋଇଥିବା ଶୁଭ୍ରକାନ୍ତଙ୍କ ତଲାସୀ ନେବାରୁ ତାଙ୍କଠାରୁ ୯.୭୯ ଗ୍ରାମ୍ ବ୍ରାଉନସୁଗାର ବାହାରିଥିଲା। ଏସ୍‌ଆଇ ତାଙ୍କୁ ଗିରଫ କରିବା ସହ ତାଙ୍କ ପଲ୍‌ସର୍ ବାଇକ୍ (ଡବ୍ଲୁବି ୩୮ -ଏଏ- ୧୪୨୧)କୁ ଜବତ କରି ଥାନାକୁ ନେଇଥିଲେ। ଶୁଭ୍ରକାନ୍ତଙ୍କୁ ପଚରାଉଚରା କରିବାପରେ ଏହି ବ୍ରାଉନସୁଗାର ସେ ଚରମ୍ପା ବଉଳପୋଖରୀ ଗ୍ରାମର ରାଜାଙ୍କଠାରୁ କିଣିଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ପୋଲିସ ରାଜାଙ୍କୁ ଗିରଫ କରିଥିଲା। ସେହିପରି ଏସ୍‌ଆଇ ଆଶିଷ ସେନାପତି ମଧ୍ୟାହ୍ନରେ ପାଟ୍ରୋଲିଂ କରୁଥିବାବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଭଦ୍ରକ ଚାରିଘରିଆଠାରେ ଏକ ହୋଣ୍ଡା କାର୍(ଓଡି ୦୯ -ବି- ୭୫୫୫)କୁ ଅଟକାଇଥିଲେ। ଗାଡ଼ିକୁ ଯାଞ୍ଚ କରିବା ପରେ ସେଥିରୁ ୨୫.୯୫ ଗ୍ରାମ୍ ବ୍ରାଉନସୁଗାର ସହ ନଗଦ ୧୦ ହଜାର ଟଙ୍କା ମିଳିଥିଲା। ଗାଡ଼ିରେ ଥିବା ଘଷିପୁରା ଅଞ୍ଚଳର ସୁଦୀପ କୁମାର ସାହୁ, ରଞ୍ଜନ କୁମାର ସାହୁ ଓ ସୁଜିତ କୁମାର ଚକ୍ରଙ୍କୁ ଗିରଫ କରାଯାଇଥିଲା।

# ପିକ୍‌ଅପ୍ ଭ୍ୟାନ୍‌ରୁ ୧.୫ କୋଟିର ଗଞ୍ଜେଇ ଜବତ

## ପୋଲିସକୁ ଦେଖି ଭ୍ୟାନ୍ ରଖି ଫେରାର ହୋଇଗଲେ ଡ୍ରାଇଭର

ମୋହନା, ୪।୯(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ଥାନା କଲେଜ ଛକସ୍ଥିତ ତାରିଣୀ ମନ୍ଦିର ନିକଟରୁ ଏକ ପିକ୍‌ଅପ୍ ଭ୍ୟାନ ସହ ୭ କୁଇଣ୍ଟାଲ ୨୦ କିଲୋ ଗଞ୍ଜେଇ ପୋଲିସ ଜବତ କରିଛି। ପୋଲିସକୁ ଦେଖି ଚାଲାଣକାରୀ ରାସ୍ତା କଡରେ ଗାଡି ରଖି ଫେରାର ହୋଇଯାଇଛନ୍ତି। ଘଟଣାର ତଦନ୍ତ ଚାଲିଥିବା ମୋହନା ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି।

ଖବରରୁ ପ୍ରକାଶ, ବୁଧବାର ରାତିରେ ସ୍ଥାନୀୟ କଲେଜ ଛକରେ ମୋହନା ପୋଲିସ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଏକ ପିକ୍‌ଅପ୍ ଭ୍ୟାନ (ଓଡି ୦୭ ଏଜେ-୭୨୧୪) ରାସ୍ତାରେ ରଖିଦେଇ ଡ୍ରାଇଭର ଫେରାର ହୋଇଯିବା ପୋଲିସ ଦେଖିବାକୁ ପାଇଥିଲା। ଭ୍ୟାନ ନିକଟରେ ପହଞ୍ଚି ପୋଲିସ ଏହାକୁ ଯାଞ୍ଚ କରିବାରୁ ଭିତରେ କିଛି କୁଣ୍ଡା ବସ୍ତା ଥିବା ଏବଂ ତା' ତଳେ ଗଞ୍ଜେଇ ରଖାଯାଇଥିବା ଦେଖିବାକୁ ପାଇଥିଲା। ପୋଲିସ ଭ୍ୟାନ ସହ ଗଞ୍ଜେଇ ଜବତ କରିଥିଲା। ଆର.ଉଦୟଗିରି ଏସ୍‌ଡିପିଓ ସୁରେଶ ତ୍ରିପାଠୀଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯାଇଥିଲା। ଏହା ୭ କୁଇଣ୍ଟାଲ ୨୦ କେଜି ହୋଇଥିଲା। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ଦେଢ଼ କୋଟି ଟଙ୍କା ହେବ ବୋଲି ଥାନା ଅଧିକାରୀ ସେଠୀ କହିଛନ୍ତି। ଏନେଇ ମୋହନା ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି।


**Government of Odisha** No.O-701:

**"e" Procurement Notice**

Bid Identification No.03 of 2025-26

| | | |
|---|---|---|
| 1 | Number of Works: | 01 No. of Work (Building-01 No.) |
| 2 | Estimated Cost (Aprox.) | Rs.12.59 Lakh (Approx.) |
| 3 | Period of Completion | Mentioned against NIT Table Col.06 |
| 4 | Date & Time of availability of Bid documents in the Portal | 06.09.2025 at 11.00 Hrs. |
| 5 | Last date & time for receipt of Bids in the Portal | 17.09.2025 at 16.00 Hrs. |
| 6 | Date of Opening of Tender | 17.09.2025 at 17.00 Hrs. |
| 7 | Name and Address of the Officer Inviting Bid | Executive Engineer, Rural Works Division, Jagatsinghpur. |

Further details can be seen from the Government website: www.tendersorissa.gov.in.

Sd./- Executive Engineer Rural Works Division Jagatsinghpur

OIPR-25056/11/0019/2526

**OFFICE OF THE SUPERINTENDING ENGINEER RWSS DIVISION, BHUBANESWAR**

PLOT NO.1214 (P), AT: TAPOVAN, PO:KHANDAGIRI, BHUBANESWAR-30
Tel-(0674)2384108, Fax(0674) 2384108, E-mail:eebbsrrwss@gmail.com

**QUOTATION CALL NOTICE NO.16 OF 2025-26**

No.O-702: The Superintending Engineer, RWS&S Division, Bhubaneswar, Plot-1214 (part) At: Tapovan, PO: Khandagiri, Bhubaneswar-30 on behalf of Governor of Odisha invites item rate price bids in offline mode from Authorised Dealer/ Distribution/Supplier.

| | | |
|---|---|---|
| 1 | Nature of Work | Repair of vehicle bearing Regd. No.OD-02Z-2345 (indigo) |
| 2 | No. of Works | 01 (One) |
| 3 | Time for completion | 15 (Fifteen) Days |
| 4 | Cost of bidding document | Rs.400.00 |
| 5 | The Quotation document will be available in the O/O Executive Engineer, RWS&S Division, Bhubaneswar | From Dt.06.09.2025 (10.00 AM) to 16.09.2025 (1.00 PM) |
| 6 | Last date and time for submission of Quotation papers in the Quotation box kept in the office of the Executive Engineer, RWS&S Division, Bhubaneswar | Dt.16.09.2025 upto 4.00 P.M. |
| 7 | Date & Time of Opening of Bids | Dt.17.09.2025 at 11.30 AM in the office of the Superintending Engineer, RWS&S Division, Bhubaneswar |

Subsequent corrigendum if any shall appear in the Office notice board of the undersigned.

Sd./- Superintending Engineer RWS&S Division, Bhubaneswar

OIPR-25011/11/0031/2526

**GOVERNMENT OF ODISHA** No.O-651

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE,SUNDARGARH**

AT/PO-SANKARA, SUNDARGARH-770020,E-mail address:serw_sundargarh@yahoo.com
No.Tender Online-RWCCESNG-11 of 2025-26, Letter No.2057/ Dtd.22.08.2025

**e-Procurement Notice**

1. Type of the Work: Road (MMSY). 2. Class of Contractor: As specified in the column-6 of the Annexure. 3. Time of Completion: As specified in the column-5 of the Annexure. 4. Detail Projects: As per Annexure attached. 5. Estimated Cost: As specified in the column-4 of the Annexure. 6. Other details:

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG-11 of 2025-26 | 08.09.2025 11.00 AM | 23.09.2025 5.00 PM | 22.09.2025 5.00 PM | 24.09.2025 11.00 AM | Will be intimated separately |

Further details can be seen from the website www.tendersodisha.gov.in

OIPR-25133/11/0065/2526 Sd./- Chief Construction Engineer, Rural Works Circle, Sundargarh

**GOVERNMENT OF ODISHA**

**OFFICE OF THE CHIEF CONSTRUCTION ENGINEER PHULBANI (R&B) CIRCLE, PHULBANI**

No.B-471: Phone:-06842-254004, Email: sernbphulbani@gmail.com

**INVITATION FOR BIDS (IFB)**

Bid Identification No.CCE_R and B_PLB_10 of 2025-26
No.1436, Dated 30.08.2025

| | | | |
|---|---|---|---|
| 1. | The Chief Construction Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of the Road works as detailed in the table below from eligible contractors. | | |
| 2. | Nature of Work | : | Road Work |
| 3. | No. of Tenders | : | One No |
| 4. | Tender Cost | : | Rs.10,000/- (through online) only. |
| 5. | Class of Contractor | : | B and A Class |
| 6. | Date & Time of sale & receipt of bids | : | 10.00 AM of 09.09.2025 to 5.00 PM of 23.09.2025 |
| 7. | Date of Opening of Bid | : | 11.00 AM of 24.09.2025 |
| 8. | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

OIPR-34129/11/0026/2526 Sd./- Chief Construction Engineer, Phulbani (R&B) Circle, Phulbani

**GOVERNMENT OF ODISHA** Mail I.D-ee_nimapara@yahoo.co.in

**OFFICE OF THE SUPERINTENDING ENGINEER, RURAL WORKS DIVISION, NIMAPARA**

No:-Tender Online-Divn.NPR-02/2025-26 Date:- 30.08.2025
No.O-682

**e-Procurement NOTICE**

1. Name of the Work : Building Works for the year 2025-26.
2. Total No. of Projects : 05 (Five) nos of projects
3. Estimated cost of Projects : Varies from Rs.10.20 lakh to Rs.49.99 Lakh
4. Class of Contractor : A) Estimated Cost above Rs.20.00 Lakhs and upto Rs.300.00 Lakhs. : **"B" Class (of Odisha PWD) or relevant Class of other licensing authorities.** B) Estimated Cost more than Rs.20.00 Lakhs and upto Rs.40.00 Lakhs. : **"C" Class & "B" Class (of Odisha PWD) or relevant Class of other licensing authorities.** C) Estimated Cost upto Rs.20.00 Lakhs : **"D" Class & "C" Class (of Odisha PWD) or relevant Class of other licensing authorities.**
5. Mode of Submission of tender : Tender should be submitted online only in website www.tendersorissa.gov.in.
6. Period of Completion : As per TCN
7. Other Details

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Nimapara | Tender On-line-Divn. NPR-02/2025-26 | 08.09.2025 at 11.00 A.M. | 18.09.2025 upto 5.00 P.M. | 18.09.2025 upto 11.00 A.M. | 19.09.2025 at 11.00 AM Office of the S.E.R.W. Division, Nimapara |

Further details can be seen from the website www.tendersorissa.gov.in.

OIPR-25099/11/0009/2526 Sd./- Superintending Engineer, Rural Works Division, Nimapara

**OFFICE OF THE CHIEF CONSTRUCTION ENGINEER RAYAGADA (R&B) CIRCLE, RAYAGADA**

e-mail ID- sepwd_rgda@yahoo.com, Phone/Fax No.-06856-223049

No.B-454: **e-Procurement Notice**

Bid Identification No.C.C.E. (RANDB) RGDA-05/2025-26 (Online) Dt.26.08.2025

No.1379, Date: 26.08.2025

**INVITATION FOR BIDS**

| | | | |
|---|---|---|---|
| 1. | The Chief Construction Engineer, Rayagada (R&B) Circle, Rayagada on behalf of Governor of Odisha invites percentage rate bids in double cover mode to be received in online mode only for the construction of works as detailed in the table below: | | |
| 2. | Nature of Work | : | Building Work |
| 3. | No. of Works | : | 11 (Eleven) Nos. of Work |
| 4. | Estimated Cost (Approximately) | : | Rs.661.75 Lakh, Rs.117.65 Lakh, Rs.271.65 Lakh, Rs.114.72 Lakh, Rs.438.33 Lakh, Rs.200.68 Lakh, Rs.432.17 Lakh, Rs.167.83 Lakh, Rs.129.41 Lakh, Rs.308.13 Lakh And Rs.124.07 Lakh |
| 5. | Bid Cost (Online) | : | Rs.10,000/- |
| 6. | EMD/Bid Security Amount (Online) | : | One Percentage of the Estimated Cost |
| 7. | Class of Contractor | : | B, A and Special Class as per Financial Eligibility |
| 8. | Availability of Bid documents in the website | : | 11.00 Hours of Dt.10.09.2025 to 17.00 Hours of Dt.25.09.2025 |
| 9. | Date of Opening of Bid | : | 11.00 Hrs of Dt.26.09.2025 |
| 10. | The Bidders have to participate in ONLINE bidding only. Further details can be seen from the website: https://tendersorissa.gov.in. Any Addendum/Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

OIPR-34154/11/0018/2526 Sd./- Chief Construction Engineer, Rayagada (R&B) Circle, Rayagada

# ଅଭିଯୁକ୍ତଙ୍କ ଘରେ ପୀଡ଼ିତାଙ୍କୁ ପୁଣି ବଳାତ୍କାର

## ନାବାଳିକାଙ୍କୁ ପଠାଇଥିବା ସିଡବ୍ଲ୍ୟୁସି ସମେତ ୧୦ ଜଣଙ୍କ ନାମରେ ମାମଲା



ଭୋପାଳ,୪।୯

ମଧ୍ୟପ୍ରଦେଶରେ ବଳାତ୍କାର ହୋଇଥିବା ଜଣେ ନାବାଳିକାଙ୍କୁ ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି) ଅଭିଯୁକ୍ତଙ୍କ ପରିବାରକୁ ପଠାଇଥିବାବେଳେ ସେଠାରେ ସେ ପୁନର୍ବାର ବଳାତ୍କାରର ଶିକାର ହୋଇଛନ୍ତି। ଏହି ମାମଲାରେ ପନ୍ନା ଜିଲା ପୋଲିସ ସିଡବ୍ଲ୍ୟୁସି ଅଧ୍ୟକ୍ଷ ଓ ସଦସ୍ୟମାନଙ୍କ ସମେତ ମହିଳା ଓ ଶିଶୁ ବିକାଶ ବିଭାଗର ବରିଷ୍ଠ ଅଧିକାରୀ ଏବଂ ୱାନ୍ ଷ୍ଟପ୍ ସେଣ୍ଟରର କର୍ମଚାରୀଙ୍କୁ ମିଶାଇ ମୋଟ ୧୦ ଜଣଙ୍କ ନାମରେ ପୋକ୍ସୋ ଆଇନ ଏବଂ ଜୁଭେନାଇଲ୍ ଜଷ୍ଟିସ୍ ଆଇନରେ ମାମଲା ରୁଜୁ କରିଛି।

ତଦନ୍ତକାରୀ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତ ଯୁବକ ପୂର୍ବରୁ ୧୭ ବର୍ଷୀୟା ବାଳିକାଙ୍କୁ ଦିଲ୍ଲୀ ନେଇଥିବାବେଳେ ପନ୍ନା କୋଟୱାଲି ଥାନାରେ ମାମଲା ରୁଜୁ ପରେ ତାଙ୍କୁ ଗୁରୁଗ୍ରାମରୁ ଗିରଫ କରାଯାଇ ଜେଲ ପଠାଯାଇଥିଲା। ପନ୍ନାରେ ଶିଶୁ ସଂସ୍କାର ଗୃହ ନ ଥିବାରୁ ମାମଲାକୁ ଛତରପୁର ଥାନାକୁ ସ୍ଥାନାନ୍ତର କରାଯାଇଥିଲା। ଏହି ସମୟରେ ସିଡବ୍ଲ୍ୟୁସି ପୀଡ଼ିତାଙ୍କୁ ଅଭିଯୁକ୍ତଙ୍କ ପରିବାରକୁ ପଠାଇବା ପାଇଁ ନିଷ୍ପତ୍ତି ନେଇଥିଲା। ନାବାଳିକା ପୁନର୍ବାର ବଳାତ୍କାରର ସମ୍ମୁଖୀନ ହେବାରୁ ପୋଲିସ ସିଧାସଳଖ ସିଡବ୍ଲ୍ୟୁସିକୁ ଦାୟୀ କରିଛି। କମିଟିର ଭୁଲ୍ ନିଷ୍ପତ୍ତି ଏବଂ ଅଧିକାରୀମାନେ ନାବାଳିକାଙ୍କୁ ବିପଦରେ ପକାଇଥିବା ଏସ୍‌ପି ଶ୍ରୀକ୍ରିଷ୍ଣା ଥୋଟା କହିଛନ୍ତି। ତଦନ୍ତ ଆଧାରରେ ସିଡବ୍ଲ୍ୟୁସି ଅଧ୍ୟକ୍ଷ ଭାନୁପ୍ରତାପ ଜଡ଼ିଆ ଓ ସଦସ୍ୟ ଅଞ୍ଜଳି ଭଦୌରିଆ, ଆଶିଷ ବୋଷ୍, ସୁଦୀପ ଶ୍ରୀବାସ୍ତବ ଏବଂ ପ୍ରମୋଦ କୁମାର ସିଂଙ୍କ ନାମରେ ପୋକ୍ସୋ ଆଇନର ଧାରା ୧୭ ଅନୁଯାୟୀ ଅପରାଧ ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ମାମଲା ରୁଜୁ କରାଯାଇଛି। ସେହିପରି ୱାନ୍ ଷ୍ଟପ୍ ସେଣ୍ଟରର ପ୍ରଶାସକ କବିତା ପାଣ୍ଡେ, କାଉନ୍‌ସେଲର ପ୍ରିୟଙ୍କା ସିଂ ଏବଂ କେସ୍ ୱାର୍କର ଶିବାନୀ ଶର୍ମାଙ୍କ ନାମରେ ପୋକ୍ସୋ ଆଇନର ଧାରା ୨୧ରେ ମାମଲା ରୁଜୁ ହୋଇଛି। ଏହା ବ୍ୟତୀତ ଜିଲା ମହିଳା ଓ ଶିଶୁ ବିକାଶ ଅଧିକାରୀ ଅୱଧେଶ ସିଂଙ୍କ ନାମରେ ପୋକ୍ସୋ ଆଇନ, ଏସ୍‌ସି-ଏସ୍‌ଟି ଆଇନ ଓ ଭାରତୀୟ ନ୍ୟାୟ ସଂହିତାର ଉପଯୁକ୍ତ ଧାରାରେ ମାମଲା ହୋଇଥିବାବେଳେ ନାବାଳିକାଙ୍କୁ ଦଣ୍ଡ ଦିଆଯିବା ନେଇ ଅଞ୍ଜଳି କୁଶୱାଙ୍କ ନାମରେ ଜୁଭେନାଇଲ ଜଷ୍ଟିସ୍ ଆକ୍ଟର ଧାରା ୮୨ରେ ମାମଲା ରୁଜୁ ହୋଇଛି। ସେମାନଙ୍କୁ ଜେରା କରାଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା କାହାକୁ ଗିରଫ କରାଯାଇ ନ ଥିବା ପୋଲିସ କହିଛି।

## ମାଓବାଦୀଙ୍କ ଗୁଳିରେ ୨ ଯବାନ ମୃତ

ରାଞ୍ଚି, ୪।୯ (ପି.ଟି.)

ଝାଡ଼ଖଣ୍ଡର ପାଲାମୁ ଜିଲାରେ ଗୁରୁବାର ମାଓବାଦୀଙ୍କ ସହ ଗୁଳିବିନିମୟ ବେଳେ ୨ ଯବାନଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଆହତ ହୋଇଛନ୍ତି। ମନାତୁ ଥାନା କେଦାଲ ଗ୍ରାମରେ ନିଷିଦ୍ଧ ଘୋଷିତ ତୃତୀୟ ସମ୍ମିଳନ ପ୍ରସ୍ତୁତି କମିଟି (ଟିଏସ୍‌ପିସି) ସଦସ୍ୟଙ୍କ ସହ ସୁରକ୍ଷା କର୍ମୀଙ୍କ ଗୁଳିବିନିମୟ ହୋଇଥିଲା। ସେମାନଙ୍କ ଗୁଳି ମାଡ଼ରେ କନ୍‌ଷ୍ଟେବଲ ସାନ୍ତନ୍ ମେହେଟ୍ଟା ଓ କନ୍‌ଷ୍ଟେବଲ ସୁନୀଲ ରାମ ଟଳିପଡ଼ିଥିଲେ। ଆହତଙ୍କୁ ମେଦିନିରାଜ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ନେଇ ପାଲାମୁ ଡିଆଇଜି ନୌଶଦ ଆଲମ ସୂଚନା ଦେଇଛନ୍ତି। ଟିଏସ୍‌ପିସି କମାଣ୍ଡର ଶଶିକାନ୍ତ ଗଞ୍ଜୁ କେଦାଲ ଗ୍ରାମରେ ଲୁଚିଥିବା ନେଇ ମିଳିଥିବା ସୂଚନା ଆଧାରରେ ସେଠାରେ ସୁରକ୍ଷା ବଳ ପକ୍ଷରୁ ଅପରେଶନ ଆରମ୍ଭ ହୋଇଥିଲା ବୋଲି ପାଲାମୁ ଏସ୍‌ପି ରେଶମା ରମେଶନ କହିଛନ୍ତି। ଆସନ୍ତା ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ମାଓବାଦରୁ ମୁକ୍ତ କରିବା ଦିଗରେ କେନ୍ଦ୍ର ସରକାର କାର୍ଯ୍ୟ କରୁଥିବା ବେଳେ ଏହି ଘଟଣା ଉକ୍ତ ଅଭିଯାନକୁ ଧକ୍କା ପହଞ୍ଚାଇଛି।



ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସରେ ଗୁରୁବାର ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗଙ୍କ ସହ ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦି। (ଫଟୋ: ଚମନ ଗୌତମ)

## ବାଣିଜ୍ୟ ସହଯୋଗ ବଢ଼ାଇବେ ଭାରତ, ସିଙ୍ଗାପୁର

ନୂଆଦିଲ୍ଲୀ, ୪।୯ (ପି.ଟି.)

ଦିଲ୍ଲୀର ହାଇଦ୍ରାବାଦ ହାଉସରେ ଗୁରୁବାର ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇଯାଇଛି। ଏହି ଅବସରରେ ବ୍ୟାପକ ରଣନୈତିକ ସହଭାଗିତାକୁ ବିସ୍ତାର କରିବା ପାଇଁ ଉଭୟ ଭାରତ ଏବଂ ସିଙ୍ଗାପୁର ଏକ ନୂତନ ରୋଡ୍‌ମ୍ୟାପ୍ ଗ୍ରହଣ କରିଛନ୍ତି। ବାଣିଜ୍ୟ ଏବଂ ନିବେଶ ବୃଦ୍ଧି, ସଂଯୋଗୀକରଣ, ଡିଜିଟାଲିଇଜେଶନ, ସ୍ୱାସ୍ଥ୍ୟସେବା, ଔଷଧ, ଦକ୍ଷତା ବିକାଶ, ପ୍ରତିରକ୍ଷା, ସୁରକ୍ଷା ଓ ଲୋକ ସମ୍ପର୍କ ପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସହଯୋଗ ବୃଦ୍ଧି ଉପରେ ଉଭୟ ନେତା ସହମତ ହୋଇଛନ୍ତି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ଆମେରିକାର ଟାରିଫ୍‌କୁ ନେଇ ବୈଶ୍ୱିକ ସ୍ତରରେ ଦେଖାଦେଇଥିବା ବାଣିଜ୍ୟିକ ସମସ୍ୟାର ଉଭୟ ଦେଶ ମିଳିତ ଭାବେ ମୁକାବିଲା କରିବେ ବୋଲି ଉଭୟେ ମୋଦି ଓ ୱଙ୍ଗ୍ ସହମତ ହୋଇଛନ୍ତି। ଏହି ଦ୍ୱିପାକ୍ଷିକ ବୈଠକରେ ବିଭିନ୍ନ ବୈଶ୍ୱିକ ଏବଂ ଆଞ୍ଚଳିକ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହୋଇଥିଲା।

## ଅମିତ କ୍ଷତ୍ରିୟ ନାସାର ଆସୋସିଏଟ୍ ଆଡମିନିଷ୍ଟ୍ରେଟର



ୱାଶିଂଟନ, ୪।୯

ଭାରତୀୟ-ଆମେରିକୀୟ ବୈଜ୍ଞାନିକ ଅମିତ କ୍ଷତ୍ରିୟଙ୍କୁ ଆମେରିକୀୟ ମହାକାଶ ସଂସ୍ଥା ନାସାରେ ଏକ ବଡ଼ ଭୂମିକା ମିଳିଛି। ନାସାର ଆସୋସିଏଟ୍ ଆଡମିନିଷ୍ଟ୍ରେଟର ଭାବେ ତାଙ୍କୁ ନିଯୁକ୍ତ କରାଯାଇଛି। ସେ ଗତ ପ୍ରାୟ ୨ ଦଶନ୍ଧି ଧରି ନାସା ସହ ଜଡ଼ିତ ରହିଛନ୍ତି। ଅମିତଙ୍କ ନିଯୁକ୍ତି ନେଇ ନାସାର ଆକ୍ଟିଙ୍ଗ୍ ଆଡମିନିଷ୍ଟ୍ରେଟର ସିନ୍ ପି. ଡଫି ଘୋଷଣା କରିଛନ୍ତି। ତାଙ୍କ ନିଯୁକ୍ତି ଚନ୍ଦ୍ର ଏବଂ ମଙ୍ଗଳ ପାଇଁ ଆମେରିକାର ମହତ୍ତ୍ୱାକାଂକ୍ଷୀ ଯୋଜନାକୁ ନୂତନ ଗତି ଦେବ ବୋଲି ଡଫି କହିଛନ୍ତି। ଅମିତ ଆମେରିକାର ୱିସ୍‌କନ୍‌ସିନ୍ ରାଜ୍ୟର ଏକ ପ୍ରବାସୀ ଭାରତୀୟ ପରିବାରରେ ଜନ୍ମ ହୋଇଥିଲେ। ୨୦୦୩ରେ ସେ ନାସାରେ ସାମିଲ ହୋଇଥିଲେ। ପୂର୍ବରୁ ଅମିତ ନାସାର ମିଶନ କଣ୍ଟ୍ରୋଲ ଫ୍ଲାଇଟ୍ ଡାଇରେକ୍ଟର ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି।

## ଦେଶରେ ଶିଶୁ ମୃତ୍ୟୁହାର ୨୫କୁ ହ୍ରାସ

ନୂଆଦିଲ୍ଲୀ,୪।୯(ପି.ଟି.)



■ ୧୦ ବର୍ଷରେ ମୃତ୍ୟୁହାର କମିଛି ୩୭.୫%

■ ଜନ୍ମହାର ହ୍ରାସ ୧୪%

ଦେଶରେ ଶିଶୁ ମୃତ୍ୟୁ ହାର (ଆଇଏମ୍‌ଆର୍) ୨୦୧୩ରେ ୪୦ ଥିବାବେଳେ ଏବେ ତାହା ୨୫କୁ ହ୍ରାସ ପାଇଛି। ଅର୍ଥାତ୍ ୧୦ ବର୍ଷ ମଧ୍ୟରେ ମୃତ୍ୟୁହାର ୩୭.୫% କମିଛି। ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆଙ୍କ ଦ୍ୱାରା ଜାରି ୨୦୨୩ର ନମୁନା ପଞ୍ଜୀକରଣ ସିଷ୍ଟମ (ଏସ୍‌ଆର୍‌ଏସ୍) ରିପୋର୍ଟରୁ ଏହା ଜଣାପଡ଼ିଛି। ଆଇଏମ୍‌ଆର୍ ହେଉଛି ୧ ବର୍ଷରୁ କମ୍ ବୟସ ମଧ୍ୟରେ ପ୍ରତି ହଜାରେ ଜନ୍ମିତ ଶିଶୁରେ ମୃତ୍ୟୁମୁଖରେ ପଡୁଥିବା ଶିଶୁ ସଂଖ୍ୟା। ଏହି ସଂଖ୍ୟା କମିବା ଅର୍ଥ ଉନ୍ନତ ସ୍ୱାସ୍ଥ୍ୟସେବା ଉପଲବ୍ଧ ହେଉଛି।

୨୦୨୩ର ତଥ୍ୟ ଆଧାରରେ ଏସ୍‌ଆର୍‌ଏସ୍ ରିପୋର୍ଟ ପ୍ରକାଶିତ ହୋଇଛି। ୧୯୭୧ରେ ପ୍ରତି ୧୦୦୦ ପିଲାଙ୍କ ମଧ୍ୟରୁ ୧୨୯ ଜଣଙ୍କ ମୃତ୍ୟୁ ଘଟୁଥିବାବେଳେ ସେଥିରେ ୮୦ ପ୍ରତିଶତ ହ୍ରାସ ଘଟିଛି। ଅନ୍ୟପକ୍ଷରେ ରାଜ୍ୟୱାରି ଦେଖିଲେ ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଉତ୍ତରପ୍ରଦେଶରେ ଆଇଏମ୍‌ଆର୍ ସର୍ବାଧିକ ୩୭ ରହିଥିବାବେଳେ ମଣିପୁରରେ ସର୍ବନିମ୍ନ ୩ ଏବଂ କେରଳରେ ୫ ରହିଛି। ଗତ ୧୦ ବର୍ଷ ମଧ୍ୟରେ ଗ୍ରାମାଞ୍ଚଳରେ ଆଇଏମ୍‌ଆର୍ ୪୪ରୁ ୨୮କୁ ଖସିଥିବାବେଳେ ସହରାଞ୍ଚଳରେ ୨୭ରୁ ୧୮କୁ ହ୍ରାସ ପାଇଛି। ଅର୍ଥାତ୍ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଶିଶୁ ମୃତ୍ୟୁ ହାରରେ ଯଥାକ୍ରମେ ୩୬ ଓ ୩୩ ପ୍ରତିଶତ ହ୍ରାସ ଘଟିଛି।

ସର୍ବଭାରତୀୟ ସ୍ତରରେ ଜନ୍ମହାର ଗତ ୫ ଦଶନ୍ଧି ମଧ୍ୟରେ ଯଥେଷ୍ଟ ହ୍ରାସ ପାଇଛି। ୧୯୭୧ରେ ପିଲା ଜନ୍ମହାର ୩୬.୯ ଥିବାବେଳେ ୨୦୨୩ରେ ତାହା ୧୮.୪କୁ ଖସିଛି। ଏହି ସମୟ ମଧ୍ୟରେ ଗ୍ରାମାଞ୍ଚଳ-ସହରାଞ୍ଚଳ ଜନ୍ମହାରରେ ପାର୍ଥକ୍ୟ ମଧ୍ୟ କମିଛି। ତେବେ ଗ୍ରାମାଞ୍ଚଳରେ ଜନ୍ମହାର ସହରାଞ୍ଚଳଠାରୁ ଅଧିକ ରହିଆସିଛି। ୨୦୧୩ରେ ଦେଶରେ ଜନ୍ମହାର ୨୧.୩ ଥିବାବେଳେ ୨୦୨୩ରେ ତାହା ୧୮.୪ ହୋଇଛି, ଅର୍ଥାତ୍ ୧୦ ବର୍ଷରେ ୧୪ ପ୍ରତିଶତ କମିଛି। ଏହି ସମୟ ମଧ୍ୟରେ ଗ୍ରାମାଞ୍ଚଳ ଜନ୍ମହାର ୨୨.୯ରୁ ୨୦.୩କୁ (୧୧%) କମିଥିବାବେଳେ ସହରାଞ୍ଚଳରେ ୧୭.୩ରୁ ୧୪.୯କୁ ଅର୍ଥାତ୍ ୧୪ ପ୍ରତିଶତ ହ୍ରାସ ପାଇଛି। ୨୦୨୩ରେ ବିହାରରେ ଜନ୍ମହାର ସର୍ବାଧିକ ୨୫.୮ ରହିଥିବାବେଳେ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ସର୍ବନିମ୍ନ ୧୦.୧ ରହିଛି। ମୃତ୍ୟୁହାର ମଧ୍ୟ ଗତ ୫ ଦଶନ୍ଧି ମଧ୍ୟରେ କ୍ରମାଗତ ହ୍ରାସ ପାଇଛି। ୧୯୭୧ରେ ମୃତ୍ୟୁହାର ୧୪.୯ ଥିବାବେଳେ ୨୦୨୩ରେ ତାହା ୬.୪କୁ ଖସିଛି। ଗ୍ରାମାଞ୍ଚଳରେ ମୃତ୍ୟୁହାର ୨୦୨୨ରେ ୭.୨ ଥିବାବେଳେ ୨୦୨୩ରେ ୬.୮କୁ ହ୍ରାସ ପାଇଛି। ସହରାଞ୍ଚଳରେ ଏହି ସମୟ ମଧ୍ୟରେ ମୃତ୍ୟୁହାର ୬.୦ରୁ ୫.୭କୁ ହ୍ରାସ ପାଇଥିବା ଦେଖାଯାଇଛି।


### ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

(ଗ୍ରାମ୍ୟ/ପୋଷ୍ଟ: ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**

(At/P.O.- Ambapua, Near Income Tax Office, Berhampur - 760011, Ganjam, Odisha)

No. O-713 (E-mail: serwbpr2004@yahoo.com, Tel No.: 0680-2404287)

No. e-tender/3213/RWC/BAM Dated: 03.09.25

**1st Corrigendum to Bid Identification No. Online Tender/22-2025-26/BPR**

1) the partial modification of Road works under **PERIODICAL MAINTENANCE** vide above identification has been made as follows.

| | | | |
|---|---|---|---|
| 1 | Last date of availability of tender | : | 24.09.2025 upto 5.30 P.M. instead of 15.09.2025 upto 5.30 P.M. |
| 2 | Last date & time of seeking tender clarification | : | 22.09.2025 at 5.30 P.M. instead of 12.09.2025 at 5.30 P.M. |
| 3 | Date of Opening of Technical Bid | : | 25.09.2025 at 11.00 A.M. instead of 16.09.2025 at 11.00 A.M. |
| 4. | Date of opening of Financial Bid | : | Will be intimated later on |

All other contents will remain unchanged.

OIPR-25071/11/0120/2526 Sd./- Chief Construction Engineer, R.W. Circle, Berhampur

### GOVERNMENT OF ODISHA
### SPORTS & YOUTH SERVICES DEPARTMENT

Kalinga Stadium Sports Complex, Hockey West Stand, Nayapalli, Bhubaneswar - 751012

SYS-FE-FE-0006-2015 No. 21491/SYS Dated: 04.09.2025

**RECRUITMENT OF JUNIOR COACHES**

No. TT: Application in prescribed format is invited from intending candidates for appointment to the post of Junior Coach under Sports & Youth Services Department, Government of Odisha as per the details given below.

| Sports Discipline | No. of Junior Coaches to be appointed | | | Category of Candidates | |
|---|---|---|---|---|---|
| | Men/Women | Women | Total | | |
| Football | 02 | - | 02 | ST | 07 |
| Hockey | 04 | 01 | 05 | | |
| Weightlifting | 02 | 01 | 03 | ST (Women) | 02 |
| Table Tennis | 01 | - | 01 | | |
| Athletics | 04 | 02 | 06 | SC | 04 |
| Badminton | 01 | - | 01 | | |
| Swimming | 02 | 01 | 03 | SC (Women) | 03 |
| Volleyball | 01 | 01 | 02 | | |
| Archery | 02 | 01 | 03 | UR | 15 |
| Basketball | 01 | 01 | 02 | | |
| Cycling | 01 | 01 | 02 | UR (Women) | 07 |
| Fencing | 01 | 01 | 02 | Note: Reservation for Ex-Servicemen (1 Post) shall be in accordance with GA & PG Dept. Notification No. 1955/Gen dated 19.01.2021. *this 1 post shall be filled up within the 38 posts advertised | |
| Gymnastics | 01 | 01 | 02 | | |
| Kho-Kho | 01 | - | 01 | | |
| Kabadi | 01 | - | 01 | | |
| Wrestling | 01 | 01 | 02 | | |
| **Total** | **26** | **12** | **38** | | **38** |

**Basic Qualification:** Degree from a recognized university with Diploma in Sports Coaching from Netaji Subhash National Institute of Sports (NSNIS) under Sports Authority of Inida/PG Diploma Course in Sports Coaching conducted by Laxmibai National Institute of Physical Education (LNIPE) Gwalior.

Last date & time for receipt of application is 24.09.2025 by 05.00 P.M. for downloading prescribed application format and to see other details, please visit our website **https://sports.odisha.gov.in/**

By Order of Commissioner-cum-Secretary

OIPR-29001/11/0110/2526 Sd./- Additional Secretary, Sports

### OFFICE OF THE PANCHAYAT SAMITI, KUNDRA, DISTRICT-KORAPUT

No.3412/2025 Dated 04.09.25

No.i-296: Seal tenders are invited from Registered Contractors from State PWD/M.I./Irrigation/Rural Works for execution of Buildings etc. The details information of which are made available in the (www.tendersorissa.gov.in) website and also in Koraput Dist. website i.e. http//www.koraput.odisha.gov.in.

The date and time of apply & receive of Tender Paper is from 06.09.2025 to 17.09.2025 upto 05.30 Hrs through in the (www.tendersorissa.gov.in) website only.

Tender will be opened on 18.09.2025 at 11.30 AM onwards in the Office of the Panchayat Samiti, Kundra, Dist-Koraput.

Sd./- Block Development Officer Kundra

OIPR-19138/11/0006/2526

### କଟକ ଉନ୍ନୟନ କର୍ତ୍ତୃପକ୍ଷ

CDA

ଅରୁଣୋଦୟ ଭବନ-କଟକ,ଲିଙ୍କ୍ ରୋଡ୍ 12

**ସୂଚନା**

No.CAD-1679:ଏତଦ୍ୱାରା ସମସ୍ତ ଆବେଦନକାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସିଡିଏ ସେକ୍ଟର-୧୩ର ପ୍ଲଟ ଆବଣ୍ଟନ ପାଇଁ ଲଟେରୀ ପ୍ରକ୍ରିୟା ନିମ୍ନଲିଖିତ ତାରିଖ ଓ ସ୍ଥାନରେ କରାଯିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଧାର୍ଯ୍ୟ କରାଯାଇଅଛି । ଉକ୍ତ ତାରିଖରେ ଉପସ୍ଥିତ ରହିବାପାଇଁ ସମସ୍ତ ଆବେଦନକାରୀମାନଙ୍କୁ ଅନୁରୋଧ କରାଯାଉଅଛି ।

G-କ୍ୟାଟେଗୋରୀ: ୧୦ ସେପ୍ଟେମ୍ବର, ୨୦୨୫
F-କ୍ୟାଟେଗୋରୀ: ୧୧ ସେପ୍ଟେମ୍ବର,୨୦୨୫
ସ୍ଥାନ: ୱିଣ୍ଡସର ପ୍ଲେସ, ସେକ୍ଟର-୬
ସମୟ ସକାଳ ୯ ଘଟିକା

OIPR-13037/11/0357/2526 ସ୍ୱା./-ସଚିବ

### VEER SURENDRA SAI UNIVERSITY OF TECHNOLOGY, BURLA

ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ, ବୁର୍ଲା

Po-Burla Engineering College, Dist.-Sambalpur, Odisha, 768018

www.vssut.ac.in

No.VSSUT/OOR/846/2025 Dated 04.09.2025

**NOTICE**

**No.KK-213:** The 16th Annual Convocation-2024 of the University is scheduled to be held on 13.09.2025 (Saturday) afternoon in Sir Visveswaraya Auditorium. The detailed information has already been shared in the University website: www.vssut.ac.in.

OIPR-14072/11/0043/2526 Sd./- REGISTRAR

### OFFICE OF THE NOTIFIED AREA COUNCIL, NILGIRI, BALASORE

No.3196 Date:03.09.2025

**"e" Procurement Notice**

**Bid Identification No.NLGN_04/2025-26**

No.C-1005:The Executive Officer, Nilgiri MAC, Nilgiri, invites Percentage Rate bids in Double Cover Systems for the following work detailed in the table from the Class of Contractors as mentioned in Col.7 of table registered with the State Governments and contractors of equivalent Grade/Class registered with Central Government/MES/Railways/ having experience and expertise in Design, Construction, Testing & Commissioning of Similar Type of Works and fulfilling minimum eligibility criteria as stated here under and other detailed qualifying requirements given in the DTCN to be eventually drawn up in the Standard P-1 Contract Form of Odisha PWD. The bidders may submit their E.M.D. Amount and paper cost as mentioned in DTCN. Affidavit and attested copies of PAN, GSTN, CDMS registration certificate and Registration certificate must be submitted through online. The technical bids will be opened on dt. 16.09.2025 at 11.00AM in the office of the undersigned. The bidders should have necessary portal enrolment (with own digital signature certificate). The registered bidders outside Odisha state can also participate in this on-line tender process after necessary portal enrolment but shall have to subsequently undergo registration with appropriate authority of the state government within a month of acceptance of bid.

1. Name of the Work : Construction of Market Complex near Hanuman Temple, Ground Floor & 1st Floor
2. No.of Works : 1 No.
3. Estimated Cost : Rs.87,91,939/-
4. Period of Completion : 180 days
5. Date & Time availability of Bid documents in the Portal : 05.09.2025 at 10.00 AM to 15.09.2025 upto 5 P.M.
6. Last date & time for receipt of bids in the portal : 15.09.2025 upto 5 PM
7. Bids received online shall be opened on : 16.09.2025 at 11.00 AM
8. Name and address of the Officer Inviting Bid : Executive Officer, Nilgiri NAC

Further details can be seen from the procurement portal i.e. www.tendersodisha.gov.in.

OIPR-13179/11/0035/2526

### OFFICE OF THE CHIEF DISTRICT MEDICAL & PUBLIC HEALTH OFFICER CUM DMD, BOUDH

(DISTRICT TUBERCULOSIS CENTRE, BOUDH WING)

Advt. No.310/DTC/2025 Dated 04.09.2025

**EXPRESSION OF INTEREST FOR EMPANELMENT OF X-RAY SERVICES**

No.E-372:Sealed proposals are invited from interested eligible agencies/ vendors for empanelment to provide X-Ray services for Intensified TB Elimination Campaign in Boudh District. The eligible criteria, the detail requirement and the formats for submission of proposals are set forth in the following RFP document which can be downloaded from the website www.boudh.odisha.gov.in.

Interested agency fulfilling the eligibility criteria may submit their proposal(s) separately as per application format. The details of proposal(s) completed in all respect & superscribed with "Expression of interest for empanelment to provide X-Ray services for Intensified TB Elimination Campaign in Boudh District. The agencies have to submit their proposals to the office of the CDM&PHO, Boudh which should reach on or before 20.09.2025 till 05.00 P.M. through Speed Post/ Regd.Post only. Incomplete application in any form is liable for rejection. The undersigned reserves the right to reject any or all the proposals without assigning any reason thereof.

OIPR-10107/11/0021/2526 Sd./- CDM & PHO-Cum-DMD, Boudh

### GOVERNMENT OF ODISHA
### OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL

E-Mail:sencrwangul@yahoo.co.in, Ph:06764-236404

No.2478 Dt.26.8.25

**CANCELLATION OF TENDER FOR ROAD WORK**

No.O-720: Due to some unavoidable circumstances the tender for the work "Improvement to N.H.-200-Arachua road and Bridge at 0.740 Km (3x10.77 mtr.) in the District of Dhenkanal under MMSY-Impvt. to Existing R.D. Road for the year 2024-25" invited vide this office Tender Call Notice No.2316, dt.08.08.2025 (Bid Identification No. Road Online-AGL-10/2025-26) by the Procurement Officer, Chief Construction Engineer, Rural Works Circle, Angul is hereby Cancelled.

Sd./- Chief Construction Engineer Rural Works Circle, Angul

OIPR-25180/11/0069/2526

### SALE OF TENDER/ BID DOCUMENT

No.E-371: A complete set of bidding documents may be download by the prospective bidders directly from the WEBSITE available at www.slnmch.nic.in & www.koraput.odisha.gov.in. The tender processing fee of Rs.2000/- (Non-refundable) & EMD (Rs.50000/-) in shape of Demand Draft in favour of Medical Superintendent, SLNMCH, Koraput payable at Koraput should be submitted as mentioned in the bid document. In case of any bid amendment and clarification, responsibility lies with the bidders to collect the same from the website before last date of submission of tender document and the Superintendent SLNMC&H, Koraput shall have no responsibility for any delay/omission on part of the bidder.

Date of Publication of the Bid document : Dt.06.09.2025 from 11 A.M.

Last date & time of receipt of bid documents : Dt.08.10.2025 upto 5.30 P.M.

Date & Time of opening of Tender : Dt.09.10.2025 at 12.30 P.M.

**N.B.:** The tender paper will be rejected if the bidder changes any clause or Annexure of the bid document downloaded from the website.

Sd./- Superintendent SLNMC&H, Koraput

OIPR-10121/11/0039/2526

### OFFICE OF THE ROURKELA MUNICIPAL CORPORATION

UDITNAGAR, ROURKELA, ODISHA-769012

E-mail ID: rourkelamunicipality@gmail.com

No.10570 Date:03.09.25

**TENDER CALL NOTICE FOR SUPPLY OF PARK MECHINERY ITEMS UNDER ROURKELA MUNICIPAL CORPORATION**

No.C-1010: Sealed Tenders are invited from the intending reputed Manufacturers/Authorized Dealer having PAN and valid GST certificate for Supply of Park Machinery items under Rourkela Municipal Corporation.

The sealed Tender should reach to the Commissioner, Rourkela Municipal Corporation, Uditnagar, Rourkela, Sundargarh-769012 on or before 11.09.2025 by 1.00 PM through Postal/Courier/Speed Post/registered post or by hand. The Tender will be opened on 12.09.2025 at 11.30 AM in presence of the bidders who wish to attend.

Details terms and conditions of the tender process can be downloaded from the official website of Rourkela Municipal Corporation (www.rmc.nic.in).

The undersigned reserves the right to negotiate or reject/ cancel any or all the tenders at any time without assigning any reason thereof.

Sd./-Commissioner Rourkela Municipal Corporation

OIPR-13131/11/0164/2526

### GOVERNMENT OF ODISHA
### OFFICE OF THE SUPERINTENDING ENGINEER MINOR IRRIGATION DIVISION, MAYURBHANJ

Tel. No. (06792) 260788, e-Mail ID: mi.mayurbhanj@yahoo.co.in

**"e" Procurement Notice**

No. 3133 Dated: 02.09.2025

**Identification No. S.E.M.I.D. MBJ. No. 09/MID, MBJ/2025-26**

No. A-582: The Superintending Engineer, M.I. Division, Mayurbhanj on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

1. Name of works : Civil construction works as mentioned in the website
2. Total No. of Works : 3 Nos.
3. Tender Amount : 50.33 Lakh to 75.62 Lakh (Detail list of works Annexed)
4. Class of Contractor : As mentioned against work
5. Period of Completion : As mentioned against work
6. Date & time of availability of Bid document in the portal : 08.09.2025 at 10.00 A.M. to 18.09.2025 upto 5.00 P.M.
7. Last date/time for receipt of Bids in the portal : 18.09.2025 upto 5.00 P.M.
8. Date/Time of Opening of Technical Bid : 19.09.2025 at 11.00 A.M.
9. Name and address of the Officer Inviting the Bid : Superintending Engineer, M.I. Division, Mayurbhanj
10. Mode of Payment of Bid Cost : Online
11. Further details can be seen from the "e" Procurement portal **"https://tendersorissa.gov.in"**.

Sd./- Superintending Engineer Minor Irrigation Division, Mayurbhanj

OIPR-32041/11/0017/2526


See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..................................



ବିଶାଲ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଲୋକପ୍ରିୟତା ସାଉଁଟୁଛି ନେକ୍ସସ୍ ଏସ୍‌ପ୍ଲାନେଡ୍ ମଲ୍



ଜୟେନ ନାୟକ

ଭୁବନେଶ୍ୱର,୪।୯

ଭୁବନେଶ୍ୱରର ସବୁଠାରୁ ଲୋକପ୍ରିୟ ଶପିଂ ଓ ଜୀବନଶୈଳୀ ଗନ୍ତବ୍ୟସ୍ଥଳ ନେକ୍ସସ୍ ଏସ୍‌ପ୍ଲାନେଡ୍ ମଲ୍ ଜାତୀୟ ଓ ଅନ୍ତର୍ଜାତୀୟ ବ୍ରାଣ୍ଡ, ନୂତନ ଅନୁଭୂତି ଏବଂ ସମୁଦାୟ କେନ୍ଦ୍ରୀୟ ଉଦ୍ୟମ ମାଧ୍ୟମରେ ଓଡ଼ିଶାରେ ଆଧୁନିକ ରିଟେଲର ପରିଚୟକୁ ପୁନଃ ନିର୍ଦ୍ଧାରଣ କରୁଛି। ୨୦୧୮ରେ ଉଦ୍‌ଘାଟିତହେବା ପରେ ନେକ୍ସସ୍ ଏସ୍‌ପ୍ଲାନେଡ୍ ମଲ୍ ଭୁବନେଶ୍ୱରର ରିଟେଲ ଦୃଶ୍ୟପଟକୁ ବଦଳାଇ ଦେଇଛି। ନେକ୍ସସ୍ ସିଲେକ୍ଟ ମଲ୍‌ସର ପ୍ରେସିଡେଣ୍ଟ (ଅପରେଶନ୍ସ) ଜୟେନ ନାୟକ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏପରି ମତ ଦେଇଛନ୍ତି। ସେ କହିଛନ୍ତି, ନେକ୍ସସ୍ ଏସ୍‌ପ୍ଲାନେଡ୍ ମଲ୍ କେବଳ ଏକ ଶପିଂ ଗନ୍ତବ୍ୟସ୍ଥଳ ନୁହେଁ, ଏହା ଭୁବନେଶ୍ୱରର ଆକାଂକ୍ଷା ଓ ବିକାଶର ପ୍ରତୀକ। ଏହା ପ୍ରଥମେ ମାର୍କସ ଆଣ୍ଡ ସ୍ପେନ୍‌ସର, ଲାଇଫଷ୍ଟାଇଲ ଏବଂ ଆଇକନିକ୍ ପରି ପ୍ରିମିୟମ ଅନ୍ତର୍ଜାତୀୟ ଓ ଭାରତୀୟ ବ୍ରାଣ୍ଡକୁ ପରିଚିତ କରାଇଥିଲା। ଏହା ସହ ସିନେପୋଲିସ ମଲ୍ଟିପ୍ଲେକ୍ସ ଏବଂ ଷ୍ଟାରବକ୍ସ, ଚିଲିସ୍, କେଏଫ୍‌ସି ଓ ଡୋମିନୋସ୍ ପରି ବିଶ୍ୱସ୍ତରୀୟ ଫୁଡ୍ କୋର୍ଟ ମାଧ୍ୟମରେ ମନୋରଞ୍ଜନର ନୂଆ ମାନଦଣ୍ଡ ସ୍ଥାପନ କରିଛି। ବିଗତ ବର୍ଷଗୁଡ଼ିକରେ ଆମେ ସମୁଦାୟ ସହ ଚ୍ୟାଲେଞ୍ଜ ଓ ପାର୍ବଣ ସମୟରେ ଏକାଠି ରହିଛୁ। ନୂଆ ବ୍ରାଣ୍ଡ ଯୋଗ ଏବଂ ନେକ୍ସସଓନ ଆପ୍ ମାଧ୍ୟମରେ ଆମେ ଓଡ଼ିଶାର ରିଟେଲ ଅନୁଭୂତିକୁ ଆହୁରି ଉନ୍ନତ କରିବାକୁ ପ୍ରସ୍ତୁତ। ନେକ୍ସସ୍ ଏସ୍‌ପ୍ଲାନେଡ୍ ମଲ୍ ଓଡ଼ିଶାରେ ଆଧୁନିକ ରିଟେଲ ଓ ଜୀବନଶୈଳୀରେ ନୂତନ ମାନଦଣ୍ଡ ସ୍ଥାପନକରି ଭୁବନେଶ୍ୱରର ବିକାଶ ଗାଥାରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଜୟେନ କହିଛନ୍ତି।


## ୨୦ତମ ଜନ୍ମଦିନ ଶୁଭେଚ୍ଛା



ବିଶାଲ ପ୍ରିୟଦର୍ଶୀ (ଓମ୍)ର
ବିଂଶତମ (୨୦) ଜନ୍ମ ଦିବସର ଶୁଭକାମନା

ଜଗତରନାଥ ଶ୍ରୀଜଗନ୍ନାଥ ଓ ଜଗତଜନନୀ 'ମା' ଶାରଳାଙ୍କ ଚରଣରେ ଅଜା, ବଡ଼ବାପା, ବଡ଼ମା', ବାପା, ମାଆ, ମାମୁ, ମାଇଁ ଓ ମଉସା, ମାଉସୀ, ପିଉସା, ପିଉସୀ

ଧ-୭୫୩୧୮


# ୨୦୨୯ ସୁଦ୍ଧା ୩ ଲକ୍ଷରେ ପହଞ୍ଚିବ ହୋଟେଲ ରୁମ୍ ସଂଖ୍ୟା

## ଏସ୍‌ଆଇଏମ୍‌ଏସ୍‌ଏସ୍‌ର ଇଣ୍ଡକସନ୍ କାର୍ଯ୍ୟକ୍ରମ




ଭୁବନେଶ୍ୱର,୪।୯(ଅନୁରାଧା ମହାରଣା)

ଭାରତର ପର୍ଯ୍ୟଟନ ଓ ହସ୍ପିଟାଲିଟି ଶିଳ୍ପ ଦ୍ରୁତଗତିରେ ବିକାଶ ଲାଭ କରିବା ସହ ନୂଆ ସୁଯୋଗ ସୃଷ୍ଟି କରୁଛି। 'ଇଣ୍ଡିଆ ହୋଟେଲ ମାର୍କେଟ ରିଭ୍ୟୁ ୨୦୨୪' ଅନୁଯାୟୀ, ୨୦୨୯ ସୁଦ୍ଧା ଦେଶରେ ୧ ଲକ୍ଷରୁ ଅଧିକ ହୋଟେଲ ରୁମ୍ ଯୋଡ଼ିହେବ, ଯାହା ମୋଟ ରୁମ୍ ସଂଖ୍ୟାକୁ ୩ ଲକ୍ଷ ଅତିକ୍ରମ କରିବ। ପ୍ରତି ରୁମ୍‌ରେ ହାରାହାରି ୩ ଜଣ କର୍ମଚାରୀଙ୍କ ଆବଶ୍ୟକତା ହିସାବରେ, ଆଗାମୀ ୫ ବର୍ଷରେ ପ୍ରାୟ ୩ ଲକ୍ଷ ପ୍ରଶିକ୍ଷିତ ପ୍ରଫେସନାଲଙ୍କ ଆବଶ୍ୟକତା ରହିଛି। ଗୁରୁବାର ସ୍ୱସ୍ତି ପ୍ରିମିୟମରେ ଅନୁଷ୍ଠିତ ସ୍ୱସ୍ତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ସୋସିଆଲ ଷ୍ଟଡିଜ (ଏସ୍‌ଆଇଏମ୍‌ଏସ୍‌ଏସ୍) କାର୍ଯ୍ୟକ୍ରମରେ ଏସ୍‌ଆଇଏମ୍‌ଏସ୍‌ଏସ୍ ପ୍ରେସିଡେଣ୍ଟ ଡ. ଜେ.କେ. ମହାନ୍ତି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଦେଶରେ ଗୁଣାତ୍ମକ ହୋଟେଲ ମ୍ୟାନେଜମେଣ୍ଟ ଅନୁଷ୍ଠାନର ଅଭାବ ଯୋଗୁ ଏହି ଚାହିଦାର ମାତ୍ର ୩-୪% ପୂରଣ ହେଉଛି। ସ୍ୱସ୍ତି ଗ୍ରୁପ୍ ୨୦୧୨ ମସିହାରେ ମାତ୍ର ୫୦ ଜଣଙ୍କୁ ନେଇ ଆରମ୍ଭ କରିଥିବା ଏସ୍‌ଆଇଏମ୍‌ଏସ୍‌ଏସ୍ ଆଜି ଓଡ଼ିଶାର ହୋଟେଲ ମ୍ୟାନେଜମେଣ୍ଟ ଶିକ୍ଷା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ବର୍ତ୍ତମାନ ଏହି ଅନୁଷ୍ଠାନରେ ୩୫୦ରୁ ଅଧିକ ଛାତ୍ରୀଛାତ୍ର ଡିପ୍ଲୋମା ଇନ୍ ହୋଟେଲ ମ୍ୟାନେଜମେଣ୍ଟ, ବ୍ୟାଚେଲର ଇନ୍ ହୋଟେଲ ମ୍ୟାନେଜମେଣ୍ଟ, ମାଷ୍ଟର ଇନ୍ ହୋଟେଲ ମ୍ୟାନେଜମେଣ୍ଟ ଏବଂ ମାଷ୍ଟର ଇନ୍ ଟ୍ରାଭେଲ ଆଣ୍ଡ ଟୁର୍ସ ମ୍ୟାନେଜମେଣ୍ଟ ପରି ବିଭିନ୍ନ ପାଠ୍ୟକ୍ରମରେ ଅଧ୍ୟୟନ କରୁଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରସନ୍ନ କୁମାର ସ୍ୱାଇଁ ଯୋଗଦେଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ସ୍ୱସ୍ତି ପ୍ରିମିୟମର ଏରିଆ ଭାଇସ୍‌ପ୍ରେସିଡେଣ୍ଟ ଶୁଭୋ ବିଶ୍ୱାସ, ସ୍ୱସ୍ତି ଗ୍ରୁପ୍‌ର ଭାଇସ୍ ପ୍ରେସିଡେଣ୍ଟ ସନ୍ତୋଷ ନାୟକ, ବୋର୍ଡ ଅଫ୍ ଗଭର୍ନର ସୁନୀଲ ପଟ୍ଟନାୟକ, ସ୍ୱସ୍ତି ଗ୍ରୁପ୍ ଡାଇରେକ୍ଟର ଚିରଞ୍ଜୀବ ମହାନ୍ତି, ହୋଟେଲ ପୁରୀର ଜେନେରାଲ ମ୍ୟାନେଜର ଅଙ୍କିତ ଟଣ୍ଡନ ଓ ୱେଲକମ୍ ହୋଟେଲର ଜେନେରାଲ ମ୍ୟାନେଜର ସମୀର ଘୋଷ ପ୍ରମୁଖ ସୁଚିନ୍ତିତ ମତାମତ ରଖିଥିଲେ।

# ଅନୁଗୋଳରେ ଖୋଲିଲା ଶ୍ରୀଲେଦର୍ସର ନୂଆ ଶୋ'ରୁମ୍




ଅନୁଗୋଳ, ୪।୯(ମାନସ ବିଶ୍ୱାଳ)

ଅନୁଗୋଳ ସହର ହେମସୁରପଡ଼ାଠାରେ ଶ୍ରୀଲେଦର୍ସର ନୂଆ ଶୋ'ରୁମ୍ ଗୁରୁବାର ଖୋଲିଛି। ଏହି ଶୋ'ରୁମ୍‌ରେ ଜୋତା, ଚମଡ଼ାରେ ନିର୍ମିତ ବ୍ୟାଗ୍, ଟ୍ରାଭେଲ ବ୍ୟାଗ୍, କୋର୍ଟ ଜୋତା, ଆକ୍ଟିଭ ୱେର୍ ଆଦି ଉପଲବ୍ଧ ହେବ। ଏହି ବ୍ରାଣ୍ଡର ନୂଆ ଷ୍ଟୋର ଉଦ୍‌ଘାଟନ ଅବସରରେ ଏହି ଶ୍ରୀଲେଦର୍ସର ଅଂଶୀଦାର ଶେଖର ଦେ କହିଛନ୍ତି, 'ଏସ୍‌ଏଲ୍ ପ୍ରିମିୟମ' ହେଉଛି ଏହାର ଏକ ନୂତନ ବର୍ଗ, ଯାହାକୁ ଗ୍ରାହକମାନଙ୍କଠାରୁ ବେଶ୍ ଭଲ ଫିଡ୍‌ବ୍ୟାକ୍ ମିଳିଛି । ଏହି ଅବସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଂଶୀଦାର ସୁଶାନ୍ତୋ ଦେ କହିଛନ୍ତି, ଗତ ୧ ବର୍ଷ ମଧ୍ୟରେ ଶ୍ରୀଲେଦର୍ସ ପୂର୍ବ ଓ ଦକ୍ଷିଣ ଭାରତରେ ପ୍ରାୟ ୧୦ରୁ ଅଧିକ ଷ୍ଟୋର ପରିଚାଳନା କରୁଛି। ଶ୍ରୀଲେଦର୍ସ ଫ୍ରାଞ୍ଚାଇଜ ଡେଭେଲପମେଣ୍ଟ ମୁଖ୍ୟ ରକି , ମାର୍କେଟିଂ ମୁଖ୍ୟ ସୌରଭ ବିଶ୍ୱାସ, ଅନୁଗୋଳ ଫ୍ରାଞ୍ଚାଇଜ ମାଲିକ ଜିତେନ୍ଦ୍ର କୁମାର ସାହୁ, ମହେନ୍ଦ୍ର କୁମାର ସାହୁ ଏବଂ କୋମଲ ପ୍ରିୟଦର୍ଶିନୀ ଉପସ୍ଥିତ ଥିଲେ।

# ବିଶ୍ୱର ବୃହତ୍ତମ ମୋବାଇଲ ଡାଟା ନେଟ୍‌ୱର୍କ ଜିଓ

ଭୁବନେଶ୍ୱର,୪।୯

ରିଲାଏନ୍ସ ଜିଓର ଗ୍ରାହକଙ୍କ ସହ ୫୦୦ ମିଲିୟନ ଟପିଥିବାବେଳେ ଏହା ବିଶ୍ୱର ସବୁଠାରୁ ବୃହତ୍ ମୋବାଇଲ ଡାଟା ନେଟ୍‌ୱର୍କ ଭାବେ ନିଜର ସ୍ଥାନ ସୁଦୃଢ଼ କରିଛି। ସେପ୍ଟେମ୍ବର ୫ରେ ଜିଓର ୯ମ ବାର୍ଷିକୀ ପାଳନ ଉପଲକ୍ଷେ ଏହି ଘୋଷଣା କରାଯାଇଛି। ଏହି ଗ୍ରାହକ ସଂଖ୍ୟା ଯୁକ୍ତରାଷ୍ଟ୍ର, ଯୁକ୍ତରାଜ୍ୟ ଏବଂ ଫ୍ରାନ୍ସର ମୋଟ ଜନସଂଖ୍ୟାଠାରୁ ଅଧିକ। ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ଅଧ୍ୟକ୍ଷ ଆକାଶ ଅମ୍ବାନୀ କହିଛନ୍ତି, ଆଗକୁ ଅଧିକ ଉନ୍ନତ ପ୍ରଯୁକ୍ତି ସହ ଭାରତକୁ ଏକ ସମ୍ପୂର୍ଣ୍ଣ ଡିଜିଟାଲ ଦେଶ ଗଠନରେ ସହଯୋଗ କରିବେ ବୋଲି ଆକାଶ କହିଛନ୍ତି। ସୂଚନା ଥାଉକି, ଭାରତରେ ଯେକୌଣସି ସ୍ଥାନରୁ ମାଗଣା ଭଏସ୍ କଲ୍ ସୁବିଧା ପ୍ରଦାନ ସହ ଜିଓ ୫୦୦ ମିଲିୟନ ଭାରତୀୟଙ୍କୁ ମୋବାଇଲରେ ଭିଡିଓ ଦେଖିବା ଓ ଡିଜିଟାଲ ପେମେଣ୍ଟ କରିବାରେ ସକ୍ଷମ କରିଛି। ଆଧାର, ୟୁପିଆଇ, ଜନଧନ, ଡାଇରେକ୍ଟ ବ୍ୟାଙ୍କ ଟ୍ରାନ୍ସଫର ଭଳି ଡିଜିଟାଲ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକ୍ଚରର ମୂଳଦୁଆ ସ୍ଥାପନ କରିଛି। ବିଶ୍ୱର ତୃତୀୟ ବୃହତ୍ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଓ ୧୦୦ରୁ ଅଧିକ ୟୁନିକର୍ନ ସୃଷ୍ଟିରେ ସହାୟକ ହୋଇପାରିଛି।


# Classified Everyday

0674-2580101, 9692975378



## REAL ESTATE

## SALE

**3BHK ready to move flat for sale at Sundarpada. Price-60 Lakhs. Contact- 7606024182.** D-1861

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **9692276835, 7077632085.** D-1698

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, **2BHK/3BHK Flat/ Duplex** ଅଛି। **8327785834.** D-1781

**Gharabari residential plot 2100sft. (60x35) 7KM from Phulanakhara, 12KM from Bhubaneswar middle of Cuttack & Bhubaneswar. No broker please, cost Rs. 25 lakhs including registration charges & compound wall. 7809525452.** D-76486




Newly open health benefits SPA by expert therapist. Contact- 8280961126. D-76935

Newly open health benefits spa by experts therapist contact 8658088274. D-1866

## AFFIDAVIT

By virtue of an affidavit sworn before the Executive Magistrate, Chandbali Tahasil, Chandbali, Dist.- Bhadrak, Odisha dated- 02.09.2025. I, Arjuna Das, S/o- Late Umakanta Das, Vill.- Hengupati, P.O.- Hengupati, Via- Pirhat, P.S.- Chandbali, Dist.- Bhadrak, Odisha, PIN- 756131 declare that I have changed the name of my son from Ishtanrnna Das to Eastern Das. Henceforth he shall be known as Eastern Das for all purposes.
Arjuna Das
D-1863

By virtue of an affidavit sworn before Executive Magistrate, Rairakhol, dt 03.09.2025, I, Bana Bagh, S/o- Pakala Bagh, R/o.Vill- Palasamal, P.O.- Badmal, P.S.- Charmal, Dist.- Sambalpur declare that I have changed my name from Ban Bagh to Bana Bagh. Henceforth, I shall be known as Bana Bagh for all purposes.
Bana Bagh
D- 1853

By virtue of an affidavit sworn before Executive Magistrate, Rairakhol, dt 03.09.2025, I, Nabina Bagh, W/o- Bana Bagh, R/o.Vill-Palasamal, P.O.- Badmal, P.S.- Charmal, Dist.- Sambalpur declare that I have changed my name from Nabina Bagha to Nabina Bagh. Henceforth, I shall be known as Nabina Bagh for all purposes.
Nabina Bagh
D-1852

By affidavit No.- CF No.- 15/ 30.08.2025, I, Smt. Sasmita Pattnaik, W/o- Sri Basanta Kumar Mahapatra, 44/5, MIG-2, Phase-1, HB Colony, CSpur, BBSR declare that after necessary correction in the Birth Certificate of my daughter Shreya Mahapatra my name appears as Sasmita Pattnaik instead of Sasmita Mahapatra, this is for all future purposes.
D-1862

By virtue of an affidavit sworn before Executive Magistrate, Niali, dated- 02.09.2025, I, Priyabrata Pradhan, Village.- Mahangapada, P.O.- Anlo, P.S.- Niali, Dist.- Cuttack declare that I have changed my name from Priyabrat Pradhan to Priyabrata Pradhan. Henceforth, I shall be known as Priyabrata Pradhan for all purposes.
Priyabrata Pradhan
D-1856

DHARITRI
Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

## LEGAL NOTICE

IN THE COURT OF CIVIL COURT (JD), BALANGIR
CS NO.- 2 OF 2021
Anirudha Kanher ....Plaintiff
Vs.
Motiram Kanher and others .....Defendants

NOTICE
UNDER ORDER 5 RULE 20 (1) OF CPC

To, 14. Chintamani Kanher, about 30 years, S/o- Late Gadro Kanher, 15. Seema Jagdala @ Kanher, aged about 32 years, W/o- Abhi Jagdala & D/o- Late Gadro Kanher, Vill- Lankabahal, P.O.- Dharmasala, P.S./CJS- BM Pur, Dist.- Subarnapur, 16. Ruby Bharasagar @ Kanher, aged about 30 years, W/o- Sukadev Bharasagar and D/o- Late Gadro Kanher, Vill/ P.O.- Kaintara, P.S./CJS- Binka, Dist.- Subarnapur, 17. Dusmanta Kanher, aged abut 25 years, S/o- Late Gadro Kanher.
SL No.- 14 & 17 are R/o- Vill/P.O./P.S./CJS and Dist.- Subarnapur.

Take Notice that the plaintiff Anirudha Kanher has filed a Civil proceeding against you. You are hereby noticed to appear before the Court in person or by a pleader duly well instructed and able to answer all materials relating to this proceeding on 23.09.25 and in default of your appearance on the day as mentioned, the Civil proceeding will be heard and determined in your absence.

Given under my hand and the seal of Court, this 1st day of Aug. 2025.
By order
Court of Civil Judge (JD), Balangir
D-1864

IN THE COURT OF THE ADDL. COMMISSIONER, CONSOLIDATION AND SETTLEMENT, ODISHA, NAYAGARH.
Notice Under Order-5 Rule- 20 of the code of Civil Procedure
Notice by paper publication
In the matter of:
Revision Petition Case No.- 111/2025
1). Bhagabata Pala, 2). Trinath Pala, 3). Chhatia Pala, All are S/o- Late- Khali Pala, of Vill/At- Durgaprasad, P.O./P.S./ District- Nayagarh. .....Petitioners
Vrs
1). Sada Pradhan, 2). Ramesh Pradhan, both are S/o- Late- Uchhab Pradhan, of Vill/At- Durgaprasad, P.O./P.S./ District- Nayagarh. ......Opp. Parties

You are above named Opp. Parties take notice that the petitioners have filed above RP case No.- 111/2025, against you.

Though notice sent to you in the above given address, but you did not receive the same and you did not appear, therefore you are hereby directed through this general publication to appear, before this Hon'ble Court in person or through counsel on 09.09.2025 at 10a.m. take notice that in default of your appearance the above RP Cases will be heard and decided.

Give under my signature and seal on the Court of 2nd day of sept, 2025.
ByorderoftheCourt of Addl.Commissioner Consolidation & Settlement, Nayagarh.
Sd./- Addl. Commissioner Consolidation & settlement Nayagarh
D-1865




### ଷଷ୍ଠ ଶ୍ରାଦ୍ଧବାର୍ଷିକୀ



୰ ପ୍ରଦିପ୍ତ କୁମାର ମହାନ୍ତି
ଦୋଳମଣ୍ଡପ ସାହି, ହଳଦିଆମଠ ଗଳି, ପୁରୀ
ଆବିର୍ଭାବ : ତା.୦୩/୧୦/୧୯୫୯
ତିରୋଧାନ : ତା.୧୧/୦୯/୨୦୧୯

ଚାହୁଁ ଚାହୁଁ ଛଅବର୍ଷ ବିତିଗଲା,
ହେଲେ ତୁମର ଅନୁପସ୍ଥିତି ଆମ ସମସ୍ତଙ୍କ ମନରେ
ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି ।
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ,
ଭଲପାଇବା ଓ ନିଷ୍ଠାପରତା ଆମ ଜୀବନର
ପ୍ରେରଣାର ଉତ୍ସ ହେଉ ।
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ
ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରଣତି ।

ରାନୁ (ପତ୍ନୀ), ମିଟୁ,ଗଣ୍ଡୁ (ପୁତୁରା),
ମାମୁନି (ଝିଅ), ପବନ (ଜ୍ୱାଇଁ), ବବ୍‌ଲୁ (ନାତି),
ଜୁବୁଲି (ନାତୁଣୀ), ନୂଆବୋଉ, ଭଉଣୀମାନେ,
ବବି, ବୁଲି (ପୁତୁରା ବୋହୂ) ଓ ଆତ୍ମୀୟସ୍ୱଜନ

ଧ-୧୮୫୯

### ଏକାଦଶାହ ଉପଲକ୍ଷେ



୰ବିଶ୍ୱରଞ୍ଜନ ପାତ୍ର
ଗଡ଼ଚାରିପଡ଼ା, ବନମାଳିପୁର, (ଖୋର୍ଦ୍ଧା)
ତିରୋଧାନ: ୨୬।୦୮।୨୫

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା

ଶୋକସନ୍ତପ୍ତ: ଜଗନ୍ନାଥ ସାହୁ, ଦିଲ୍ଲୀପ କୁମାର ଜେନା, ପ୍ରଦିପ୍ତ ଜେନାମଣି, ମୋହନ ଚରଣ ମୁଖୀ, ପ୍ରଫୁଲ୍ଲ ପରିଡ଼ା, ସତ୍ୟ ସୁନ୍ଦର ନାୟକ, ସରୋଜ କୁମାର ସୁନ୍ଦରାୟ

ଧ-୭୬୪୮

### ଶ୍ରଦ୍ଧାଞ୍ଜଳି



୰ଡା. ପଟ୍ଟନାଳା ସୁଭାଶିଷ ରାଓ
(ପ୍ର. ସ୍ୱର୍ଗତ ଡା. ପଟ୍ଟନାଳା ତେଜଶ୍ୱର ରାଓଙ୍କ ପୁତ୍ର)
ଆବିର୍ଭାବ: ୧୦।୧୦।୧୯୭୧
ତିରୋଧାନ: ୩୦।୦୮।୨୦୨୫

କଟକ ସ୍ଥାୟୀ, ପ୍ରସିଦ୍ଧ ଅର୍ଥୋପେଡିସିୟନ ଡାକ୍ତର, ତାଙ୍କର ଅକାଳ ଦେହାବସାନ ଆମକୁ ଅତ୍ୟନ୍ତ ଶୋକାକୁଳ କରିଛି ।

ତାଙ୍କ ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ: କନ୍ୟା: ପଟ୍ଟନାଳା ୱେଦିକା ରାଓ ଓ ପରିବାରବର୍ଗ

ଧ-୧୮୫୪

### ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ନିରଞ୍ଜନ ରାୟ
ପ୍ରାଚୀବିହାର, ପଳାଶୁଣୀ, ଭୁବନେଶ୍ୱର
ଆବିର୍ଭାବ : ୧୪.୦୫.୧୯୪୯
ତିରୋଧାନ : ୦୪.୦୯.୨୦୧୭
(ଶୁକ୍ଳପକ୍ଷ ତ୍ରୟୋଦଶୀ)

ଆପଣଙ୍କ ଅମର ଆତ୍ମା ସଦ୍‌ଗତି ଲାଭକରୁ, ଏହାହିଁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

-: ଶୋକସନ୍ତପ୍ତ :-
ପତ୍ନୀ, ଝିଅ-ଜ୍ୱାଇଁ, ପୁତ୍ର-ପୁତ୍ରବଧୂ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ

ଧ-୧୮୫୮


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କାନୋଇଂ କୁଇନ୍ ରଶ୍ମିତା

**ଓଡ଼ିଶାର ନୂଆ କାନୋଇଂ କୁଇନ୍ ଭାବେ ଉଭା ହୋଇଛନ୍ତି ରଶ୍ମିତା ସାହୁ। ଦୁଇଟି ସଡ଼କ ଦୁର୍ଘଟଣା ତାଙ୍କ ଜୀବନକୁ ଦୁର୍ବିଷହ କରି ଦେଇଥିବାବେଳେ ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସ ଫେଷ୍ଟିଭାଲ ଦେଖାଇଛି ନୂଆ ଦିଗ। ଏଥିରେ ୨ଟି ସ୍ୱର୍ଣ୍ଣ ପଦକ ଜିତି ସେ ଭାରତୀୟ କ୍ରୀଡ଼ା ଜଗତରେ ଚର୍ଚ୍ଚିତ ଚେହେରା ପାଲଟି ଯାଇଛନ୍ତି...**



ଜୀବନ ଓ ଜୀବିକା ପାଇଁ ଏକଦା ସଂଘର୍ଷ କରୁଥିବା ଓଡ଼ିଶାର ରଶ୍ମିତା ସାହୁ ଏବେ କ୍ରୀଡ଼ା ଜଗତରେ ଜଣେ ଚର୍ଚ୍ଚିତ ଚେହେରା। ପରିବାରରେ ଦୁଇଟି ସଡ଼କ ଦୁର୍ଘଟଣା ଓଡ଼ିଶାର ରଶ୍ମିତା ସାହୁଙ୍କ ଜୀବନକୁ ଦୁର୍ବିସହ କରି ଦେଇଥିଲା। କିନ୍ତୁ ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସ ଫେଷ୍ଟିଭାଲରେ ୨ଟି ସ୍ୱର୍ଣ୍ଣ ପଦକ ବିଜୟ ତାଙ୍କ ଜୀବନର ଗତିପଥକୁ ଭିନ୍ନ ମୋଡ଼ ଦେଇଛି। ମହିଳା ସିଙ୍ଗଲ୍ସ ୨୦୦ ମିଟର କାନୋଇଂ ଓ ଡବଲ୍ସ ୫୦୦ ମିଟରରେ ସ୍ୱର୍ଣ୍ଣିମ ସଫଳତା ପାଇଥିବା ଏହି କାନୋଇଂ ପ୍ରତିଭା ଏବେ ଆଗକୁ ବଢ଼ିବା ସ୍ୱପ୍ନରେ ବିଭୋର। ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସ ଫେଷ୍ଟିଭାଲରେ ସ୍ୱର୍ଣ୍ଣ ପଦକ ଜିତିବା ତାଙ୍କ ପାଇଁ କୌଣସି ଦୁର୍ଘଟଣା ନ ଥିଲା। ଏହା ଥିଲା ବର୍ଷ ବର୍ଷ ଧରି ସେ କରିଥିବା ପରିଶ୍ରମର ଫଳ। ଶ୍ରୀନଗରର ଆଇକନିକ ଡାଲ ହ୍ରଦରେ ଅନୁଷ୍ଠିତ ସିଙ୍ଗଲ୍ସ ୨୦୦ ମିଟର ରେସ୍‌କୁ ୫୩.୫୩ ସେକେଣ୍ଡରେ ଶେଷ କରି ୨୩ ବର୍ଷୀୟା ରଶ୍ମିତା ପୋଡିୟମରେ ଶୀର୍ଷ ସ୍ଥାନ ମଣ୍ଡନ କରିଥିଲେ। ଏହା ତାଙ୍କ ମନୋବଳକୁ ଦୃଢ଼ କରିଥିଲା। ଫଳରେ ସେ ଡବଲ୍ସ ୫୦୦ ମିଟରରେ ମଧ୍ୟ ପାର୍ଟନରଙ୍କ ସହ ପ୍ରଥମ ସ୍ଥାନ ଅଧିକାର କରିବାରେ ସକ୍ଷମ ହୋଇଥିଲେ। ଏଥିପାଇଁ ସେ କେବଳ ଓଡ଼ିଶାର ନୁହେଁ ଭାରତର ସୁନାଝିଅ ପାଲଟି ଯାଇଛନ୍ତି। ଫଳସ୍ୱରୂପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ତାଙ୍କ ସହ କଥା ହୋଇ ମନୋବଳ ବଢ଼ାଇଛନ୍ତି।

ରଶ୍ମିତାଙ୍କ ଘର କଟକ ଜିଲାର ଚୌଦ୍ୱାରରେ। ମତ୍ସ୍ୟଜୀବୀ ସମ୍ପ୍ରଦାୟ ବିଶିଷ୍ଟ ପରିବାରରେ ତାଙ୍କର ଜନ୍ମ। ତାଙ୍କୁ ଯେତେବେଳେ ୯ ବର୍ଷ ହୋଇଥିଲା ପେସାରେ ମତ୍ସ୍ୟଜୀବୀ ଥିବା ତାଙ୍କ ବାପା ୨୦୧୧ରେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ଏଥିଯୋଗୁ ସେମାନଙ୍କର ୫ ସଦସ୍ୟ ବିଶିଷ୍ଟ ପରିବାର ଜୀବିକା ହରାଇଥିଲା। ଏହାର ୪ ବର୍ଷ ପରେ ଅର୍ଥାତ୍ ୨୦୧୫ରେ ରଶ୍ମିତାଙ୍କ ମା' ମଧ୍ୟ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ହେଲେ ରଶ୍ମିତାଙ୍କ ବାପାଙ୍କ ଭଳି ତାଙ୍କ ମା' ଦୁର୍ଘଟଣାଜନିତ ଆହତ ସମସ୍ୟା ସହ ସଂଗ୍ରାମ କରିପାରି ନ ଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହା ରଶ୍ମିତାଙ୍କ ମନୋବଳ ଭାଙ୍ଗି ଦେଇଥିଲା ଏବଂ ତାଙ୍କ ପରିବାର ଛିନ୍ନଭିନ୍ନ ହୋଇଯାଇଥିଲା। ଏଭଳି ଦୁଃଖଦ ଅତୀତରୁ ତାଙ୍କୁ ବାହାରକୁ ଆସିବା ପାଇଁ ସମୟ ଲାଗିଥିଲା। ହେଲେ ମହାନଦୀରେ ନିୟମିତ ସନ୍ତରଣ କରୁଥିବା ତାଙ୍କର ଜଣେ ବନ୍ଧୁ ରଶ୍ମିତାଙ୍କୁ କଟକର ଜଗତପୁରସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ)ର ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସ (ଏନ୍‌ସିଏ)ରେ ନାମ ଲେଖାଇବାକୁ ଏବଂ କାନୋଇଂ, କାୟାକିଂ ଓ ରୋଇଂରେ ଟ୍ରେନିଂ ନେବାକୁ ପରାମର୍ଶ ଦେଇଥିଲେ। ଯାହାଫଳରେ ତାଙ୍କୁ ଷ୍ଟାଇପେଣ୍ଡ ମିଳିପାରିବ। ଟ୍ରେନିଂ ବେଳେ ସେ ୱାଟର ସ୍ପୋର୍ଟ୍ସକୁ ଗୁରୁତ୍ୱ ଦେଇଥିଲେ। ଏହାପରେ ସେ ପଛକୁ ଫେରି ଚାହିଁ ନ ଥିଲେ। ଏ ସମ୍ପର୍କରେ ରଶ୍ମିତା ପ୍ରକାଶ କରିଛନ୍ତି ଯେ, ଆମ ପାଖରେ ଟଙ୍କାର ଅଭାବ ଥିଲା। ଏଣୁ ନିଷ୍ପତ୍ତି ନେବା ପୂର୍ବରୁ କୌଣସି ଦ୍ୱିତୀୟ ବିକଳ୍ପ କଥା ଚିନ୍ତା କରି ନ ଥିଲି। ମୁଁ ଏନ୍‌ସିଏରେ କାନୋଇଂରେ ଟ୍ରାଏଲ ଦେଇଥିଲି ଏବଂ ମୋତେ ଚୟନ କରାଯାଇଥିଲା।

ଉତ୍ତରାଖଣ୍ଡରେ ଅନୁଷ୍ଠିତ ଅନ୍ତିମ ନ୍ୟାଶନାଲ ଗେମ୍ସରେ ସେ କାନୋଇଂ ଡବଲ୍ସ ଓମେନ୍ସରେ ରୌପ୍ୟ ଓ କାନୋଇଂ ସିଙ୍ଗଲରେ ବ୍ରୋଞ୍ଜ ପଦକ ଜିତିଥିଲେ। ଏଥିପୂର୍ବରୁ ଭୋପାଳରେ ଅନୁଷ୍ଠିତ କାନୋଇଂ ସିଙ୍ଗଲ ମହିଳା ଇଭେଣ୍ଟରେ ସେ ସ୍ୱର୍ଣ୍ଣ ପଦକ ହାତେଇଥିଲେ। ଜାତୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ରଶ୍ମିତା ଓଡ଼ିଶା ପୋଲିସରେ ଚାକିରି ପାଇବାକୁ ଯୋଗ୍ୟ ହୋଇଥିଲେ। ୨୦୨୪ଠାରୁ ସେ ପୋଲିସ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି ଏବଂ ନିଜର ୪ ଜଣିଆ ପରିବାରର ଯତ୍ନ ନେଉଛନ୍ତି। ନିଜ ସଂଘର୍ଷ ସମ୍ପର୍କରେ ସେ କହିଛନ୍ତି ଯେ, ଆମେ ଏକ କୁଡିଆ ଘରେ ରହୁଥିଲୁ ଏବଂ ମୋ ବାପା ମତ୍ସ୍ୟଜୀବୀ ହୋଇଥିବାରୁ ଅଧିକ ଆୟ କରିପାରି ନ ଥିଲେ। କିନ୍ତୁ ୱାଟର ସ୍ପୋର୍ଟ୍ସରେ ମୋ କ୍ୟାରିୟର ସବୁ କିଛି ବଦଳାଇ ଦେଇଛି। ବର୍ତ୍ତମାନ ଆମେ ଖୁସିରେ ଅଛୁ ଏବଂ ମୁଁ ମୋ ପରିବାର ପାଇଁ ଏକ ଘର ନିର୍ମାଣ କରିଛି।

ରଶ୍ମିତା ନିଜ ସଫଳତା ପାଇଁ ଓଡ଼ିଶା ୱାଟର ସ୍ପୋର୍ଟ୍ସ ଟିମ କୋଚ୍ ଲାଇଶ୍ରାମ ଜୋହାନସନ ସିଂଙ୍କୁ ଶ୍ରେୟ ଦେଇଛନ୍ତି। ମୁଁ ଜାତୀୟ ସ୍ତରର ପ୍ରତିଯୋଗିତାରେ ଭାଗ ନେବା ଆରମ୍ଭ କଲା ବେଳେ ମୋ ପାଖରେ ଟ୍ରାଭେଲ ଓ ମୋ ଡାଏଟ୍ ଲାଗି ଟଙ୍କା ନ ଥିଲା। କୋଚ୍ ମୋ ପାଇଁ ଟଙ୍କା ଦେଉଥିଲେ। ଯାହା ଫଳରେ ମୁଁ ଟ୍ରାଭେଲ କରିପାରୁଥିଲି, ଭଲ ଖାଦ୍ୟ ଖାଇବାକୁ ପାଉଥିଲି। ଏଥିଯୋଗୁ ପ୍ରାୟ ଇଭେଣ୍ଟରେ ମୋ ପ୍ରଦର୍ଶନ ଭଲ ରହିଥିଲା ବୋଲି ରଶ୍ମିତା କହିଛନ୍ତି।

ରଶ୍ମିତା ଏବେ ୨୦୨୬ ଏସିଆନ୍ ଗେମ୍ସ ଲାଗି ପ୍ରସ୍ତୁତ ହେଉଛନ୍ତି। ଏସିଆ ମହାଦେଶର ଏହି ସର୍ବବୃହତ୍ କ୍ରୀଡ଼ା ପ୍ରତିଯୋଗିତା ଆସନ୍ତା ବର୍ଷ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଜାପାନରେ ହେବ। ଏ ସମ୍ପର୍କରେ ସେ ଉଲ୍ଲେଖ କରିଛନ୍ତି ଯେ, "ମୁଁ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରିବାକୁ ଚାହେଁ ଏବଂ ଏହି ସ୍ୱପ୍ନକୁ ପୂରା କରିବା ପାଇଁ ମୁଁ ମୋର ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ପ୍ରସ୍ତୁତ। ହୀରାକୁଦ ଡ୍ୟାମ୍‌ରୁ ପାଣି ଛଡ଼ା ହୋଇଥିବାରୁ ପ୍ରବଳ ସ୍ରୋତ ଥିବା ନଦୀରେ ମଧ୍ୟ ମୁଁ ଅଭ୍ୟାସ କରିଛି"। ଏତଦ୍ ବ୍ୟତୀତ ସେ କଶ୍ମୀର ସମ୍ପର୍କରେ କହିଛନ୍ତି, ସେଠାରେ ଆମେ ଖୁବ୍ ଉପଭୋଗ କରିଥିଲୁ। ହେଲେ ସେଠାକାର ଅଧିକ ଉଚ୍ଚତା ଭଳି ଚ୍ୟାଲେଞ୍ଜ ସହ ଆମକୁ ଆଡ୍‌ଜଷ୍ଟ କରିବାକୁ ପଡ଼ିଥିଲା। ଏହା ଛଡ଼ା ମୁଁ କଶ୍ମୀରର ସୌନ୍ଦର୍ଯ୍ୟର ଆନନ୍ଦ ନେଇଥିଲି। ରଶ୍ମିତାଙ୍କ ସମ୍ପର୍କରେ ତାଙ୍କ କୋଚ୍ ଲାଇଶ୍ରାମ ଜୋହାନସନ ସିଂ କହିଛନ୍ତି ଯେ, ମୁଁ ୨୦୨୦ଠାରୁ ନିୟମିତ ଭାବେ ତାଙ୍କୁ ପ୍ରଶିକ୍ଷଣ ଦେଉଛି। ଜୁନିୟର ସ୍ତରରୁ ସେ ମୋ ପାଖରେ ପ୍ରଶିକ୍ଷଣ ନେଉଛନ୍ତି। ସେ ୨୦୧୮ ସ୍ପେଶାଲ ଏରିଆ ଗେମ୍ସରେ ପ୍ରଥମେ ତାଙ୍କ ଛାପ ଛାଡ଼ିଥିଲେ। ସେ ଏବେ ଖୁବ୍ ଆଗକୁ ଯାଇଛନ୍ତି ଏବଂ ୨୦୨୬ ଏସିଆନ୍ ଗେମ୍ସରେ ମୁଁ ତାଙ୍କଠାରୁ ପଦକ ଆଶା ରଖିଛି।

**-ଅନାଦି କର**

## ଡିଫରେଣ୍ଟ

ବ୍ୟକ୍ତିଗତ ଫିଫ୍‌ଟି ମିଟର ରାଇଫଲ
ଚଳାଇ ଥ୍ରୀ ପୋଜିଶନ
ଶିମକେଣ୍ଟଠାରେ ଆମ ସିଫ୍‌ଟି କୌର
ଜିତିକି ଡବଲ ସ୍ୱର୍ଣ୍ଣ
ହେଲା ଭାରତରେ ଧନ୍ୟ
ଟିମ୍ ଇଭେଣ୍ଟରେ ଦେଶକୁ ଟାଇଟଲ
ପାଇଁ ଅଛି ଅବଦାନ।



ଜେରୁଜେଲମ ଆଥ୍‌ଲେଟିକ୍ସ ମିଟ୍‌ରେ
ଅଙ୍କିତା ଧାନୀକୁ ଅନା
ପାରୁଲ ଚୌଧାରୀ ଜାତୀୟ ରେକର୍ଡ
ଭାଙ୍ଗି ଜିତିଅଛି ସୁନା
ଆଜିର ଦିବ୍ୟାଙ୍ଗ ସୁନା
ପେରୁ ପାରା ବ୍ୟାଡ୍‌ମିଣ୍ଟନରେ ଦୀପ
ଶୁଭ୍ରଜିତ ମହାରଣା।

ଚୋରା ସୁନା କାରବାର ମାମଲାରେ
କନ୍ନଡର ରାନ୍ୟା ବେଟି
ରାଜସ୍ୱ ଗୋଇନ୍ଦା ଫାଇନି କାଟିଛି
ଏକ ଶହ ଦୁଇ କୋଟି
ମୋବାଇଲ କରେ ମାଟି
ଫାଇନି କାହାକୁ କୋଟି କୋଟି ପଡେ
ରୋଜଗାର ଜିରୋ ଏଠି।

**-ସୁବାସ ଚନ୍ଦ୍ର ପ୍ରଧାନ**

# ହକି ଜଗତର ଉଜ୍ଜ୍ୱଳ ତାରକା



ଭାରତୀ ଭୂଷଣ ମିଶ୍ର

(ଭାଗ-୨)

**ହକି ଜଗତର ଉଜ୍ଜ୍ୱଳ ତାରକାର ପ୍ରଥମ ଭାଗ ଆଲେଖ୍ୟରେ ହକିର ଯାଦୁକର ମେଜର ଧ୍ୟାନଚାନ୍ଦଙ୍କ ସମ୍ପର୍କରେ ପ୍ରକାଶ ପାଇ ସାରିଛି। ଏହାର ଦ୍ୱିତୀୟ ଭାଗରେ ଲେସ୍‌ଲି କ୍ଲଡିୟସ୍ ଓ ଉଦ୍ଧାମ ସିଂହ କୁଲରଙ୍କ ଉପରେ ସ୍ୱତନ୍ତ୍ର ଉପସ୍ଥାପନା...**

ଜାତୀୟ କ୍ରୀଡ଼ା ଦିବସ ଅବସରରେ ହକିର ଯାଦୁକର ସ୍ୱର୍ଗତ ମେଜର ଧ୍ୟାନଚାନ୍ଦଙ୍କ ସମ୍ପର୍କରେ ଆଲେଖ୍ୟ ପ୍ରକାଶ ପାଇ ସାରିଛି। ବର୍ତ୍ତମାନର ପ୍ରୟାଗରାଜ ତଥା ତତ୍କାଳୀନ ଆଲ୍ଲାହାବାଦରେ ଗୋଟିଏ ରାଜସ୍ଥାନୀ ରାଜପୁତ୍ ପରିବାରରେ ୧୯୦୫ ଅଗଷ୍ଟ ୨୯ ତାରିଖରେ ଜନ୍ମିତ ଧ୍ୟାନଚାନ୍ଦ ମାତ୍ର ୨୩ ବର୍ଷ ବୟସରେ ୧୯୨୮ ଆମ୍‌ଷ୍ଟରଡାମ୍ ଅଲିମ୍ପିକ୍ସରେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ ହକି ଖେଳରେ। ଏହାପରେ ୧୯୩୨ର ଲସ୍ ଏଞ୍ଜେଲ୍ସ ଓ ୧୯୩୬ର ବର୍ଲିନ ଅଲିମ୍ପିକ୍ସରେ ମଧ୍ୟ ଭାରତୀୟ ହକିଦଳ ସ୍ୱର୍ଣ୍ଣପଦକ ହାସଲ କରି ହ୍ୟାଟ୍ରିକ୍ ଅର୍ଜନ କରିଥିଲା। ଏହି ୩ ଅଲିମ୍ପିକ୍ସରେ ଭାରତ ମୋଟ ୧୦୨ ଗୋଲ ଦେଇଥିବାବେଳେ ମାତ୍ର ୩ଟି ବରଣ କରିଥିଲା, ଯାହାକି ଏକ ବିରଳ ଉପଲବ୍ଧି। ଏହି ୧୦୨ ଗୋଲରୁ କେବଳ ଧ୍ୟାନଚାନ୍ଦ ଦେଇଥିଲେ ୩୭ଟି ଗୋଲ। ତାଙ୍କର ଅପୂର୍ବ ଷ୍ଟିକ୍ ଚାଳନା ଓ ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖି ଗୋଲ୍ ଦେବାର ଶୈଳୀରେ ଅଭିଭୂତ ହୋଇ ଲୋକମାନେ ତାଙ୍କୁ ହକିର ଯାଦୁକର ଆଖ୍ୟା ଦେଇଥିଲେ।

### ଲେସ୍‌ଲି କ୍ଲଡିୟସ୍

ଲେସ୍‌ଲି କ୍ଲଡିୟସ୍‌ଙ୍କର ପୂରା ନାମ ଥିଲା ଲେସ୍‌ଲି ୱାଲଟର କ୍ଲଡିୟସ୍। ଅବିଭକ୍ତ ମଧ୍ୟପ୍ରଦେଶର ବିଳାସପୁର(ବର୍ତ୍ତମାନର ଛତିଶଗଡ଼)ଠାରେ ୧୯୨୭ ମାର୍ଚ୍ଚ ୨୫ରେ ଗୋଟିଏ ମଧ୍ୟବିତ୍ତ ଆଙ୍ଗ୍ଲୋ-ଭାରତୀୟ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଥିଲା ୱାଲ୍‌ଟର୍ ହର୍ବର୍ଟ କ୍ଲଡିୟସ୍ ଓ ମାତାଙ୍କ ନାମ ଥିଲା ଇରିନ୍ ମାବେଲ ଟ୍ରେସ୍। ସେ ପ୍ରଥମେ ଫୁଟବଲ ଖେଳ ପ୍ରତି ଆକୃଷ୍ଟ ଥିଲେ ଓ ଜଣେ ଭଲ ଫୁଟବଲ ଖେଳାଳି ମଧ୍ୟ ଥିଲେ। ସେ ସେତେବେଳର ବେଙ୍ଗଲ-ନାଗପୁର ରେଲୱେ (ବିଏନ୍‌ଆର୍) ଫୁଟବଲ ଦଳରେ ଖେଳିବାର ସୁଯୋଗ ପାଇଥିଲେ। କିନ୍ତୁ ତାଙ୍କ ଉପରେ ନଜର ପଡ଼ିଥିଲା ସେତେବେଳର ଜଣେ ଭଲ ହକି ଖେଳାଳି ଡିକି କାର୍‌ଙ୍କର, ଯିଏକି ୧୯୩୬ ବର୍ଲିନ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜେତା ଭାରତୀୟ ହକି ଦଳର ସଦସ୍ୟ ଥିଲେ। ତାଙ୍କଠାରେ ହକି ଖେଳିବାର ଉପଯୁକ୍ତ ପ୍ରତିଭା ଥିବା ହୃଦୟଙ୍ଗମ କରି ସେ କ୍ଲଡିୟସ୍‌ଙ୍କୁ ବେଙ୍ଗଲ-ନାଗପୁର ରେଲୱେ ହକି ଦଳରେ ଯୋଗଦେବା



ଲେସ୍‌ଲି କ୍ଲଡିୟସ୍

ପାଇଁ ପ୍ରବର୍ତ୍ତାଇଲେ। କାର୍ ମଧ୍ୟ ଏହି ଟିମ୍ ସହ ସଂଶ୍ଲିଷ୍ଟ ଥିଲେ। ଏହିଠାରୁ ଆରମ୍ଭ ହେଲା ହକିରେ ତାଙ୍କର କ୍ୟାରିୟର। ତାଙ୍କର ଦଳ ବେଟନ୍ କପ ହକି ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କଲା। ଏହିଠାରୁ ସେ ଆଉ ପଛକୁ ଫେରି ଚାହିନାହାନ୍ତି। ଜାତୀୟ ମନୋନୟନ କମିଟି ପ୍ରଥମେ ୧୯୪୮ ଲଣ୍ଡନ ଅଲିମ୍ପିକ୍ସ ପାଇଁ ଭାରତୀୟ ଦଳରେ ତାଙ୍କୁ ମନୋନୀତ କଲେ ଜଣେ ହାଫ୍‌ବ୍ୟାକ୍ ଭାବେ। ଏହା ପୂର୍ବରୁ ସେ କଲିକତା କଷ୍ଟମ୍‌ସରେ ଜଣେ ପ୍ରିଭେଣ୍ଟ୍ ଅଫିସର ଭାବେ ଯୋଗଦେଇଥିଲେ ଓ କଲିକତା କଷ୍ଟମସ୍ କ୍ଲବ ହକି ଦଳର ସଦସ୍ୟ ଥିଲେ। ତା'ପରେ ସେ କଲିକତା ପୋର୍ଟ କଷ୍ଟମସ୍ କମିଶନରେଟ୍ ତରଫରୁ ୧୯୪୮ରେ ଆଗା ଖାଁ କପ୍ ହକି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରି ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିଲେ।

ପ୍ରଥମ ଅଲିମ୍ପିକ ପଦାର୍ପଣରେ ହିଁ କ୍ଲଡିୟସ୍ ତାଙ୍କର କ୍ରୀଡ଼ା ନୈପୁଣ୍ୟ ଦେଖାଇଥିଲେ। ହାଫ୍‌ବ୍ୟାକ୍ ପୋଜିଶନ୍‌ରେ ସେ ଅଭେଦ୍ୟ ପ୍ରାଚୀର ଭଳି ଭାରତୀୟ ରକ୍ଷଣ ଭାଗ ସମ୍ଭାଳି ଥିଲେ। ଫାଇନାଲରେ ଗ୍ରେଟ୍‌ବ୍ରିଟେନ୍‌କୁ ଭାରତ ଏକତରଫା ଭାବେ ୪-୦ ଗୋଲରେ ହରାଇ ସ୍ୱର୍ଣ୍ଣ ପଦକ ହାସଲ କଲା। ଏହାପରେ ସେ ୧୯୫୨ରେ ହେଲ୍‌ସିଙ୍କି, ୧୯୫୬ର ମେଲ୍‌ବୋର୍ନ ଓ ୧୯୬୦ ରୋମ୍ ଅଲିମ୍ପିକ୍ କ୍ରୀଡ଼ାରେ ଭାରତୀୟ ହକିଦଳର ସଦସ୍ୟ ହେବାର ଗୌରବ ହାସଲ କରିଥିଲେ। ଏହା ମଧ୍ୟରୁ ୧୯୪୮, ୧୯୫୨ ଓ ୧୯୫୬ରେ ଭାରତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା ଏବଂ ୧୯୬୦ ରୋମ୍ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିଲା। ଏହି ଅଲିମ୍ପିକ୍ସରେ ଭାରତୀୟ ହକି ଦଳର ନେତୃତ୍ୱ ନେଇଥିଲେ ଲେସ୍‌ଲି କ୍ଲଡିୟସ୍। ତେଣୁ ଅଲିମ୍ପିକ୍ କ୍ରୀଡ଼ାରେ କ୍ରମାଗତ ଭାବେ ୪ଟି ପଦକ ପାଇବାରେ ସେ ପ୍ରଥମ ଭାରତୀୟ ହକି ଖେଳାଳି। ତାଙ୍କ ସହିତ ଉଦ୍ଧାମ ସିଂ ମଧ୍ୟ ହକିରେ ଅଲିମ୍ପିକ କ୍ରୀଡ଼ାରେ ୪ଗୋଟି ପଦକ ହାସଲ କରିଛନ୍ତି ଅଦ୍ୟାବଧି। ସେ ୧୯୫୨ର ହେଲସିଙ୍କି, ୧୯୫୬ର ମେଲବୋର୍ନ ଓ ୧୯୬୪ର ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଓ ୧୯୬୦ର ରୋମ୍‌ରେ ରୌପ୍ୟ ପଦକ ବିଜେତା ଭାରତୀୟ ହକି ଦଳର ସଦସ୍ୟ ଥିଲେ। କ୍ଲଡିୟସ୍ ପ୍ରଥମଥର ପାଇଁ ୧୯୫୬ରେ ଭାରତୀୟ ଦଳର ଅଧିନାୟକତ୍ୱ ସମ୍ଭାଳିଥିଲେ ଓ ୧୯୬୦ ଅଲିମ୍ପିକ୍ସରେ ନେତୃତ୍ୱ ନେଇଥିଲେ। ଏହି ସମୟରେ ଭାରତୀୟ ଦଳର ପ୍ରଶିକ୍ଷକ ଥିଲେ ହକି ଯାଦୁକର ସ୍ୱର୍ଗତ ଧ୍ୟାନଚାନ୍ଦ। କ୍ଲଡିୟସ୍ ୧୯୭୮ର ବ୍ୟାଙ୍କକ୍ ଏସୀୟ କ୍ରୀଡ଼ା ପାଇଁ ଭାରତୀୟ ହକି ଦଳର ମ୍ୟାନେଜର ଦାୟିତ୍ୱ ତୁଲାଇଥିଲେ। ଭାରତ ଫାଇନାଲରେ ପରାଜିତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲା। ସେ ମଧ୍ୟ ହେଉଛନ୍ତି ୧୦୦ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାରେ ପ୍ରଥମ ଭାରତୀୟ ହକି ଖେଳାଳି।

ତାଙ୍କର ହକି ପ୍ରତି ଅବଦାନ ପାଇଁ ୧୯୭୧ ମସିହାରେ ଭାରତ ସରକାର ପଦ୍ମଶ୍ରୀ ସମ୍ମାନରେ ଭୂଷିତ କରିଥିଲେ। ଉଦ୍ଧାମ ସିଂଙ୍କ ସହ ତାଙ୍କ ନାମ ୪ଟି ଅଲିମ୍ପିକ ପଦକ (ହକିରେ) ହାସଲ ପାଇଁ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ୍ ରେକର୍ଡ୍‌ସରେ ସ୍ଥାନିତ ହୋଇଛି। ୨୦୧୨ରେ ଲଣ୍ଡନ ଅଲିମ୍ପିକ୍ ଆୟୋଜନ ସମୟରେ ଗୋଟିଏ 'ଅଲିମ୍ପିକ ଲିଜେଣ୍ଡସ୍ ମ୍ୟାପ୍' ଆୟୋଜକ କମିଟି ଦ୍ୱାରା କରାଯାଇଥିଲା। ଟ୍ୟୁବ୍ ଷ୍ଟେଶନର ନାମ ତାଙ୍କ ନାମରେ ପୁନର୍ନାମିତ ହୋଇଥିଲା ଏବଂ ତାଙ୍କୁ ମିଶାଇ ହକିର ଛଅଜଣ ସର୍ବକାଳୀନ ଶ୍ରେଷ୍ଠ ଖେଳାଳିଙ୍କୁ ଏହିପରି ସମ୍ମାନ ମିଳିଥିଲା। ଇଷ୍ଟବେଙ୍ଗଲ କ୍ଲବ ଦ୍ୱାରା ତାଙ୍କୁ ୨୦୧୧ରେ ଭାରତ ଗୌରବ ସମ୍ମାନ ଓ ୨୦୧୨ରେ ହକିକୁ ଆଜୀବନ ଅବଦାନ ପାଇଁ ବଙ୍ଗବିଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୨୦୧୨ ମସିହା ଡିସେମ୍ବର ୨୦ ତାରିଖରେ ଏହି ମହାନ୍ ଖେଳାଳି କଲିକତାଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

### ଉଦ୍ଧାମ ସିଂହ କୁଲର

ଭାରତୀୟ ହକିର ଆଉ ଜଣେ ପ୍ରସିଦ୍ଧ ବ୍ୟକ୍ତିତ୍ୱ ହେଲେ ଉଦ୍ଧାମ ସିଂ କୁଲର। ୧୯୨୮ ଅଗଷ୍ଟ ୪ ହେଉଛି ତାଙ୍କର ଜନ୍ମ ଦିବସ। ପଞ୍ଜାବର ଜଲନ୍ଧର ସହରର କ୍ୟାଣ୍ଟନମେଣ୍ଟ ନିକଟରେ ଅବସ୍ଥିତ ସଂସାରପୁର ନାମକ ଛୋଟିଆ ଗାଁଟିଏ। ଏହା ହକିର 'ଅନ୍ତୁଡିଶାଳ' ନାମରେ ପରିଚିତ, କାରଣ ଅନେକ ସ୍ୱନାମଧନ୍ୟ ହକି ଖେଳାଳି ଏଇ ଗାଁରେ ଜନ୍ମଗ୍ରହଣ କରିଛନ୍ତି। ଏହି ଗାଁ ହେଉଛି ତାଙ୍କର ଜନ୍ମ ସ୍ଥାନ। ପିତାଙ୍କ ନାମ ତେହଲ ସିଂ ଓ ମାତାଙ୍କ ନାମ ନାରାଇନ କୌର। ଅତ୍ୟନ୍ତ ସାଧାରଣ ପରିବାରରେ ବଡ଼ ହୋଇଥିଲେ ଉଦ୍ଧାମ। ଭିକ୍ଟର ହାଇସ୍କୁଲ ଡିଏଭି କଲେଜ ଜଲନ୍ଧରରେ ଔପଚାରିକ ଶିକ୍ଷା ଲାଭ କରିଥିଲେ। ପାଠପଢ଼ିବା ବେଳୁ ଗାଁର ପରମ୍ପରା ରକ୍ଷାକରି ହକିଖେଳରେ ମନୋନିବେଶ କରିଥିଲେ। ଯଦିଓ ତାଙ୍କର ଉଚ୍ଚତା ମାତ୍ର ୫ ଫୁଟ ୬ ଇଞ୍ଚ ଓ ଓଜନ ୫୮ କିଗ୍ରା ଥିଲା ତଥାପି ତାଙ୍କ କ୍ରୀଡ଼ା ନୈପୁଣ୍ୟ ସମସ୍ତଙ୍କୁ ଅଭିଭୂତ କରୁଥିଲା। ୧୯୪୭ ମସିହାରେ ସେ ତାଙ୍କ କଲେଜ ହକି ଜଲନ୍ଧର ଦଳର ଅଧିନାୟକ ହେଲେ ଓ ତା'ପରେ ପଞ୍ଜାବ ପୋଲିସରେ ଭର୍ତ୍ତି ହେଲେ। ସେତେବେଳେ ପଞ୍ଜାବ ପୋଲିସ ହକି ଦଳ ସାରା ଭାରତରେ ପ୍ରସିଦ୍ଧି ଅର୍ଜନ କରିଥିଲା। ପଞ୍ଜାବ ପୋଲିସ ହକି ଦଳର ଅଧିନାୟକ ପଦ ସମ୍ଭାଳି ଥିଲେ ସେ। ୧୯୪୮ ଲଣ୍ଡନ ଅଲିମ୍ପିକ୍ସରେ ଭାରତୀୟ ହକି ଦଳର ସେ ପ୍ରତିନିଧିତ୍ୱ କରି ପାରିଥାନ୍ତେ। କିନ୍ତୁ ଦୁର୍ଯୋଗକୁ ତାଙ୍କ ଆଙ୍ଗୁଠିର ହାଡ଼ ଭାଙ୍ଗିଯିବାରୁ ତାହା ସମ୍ଭବ ହୋଇ ପାରିଲାନି। ୧୯୪୯ରେ ଭାରତୀୟ ଦଳର ଆଫ୍‌ଗାନିସ୍ଥାନ ଗସ୍ତ କାଳରେ ସେ ଦଳରେ ସାମିଲ ହୋଇ ଭାରତ ବିଜୟରେ କର୍ଣ୍ଣଧାର ସାବ୍ୟସ୍ତ ହୋଇଥିଲେ। ତା'ପରେ ୧୯୫୨ ମସିହାର ହେଲ୍‌ସିଙ୍କି ଅଲିମ୍ପିକ୍ସ ପାଇଁ ମନୋନୀତ ଭାରତୀୟ ଦଳରେ ସେ ସାମିଲ ହେଲେ। କେ.ଡି. ସିଂ ବାବୁଙ୍କ ଅଧିନାୟକତ୍ୱରେ ଭାରତ ସ୍ୱର୍ଣ୍ଣପଦକ ହାସଲ କଲା। ତା'ପରେ ୧୯୫୪ରେ ସେ ପଞ୍ଜାବ ରାଜ୍ୟ ହକି ଦଳର ଅଧିନାୟକ ଭାବେ ମନୋନୀତ ହୋଇଥିଲେ। ୧୯୫୬ ମସିହାରେ ବଲ୍‌ବୀର ସିଂ ସିନିୟରଙ୍କ ଅଧିନାୟକତ୍ୱରେ ମେଲବୋର୍ନ ଅଲିମ୍ପିକ୍ସରେ ଭାରତୀୟ ଦଳରେ ସେ ସ୍ଥାନ ପାଇଥିଲେ। ଭାରତ ଏଠାରେ ମଧ୍ୟ ସ୍ୱର୍ଣ୍ଣପଦକ ହାସଲର ଧାରା ବଜାୟ ରଖିଲା। ଏହାପରେ ୧୯୬୦ ମସିହାରେ ରୋମ୍ ଅଲିମ୍ପିକ୍ସରେ ମଧ୍ୟ ସେ ଭାରତୀୟ ଦଳର ସଦସ୍ୟ ଥିଲେ। ଦୁର୍ଭାଗ୍ୟଜନକ ଭାବେ ଭାରତ ପାକିସ୍ତାନଠାରୁ ୦-୧ ଗୋଲ୍‌ରେ ପରାଜୟ ବରଣ କରି ରୌପ୍ୟ ପଦକରେ ସନ୍ତୁଷ୍ଟ ହେଲା। ଫାଇନାଲର ୧୨ ମିନିଟ୍‌ରେ ପାକିସ୍ତାନର ନାସିର ଅହମ୍ମଦଙ୍କର ଫିଲ୍ଡ ଗୋଲକୁ ଶତ ଚେଷ୍ଟା କରି ମଧ୍ୟ ଭାରତୀୟ ଦଳ ଶୁଝାଇ ପାରି ନ ଥିଲେ। ଫଳରେ ଭାରତର ୧୯୨୮ ମସିହାରୁ ହକିରେ ଚାଲିଆସିଥିବା ଜୟଯାତ୍ରା ବ୍ୟାହତ ହୋଇଥିଲା। ଏହାକୁ ସେତେବେଳେ ଏକ ଜାତୀୟ ଦୁଃଖ ଭାବେ ବିବେଚନା କରାଯାଇଥିଲା। କିନ୍ତୁ ୧୯୬୪ର ଟୋକିଓ ଅଲିମ୍ପିକ୍ସରେ ଭାରତ ଏହି ପରାଜୟର ପ୍ରତିଶୋଧ ନେଇ ଫାଇନାଲରେ ସମାନ ୧-୦ ଗୋଲ୍‌ରେ ପାକିସ୍ତାନକୁ ପରାଜିତ କରି ସ୍ୱର୍ଣ୍ଣପଦକ ହାସଲ କଲା। ଖେଳର ଦ୍ୱିତୀୟାର୍ଦ୍ଧରେ ପାକିସ୍ତାନର ମୁନିର ଅହମ୍ମଦ ଦାର ତାଙ୍କ ଗୋଡ଼ରେ ବଲ୍‌କୁ ଅଟକାଇବାରୁ ଭାରତକୁ ପେନାଲ୍‌ଟି ସୁଟ୍ ମିଳିଥିଲା ଓ ମହିନ୍ଦର ଲାଲ ଏହାକୁ ଗୋଲ୍‌ରେ ପରିଣତ କରିବାରେ କୌଣସି ତ୍ରୁଟି କରି ନ ଥିଲେ।

ଉଦ୍ଧାମ ସିଂ ମଧ୍ୟ ଏହି ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ। ସେ ଯଦିଓ ହାଫ୍‌ବ୍ୟାକ୍ ଥିଲେ ତଥାପି ଲେଫ୍ଟ ଇନ୍‌ସାଇଡ୍, ରାଇଟ ଇନ୍‌ସାଇଡ୍, ସେଣ୍ଟର ଫରୱାର୍ଡ ଓ ସେଣ୍ଟର ହାଫ୍ ପୋଜିଶନରେ ଖେଳିବାର ଦକ୍ଷତା ରଖିଥିଲେ, ଯାହା କ୍ୱଚିତ୍ ଖେଳାଳିଙ୍କ ନିକଟରେ ଦେଖିବାକୁ ମିଳିଥାଏ। ଏହି କାରଣରୁ ସେ ୧୯୫୫ରେ ପୋଲାଣ୍ଡ ଓ ୧୯୫୯ରେ ପୂର୍ବ ଆଫ୍ରିକା ଗସ୍ତରେ ଯାଇଥିବା ଭାରତୀୟ ହକି ଦଳର ଅଧିନାୟକ ହୋଇଥିଲେ। ସେ ୧୪ଟି ଅଲିମ୍ପିକ୍ ମ୍ୟାଚ୍‌ରେ ମୋଟ ୧୪ ଗୋଟି ଗୋଲ ଦେଇଥିଲେ। ଉଲ୍ଲେଖନୀୟ ଏହି ଯେ କ୍ରମାଗତ ୪ଗୋଟି ଅଲିମ୍ପିକ ପଦକ ଜିଣିବାରେ ସଫଳ ଦୁଇ ଭାରତୀୟ ହକି ଖେଳାଳିଙ୍କ ମଧ୍ୟରେ ସେ ଥିଲେ ଜଣେ। ଅନ୍ୟଜଣକ ହେଉଛନ୍ତି ଲେସ୍‌ଲି କ୍ଲଡିୟସ୍, ଯାହାକି ଆଗରୁ ଆଲୋଚନା କରିଛେ। ୧୯୫୮ ଟୋକିଓ ଏସୀୟ କ୍ରୀଡ଼ାର ରୌପ୍ୟପଦକ ବିଜେତା ଭାରତୀୟ ଦଳର ମଧ୍ୟ ସେ ସଦସ୍ୟ ଥିଲେ। ସେ ମଧ୍ୟ ୧୯୬୬ ମସିହାରୁ ଭାରତୀୟ ହକିଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ପ୍ରଶିକ୍ଷଣରେ ଭାରତୀୟ ହକି ଦଳ ୧୯୬୮ ମେକ୍ସିକୋ ସିଟି ଅଲିମ୍ପିକରେ ବ୍ରୋଞ୍ଜ ପଦକ ଓ ୧୯୭୦ ବ୍ୟାଙ୍କକ୍ ଏସୀୟ କ୍ରୀଡ଼ାରେ ରୌପ୍ୟ ପଦକ ହାସଲ କରିଥିଲା। ୧୯୭୨ ମ୍ୟୁନିଚ୍ ଅଲିମ୍ପିକ୍‌ର କାଂସ୍ୟ ପଦକ ବିଜୟୀ ଭାରତୀୟ ଦଳର ପ୍ରଶିକ୍ଷକ ଥିଲେ। ୧୯୬୫ ମସିହାରେ ଭାରତ ସରକାରଙ୍କ ଦ୍ୱାରା ତାଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଖେଳରୁ ଅବ୍ୟାହତି ନେବା ପରେ ସେ ସୀମା ସୁରକ୍ଷା ବଳରେ ଯୋଗ ଦେଇଥିଲେ ଏବଂ ତା'ପରେ ନିଜ ଗାଁ ସଂସାରପୁରରେ ଯୁବକମାନଙ୍କୁ ହକି ପ୍ରଶିକ୍ଷଣ ଦେବାରେ ବ୍ୟାପୃତ ଥିଲେ।



ଉଦ୍ଧାମ ସିଂହ କୁଲର (ବାମ)

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୫/୨୦୨୫ Bhubaneswar, Friday, September 5/ 2025

# ସେମିଫାଇନାଲରେ ୟୁକି ଭାମ୍ବ୍ରି

ନ୍ୟୁୟର୍କ, ୪।୯ (ପି.ଟି.)

ଭାରତର ୟୁକି ଭାମ୍ବ୍ରି ପ୍ରଥମ ଥର ପାଇଁ ଏକ ଗ୍ରାଣ୍ଡସ୍ଲାମ ଟେନିସର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ନ୍ୟୁଜିଲାଣ୍ଡର ମାଇକେଲ ଭେନସ୍‌ଙ୍କୁ ସାଥୀକରି ସେ ପୁରୁଷ ଡବଲ୍ସରେ ଏହି ସଫଳତା ପାଇଛନ୍ତି। ଭାରତ-ନ୍ୟୁଜିଲାଣ୍ଡ ଯୋଡ଼ି କ୍ୱାର୍ଟର ଫାଇନାଲରେ ୧୧ଶ ସିଡ୍ ନିକୋଲା ମେକ୍‌ଟିକ୍ ଓ ରାଜୀ ରାମଙ୍କୁ

**ୟୁଏସ୍ ଓପନ ପୁରୁଷ ଡବଲ୍ସ**

୬-୩, ୬-୭ (୮), ୬-୩ ସେଟ୍‌ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ପୂର୍ବରୁ ଭାମ୍ବ୍ରି-ଭେନସ୍ ଯୋଡ଼ି ପ୍ରି-କ୍ୱାର୍ଟର ଫାଇନାଲରେ ୪ର୍ଥ ସିଡ୍ କେଭିନ କ୍ରାୱିଜ ଓ ଟେଇମ୍ ପୁଏଜ୍‌ଙ୍କୁ ପରାସ୍ତ କରିଥିଲେ। ଦୀର୍ଘଦିନଧରି ଆହତ ସମସ୍ୟାରେ ରହିବା ଏବଂ ସିଙ୍ଗଲ୍ସରୁ ଡବଲ୍ସକୁ ଆପଣେଇବା ପରେ ୩୩ ବର୍ଷୀୟ ଭାମ୍ବ୍ରିଙ୍କୁ ସଫଳତା ମିଳିବାରେ ଲାଗିଛି। ପୂର୍ବତନ ବିଶ୍ୱ ଜୁନିୟର ନଂ.-୧ ତଥା ୨୦୦୯ ଅଷ୍ଟ୍ରେଲିଆନ ଓପନ ବାଳକ ଚାମ୍ପିୟନ ଭାମ୍ବ୍ରି ଏଠାରେ ସିନିୟର ଗ୍ରାଣ୍ଡସ୍ଲାମରେ କ୍ୟାରିୟରର ଶ୍ରେଷ୍ଠ ଫଳାଫଳ ପାଇବା ନିଶ୍ଚିତ କରିଛନ୍ତି। ‘‘ଏପରି ଏକ ଚ୍ୟାଲେଞ୍ଜିଂ ମ୍ୟାଚ୍‌ରୁ ଭଲ ଫଳାଫଳ ପାଇଥିବାରୁ ଖୁବ୍ ଖୁସି ଲାଗୁଛି। ଆମ ପ୍ରତିପକ୍ଷଙ୍କ ନିକଟରେ ପ୍ରଚୁର ଅଭିଜ୍ଞତା ଥିଲା। ଏକାଧିକ ଥର ସେମାନେ ଗ୍ରାଣ୍ଡସ୍ଲାମ ଚାମ୍ପିୟନ ହୋଇ ସାରିଛନ୍ତି। ସେମାନେ ଆମପାଇଁ କଷ୍ଟକର ସ୍ଥିତି ଉପୁଜାଇ ଥିଲେ। ସେମାନଙ୍କ ବିପକ୍ଷରେ ଲଢ଼େଇ କରି ସଫଳ ହୋଇଥିବାରୁ ଆମେ ନିଜକୁ ପରୀକ୍ଷା କରିପାରିଛୁ’’ ବୋଲି ଭାମ୍ବ୍ରି ପ୍ରକାଶ କରିଛନ୍ତି। ଅତୀତରେ ଭାରତର ଲିଆଣ୍ଡର ପେସ୍, ମହେଶ ଭୂପତି, ରୋହନ ବୋପାନ୍ନା ପୁରୁଷ ଡବଲ୍ସରେ ଆଧିପତ୍ୟ ବିସ୍ତାର କରିଥିଲେ। ଏବେ ଭାମ୍ବ୍ରି ସେ ପଥର ଯାତ୍ରୀ ହୋଇଛନ୍ତି। ସେମିଫାଇନାଲରେ ଭାରତ-ନ୍ୟୁଜିଲାଣ୍ଡ ଯୋଡ଼ି ୬ଷ୍ଠ ସିଡ୍ ବ୍ରିଟେନର ଜୋ ସାଲିସବୁରୀ ଓ ନେଲ ସ୍କୁପସ୍କିଙ୍କୁ ଭେଟିବେ।



ମ୍ୟାଚ୍ ଜିତିବା ପରେ ୟୁକି ଭାମ୍ବ୍ରି ଓ ମାଇକେଲ ଭେନସ୍।

# ସେମିରେ ସିନର, ଓସାକା: ସ୍ୱିଟେକ ଆଉଟ୍

ନ୍ୟୁୟର୍କ,୪।୯

ୱାର୍ଲ୍ଡ ନଂ.-୧ ଜାନିକ ସିନର ଓ ମହିଳା ସିଙ୍ଗଲ୍ସରେ ଦୁଇ ଥରର ଚାମ୍ପିୟନ ନାଓମି ଓସାକା ଟେନିସ ସିଜନର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଦ୍ୱିତୀୟ ସିଡ୍ ତଥା ୬ ଥରର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଇଗା ସ୍ୱିଟେକ ପରାଜୟ ସହ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି।

ଗୁରୁବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ସିନର ୬-୧, ୬-୪, ୬-୨ ସେଟ୍‌ରେ ଦଶମ ସିଡ୍ ନିଜ ଦେଶର ଲୋରେଞ୍ଜୋ ମୁସେଟିଙ୍କୁ ହରାଇଛନ୍ତି। ସେ ସେମିଫାଇନାଲରେ ଫେଲିକ୍ସ ଅଗର-ଆଲିଆସିମେଙ୍କୁ ଭେଟିବେ। ୨୫ତମ ସିଡ୍ କାନାଡାର ଆଲିଆସିମେ ନିଜ କ୍ୱାର୍ଟର ଫାଇନାଲ ମୁକାବିଲାରେ ୪-୬, ୭-୬ (୯/୭), ୭-୫, ୭-୬(୭/୪) ସେଟ୍‌ରେ ଅଷ୍ଟମ ସିଡ୍ ଆଲେକ୍ସ ଡି ମିନାଉରଙ୍କୁ ପରାସ୍ତ କରିଛନ୍ତି।

ମହିଳା ସିଙ୍ଗଲ୍ସରେ ୨୩ତମ ସିଡ୍ ତଥା ୨୦୧୮ ଓ ୨୦୨୦ ସଂସ୍କରଣର ଚାମ୍ପିୟନ ଓସାକା ୬-୪, ୭-୬ (୭/୩) ସେଟ୍‌ରେ ୧୧ତମ ସିଡ୍ କାରୋଲିନା ମୁଚୋଭାଙ୍କୁ ହରାଇଛନ୍ତି। ଓସାକା ମାତୃତ୍ୱ ଲାଭ କରିବା ପରେ ପ୍ରଥମ ଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେ ସେମିଫାଇନାଲରେ ୱିମ୍ବଲଡନ ଫାଇନାଲିଷ୍ଟ ଅଷ୍ଟମ ସିଡ୍ ଆମାଣ୍ଡା ଆନିସିମୋଭାଙ୍କୁ ଭେଟିବେ। ଆନିସିମୋଭା ୬-୪, ୬-୩ ସେଟ୍‌ରେ ସ୍ୱିଟେକଙ୍କୁ ପରାସ୍ତ କରିଛନ୍ତି।



ଜାନିକ ସିନର

# ଇଡିରେ ହାଜର ହେଲେ ଧାୱନ

ନୂଆଦିଲ୍ଲୀ,୪।୯(ପି.ଟି.)

**ବେଆଇନ ବେଟିଂ ଆପ୍ ମାମଲା**

ପୂର୍ବତନ ଭାରତୀୟ କ୍ରିକେଟର ଶିଖର ଧାୱନ ବେଆଇନ ବେଟିଂ ଆପ୍ ସହ ସମ୍ପୃକ୍ତ ଥିବା ଟଙ୍କା ହେରଫେର ମାମଲାରେ ଗୁରୁବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଆଗରେ ହାଜର ହୋଇଛନ୍ତି। ସେ ସେଣ୍ଟ୍ରାଲ ଦିଲ୍ଲୀସ୍ଥିତ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର କାର୍ଯ୍ୟାଳୟରେ ଅପରାହ୍ନ ୧୧ଟାରେ ପ୍ରବେଶ କରିଥିଲେ। ବେଆଇନ ବେଟିଂ ଆପ୍ ୧Xବେଟ୍ ସହ ଜଡ଼ିତ ମାମଲାର ତଦନ୍ତ ପାଇଁ ପ୍ରିଭେନଶନ ଅଫ୍ ମନି ଲଣ୍ଡରିଂ ଆଇନ (ପିଏମ୍ଏଲ୍ଏ) ଅଧୀନରେ ତାଙ୍କ ବୟାନ ରେକର୍ଡ କରାଯାଇଛି। କିଛି ନିର୍ଦ୍ଦିଷ୍ଟ ବିଜ୍ଞାପନ ଜରିଆରେ ୩୯ ବର୍ଷୀୟ ପୂର୍ବତନ ଓପନର ଆପ୍ ସହିତ ଯୋଡ଼ି ହୋଇଥିଲେ। ଇଡି ତାଙ୍କ ସମ୍ପୃକ୍ତିକୁ ବୁଝିବା ପାଇଁ ଚାହୁଁଛି। ଗତ ମାସରେ ପୂର୍ବତନ କ୍ରିକେଟର ସୁରେଶ ରାଇନାଙ୍କୁ ପଚରାଉଚୁରା କରାଯାଇଥିଲା। କେନ୍ଦ୍ର ସରକାର ଏକ ନୂଆ ଆଇନ ଜରିଆରେ ରିୟଲ ମନି ଅନଲାଇନ୍ ଗେମିଂକୁ ବ୍ୟାନ କରିଛନ୍ତି।

**ବିଶ୍ୱ ଚାମ୍ପିୟନଶିପ୍**

# ଅଂଶଗ୍ରହଣରୁ ୫ଫ୍ରେଞ୍ଚ୍ ମହିଳା ବକ୍ସର ବଞ୍ଚିତ

ପ୍ୟାରିସ, ୪।୯ (ଏପି)

ନୂତନ ଲିଙ୍ଗ ପରୀକ୍ଷଣ ବ୍ୟବସ୍ଥା ଓ ଜଟିଳତା ପାଇଁ ଫ୍ରାନ୍ସର ୫ଜଣ ମହିଳା ବକ୍ସର ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣରୁ ବଞ୍ଚିତ ହୋଇଛନ୍ତି। କାରଣ ଧାର୍ଯ୍ୟ ସମୟସୀମା ମଧ୍ୟରେ ସେମାନେ ଇଂଲଣ୍ଡରୁ ଲିଙ୍ଗ ପରୀକ୍ଷଣ ଫଳାଫଳ ପାଇବାରେ ବିଳମ୍ବ ଘଟିଥିଲା। ଫ୍ରେଞ୍ଚ ବକ୍ସିଂ ଦଳ ଏଥିରେ କ୍ରୋଧ ସହ ଆଶ୍ଚର୍ଯ୍ୟ ପ୍ରକାଶ କରିଛି। ଗତବର୍ଷ ପ୍ୟାରିସ ଅଲିମ୍ପିକ୍ସରେ ଆଲଜେରିଆର ଇମାନେ ଖେଲିଫ୍ ଏବଂ ତାୱାନର ଲିନ୍ ୟୁ-ଟିଙ୍ଗ୍ ସହଜରେ ସ୍ୱର୍ଣ୍ଣ ପଦକ ଲାଭ କରିବା ପରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରି କି ସେମାନଙ୍କ ଯୋଗ୍ୟତା ନେଇ ପ୍ରଶ୍ନ ଉଠିଥିଲା। ଏହାପରେ ବିଶ୍ୱ ବକ୍ସିଂ ପକ୍ଷରୁ ମେ ୩୦ରୁ ଅଂଶଗ୍ରହଣକାରୀଙ୍କ ଲାଗି ଲିଙ୍ଗ ପରୀକ୍ଷଣ ବାଧ୍ୟତାମୂଳକ କରାଯାଇଥିଲା। ଫଳତଃ ମହିଳା ବକ୍ସରମାନଙ୍କୁ ସେମାନଙ୍କ ଜନ୍ମ ସମୟର ଲିଙ୍ଗ ନିର୍ଣ୍ଣୟ କରିବା ଲାଗି ଏକ ପଲିମରେଜ ଚେନ୍ ରିଆକ୍ସନ (ପିସିଆର) ଟେଷ୍ଟ କିମ୍ବା ସମାନ ଜେନେଟିକ୍ ସ୍କ୍ରିନିଂ ଟେଷ୍ଟ କରିବାକୁ ପଡ଼ିବ। ନୂଆବକ୍ସିଂ ପରିଚାଳନା ପରିଷଦ ପ୍ୟାରିସ ଅଲିମ୍ପିକ୍ସ ସହିତ ସମ୍ପୃକ୍ତ ନ ଥିଲା, କିନ୍ତୁ ପରେ ଫେବୃଆରୀରେ ଅସ୍ଥାୟୀ ଭାବେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଦ୍ୱାରା ସ୍ୱୀକୃତି ଲାଭ କରିଥିଲା। ଫ୍ରେଞ୍ଚ ଫେଡେରେଶନର ତ୍ରୁଟି ଯୋଗୁ ଏହି ଦେଶର ୫ଜଣ ବକ୍ସର ଲିଭରପୁଲ୍‌ରେ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣରୁ ବଞ୍ଚିତ ହୋଇଥିବା ବକ୍ସିଂ ପରିଚାଳନା ପରିଷଦ ପାଲଟା ଦୋଷାରୋପ କରିଛି।

# ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦ୍‌ଯାପିତ




ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

ଭୁବନେଶ୍ୱର, ୪।୯ (ପି.ଟି.)

ଉତ୍କଳ କରାଟେ ସ୍କୁଲରେ ଓଡ଼ିଶା ରାଫଲ ସଂଘ ଆନୁକୂଲ୍ୟରେ ଚାଲିଥିବା ୧୪ତମ ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ପ୍ରତିଯୋଗିତା ଦୁଇଟି ଚରଣରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦୁଇ ଦିନ କଳିଙ୍ଗ ଷ୍ଟାଡିୟମସ୍ଥିତ ୫୦ ମିଟର ବନ୍ଧୁକ ଚାଳନା ରେଞ୍ଜରେ ଏବଂ ଅନ୍ତିମ ଦୁଇ ଦିନ ଉତ୍କଳ କରାଟେସ୍ଥିତ ୧୦ ମି. ଏୟାର ରାଇଫଲ ଓ ପିସ୍ତଲ ଶୁଟିଂ ରେଞ୍ଜରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ ମି. ପ୍ରୋନ ଓ ଥ୍ରୀ ପୋଜିଶନ, ୨୫ ମି. ପିସ୍ତଲ, ୧୦ ମି. ଏୟାର ରାଇଫଲ ଓ ପିସ୍ତଲ ଆଦି ଇଭେଣ୍ଟ ଉଭୟ ପୁରୁଷ ଓ ମହିଳାର ବିଭାଗରେ ପ୍ରତିଯାଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଭାରତୀୟ ଜାତୀୟ ରାଇଫଲ ସଂଘର ସଭାପତି କଳିକେଶ ନାରାୟଣ ସିଂହଦେଓ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଇଫଲ ସଂଘର ସଭାପତି ଡ. ଗୌରି ମହାନ୍ତି, ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ, ଉପସଭାପତି ରୋମୀୟ କାନ୍ତ ନନ୍ଦ, ଇଞ୍ଜିନିୟର ଚିତ୍ତରଞ୍ଜନ ସ୍ୱାଇଁ, କୋଷାଧ୍ୟକ୍ଷ ବଳଭଦ୍ର ଦାସ, ଯୁଗ୍ମ ସମ୍ପାଦକ ଆଶିଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଅମିତ ମିଶ୍ରାଙ୍କ ଅବସର




ନୂଆଦିଲ୍ଲୀ,୪।୯(ପି.ଟି.)

୪୨ ବର୍ଷୀୟ ଭେଟେରାନ ଭାରତୀୟ କ୍ରିକେଟର ଅମିତ୍ ମିଶ୍ରା ଗୁରୁବାର ପେସାଦାର କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଏଥିସହିତ ତାଙ୍କର ୨୫ ବର୍ଷ ଲମ୍ବା କ୍ୟାରିୟରର ଅନ୍ତ ଘଟିଛି। ଏହି ଲେଗ୍ ସ୍ପିନର ଭାରତ ପାଇଁ ଅନ୍ତର୍ଜାତୀୟ ସ୍ତରରେ ୨୨ ଟେଷ୍ଟ, ୩୬ ଦିନିକିଆ ଓ ୧୦ ଟି୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୭୬, ୬୪ ଓ ୧୬ ଉଇକେଟ ନେଇଥିଲେ।

ଏହି ୨୫ ବର୍ଷର ଜୀବନ କ୍ରିକେଟରେ ସ୍ମରଣୀୟଠାରୁ କିଛି କମ୍ ନ ଥିଲା। ମୁଁ ବିସିସିଆଇ, ଏହାର ପ୍ରଶାସନ, ହରିୟାଣା କ୍ରିକେଟ୍ ଆସୋସିଏଶନ, ସପୋର୍ଟ ଷ୍ଟାଫ, ମୋ ସାଥୀ ଖେଳାଳି ଓ ମୋ ପରିବାର ସଦସ୍ୟଙ୍କ ନିକଟରେ ମୁଁ କୃତଜ୍ଞ। ମୁଁ ଯେତେବେଳେ ଓ ଯେଉଁଠାରେ ଖେଳିଲା ବେଳେ ପ୍ରଶଂସକମାନେ ଦେଇଥିବା ଭଲପାଇବା ଓ ସମର୍ଥନ ମୋ ଯାତ୍ରାକୁ ସ୍ମରଣୀୟ କରିଥିଲା। କ୍ରିକେଟ ମୋତେ ଅଗଣିତ ସ୍ମୃତି ଓ ଅନେକ ମୂଲ୍ୟବାନ ଶିକ୍ଷା ଦେଇଛି, ଯାହାକୁ ସାରା ଜୀବନ ସାଇତି ରଖିବି ବୋଲି ମିଶ୍ରା କହିଛନ୍ତି। ୨୦୦୩ରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିବା ମିଶ୍ରା ୨୦୦୮ ଅଷ୍ଟ୍ରେଲିଆ ବିପକ୍ଷ ମୋହାଲି ଟେଷ୍ଟରେ ପଦାର୍ପଣ କରିଥିଲେ। ଏହି ମ୍ୟାଚ୍‌ରେ ସେ ୫ ଉଇକେଟ ସଫଳତା ପାଇଥିଲେ। ସେ ୨୦୧୪ ଟି୨୦ ବିଶ୍ୱକପ୍‌ରେ ମଧ୍ୟ ଖେଳିଥିଲେ। ଏହି ସଂସ୍କରଣରେ ଭାରତ ରନରଅପ୍ ହୋଇଥିଲା। ସେ ୨୦୧୭ରେ ତାଙ୍କର ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ସେ ଆଇପିଏଲ୍‌ରେ ୧୬୨ ମ୍ୟାଚ୍‌ରେ ୧୭୪ ଉଇକେଟ୍ ନେଇଥିଲେ। ତାଙ୍କ ନାମରେ ଆଇପିଏଲ୍‌ରେ ସର୍ବାଧିକ ୩ ଥର ହ୍ୟାଟ୍ରିକ ନେବାର ରେକର୍ଡ ରହିଛି।

# ମହଙ୍ଗା ହେବ ଆଇପିଏଲ୍ ଟିକେଟ

ନୂଆଦିଲ୍ଲୀ, ୪।୯ (ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆସନ୍ତା ସିଜନରେ ଖେଳପ୍ରେମୀମାନଙ୍କୁ ଅଧିକ ମୂଲ୍ୟ ଦେଇ ଟିକେଟ କ୍ରୟ କରିବାକୁ ହେବ, କାରଣ ସରକାର ଟିକେଟ ଉପରେ ଗୁଡ୍ସ ଆଣ୍ଡ ସର୍ଭିସେସ୍ ଟ୍ୟାକ୍ସ (ଜିଏସ୍‌ଟି)ର ପରିମାଣ ୨୮ ପ୍ରତିଶତରୁ ୪୦ପ୍ରତିଶତକୁ ବୃଦ୍ଧି କରିଛନ୍ତି। ଅର୍ଥ ମନ୍ତ୍ରଣାଳୟ ତରଫରୁ ଜାରି କରାଯାଇଥିବା ଏକ ଇସ୍ତାହାର ଅନୁସାରେ କ୍ୟାସିନୋ, ରେସ୍ କ୍ଲବରେ ଅନୁଷ୍ଠିତ ହେଉଥିବା ଇଭେଣ୍ଟଗୁଡ଼ିକ ଲାଗି ଆଇଟିସି (ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ୍) ସହ ଆଇପିଏଲ୍ ଭଳି ୪୦ ପ୍ରତିଶତ ଜିଏସ୍‌ଟି ଲାଗୁ କରାଯାଇଛି। ଗତ ସିଜନରେ ଏକ ଆଇପିଏଲ୍ ଟିକେଟର ପ୍ରକୃତ ମୂଲ୍ୟ ୫୦୦ ଟଙ୍କା ରହିଥିଲା। ୨୮ପ୍ରତିଶତ ଜିଏସ୍‌ଟି ପରେ ଏହାର ମୂଲ୍ୟ ୬୪୦ ଟଙ୍କା ହୋଇଯାଉଥିଲା। ତେବେ ୨୦୨୬ ସିଜନରେ ସରକାରଙ୍କ ବର୍ଦ୍ଧିତ ୪୦ ପ୍ରତିଶତ ଜିଏସ୍‌ଟି ପରେ ସମାନ ଟିକେଟର ମୂଲ୍ୟ ୭୦୦ଟଙ୍କା ହୋଇଯିବ। ଆଇପିଏଲ ଟିକେଟକୁ ବିଳାସପୂର୍ଣ୍ଣ କାଟେଗୋରୀରେ ନିଆଯାଇଥିବାରୁ ଏପରି ହୋଇଛି। ଭାରତର ଅନ୍ତର୍ଜାତୀୟ ମ୍ୟାଚଗୁଡ଼ିକୁ କିନ୍ତୁ ଅନ୍ୟାନ୍ୟ ସ୍ପୋର୍ଟିଂ ଇଭେଣ୍ଟ କାଟେଗୋରୀରେ ନିଆଯାଇଛି। ଏଥିରେ ୫୦୦ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ଟିକେଟ ଉପରେ ତୁଳନାତ୍ମକ ଭାବେ କମ୍ ୧୮ପ୍ରତିଶତ ଜିଏସ୍‌ଟି ଲାଗୁ କରାଯାଇଛି।

# କାଫା ନେଶନ୍ସ କପ୍: ଭାରତ-ଆଫଗାନିସ୍ତାନ ମ୍ୟାଚ ଡ୍ର

ହିସୋର, ୪।୯ (ପି.ଟି.)

କାଫା ନେଶନ୍ସ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଗୁରୁବାର ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଗୋଲ୍ ଶୂନ୍ୟ ଭାବେ ଶେଷ ହୋଇଛି। ଏଥିରେ ଭାରତ ଗୋଲ୍ ଦେବାର ବହୁ ସୁଯୋଗ ପାଇଥିଲେ ହେଁ ହାତଛଡ଼ା କରିଥିଲା। ଏହି ଡ୍ର’ ଦ୍ୱାରା ଭାରତକୁ ତୃତୀୟ-ଚତୁର୍ଥ ସ୍ଥାନ ପାଇଁ ହେବାକୁଥିବା ପ୍ଲେ-ଅଫ୍ ଖେଳିବାକୁ ପଡ଼ିବ। ଟୁର୍ନାମେଣ୍ଟରେ ଭାରତ ଓ ତାଜିକିସ୍ତାନ ପ୍ରତ୍ୟେକ ୩ ପଏଣ୍ଟ ଲେଖାଏଁ ଅର୍ଜନ କରିଥିଲେ ହେଲେ ହେଡ୍-ଟୁ-ହେଡ୍ ରେକର୍ଡ ଭିତ୍ତିରେ ଭାରତ ଆଗୁଆ ରହିଛି। ଭାରତ ଗତଥର ୨୦୨୪ ମାର୍ଚ୍ଚରେ ୨୦୨୬ ବିଶ୍ୱକପ୍ କ୍ୱାଲିଫାୟର ଦ୍ୱିତୀୟ ରାଉଣ୍ଡରେ ଆଫଗାନିସ୍ତାନକୁ ଭେଟିଥିଲା। ଏଥିରେ ଭାରତ ପରାଜିତ ହୋଇଥିଲା।

# ମଡର୍ନ ପେଣ୍ଟାଥଲନ ଲେଜର ରନ ଜାତୀୟ ଚାମ୍ପିୟନଶିପ: ଓଡ଼ିଶା ଦଳ ଘୋଷଣା



ଓଡ଼ିଶା ଦଳରେ ସ୍ଥାନ ପାଇଥିବା ଖେଳାଳି।

ଭୁବନେଶ୍ୱର,୪।୯(ଅନାଦି କର)

ବିହାରର ବେଗୁସରାଇରେ ଚାଲିଥିବା ୯ମ ମଡର୍ନ ପେଣ୍ଟାଥଲନ ଲେଜର ରନ୍ ଜାତୀୟ ଚାମ୍ପିୟନଶିପ୍ ପାଇଁ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ପ୍ରଣବ ଦାସ (ଅଧିନାୟକ), ମହମ୍ମଦ ଅମନ (ଉପ ଅଧିନାୟକ), ଆକାଶ ମିର୍ଦ୍ଧା, ରାଇଗୁରୁ ସୂର୍ଯ୍ୟାଂଶ ମହାପାତ୍ର, ଆରମ ଚିଦାନନ୍ଦ ସ୍ୱାଇଁ, ସାଇ ଶଙ୍କଳ୍ପ, ଆରବ ନାୟକ, ଖେଳରାମ ମାଝୀ, ପୂଜା ବେହେରା, ନର୍ମଦା କର୍ଣ୍ଣିଲ, ଓସେନ, ଏମ୍‌ଡି ଆଜାମ (କୋଚ୍)।

# ମାଲେସିଆକୁ ହରାଇଲା ଭାରତ

ରାଜଗିରି (ବିହାର), ୪।୯ (ପି.ଟି.)

**ଏସିଆ କପ୍ ହକି**

ଏସିଆ କପ୍ ପୁରୁଷ ହକି ଟୁର୍ନାମେଣ୍ଟରେ ଗୁରୁବାର ଖେଳାଯାଇଥିବା ସୁପର-୪ର ଏକ ମ୍ୟାଚରେ ଭାରତ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ମାଲେସିଆକୁ ୪-୧ ଗୋଲ୍‌ରେ ପରାସ୍ତ କରିଛି। ଖେଳର ୨ୟ ମିନିଟ୍‌ରେ ସାଫିକ୍ ହାସାନଙ୍କ ଗୋଲ୍ ବଳରେ ମାଲେସିଆ ପ୍ରଥମେ ୧-୦ ଅଗ୍ରଣୀ ଲାଭ କରିଥିଲା। ମାତ୍ର ପରେ ଭାରତ ୪ଟି ଗୋଲ ସ୍କୋର କରି ମ୍ୟାଚକୁ ଜିତି ନେଇଥିଲା। ଦଳ ତରଫରୁ ମନପ୍ରୀତ ସିଂ (୧୭ମ ମିନିଟ), ସୁଖଜିତ୍ ସିଂ (୧୯ତମ), ଶିଳାନନ୍ଦ ଲାକ୍ରା (୨୪ତମ) ଓ ବିବେକ ସାଗର ପ୍ରସାଦ (୩୮ତମ) ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଭାରତ ବୁଧବାର କୋରିଆ ବିପକ୍ଷ ସୁପର-୪ର ଅନ୍ୟ ଏକ ମ୍ୟାଚ ୨-୨ରେ ଅମୀମାଂସିତ ରଖିଥିଲା। ଗୁରୁବାର ଏହି ବିଜୟ ଦ୍ୱାରା ଭାରତ ସୁପର-୪ ଷ୍ଟାଣ୍ଡିଂରେ ଦୁଇଟି ମ୍ୟାଚରୁ ୪ ପଏଣ୍ଟ ଅର୍ଜନ କରି ଶୀର୍ଷ ସ୍ଥାନ ଅଧିକାର କରିଥିବାବେଳେ ଏହା ପଛକୁ ପ୍ରତ୍ୟେକ ୩ ପଏଣ୍ଟ ଲେଖାଏଁ ହାସଲ କରିଥିବା ଚାଇନା ଓ ମାଲେସିଆ ରହିଛନ୍ତି। ଅନ୍ୟପକ୍ଷରେ ଗତଥରର ଚାମ୍ପିୟନ କୋରିଆ ମାତ୍ର ଏକ ପଏଣ୍ଟ ସହ ଶେଷ ସ୍ଥାନରେ ରହିଛି। ଶୁକ୍ରବାର ବିଶ୍ରାମ ଦିବସ ଥିବା ଶନିବାର ଭାରତ ସୁପର-୪ ପର୍ଯ୍ୟାୟରେ ଏହାର ଅନ୍ତିମ ମ୍ୟାଚ ଚାଇନା ବିପକ୍ଷରେ ଖେଳିବାକୁଥିବା ବେଳେ ମାଲେସିଆ କୋରିଆ ସହ ମୁକାବିଲା କରିବ। ରବିବାର ଫାଇନାଲ ଖେଳିବା ପାଇଁ ଭାରତ ଅତି କମ୍‌ରେ ଏକ ଡ୍ର ଆବଶ୍ୟକ କରୁଛି। ଗୁରୁବାର ସୁପର-୪ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ଚାଇନା ୫ଥର ଚାମ୍ପିୟନ ତଥା ଗତଥରର ଟାଇଟଲ ବିଜେତା କୋରିଆ ବିପକ୍ଷରେ ୩-୦ ଗୋଲ୍‌ରେ ବିଜୟ ହାସଲ କରିଛି। ବାଂଲାଦେଶ କାଜାଖସ୍ତାନକୁ ୫-୧ ଗୋଲ୍‌ରେ ପରାସ୍ତ କରିଛି।




ଗୋଲ୍ ସ୍କୋର ପରେ ଉଲ୍ଲସିତ ଭାରତୀୟ ହକି ଖେଳାଳି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ